# ଶ୍ରୀମଦ୍ଭଗବଦ୍ ଗୀତା

## (ସରଳ ନବାକ୍ଷରୀ ପଦ୍ୟାନୁବାଦ)



ଶକୁନ୍ତଳା ରଥ

# ଭକ୍ତି ଅର୍ଘ୍ୟ – 'ମୋ' ବୋଉ

ଓଁ ନମୋ ଭାଗବତେ ବାସୁଦେବାୟ ! ଓଁ ନମୋ ଭଗବତେ କୃଷ୍ଣ ଚନ୍ଦ୍ରାୟ !
ଗୁରୁବ୍ରହ୍ମା ଗୁରୁବିଷ୍ଣୁ ଗୁରୁଦେବୋ ମହେଶ୍ୱର । ଗୁରୁସାକ୍ଷାତ୍ ପରଂବ୍ରହ୍ମ ତସ୍ମୈ ଶ୍ରୀଗୁରବେନମଃ ॥

--- ବୋଉ ମୋର ନିତି ଗୀତା ପଢୁ ଥାଏ । ଭାଇ ସୁଦର୍ଶନ ବୋଉଙ୍କୁ ଗୀତା ପାଠ କରିବାକୁ ଦେଇଛି । ସିଏ ବି ମନ-ତନ ଲଗାଇ ପୁଅ କଥା ମାନି ଗୀତାକୁ ପାଠ କରୁଛନ୍ତି । ଦିନେ 'ମୁଁ' ପଚାରିଲି-"ବୋଉ ! ଗୀତା ପଢି ଶାନ୍ତି ଲାଗୁଥିବ ! ବୋଉ କହିଲେ – ସଂସ୍କୃତ ଶ୍ଳୋକ, ତେଣୁ କିଛି ବୁଝିପାରୁନାହିଁ । ହଠାତ୍ ମୋତେ ଭାଗବତକୁ ଓଡିଆରେ ଅନୁବାଦ କରିବା, ପୂଜ୍ୟ ଅତିବଡୀ ଜଗନ୍ନାଥଙ୍କ ଚରିତ୍ର ମନେ ପଡିଗଲା । ଯିଏ କି, ମାଆଙ୍କ ପାଇଁ ସଂସ୍କୃତ ବୁଝି ନ ପାରିବାରୁ ଓଡିଆରେ ନବାକ୍ଷରୀ ଛନ୍ଦରେ ଭାଗବତ ଲେଖି ମାଆଙ୍କୁ ଶୁଣାଇଥିଲେ । ତେଣୁ ମନରେ ଆସିଲା, – ଗୀତାକୁ ସରଳ ଓଡିଆ ଭାଷାରେ ପଦ୍ୟ ଆକାରରେ ଲେଖିଲେ, ବୋଉଙ୍କ ପରି ଅନେକଙ୍କ ବହୁତ କଲ୍ୟାଣରେ ଲାଗନ୍ତା, ଯାହା ପଢି ଭଗବାନ କହିଥିବା ଗୀତାର ସାର ତତ୍ତ୍ୱକୁ ସରଳରେ ବୁଝିପାରନ୍ତେ । ମୋର ଭାବ ମୋର ଅନ୍ତର୍ଯାମୀ ଭଗବାନ ଯେମିତି ବୁଝିପାରିଲେ । ତେଣୁ ଗୀତାର ସଂସ୍କୃତ ଶ୍ଳୋକକୁ ନବାକ୍ଷରୀ ଛନ୍ଦରେ ଓଡିଆ ଭାଷାରେ ଅନୁବାଦ କରିବାର ସଂକଳ୍ପ ମନରେ ଜାଗ୍ରତ ହେଲା । ଶୁଭ କାର୍ଯ୍ୟ ଶୀଘ୍ର ଆରମ୍ଭ କରିବାର ପ୍ରଯତ୍ନ କରିନେଲି । ମନରେ ଦୃଢ ସଂକଳ୍ପ,- କାର୍ଯ୍ୟ ସମାପନ କରି ବୋଉଙ୍କୁ ଯେପରି ପଢି ଶୁଣାଇ ପାରିବି । ପଛରେ ଅଦୃଶ୍ୟ ପ୍ରେରଣା- ମୋ ପ୍ରଭୁଙ୍କର । ନିତ୍ୟ ଆରାଧ୍ୟ ପ୍ରଭୁ ଜଗନ୍ନାଥଙ୍କୁ ସ୍ମରଣ କରି ସାଧନା ମନୋଭାବ ନେଇ ଲେଖା ଚାଲିଥାଏ । ୨୩୩ ଶ୍ଳୋକ ସମ୍ପୂର୍ଣ୍ଣ ହୋଇଛି, ହଠାତ୍ ବୋଉ ସ୍ୱର୍ଗବାସୀ ହୋଇଗଲେ । ଆଶା ଅପୂରଣରେ ମନରେ ଯଦିଓ ହତୋତ୍ସାହର ଭାବ କିଛି ପରିମାଣରେ ଜାଗ୍ରତ ହେଲା, ତଥାପି ଦୃଢ ସଂକଳ୍ପ ଓ ଗୁରୁ ଗୋବିନ୍ଦଙ୍କ ଅପାର କୃପାରୁ ଗୀତା ଗ୍ରନ୍ଥଙ୍କ ସମସ୍ତ ୭୦୦ ଶ୍ଳୋକର ଆକ୍ଷରିକ ଭାବାର୍ଥକୁ ବୁଝି ତାହାକୁ ନବାକ୍ଷରୀ ଛନ୍ଦରେ ଓଡିଆ ଭାଷାରେ ପରିପ୍ରକାଶ କରିବା କାର୍ଯ୍ୟ ସମ୍ପୂର୍ଣ୍ଣ ହେଲା । ସଫଳତାକୁ ପ୍ରଭୁଙ୍କ ଚରଣରେ ଉତ୍ସର୍ଗିତ ହେବାର ଭବ୍ୟ ଅନୁଭବତାକୁ ପ୍ରସାଦ ରୂପରେ ଗ୍ରହଣ କରିନେଲି । ଆଜି ବୋଉ ନାହାନ୍ତି- ହୁଏତ ବୋଉ ସ୍ଥିର କରିନେଇଥିଲେ, ସ୍ୱର୍ଗପୁରରେ ନନାଙ୍କ ସହିତ ରହି ତାଙ୍କର ଅଧମ କନ୍ୟା ଶକୁନ୍ତଳାର ସମର୍ପଣକୁ ଗ୍ରହଣକରି ଅଶୀର୍ବାଦର ଧାରା ପ୍ରବାହିତ କରିବେ । ପ୍ରଭୁଙ୍କ ପାଖରେ ବିନୀତ ପ୍ରାର୍ଥନା, ପୁସ୍ତକଟି ସଂସାର କଲ୍ୟାଣରେ ଉପଯୋଗ ହେଉ । ଓଁ ତତ୍ ସତ୍ ! ପ୍ରଭୁଙ୍କ ଚରଣ ସେବିକା



ଓଁ

# ପିତୃମାତୃ ଭକ୍ତି

— ସ୍ୱାମୀ ଶିବଚିଦାନନ୍ଦ ସରସ୍ୱତୀ

ପିତାମାତା ପୁତ୍ରଙ୍କୁ ସନ୍ତାନ ସନ୍ତତି ସ୍ୱରୂପ ଭୋଗୁଥାନ୍ତି। ଧନ୍ୟ ସେ ପିତାମାତା, ଏହାଙ୍କର ଯୋଗ୍ୟା ସାଧ୍ୱୀ ଗୀତାଞ୍ଜଳି ଶ୍ରୀ ମୁରଲୀଧର ମହାପାତ୍ରଙ୍କର ଜ୍ୟେଷ୍ଠ କୃପା ପାଇ ଶ୍ରୀମଦ୍ ଭଗବଦ୍ ଗୀତାର ୭୦୦ ଶ୍ଳୋକକୁ ଓଡ଼ିଆ ପଦ୍ୟାବଳୀରେ ପ୍ରକାଶ କରି ପାଠକ ମାନଙ୍କୁ ଉପହାର ଦେଇଛନ୍ତି।

ପିତାମାତା ଦେବତା ମାନେ ଥିବାରେ ପ୍ରସନ୍ନ ହୋଇ ଶ୍ରୀମାତା ଶକୁନ୍ତଳା ରଥ ଓ ଜନକ ସ୍ୱର୍ଗତ ଗୀତାନାଥ ଶ୍ରୀ ସୁଦର୍ଶନ ମିଶ୍ରଙ୍କ ଉପରେ ପ୍ରସନ୍ନ ଦୃଷ୍ଟି ଅଛନ୍ତି। ଜୀବନ ଧନ୍ୟ ହେଲା। ସ୍ୱାମୀଙ୍କୁ ସେବା ଦେଇ ସ୍ୱର୍ଗତଙ୍କୁ ଠାରୁ ଶାନ୍ତି ଅନୁରୂପ ଦେଇ ଅନୁଗ୍ରହ କରି ପାରେ।

ଗୁରୁଦେବ ଓ ବାସୁଦେବ ଚରଣରେ ଭକ୍ତ ଓ ଶାସ୍ତ୍ରଜ୍ଞଙ୍କୁ ସ୍ନେହ ଆଶିଷ ପ୍ରଦାନ କରୁଛୁ।

ଜୟ ଜଗନ୍ନାଥ।

ସ୍ୱାମୀ ଶିବଚିଦାନନ୍ଦ ସରସ୍ୱତୀ
ତା ୧୭.୧୦.୧୦୨୪
ଶିବାନନ୍ଦ ଆଶ୍ରମ

ଗୀତା ଧ୍ୟାନମ୍

ଓଁ  ପାର୍ଥାୟ ପ୍ରତିବୋଧିତାଂ ଭଗବତା  ନାରାୟଣେନ ସ୍ୱୟଂ
ବ୍ୟାସେନ ଗ୍ରଥିତାଂ ପୁରାଣମୁନିନା  ମଧ୍ୟେ ମହାଭାରତମ୍
ଅଦ୍ୱୈତାମୃତବର୍ଷିଣୀଂ  ଭଗବତୀମଷ୍ଟାଦଶାଧ୍ୟାୟିନୀମ୍
ଅମ୍ବ ,ତ୍ୱାମନୁସନ୍ଦଧାମି ଭଗବଦ୍  ଗୀତେ ଭବଦ୍ୱେଷିଣୀମ୍   |୧|
ନମସ୍ତୁତେ ବ୍ୟାସବିଶାଳବୁଦ୍ଧେ ଫୁଲ୍ଲାରବିନ୍ଦାୟତପତ୍ରନେତ୍ର
ଯେନ ତ୍ୱୟା ଭାରତତୈଳପୂର୍ଣ୍ଣଃ  ପ୍ରଜ୍ୱାଳିତୋ ଜ୍ଞାନମୟଃ ପ୍ରଦୀପଃ |୨ |
ପ୍ରପନ୍ନ ପାରିଜାତାୟ ତୋତ୍ରବେତ୍ରୈକ  ପାଣୟେ
ଜ୍ଞାନ ମୁଦ୍ରାୟ  କୃଷ୍ଣାୟ  ଗୀତାମୃତଦୁହେ  ନମଃ   |୩ |
ସର୍ବୋପନିଷଦୋ  ଗାବୋ  ଦୋଗ୍ଧା   ଗୋପାଳନନ୍ଦନଃ
ପାର୍ଥୋ ବତ୍ସଃ ସୁଧୀର୍ଭୋକ୍ତା ଦୁଗ୍ଧମ୍  ଗୀତାମୃତଂ ମହତ୍  |୪|
ବସୁଦେବସୁତଂ ଦେବଂ କଂସ-ଚାଣୁର-ମର୍ଦନମ୍
ଦେବକୀ-ପରମାନନ୍ଦଂ  କୃଷ୍ଣଂ ବନ୍ଦେ ଜଗଦ୍ ଗୁରୁମ୍   | ୫ |

**ଭାବାର୍ଥ** : ହେ ଜନନୀ ରୂପୀ ଭଗବଦ୍ ଗୀତେ :  ସ୍ୱୟଂ ପରମ ବ୍ରହ୍ମ  ନାରାୟଣଙ୍କ ମୁଖପଦ୍ମରୁ ନିସୃତ ଏହି ଗୀତାବାଣୀରେ  ଅର୍ଜୁନଙ୍କର ଜ୍ଞାନ ଉଦୟ ହୋଇଛି ।  ଅଦ୍ୱୈତବାଦର ( ସର୍ବ ବାସୁଦେବମୟ) ଅମୃତଧାରାରେ  ପ୍ଲାବିତ ଏହି ଅଠର ଅଧ୍ୟାୟ ବିଶିଷ୍ଟ  ଭଗବଦ୍ ଗୀତାର  ଯୋଗ ସାଧନା ଯାହାକି ସଂସାରର ପୁନର୍ଜନ୍ମର ବିନାଶକାରୀ ସେହି  ଭଗବଦ୍ ଗୀତେଙ୍କୁ  ଧ୍ୟାନ କରୁଛି ।  ବିକଶିତ ପଦ୍ମପତ୍ର ସଦୃଶ ଚକ୍ଷୁ ସହିତ ମହାନ୍ ବୁଦ୍ଧି ସମ୍ପନ୍ନ ହେ  ବ୍ୟାସଦେବ !  ଆପଣଙ୍କୁ  ପ୍ରଣିପାତ । ଆପଣଙ୍କ ରଚିତ  ମହାଭାରତ  , ତୈଳ ସଦୃଶ  ପ୍ରଦୀପରେ ପରିପୁର୍ଣ୍ଣ ହୋଇ  ଜ୍ଞାନର ଆଲୋକ  ବିତରଣ କରୁଅଛି ।  ପାରିଜାତ ବୃକ୍ଷ ଠାରୁ  ସମସ୍ତ କାମ୍ୟ  ଭୋଗ୍ୟ ବସ୍ତୁକୁ ପ୍ରାପ୍ତ ହୋଇଥାଏ ।  ଶରଣାପନ୍ନ ପକ୍ଷରେ ପାରିଜାତ  ତୁଲ୍ୟ ,ଧାବମାନ  ଅଶ୍ୱ ତାଡନା ନିମିତ୍ତ ବେତ୍ର ଦଣ୍ଡ ହସ୍ତ, ସଦା ଜ୍ଞାନ  ମୁଦ୍ରାରେ ସ୍ଥିତ , ଗିତାମୃତ ଦୋହନକାରୀ ଭଗବାନ ଶ୍ରୀକୃଷ୍ଣଙ୍କୁ   ମୋର ସାଷ୍ଟାଙ୍ଗ ପ୍ରଣିପାତ ।  (ଏଠାରେ ପରୋକ୍ଷ ଭାବେ  ଭୋଗାସକ୍ତ ଇନ୍ଦ୍ରିୟ ମାନଙ୍କୁ  ଧାବମାନ ଅଶ୍ୱର ଉପମା ଦିଆଯାଇଛି  ଓ ଶରୀର

ରଥରେ ବିରାଜମାନ ପରାମାତ୍ମା ବିବେକ ରୁପକ ବେତ୍ର ଦଣ୍ଡରେ ଏହି ଉନ୍ମତ ଇନ୍ଦ୍ରିୟଗଣଙ୍କୁ ଆୟତ କରୁଛନ୍ତି ) ସମସ୍ତ ଉପନିଷଦ ଗାଭି ସଦୃଶ ଓ ଗୋପାଳ ନନ୍ଦନ ଶ୍ରୀକୃଷ୍ଣ ଦୋହନକର୍ତ୍ତା । ଅର୍ଜୁନ ବାଛୁରୀ ସଦୃଶ ଓ ଗୀତାର ଅମୃତ ବାଣୀ ଉତ୍କୃଷ୍ଟ ଦୁଗ୍ଧ ସଦୃଶ ଯାହାକୁ ସୁଧୀ ଜନହିଁ କେବଳ ପାନ କରିବାକୁ ସକ୍ଷମ ହୁଅନ୍ତି । ସେହି ବସୁଦେବ ପୁତ୍ର , କଂସ, ଚାଣୁର ଆଦି ଦୈତ୍ୟଙ୍କ ବିନାଶକାରୀ, ମାତା ଦେବକୀଙ୍କ ପରମ ଆନନ୍ଦଦାୟୀ, ଜଗତର ସର୍ବଶେଷ ପରମଗୁରୁ ଶ୍ରୀକୃଷ୍ଣଙ୍କୁ ମୁଁ ସ୍ତୁତି କରୁଅଛି ।

ଭୀଷ୍ମ-ଦ୍ରୋଣ ତଟା ଜୟଦ୍ରଥ ଜଳା ଗାନ୍ଧାର ନୀଳୋତ୍ପଳା
ଶଲ୍ୟଗ୍ରାହବତୀ କୃପେଣ ବହନୀ କର୍ଣ୍ଣେନ ବେଳାକୁଳା
ଅଶ୍ୱତ୍ଥାମ-ବିକର୍ଣ୍ଣ -ଘୋରମକରା ଦୁର୍ଯ୍ୟୋଧନାବର୍ତ୍ତିନୀ
ସୋତ୍ତୀର୍ଣ୍ଣା ଖଲୁ ପାଣ୍ଡବୈ ରଣନଦୀ କୈବର୍ତ୍ତକଃ କେଶବଃ |୬ |
ପାରାଶର୍ଯ୍ୟବଚଃ ସରୋଜମମଳଂ ଗୀତାର୍ଥ ଗନ୍ଧୋତ୍କଟମ୍
ନାନାଖ୍ୟାନକ-କେଶରଂ ହରିକଥା ସମ୍ବୋଧନା ବୋଧିତମ୍
ଲୋକେ ସଜ୍ଜନଷଟ୍ ପଦୈରହରହଃପେପୀୟମାନଂ ମୁଦା
ଭୁୟାଦ୍ ଭାରତ ପଙ୍କଜଂ କଲିମଳ- ପ୍ରଧ୍ୱଂସି ନଃ ଶ୍ରେୟସେ | ୭ |
ମୁକଂ କରୋତି ବାଚାଳମ୍ ପଙ୍ଗୁ ଲଂଘୟତେ ଗିରିମ୍
ଯତ୍ କୃପା ତମହଂ ବନ୍ଦେ ପରମାନନ୍ଦ ମାଧବମ୍ | ୮ |

**ଭାବାର୍ଥ** :ଆସନ୍ନ ରଣ କ୍ଷେତ୍ର ଏକ ପ୍ରଳୟଙ୍କରୀ ନଦୀ ଏବଂ ଏହାର ଦୁଇ ତଟ ଭୀଷ୍ମ ଓ ଦ୍ରୋଣ ଯେଉଁ ଦୁହେଁ ଅପରାଜେୟ । ଜୟଦ୍ରଥଙ୍କ ପରାକ୍ରମ ସେହି ନଦୀରେ ଉଚ୍ଛୁଳି ଉଠୁଥିବା ଜଳରାଶି । ଗାନ୍ଧାର ନରେଶ ଶକୁନୀ ପ୍ରବାହମାନ ନଦୀରେ ନୀଳ କଇଁ ସଦୃଶ ଯାହାକି ପ୍ରତି ମୁହୁର୍ତ୍ତରେ ଛଳନାର ରୂପନେଇ ଭ୍ରମ ସୃଷ୍ଟି କରିଥାଏ । ଯୁଦ୍ଧରେ ଅବତୀର୍ଣ୍ଣ ଅନ୍ୟ ମହାରଥୀଙ୍କ ଭିତରେ ଶଲ୍ୟ ଦେଉଛନ୍ତି କୁମ୍ଭୀର , କୃପାଚାର୍ଯ୍ୟ ହେଉଛନ୍ତି ପ୍ରବାହମାନ ନଦୀର ସ୍ରୋତ, କର୍ଣ୍ଣ ହେଉଛନ୍ତି ସେହି ସ୍ରୋତର ଭୟଙ୍କର ଗର୍ଜନ । ଅଶ୍ୱତ୍ଥାମ-ବିକର୍ଣ୍ଣ ଉଭୟେ ଯୁଦ୍ଧ ରୂପକ ରଣନଦୀରେ ହିଂସ୍ରିକ ମଗର ମାଛ ସଦୃଶ । ମାନୀ ଦୁର୍ଯ୍ୟୋଧନର ଅଂହକାର ଖର ସ୍ରୋତରେ ଭଉଁରୀ , ଯାହାକି ଜଳର ଅତଳ ଗର୍ଭକୁ ଠେଲି ମୃତ୍ୟୁର ଦ୍ୱାରକୁ ଟାଣି ନେଇଥାଏ । ବିପଦ ସଂକୁଳ ଏହି ରଣନଦୀକୁ

ଭଗବାନ ଶ୍ରୀକୃଷ୍ଣ ପାଣ୍ଡବ ପକ୍ଷରେ ନାଉରିଆ ସାଜି ପାର କରାଇଛନ୍ତି । ଅନ୍ୟ ଅର୍ଥରେ କେବଳ ଭଗବାନ ଶ୍ରୀକୃଷ୍ଣଙ୍କୁ ହିଁ ଭରସା କଲେ ମନୁଷ୍ୟ ରଣନଦୀ ସଦୃଶ ଦୁଃଖପୁର୍ଣ୍ଣ ସଂସାରକୁ ପାରିହେବାକୁ ସମର୍ଥ ହୋଇପାରିବ l ପରାଶରଙ୍କ ପୁତ୍ର ଭଗବନ୍ ବ୍ୟାସଦେବଙ୍କ ଶବ୍ଦକୋଷ ରୂପକ ହ୍ରଦରେ ମହାଭାରତ ପୁରାଣ ଏକଦାଗ ବିହିନ ପ୍ରସ୍ଫୁଟିତ ପଦ୍ମ ପୁଷ୍ପ । ସେହି ପଦ୍ମପୁଷ୍ପର କେଶରରୁ ଅନେକ ରାଜା ମହାରାଜଙ୍କ ବିରତ୍ୱର କାହାଣୀ ଓ ଗୀତାରେ କୁହାଯାଇଥିବା ହରିତତ୍ତ୍ୱର ମଧୂର ସୁଗନ୍ଧ ନିର୍ଗତ ହେଉଅଛି । ସେହି ମଧୂର ସୁଗନ୍ଧକୁ ସଜ୍ଜନ ମାନେ ମହୁମାଛି ସଦୃଶ ଦିନ ଦିନ ଧରି ଜ୍ଞାନ ରୂପକ ମଧୂକୁ ପାନ କରିବାରେ ଲାଗିଛନ୍ତି । ଗିତାମୃତର ସୁଗନ୍ଧ ପାନରେ କଳିଯୁଗର ପାପର ଅବସାନ ହୋଇ ବିଶ୍ୱର କଲ୍ୟାଣ ହେଉଅଛି l ଯେଉଁ ଭଗବଦ୍ ଗୀତାର ସାଧନରେ ମୂକ କଥା କହିବାକୁ ସକ୍ଷମ ହୁଏ ଏବଂ ପଙ୍ଗୁ ହିମାଳୟ ଅରୋହଣ କରିବାର ପ୍ରୟାସ କରେ , ସେହି କୃପାମୟ ଗୀତାଙ୍କ ସ୍ରଷ୍ଟା ପରମାନନ୍ଦ ମାଧବଙ୍କୁ ମୁଁ ବନ୍ଦନା କରୁଅଛି l

ଯମ୍ ବ୍ରହ୍ମା-ବରୁଣେନ୍ଦ୍ର-ରୁଦ୍ର-ମରୁତଃ ସ୍ତୁନ୍ୱନ୍ତି ଦିବ୍ୟୈଃ ସ୍ତବ୍ୟୈଃ
ର୍ବେଦୈଃ ସାଙ୍ଗ-ପଦ-କ୍ରମୋପନିଷଦୈ ର୍ଗାୟନ୍ତି ଯମ୍ ସାମଗାଃ l
ଧ୍ୟାନାବସ୍ଥିତ-ତଦ୍ ଗତେନମନସା ପଶ୍ୟନ୍ତି ଯମ୍ ଯୋଗିନୋ
ଯସ୍ୟାନ୍ତଂ ନ ବିଦୁଃ ସୁରାସୁରଗଣl ଦେବାୟ ତସ୍ମୈ ନମଃ । ୯ ।

॥ ଇତି ଶ୍ରୀମଭଗବଦ୍ଗୀତାଧ୍ୟାନଂ ସାମାପ୍ତମ୍ ॥

**ଭାବାର୍ଥ** : ବ୍ରହ୍ମା, ବରୁଣ, ଇନ୍ଦ୍ର , ରୁଦ୍ର , ମରୁତଗଣ ଦିବ୍ୟ ସ୍ତବ ଦ୍ୱାରା ଯାହାଙ୍କୁ ସ୍ତୁତି କରନ୍ତି , ଶାମ ଗାୟକ ( ଶାମ ବେଦରେ ଥିବା ନାରାୟଣଙ୍କ ବନ୍ଦନା ) ବେଦଦ୍ୱାରା ଅଙ୍ଗ ,ପଦକ୍ରମ ଓ ଉପନିଷଦ ସହିତ ଯାହାଙ୍କର ମହିମା ଗାନ କରିଛନ୍ତି, ଯୋଗୀମାନେ ଧ୍ୟାନରେ ତଦ୍- ଗତ ଚିତ୍ତହୋଇ ଯାହାଙ୍କୁ ଦର୍ଶନ କରିଥାନ୍ତି , ଏବଂ ଦେବ ସୁରଗଣ ଯାହାର ଅନ୍ତ ଓ ଆଦି ଜାଣିବାକୁ ସମର୍ଥ ହୁଅନ୍ତି ନାହିଁ , ସେହି ପରମ ଦେବଙ୍କୁ ପ୍ରଣାମ କରୁଛି ।

॥ ଶ୍ରୀମଭଗବଦ୍ ଗୀତାର ଧ୍ୟାନ ସାମାପ୍ତ ॥

ଓଁ

ଶ୍ରୀ ପରମ୍ାନେ ନମଃ

ଶ୍ରୀମଦ୍ ଭଗବଦ୍ ଗୀତା (ପ୍ରଥମ ଅଧ୍ୟାୟ )

ଅର୍ଜୁନ ବିଷାଦ ଯୋଗ

ଧୃତରାଷ୍ଟ୍ର ଉବାଚ(ଧୃତରାଷ୍ଟ୍ର କହିଲେ )

ହସ୍ତିନା ନୃପ ଧୃତରାଷ୍ଟ୍ର ପଚାରି ବୁଝନ୍ତି ସଞ୍ଜୟ ।
କୁରୁକ୍ଷେତ୍ର ତ ଧର୍ମ କ୍ଷେତ୍ର ପାଣ୍ଡବେ ପୁଣି ମୋର ପୁତ୍ର ॥
ଯୁଦ୍ଧରୁ ହେବେ କି' ବିରତ କି' ଅବା ଯୁଦ୍ଧେ ହେବେ ରତ
ଉଦ୍ବେଗ ବଢୁଛି ମୋହର ସଞ୍ଜୟ ଦିଅ ତୁ ଉତ୍ତର ॥୧॥

ସଞ୍ଜୟ ଉବାଚ(ସଞ୍ଜୟ କହିଲେ )

ଦେଖିଣ ପାଣ୍ଡବଙ୍କ ସୈନ୍ୟ ତୁମ୍ଭର ପୁତ୍ର ଦୁର୍ଯ୍ୟୋଧନ ।
ଅଭେଦ୍ୟ ଦୁର୍ଗ ସଜ୍ଜା ଚାହିଁ ସମ୍ମୁଖେ ଦ୍ରୋଣଙ୍କୁ କହଇ ॥୨॥
ଭୋ ଗୁରୁ ! କର ହେ ଦର୍ଶନ ତୁମ୍ଭରି ଶିଷ୍ୟ ଧୃଷ୍ଟଦ୍ୟୁମ୍ନ ।
ରଚିଛି ବ୍ୟୁହ ଚମତ୍କାର ବିଶାଳ ସୈନ୍ୟ ଯେ'ଆଗର ॥ ୩॥
ଭୀମ ଅର୍ଜୁନ ସମକକ୍ଷ ଅନେକ ବୀର ପ୍ରତିପକ୍ଷ ।
ସାତ୍ୟକି ବିରାଟ ନରେଶ ଶୂର ବୀରଙ୍କ ବିଶେଷ ॥
ଧୃଷ୍ଟକେତୁ ଯେ ଚେକିତାନ ଯୁଦ୍ଧରେ ଅସୀମ ନିପୁଣ ।
ଶୈବ୍ୟ ଦ୍ରୁପଦ ମହାବୀର୍ଯ୍ୟ କୁନ୍ତିଭୋଜ ଯେ ପୁରୁଜିତ ॥୪॥
କାଶୀ ରାଜନ ବିର୍ଯ୍ୟବାନ ଯୁଦ୍ଧ କ୍ଷେତ୍ରରେ ଦୃଶ୍ୟମାନ ।
ସୁଭଦ୍ରା ପୁତ୍ର ଅଭିମନ୍ୟୁ ପୁଣି ବିକ୍ରାନ୍ତ ଯୁଧାମନ୍ୟୁ ॥୫॥

ଉତ୍ତମୌଜା ଯେ' ଶକ୍ତିଶାଳୀ ଦ୍ରୌପଦୀ ପୁତ୍ରେ ମହାବଳୀ ।
ଯୁଦ୍ଧକୁ ହୋଇଣ ପ୍ରସ୍ତୁତ ପାଣ୍ଡବ ପକ୍ଷେ ଏକତ୍ରିତ ॥୬॥
ଅସ୍ଥିର ଚିତ୍ତେ ଦୁର୍ଯୋଧନ କୁହଇ ଯାଇ ଗୁରୁଦ୍ରୋଣ ।
ହେ ଗୁରୁ ! ଶୁଣ ଆମ୍ଭ ପକ୍ଷ ଅଛନ୍ତି ବୀର ସମକକ୍ଷ ॥୭॥
ଆପଣ ଭୀଷ୍ମ ମହାରଥୀ କର୍ଣ୍ଣ ବିକର୍ଣ୍ଣ ସୋମଦତ୍ତି ।
ଯୁଦ୍ଧ ବିଜୟୀ କୃପାଚାର୍ଯ୍ୟ ଅଶ୍ୱତ୍ଥମା ଯେ' ମହା ବୀର୍ଯ୍ୟ ॥୮॥
ଶସ୍ତ୍ର ପ୍ରୟୋଗେ ସର୍ବ ସିଦ୍ଧ ଅଛନ୍ତି ଶାସ୍ତ୍ର ବିଷାରଦ ।
ଯୁଦ୍ଧ ନିପୁଣ ନୃପବର ଚିନ୍ତିଣ ବିଜୟ ଆମ୍ଭର ॥
ବିସର୍ଜି ନିଜ ଦେହପ୍ରାଣ ଯୁଦ୍ଧ ନିମିତ୍ତ ଅବତୀର୍ଣ୍ଣ ।
କ୍ଷତ୍ରିୟ ଧର୍ମେ ପ୍ରାଣ ତେଜି ପ୍ରାପ୍ତ ହୋଇବେ ବୀରଗତି ॥୯॥
ଦେଖି ନୀରବ ଗୁରୁଦ୍ରୋଣ ମନେ ଚିନ୍ତଇ ଦୁର୍ଯ୍ୟୋଧନ ।
ପାଣ୍ଡବ ସୈନ୍ୟ ମହାଶକ୍ତ ଭୀମଙ୍କ ଦ୍ୱାରା ସୁରକ୍ଷିତ ॥
ଭୀଷ୍ମ ଯେ ଆମ୍ଭ ସେନାଧ୍ୟକ୍ଷ ହିତ ଦେଖନ୍ତି ଦୁଇପକ୍ଷ ।
ସେନା ହୋଇବେ ଅସମର୍ଥ ତେଣୁ ବିଜୟ ଅନିଶ୍ଚିତ ॥ ୧୦॥
ଏମନ୍ତ ଭାଳି ଦୁର୍ଯ୍ୟୋଧନ କୁହଇ ଯାଇ ବୀରଗଣ ।
ସର୍ବେ ଆବୋରି ବ୍ୟୁହ ଦ୍ୱାର ଭୀଷ୍ମଙ୍କୁ ଯାଇ ରକ୍ଷା କର ॥୧୧॥
ଦୁର୍ଯ୍ୟୋଧନର ହର୍ଷ ପାଇଁ ଭୀଷ୍ମ ଯେ' ମନେ ଇଚ୍ଛାବହି ।
ମୁଖେ କରିଲେ ଶଙ୍ଖ ଧ୍ୱନି ନାଦରେ କମ୍ପିଲା ମେଦିନୀ ॥୧୨॥
ଶୁଣି ଭୀଷ୍ମଙ୍କ ସିଂହନାଦ ଢୋଲ ଭେରୀ ତୁରୀ ମୃଦଙ୍ଗ ।
ସମୁଦ୍ର ଗର୍ଜନଠୁ ବଳି ଶବ୍ଦେ କମ୍ପିଲା ରଣସ୍ଥଳୀ॥୧୩॥
ଧବଳଅଶ୍ୱ ଯୁକ୍ତ ରଥେ ବିଜେ ଅର୍ଜୁନ କୃଷ୍ଣସାଥେ ।
ଗାଣ୍ଡୀବଧାରୀ ମହାରଥୀ ଦେବକୀ ପୁତ୍ର ଯେ ସାରଥି ॥ ୧୪॥
କୃଷ୍ଣଙ୍କ ମୁଖୁ ପାଞ୍ଚଜନ୍ୟ ଦିବ୍ୟ ଶଙ୍ଖରୁ ମହାସ୍ୱନ ।

ଅର୍ଜୁନ ମୁଖେ ଦେବଦତ୍ତ ବଜାନ୍ତେ ହର୍ଷ ହେଲାଚିତ୍ତ ॥୧୫॥
ପୌଣ୍ଡ୍ର ଶଙ୍ଖରେ ବୃକୋଦର ଅନନ୍ତ ବିଜେ ଯୁଧିଷ୍ଠିର ।
ନକୁଳ ହସ୍ତେ ସୁଘୋଷକ ସହଦେବେ ମଣିପୁଷ୍ପକ ॥୧୬॥
ବିରାଟ ସହ କାଶିପତି ସଙ୍ଗେ ଶିଖଣ୍ଡୀ ମହାରଥୀ ।
ଶଙ୍ଖ ଧ୍ୱନିରେ ହେ ରାଜନ ! କମ୍ପି ଉଠିଲା ରଣାଙ୍ଗନ ॥୧୭॥
ଦ୍ରୌପଦୀ ପୁତ୍ର ପାଞ୍ଚସେହୁ ଅଭିମନ୍ୟୁ ଯେ' ମହାବାହୁ ।
ରାଜା ଦ୍ରୁପଦ ଧୃଷ୍ଟଦ୍ୟୁମ୍ନ ଦେଲେ ସଭିଏଁ ଶଙ୍ଖଧ୍ୱନ ॥୧୮॥
ଶଙ୍ଖ ଧ୍ୱନୀରେ ଭିନ୍ନ ଭିନ୍ନ କମ୍ପିଲା ପୃଥିବୀ ଗଗନ ।
ଶୁଣି ପାଣ୍ଡବ ଶଙ୍ଖ ସ୍ୱନ ବ୍ୟଥିତ ହେଲା ଦୁର୍ଯ୍ୟୋଧନ॥୧୯॥
ଯୁଦ୍ଧ ଆରମ୍ଭ ସଙ୍କେତରେ ବୀରେ ପ୍ରସ୍ତୁତ ରଥୋପରେ ।
ସମ୍ମୁଖେ ଦେଖି ଶତ୍ରୁଗଣ ଗାଣ୍ଡୀବ ଧରିଲେ ଅର୍ଜୁନ ॥୨୦॥
ସ୍ୱଜନ ସର୍ବତ୍ର ଦେଖନ୍ତି କୃଷ୍ଣ ଯେ' ରଥର ସାରଥୀ ।
ଶତ୍ରୁ ଚିହ୍ନିବା ଇଚ୍ଛାଯହିଁ ମନରେ ମାୟା ପ୍ରବେଶଇ॥୨୧॥

ଅର୍ଜୁନ ଉବାଚ (ଅର୍ଜୁନ କହିଲେ )

ପ୍ରସ୍ତୁତ ଦେଖି ଯୋଦ୍ଧାଗଣ ଧନୁକୁ ଟେକି ସେହିକ୍ଷଣ।
କୃଷ୍ଣଙ୍କୁ କହିଲେ ଅର୍ଜୁନ ହେ ଯଦୁପତି ! ଏବେଶୁଣ॥୨୨॥
ସଖା ମୁଁ ପ୍ରାର୍ଥନା କରଇ ଉଭୟ ସେନା ମଧ୍ୟେ ନେଇ।
ମୋ ରଥ ରଖ ନାରାୟଣ ଦେଖିବି ଦୁଇପକ୍ଷ ସୈନ୍ୟ ॥
ଯୁଦ୍ଧର ଅଭିଳାଷ ରଖି ଦୁର୍ଯ୍ୟୋଧନର ହିତଙ୍କାକ୍ଷୀ ।
ଏ ରଣ ବ୍ୟାପାର ସମ୍ଭବେ କା'ସଙ୍ଗେ ଯୁଝିବାଟି ଆମ୍ଭେ॥୨୩॥

ସଞ୍ଜୟ ଉବାଚ(ସଞ୍ଜୟ କହିଲେ )

ଅଟନ୍ତି ସେହୁ ହୃଷୀକେଶ ବୁଝିଲେ ପାର୍ଥ ଅଭିଳାଷ ।
ଶୁଣ ରାଜନ ଧୃତରାଷ୍ଟ୍ର ଅର୍ଜୁନ ବଚନେ ଶ୍ରୀକୃଷ୍ଣ ॥୨୪॥

ରଥକୁ କରି ଅଗ୍ରସର ସ୍ଥାପିଲେ ସେନାଙ୍କ ମଧ୍ୟର ।
ସମ୍ମୁଖେ ଦେଖନ୍ତି ଅର୍ଜୁନ ଭୀଷ୍ମଙ୍କ ସହ ଗୁରୁ ଦ୍ରୋଣ ॥ ୨୫॥
ହେ ପାର୍ଥ!କହିଲେ ଅଚ୍ୟୁତ ଦେଖ କୁରୁଙ୍କୁ ରଣେସ୍ଥିତ ।
ଯୁଦ୍ଧେ ପ୍ରସ୍ତୁତ ଯୋଦ୍ଧାମାନ ପ୍ରତ୍ୟକ୍ଷେ ଦେଖିଲେ ଅର୍ଜୁନ ॥
ଗୁରୁ ସଙ୍ଗେ ପୁତ୍ର ପୌତ୍ର ମାତୁଳ ଭାତୃ ଯେ ସମସ୍ତ ।
ପିତୃ ଶ୍ୱଶୁର ବନ୍ଧୁ ମିତ୍ର ସାଳକ ଦେଖି ସ୍ତମ୍ଭିଭୂତ ॥୨୬॥
ଦେଖି କୁଟୁମ୍ବ ଗୁରୁଜନ ଚିନ୍ତିତ ହୋଇଲେ ଅର୍ଜୁନ ।
ଅତ୍ୟନ୍ତ କାତର ହୋଇଲେ ବିଷାଦେ କୃଷ୍ଣଙ୍କୁ କହିଲେ ॥୨୭॥

ଅର୍ଜୁନ ଉବାଚ(ଅର୍ଜୁନ କହିଲେ )

ହେ କୃଷ୍ଣ! ଯହିଁ ମୁଁ ଦେଖଇ ବନ୍ଧୁ ସୋଦର ସେ' ଅଟଇ ।
ଶରୀର ହୁଏ ମୋର ସ୍ତବ୍ଧ ଆଉ କି, କରିବି 'ମୁଁ' ଯୁଦ୍ଧ ॥୨୮॥
ଦେହ ହେଉଛି ରୋମାଞ୍ଚିତ ଶୁଷ୍କ ହୁଏ ମୋ ଅଙ୍ଗଭୂତ ।
ଦେଖି ଏ ଆତ୍ମୀୟ ସ୍ୱଜନ ନିଶ୍ୱାସ ବହେ ଘନ ଘନ ॥୨୯॥
ଅଗ୍ନି ପରାଏ ଦଗ୍ଧ ଚର୍ମ କ୍ଷଣ କ୍ଷଣ କେ, ମତି ଭ୍ରମ ।
ହାତରୁ ଖସୁଛି ଗାଣ୍ଡୀବ ସତେ ବା ଆକାଶ ଛିଡିବ ॥୩୦॥
ଦେଖ ହେ କେଶବ! ଯୁଦ୍ଧରେ ଅଶୁଭ ଲକ୍ଷଣ ଆଗରେ ।
ସ୍ୱଜନେ ବଧି କେଉଁ ହିତ ? ଦିଶଇ ସବୁ ବିପରୀତ ॥୩୧॥
ରାଜ୍ୟ ଐଶ୍ୱର୍ଯ୍ୟ ସୁଖପାଇଁ ହେ କୃଷ୍ଣ ! ଯୁଦ୍ଧ ଇଚ୍ଛାନାହିଁ ।
ବଧିଣ କୁଟୁମ୍ବ ସ୍ୱଜନ କି,ଲାଭ ଥାଇ ଦେହେପ୍ରାଣ ॥୩୨॥
ଯାହା ନିମିତ୍ତ ରାଜ୍ୟଧନ ତେଜିବେ ଯଦି ସେହୁପ୍ରାଣ ।
କି,ହେବ ଏହି ସୁଖଭୋଗ କୁହନ୍ତୁ ଆହେ ମହାଭାଗ ॥୩୩॥
ଆଚାର୍ଯ୍ୟ ପିତା ପୁତ୍ରସହ ମାତୁଳ ପୌତ୍ର ପିତାମହ ।
ଶ୍ୱଶୁର ଶଳା ସମ୍ବନ୍ଧୀଯେ କଲେ ପ୍ରହାର ମୋରଦେହେ ॥

ମାରନ୍ତୁ ସେମାନେ ବା'ମତେ ସ୍ୱଜନେ ମାରିବି କେମନ୍ତେ? ।
ନାଶିଣ ନିଜ କୁଳବଂଶ କି,ହେବ ମୋର ମାନଯଶ ।।୩୪।।
ଭୋଗ ଐଶ୍ୱର୍ଯ୍ୟ ଲୋଭପଣେ ମାରିବି ନାହିଁ ଆତ୍ମଜନେ ।
ସ୍ୱଜନ ବଧି ତିନିଲୋକ ଭୋଗରେ ଅବା କେଉଁସୁଖ ?।।୩୫।।
ଶୁଣ ମୋତେ ହେ ଜନାର୍ଦ୍ଦନ ! ମନେ ଉଠଇ ଦ୍ୱନ୍ଦ୍ୱମାନ ।
ବଧିଣ ଧୃତରାଷ୍ଟ୍ରସୁତ ହେବକି ମୋର ଚିତ୍ତ ଶାନ୍ତ?।।
ବନ୍ଧୁ ବାନ୍ଧବ ନାଶି ଆମ୍ଭେ ଅନ୍ତଃ ପ୍ରସନ୍ନ ନାହିଁ କେବେ ।
ହୁଅନ୍ତୁ ପଛେ ଆତତାୟୀ ମାରିଲେ ପାପ ହେବ ତହିଁ ।।୩୬।।
ବନ୍ଧୁ ବାନ୍ଧବ ପିତାମହ ସମ୍ମୁଖେ ଉଭା ଅସ୍ତ୍ର ସହ ।
କେମନ୍ତେ କରିବି ମୁଁ ବଧ ବିଚାର କରହେ ମାଧବ ।।
ଏହି ଯେ ପୃଥିବୀ ସାମାନ୍ୟ ଲୋଭରେ ବିବେକ ହାରିଣ ।
ବଧିବି କେମନ୍ତେ ତାହାଙ୍କୁ ମନ ନ ବଳେ ଯୁଝିବାକୁ ।।୩୭।।
ଦୁର୍ଯ୍ୟୋଧନର ଅବିଚାର ପାପ ପୁଣ୍ୟରେ ନାହିଁ ଡର ।
ସଖା ସୋଦର ନାଶଯିବେ ବଂଶ ନିପାତ ହେବ ତେବେ।।୩୮।।
କୁଳର କ୍ଷୟ ମିତ୍ର ଦ୍ରୋହ ଅଧର୍ମ ଏହା ଭୟାବହ ।
ପାପରୁ ନିବୃତ୍ତ ହେବାର ବୁଦ୍ଧିରେ କରିବୁ ବିଚାର ।।୩୯।।
ବଂଶ ନିପାତ ପାପକର୍ମ ନଷ୍ଟ କରିବ କୁଳଧର୍ମ ।
ଅଧର୍ମ ମାଡିଣ ବସିବ ସମ୍ପୂର୍ଣ୍ଣ କୁଳ ନାଶଯିବ ।। ୪୦।।
ହେ କୃଷ୍ଣ ! ଅଧର୍ମ ସହିତ କୁଳ- ସ୍ତ୍ରୀ ହୁଅନ୍ତି ଦୂଷିତ ।
ନାରୀଙ୍କ ମନ୍ଦ ଆଚରଣେ ବର୍ଣ୍ଣ ଶଙ୍କର କୁଳେ ଜନ୍ମେ ।।୪୧।।
ବର୍ଣ୍ଣ ଶଙ୍କର ଯେ'କାରଣେ ନର୍କ ଭୋଗନ୍ତି ପିତୃଗଣେ ।
ଶ୍ରାଦ୍ଧ ତର୍ପଣ ନ ମିଳଇ ସ୍ୱ-ସ୍ଥାନୁ ପତନ ହୁଅଇ ।।୪୨।।
ବର୍ଣ୍ଣ ଶଙ୍କର ଜାତକର୍ମ ନଷ୍ଟ କରଇ କୁଳଧର୍ମ ।

ଜାତି ବର୍ଣ୍ଣର ହୁଏନାଶ ଅଧର୍ମେ ବୁଡେ ନିଜବଂଶ ॥୪୩॥
ଶୁଣିଛୁ କୁଳ ଧର୍ମନୀତି ନର୍କ ଲଭନ୍ତି କୁଳଘାତୀ ।
କୁଳଧର୍ମର ଯେବେନାଶ ପିତରେ ଯାନ୍ତି ନର୍କବାସ ॥୪୪॥
ଏହା ଯେ' ଆମ୍ଭ ବିଡମ୍ବନା ସର୍ବେ ହୋଇଛୁ ପାପମନା ।
ରାଜ୍ୟ ଭୋଗର ଲୋଭପଣେ ପ୍ରବୃତ୍ତ ସ୍ୱଜନ ନିଧନେ ॥୪୫॥
ଅର୍ଜୁନ ଗାଣ୍ଡୀବ ହସ୍ତୁ ଛାଡି କୃଷ୍ଣେ କୁହନ୍ତି କରଯୋଡି ।
ଯଦି ବା' ଶତ୍ରୁ ବିନାଶନ୍ତି ହିତକାରୀ ସେ ମୋ'ଅଟନ୍ତି ॥୪୬॥

ସଞ୍ଜୟ ଉବାଚ (ସଞ୍ଜୟ କହିଲେ)

ଏମନ୍ତ କହି ପାର୍ଥ ବୀର ଶିରେ ରଖିଲେ ଦୁଇ କର ।
ଗାଣ୍ଡୀବ ହସ୍ତୁ ତଳେଥୋଇ ରଥେ ବସିଲେ ଶୋକବହି ॥ ୪୭॥
ଧ୍ୟାୟୀ ସେ ପ୍ରଭୁଙ୍କ ଚରଣ ପ୍ରଥମ ଅଧ୍ୟାୟ କଥନ
ଭଜି ପୟରେ ଏ ଅବଳା ଭଣତି କରେ ଶକୁନ୍ତଳା ॥

*******************

ଏହି ପ୍ରକାରେ ଓଁ, ତତ୍, ସତ୍ – ଏହି ଭଗବଦ୍ ନାମ ଉଚ୍ଚାରଣ ପୂର୍ବକ ବ୍ରହ୍ମବିଦ୍ୟା ଓ ଯୋଗ ଶାସ୍ତ୍ରମୟ ଶ୍ରୀମଦ୍ଭଗବତ ଗୀତା ଉପନିଷଦ ରୂପକ ଶ୍ରୀ କୃଷ୍ଣ ଅର୍ଜୁନ ସମ୍ବାଦରେ 'ଅର୍ଜୁନ ବିଷାଦ ଯୋଗ' ନାମକ ପ୍ରଥମ ଅଧ୍ୟାୟ ପୂର୍ଣ୍ଣ ହେଲା ।

ଓଁ

ଶ୍ରୀ ପରମ୍ଆନେ ନମଃ

ଶ୍ରୀମଭଗବଦ୍ ଗୀତା (ଦ୍ୱିତୀୟ ଅଧ୍ୟାୟ )

ସାଙ୍ଖ୍ୟଯୋଗ

ସଞ୍ଜୟ ଉବାଚ (ସଞ୍ଜୟ କହିଲେ)

ଦେଖିଣ ଯୁଦ୍ଧେ ପାର୍ଥ ସ୍ଥିତି ନୃପେ ସଞ୍ଜୟ କହୁଛନ୍ତି ।
ପାର୍ଥଙ୍କ ହୃଦ ମୋହଗ୍ରସ୍ତ ବିଷାଦେ ବୁଦ୍ଧି ବିଚଳିତ ॥
ଲୋତକ ଝରୁଛି ନୟନୁ କୋହରେ ଜର୍ଜରିତ ତନୁ ।
ଅର୍ଜୁନେ ଦେଖିଣ ଏସନ କୁହନ୍ତି ଯହିଁ ଜନାର୍ଦ୍ଦନ ॥୧॥
କାପୁରୁଷତା କାହୁଁ ଜାତ ଅକୀର୍ତ୍ତି ଅନାର୍ଯ୍ୟ ଯେ'ପ୍ରାପ୍ତ।
ଦୌର୍ବଲ୍ୟ ତୁମ୍ଭ ଯୁଦ୍ଧକ୍ଷେତ୍ରେ ଶୋଭା ନ ଦିଶଇ ଏମନ୍ତେ ॥୨॥
ଏ ଘୋର ବିଷମ କାଳରେ କିମ୍ପା ଏ ଭାବ ତୋ' ମନରେ ।
ନପୁଂଷକତା ହୃଦୁ ତେଜ ଯୁଦ୍ଧ ନିମିତ୍ତ ହୁଅ ସଜ ॥୩॥

ଅର୍ଜୁନ ଉବାଚ (ଅର୍ଜୁନ କହିଲେ)

ମୋର ପୂଜନ ଭୀଷ୍ମ ଦ୍ରୋଣ କେମନ୍ତେ ବିନ୍ଧିବି 'ମୁଁ' ବାଣ ।
ଏମନ୍ତେ ହେ ଅରିସୂଦନ ! ଚିନ୍ତି ହୁଅଇ ହତଜ୍ଞାନ ॥୪॥
ନ ବଧି ଯୁଦ୍ଧେ ଗୁରୁଜନେ ବଞ୍ଚିବା ଶ୍ରେୟ ଭିକ୍ଷା ଅନ୍ନେ ।
ଧନ ଅର୍ଜିତ ହିଂସା ପଣେ କି ଲାଭ ମାରି ଗୁରୁଜନେ ॥୫॥
ଜୟ ପରାଜୟ କାହାର ନିଶ୍ଚିତ ନୁହଁଇ ଯୁଦ୍ଧର ।
ମାରି ଯୁଦ୍ଧରେ ବନ୍ଧୁ ଭାଇ ବଞ୍ଚିବା ପାଇଁ ଚାହୁଁ ନାହିଁ ॥୬॥
କାର୍ପଣ୍ୟ ଦୋଷେ ମୋର ଚିତ୍ତ ଧର୍ମରୁ ହୋଇଛି ବିଚ୍ୟୁତ ।
ଏ ପୀଡା ନାଶ ହେବା ପାଇଁ ବୁଦ୍ଧି ଯେ' ମତେ ଦିଶୁନାହିଁ ॥

ତେଣୁ ଶରଣ ପାଦେ ଯାଇ ମୋର କଲ୍ୟାଣ ପଚାରଇ ।
ଶିଷ୍ୟ ଯେ' ମୁହିଁ ସମର୍ପିତ କୁହନ୍ତୁ ବଚନ ଅମୃତ ॥୭॥
ସମଗ୍ର ମର୍ତ୍ତ୍ୟ ନିଷ୍କଣ୍ଟକ ମିଳଇ ଯେବେ ଇନ୍ଦ୍ରଲୋକ ।
ମହୀ ନରେଶ ଦେବଭୋଗ ହରିବ ନାହିଁ ମୋର ଦୁଃଖ॥
ଇନ୍ଦ୍ରିୟ ଗଣ ହୋଇ ଶୁଷ୍କ ବୋଧ ହୁଅଇ ପୀଡାଶୋକ ।
ତୁମ୍ଭ ବିହୁନେ ଅନ୍ୟ କେହି ନୋହିବେ ଦୁଃଖକୁ ଘୁଞ୍ଚାଇ॥୮॥

ସଞ୍ଜୀୟ ଉବାଚ (ସଞ୍ଜୀୟ କହିଲେ )

ସଂତାପ ଭରେ ଗୁଡାକେଶ ବୋଲନ୍ତି ଆହେ ହୃଷୀକେଶ ।
ଯୁଦ୍ଧ କରିବି ନାହିଁ ମୁହିଁ କହିଲେ ଗୋବିନ୍ଦଙ୍କୁ ଚାହିଁ ॥୯॥
ଏଥୁ ଅନ୍ତେ ହେ ନରସାଇଁ ! କୃଷ୍ଣ କହନ୍ତି ରଥେ ରହି ।
ଅଧରେ ମନ୍ଦ ହାସ୍ୟ ଭାବ ପାର୍ଥକୁ ବୁଝାନ୍ତି କେଶବ ॥୧୦॥

ଭଗବାନ ଉବାଚ (ଭଗବାନ କହିଲେ)

ଜ୍ଞାନୀ ସମ ତୁ' କହୁ ବାଣୀ ବୃଥାରେ ଶୋକ କରୁ ପୁଣି ।
ମୃତ ଜୀବିତ ପ୍ରାଣୀପାଇଁ ପଣ୍ଡିତ କେବେ ନ ଶୋଚଇ ॥୧୧॥
'ମୁଁ'-ତୁମ୍ଭେ ରାଜା-ପ୍ରଜାଗଣ ସର୍ବ କାଳରେ ବିଦ୍ୟମାନ ।
ୟା-ଅନ୍ତେ ରହିବେ କି, କେହି ଏ କଥା ମନେ ଚିନ୍ତ ନାହିଁ ॥୧୨॥
କୁମାର ଯୁବ ବୃଦ୍ଧାଗ୍ରସ୍ତ କାଳାନ୍ତରେ ଦେହେପ୍ରାପ୍ତ ।
ଦେହ ବିନାଶେ ଆତ୍ମା- ହତ କେବେ ନୁହଇ କୁନ୍ତୀ ସୁତ ॥
ଏ' ଦେହ ଛାଡି ହେଲେ ଗତି ଜୀବାତ୍ମା ଅନ୍ୟ ଦେହ ପ୍ରାପ୍ତି ।
ଧୀର ପୁରୁଷ ଜ୍ଞାନମନ୍ତ ଜନ୍ମ ମରଣେ ସମଚିତ୍ତ ॥୧୩॥
ବିଷୟେ ଇନ୍ଦ୍ରିୟ ସଂଯୁକ୍ତ ସୁଖ ଦୁଃଖ ଯେ' ଉଷ୍ଣ ଶୀତ ।
ଦୈହିକ ସୁଖ ଜୀବ ଦେହେ ପ୍ରାପ୍ତ-ଅପ୍ରାପ୍ତ ଲାଗି ରହେ ॥
ବିଷୟ ଭୋଗ କ୍ଷଣସ୍ଥାୟୀ କାଳ ଗତିରେ ନାଶଯାଇ ।

ସଂସାର ସୁଖ ଯେ' ଅନିତ୍ୟ ସହ୍ୟ କରିଣ ଖୋଜ ସତ୍ୟ ॥୧୪॥
ଶୁଣ ଅର୍ଜୁନ ନରବର ସମ ବୁଦ୍ଧିରେ ମନସ୍ଥିର ।
ବିଷୟ ସ୍ପର୍ଶେ ବୁଦ୍ଧିମାନ ପ୍ରାପତ ନୁହଇ କଷଣ ॥
ସୁଖ ଦୁଃଖରେ ଦୃଢଚିତ୍ତ ନୁହଇ କେବେ ସେ'ବ୍ୟଥିତ ।
ସମତାମୃତ ପାନ କରି କର୍ମ ବନ୍ଧନୁ ହୁଏପାରି ॥୧୫॥
ସ୍ଥିତି ନ ଥାଏ ଅସତ୍ୟର ଅଭାବ ନାହିଁ ଯେ ସତ୍ୟର ।
ସତ-ଅସତ ଆଦି ଅନ୍ତ ଉତ୍ତମ ଜାଣେ ବୁଦ୍ଧିମନ୍ତ ॥୧୬॥
ଆତ୍ମା ପ୍ରକଟ ସର୍ବକାଳ ବାହ୍ୟ ଅନ୍ତର ଚରାଚର ।
ଅବ୍ୟୟ ଯେଣୁ ସେ ଅଟଇ ତା'କୁ କେ' ନାଶୀ ନପାରଇ ॥୧୭॥
ଆତ୍ମା ତ ଅଟଇ ଅମର ସାକ୍ଷ୍ୟ ପ୍ରମାଣ ନାହିଁ ଯାର ।
ବିନାଶଶୀଳ ଏ ଶରୀର ମୋହ ତେଜିଣ ଯୁଦ୍ଧ କର ॥୧୮॥
ଆତ୍ମା କାହାକୁ ନ ମାରଇ ନିଜେ ସେ କେବେ ମରେନାହିଁ ।
ଆତ୍ମା ଧର୍ମ ଯେ' ନ ଜାଣଇ ମରେ ବା'ମାରେ ସେ'କୁହଇ॥୧୯॥
ଆତ୍ମା ଅଜନ୍ମା ସନାତନ ନିତ୍ୟ ଶାଶ୍ୱତ ପୁରାତନ ।
ଜ୍ୟୋତି ରୂପରେ ଦେହେରହି ଜନ୍ମ ମରଣ ତା'ର ନାହିଁ ।
ଜାତ ହୋଇଣ ମୃତ୍ୟୁ ନାହିଁ ସର୍ବ କାଳରେ ରହିଥାଇ ॥
ଶରୀର ଖଣ୍ଡେ ନାହିଁ ନାଶ ଆତ୍ମା ଅଟଇ ଦିବ୍ୟ ଅଂଶ ॥୨୦॥
ପୃଥା ନନ୍ଦନ ହେ ଅର୍ଜୁନ ! ଆତ୍ମାକୁ ଚିହ୍ନେ ଜ୍ଞାନବାନ ।
ଶରୀର-ଆତ୍ମା ଭେଦ ଜାଣି କେମନ୍ତେ ବଧିବ ସେ'ପ୍ରାଣୀ ॥୨୧॥
ବସ୍ତ୍ର ହୋଇଲେ ପୁରାତନ ପିନ୍ଧିବା ଯୋଗ୍ୟ ନୁହେଁ ପୁଣ ।
ନୂତନ ବସ୍ତ୍ର ସେ ଲୋଡନ୍ତି ଆତ୍ମାର ଦେହୁ ସେହି ଗତି ॥ ୨୨॥
ଶସ୍ତ୍ରରେ ଆତ୍ମା ନ ଛିଣ୍ଡଇ ଅଗ୍ନିରେ ଦଗ୍ଧ ହୁଏ ନାହିଁ ।
ଜଳରେ ଓଦା ହେବ କାହିଁ ପବନ ନ ପାରେ ଶୁଖାଇ॥୨୩॥

ଆତ୍ମାତ ଛେଦନ ନୁହଇ ଶୁଷ୍କ ବା ଓଦା ହେବ କାହିଁ ।
ସର୍ବ ବ୍ୟାପୀ ଯେ ଚିରନ୍ତନ ସ୍ଥାଣୁ ଅଚଳ ସନାତନ ।।୨୪।।
ଅଚିନ୍ତ୍ୟ ତହୁଁ ନିର୍ବିକାର ନ ହୁଏ ଦୃଷ୍ଟିର ଗୋଚର ।
ଏମନ୍ତେ ଆତ୍ମାର ବିଚାର ଶୋକ ନକରେ ଜ୍ଞାନୀ ନର।।୨୫।।
ଜନ୍ମ ମରଣ ଯଦି ନିତ୍ୟ ମାନ ତୁ' ଆତ୍ମା ଦେହେ ସତ୍ୟ ।
ଏଥି ନିମିତ୍ତ ପାର୍ଥବୀର ମନରେ ଶୋକ ତୁ ନକର ।।୨୬।।
ମର୍ତ୍ତ୍ୟରେ ଯିଏ ହୁଏ ଜାତ ମୃତ୍ୟୁ ତାହାର ସୁନିଶ୍ଚିତ ।
ଜନ୍ମ ମରଣ ଧ୍ରୁବ ଜାଣି ନକର ଶୋକ ତୁହି ପୁଣି ।।୨୭।।
ଶରୀର ପୁର୍ବରୁ ନଥାଇ ଜନ୍ମ ଲଭିଲେ ଦୃଶ୍ୟ ହୋଇ ।
ମରଣେ ଅଦୃଶ୍ୟ ହୁଅଇ ଜ୍ଞାନୀତ ଶୋକ ନ କରଇ।।୨୮।।
ଦେଖଇ ଆତ୍ମାକୁ ଚକିତେ କେହିତ କହେ ଆଚମ୍ବିତେ ।
ଜ୍ଞାନୀଠୁ ଶୁଣି ହୁଏ ସ୍ତବ୍ଧ ଆତ୍ମା ସମ୍ବନ୍ଧେ ଅଜ୍ଞ ଜୀବ ।।୨୯।।
ସକଳ ପ୍ରାଣୀଙ୍କର ଦେହେ ଆତ୍ମା ଅବଧ ନିତ୍ୟ ରହେ ।
ହୋଇଲେ ପ୍ରାଣୀର ମରଣ ଶୋକ କରିବା ଅକାରଣ ।।୩୦।।
କ୍ଷତ୍ରିୟ ଧର୍ମେ ରଖ ଲୟ ଧର୍ମ ଯୁଦ୍ଧ ଯେ ତୋର ଶ୍ରେୟ ।
ମୋହେ ନ ହୁଅ ବିଚଳିତ କର୍ତ୍ତବ୍ୟେ କର ଦୃଷ୍ଟିପାତ ।।୩୧।।
ଧର୍ମ ଯୁଦ୍ଧରେ ଅବତୀର୍ଣ୍ଣ ସ୍ୱର୍ଗରେ ପ୍ରବେଶ ସମାନ ।
ଏମନ୍ତ ଯୁଦ୍ଧକୁ ଲଭିଣ ସୁଖୀ ହୁଅନ୍ତି ବୀରଗଣ ।।୩୨।।
ଯୁଦ୍ଧରୁ ଦେଲେ ପଛଘୁଞ୍ଚା ଅକୀର୍ତ୍ତି ସଙ୍ଗେ ହେବ ଲଜ୍ୟା।
ସ୍ୱଧର୍ମ ନଷ୍ଟ ଯେ ହୋଇବ ପାପର ମାତ୍ରା ଭାରି ହେବ।।୩୩।।
ଅକୀର୍ତ୍ତି ଘୋଷିବ ଜଗତ ଅନନ୍ତ କାଳ ପରିଯନ୍ତ ।
ବୀରେ ଲଭିଲେ ଅପକୀର୍ତ୍ତି ମରଣୁ ଅଧିକ ମଣନ୍ତି ।।୩୪।।

ଭୟେ ଅର୍ଜୁନ ପଳାୟନ କଲା କହିବେ ରାଜାଗଣ ।
ଯେ ଏବେ କରନ୍ତି ପ୍ରଶଂସା ଏ ଅନ୍ତେ ହେବୁ ଲୋକହସା ।।୩୫।।
ଶତ୍ରୁଏ ନିନ୍ଦିବେ ସାମର୍ଥ୍ୟ କହି ଅନେକ କଟୁ ବାକ୍ୟ ।
ଏହାଠୁ ବଳି ଦୁଃଖଦାୟୀ ଆଉ ଅଧିକ କିଛି ନାହିଁ ।।୩୬।।
ନିହତେ ଲଭିବୁ ତୁ ସ୍ୱର୍ଗ ବିଜୟୀ ହେଲେ ରାଜ୍ୟଭୋଗ ।
ଯୁଦ୍ଧକୁ ମନେ ନିଶ୍ଚେ କରି ଜାଗ୍ରତ ହୁଅ ଅସ୍ତ୍ର ଧରି ।।୩୭।।
ହାର-ଜିତାରେ ନାହିଁ ଧ୍ୟାନ ଲାଭ କ୍ଷତି କୁ ସମ ମଣ ।
ନିର୍ଦ୍ୱନ୍ଦ୍ୱ ରହି ଯୁଦ୍ଧ କର ପାପ ନ ଲାଗିବ ଶରୀର।।୩୮।।
ସାଙ୍ଖ୍ୟ ଯୋଗର ସମ ବୁଦ୍ଧି କହିଲି ବୁଝାଇ ତାର ବିଧି ।
ବୁଦ୍ଧିଯୋଗ ତୁ ଏବେ ଶୁଣ କର୍ମରେ ନଥିବ ବନ୍ଧନ ।।୩୯।।
ସମତ୍ୱ ଧର୍ମ ସାଧନର ନାଶ ନଯାଏ ମର୍ତ୍ତ୍ୟର ।
ଫଳ ନ ହୁଏ ବିପରୀତ ମୃତ୍ୟୁ ଭୟରୁ କରେ ମୁକ୍ତ।।୪୦।।
ନିଶ୍ଚୟାତ୍ମିକ ଏକ ବୁଦ୍ଧି ପ୍ରାପ୍ତ କରାଏ ଯୋଗ ସିଦ୍ଧି ।
ବୁଦ୍ଧିତ ଯାହାର ଅନନ୍ତ ବିଚାର ତାର ଅନିଶ୍ଚିତ ।।୪୧।।
ସକାମୀ ବେଦକୁ ମାନନ୍ତି କର୍ମ ଫଳକୁ ପ୍ରଶଂସନ୍ତି ।
ବେଦର କର୍ମକାଣ୍ଡ ଶ୍ରେଷ୍ଠ ବତାଇ ହୁଅନ୍ତି ଉଚ୍ଚାଟ ।।୪୨।।
ସ୍ୱର୍ଗଠୁ ବଳି ସୁଖ ନାହିଁ ଲୋକରେ କୁହନ୍ତି ଯେ' ସେହି ।
ଭୋଗ ଐଶ୍ୱର୍ଯ୍ୟ ପ୍ରାପ୍ତି ପାଇଁ ଅନେକ କର୍ମ ସେ କରଇ ।।
ବେଦର ଶୋଭାଯୁକ୍ତ ବାଣୀ ନିଅଇ ଭୋଗାସକ୍ତେ ଟାଣି ।
କାମନା ଚିତ୍ତକୁ ଭୁଲାଇ ପରମାତ୍ମାରେ ଲୟ ନାହିଁ ।। ୪୩।।
'କାମୀ' ଇଚ୍ଛନ୍ତି ଦେହ ସୁଖ ତେଣୁ ସାଧନ ହୁଏ ଭଙ୍ଗ ।
ଚିତ୍ତ ନ ରହେ ଏକନିଷ୍ଠ ବିଷୟ ଭୋଗ ଅନ୍ତେ କଷ୍ଟ ।।

ପୂଣ୍ୟ କ୍ଷୟରେ ସ୍ୱର୍ଗ ଚ୍ୟୁତ　　ବେଦରେ କର୍ମର ସିଦ୍ଧାନ୍ତ ।
ଯେଣୁ ସମତା ନ ଆସଇ　　ମୁକତି ତେଣୁ ନ ମିଳଇ ॥୪୪॥
ବେଦ ବର୍ଣ୍ଣଇ ତିନି ଗୁଣ　　କାର୍ଯ୍ୟ ସମୂହ ହେ ଅର୍ଜୁନ ।
ରାଗ-ଦ୍ୱେଷରୁ ହୁଅ ମୁକ୍ତ　　ଦ୍ୱନ୍ଦ୍ୱ ରହିତ ଗୁଣାତୀତ ॥
ନିତ୍ୟ ସତ୍ତ୍ୱରେ ରହି ସ୍ଥିତ　　ଅପ୍ରାପ୍ତ ଦ୍ରବ୍ୟେ ନାହିଁ ଚିତ୍ତ ।
ପ୍ରାପ୍ୟ ବସ୍ତୁରୁ ତେଜି ମୋହ　　ପରମାତ୍ମାରେ କର ଲୟ ॥୪୫॥
କୂପ ନଦୀରେ କାର୍ଯ୍ୟ ନାହିଁ　　ମହାନ ଜଳାଶୟ ପାଇ ।
ସେପରି ବ୍ରହ୍ମଜ୍ଞାନୀ ଜନେ　　ବେଦ ନାହିଁ ତା’ ପ୍ରୟୋଜନେ॥୪୬॥
କର୍ମରେ ଅଛି ଅଧିକାର　　କର୍ତ୍ତବ୍ୟେ ହୁଅ ତୁ’ ତତ୍ପର ।
କର୍ମଫଳକୁ ନ ଜାଣଉ　　ଫଳ ଆଶାରେ ବୁଡି ରହୁ ॥
ଆଶା ନ କରି କର୍ମ କର　　କର୍ମୁ ଆସକ୍ତି ତ୍ୟାଗ କର ।
କର୍ତ୍ତବ୍ୟ ଛାଡି ପଳାୟନ　　ଫଳ ଯେ ନ ହେଉ କାରଣ ॥୪୭॥
ଆସକ୍ତି ତେଜିଣ ଅର୍ଜୁନ　　ସିଦ୍ଧ ଅସିଦ୍ଧ ସମ ମଣ ।
ସମତା ‘ବୁଦ୍ଧି-ଯୋଗ’ ଜାଣ　　ଯୋଗସ୍ଥ ହୋଇ କର୍ମ କର॥୪୮॥
କାମ୍ୟ କର୍ମ ତ ଅତି ହୀନ　　ବୁଦ୍ଧି ଯୋଗ ଯେ କର୍ମ ପଣ ।
ଫଳ ଇଚ୍ଛି ଯେ କର୍ମ କରେ　　ଦୀନ ଦୁଃଖୀ ସେ’ ଜଗତରେ ॥୪୯॥
ସମତା ବୁଦ୍ଧି ଯାର ଥାଇ　　ପାପ ପୂଣ୍ୟରେ ଭେଦ ନାହିଁ ।
ସାଧନେ ମିଳଇ ସମତା　　‘ଯୋଗ’ ହିଁ କାର୍ଯ୍ୟେ କୁଶଳତା ॥୫୦॥
ସମତ୍ୱ ବୁଦ୍ଧିରେ ଯୁକ୍ତ ରହି　　ସଂସାର ତ୍ୟାଗୀ ଯେ’ ହୁଅଇ ।
ଜନ୍ମ ବନ୍ଧନୁ ସେ’ ତରନ୍ତି　　ପରମ ପଦକୁ ଲଭନ୍ତି ॥୫୧॥
ବୁଦ୍ଧି ତରିଲେ ମୋହ ପଙ୍କ　　ମନ ଖୋଜଇ ଦିବ୍ୟସୁଖ ।
ପ୍ରାପ୍ତ ଅପ୍ରାପ୍ତ ଯେତେ ଭୋଗ　　ତ୍ୟାଗରେ ମିଳଇ ବୈରାଗ୍ୟ॥୫୨॥

ବେଦ ଶାସ୍ତ୍ରର ବହୁ ମତ ବୁଦ୍ଧି ସେଥିରେ ବିଚଳିତ ।
ବ୍ରହ୍ମେ ହୋଇଲେ ସ୍ଥିର ବୁଦ୍ଧି ଜାଣିବ ଯୋଗ ହେଲା ସିଦ୍ଧି॥୫୩॥

ଅର୍ଜୁନ ଉବାଚ (ଅର୍ଜୁନ କହିଲେ )

ସ୍ଥିର ବୁଦ୍ଧିର ଆଚରଣ କହିବା ବସିବା ଲକ୍ଷଣ ।
ଆହେ କେଶବ କୁହ ମତେ ଚିନ୍ତଇ ବ୍ରହ୍ମ ସେ' କେମନ୍ତେ ॥୫୪॥

ଶ୍ରୀ ଭଗବାନ ଉବାଚ (ଶ୍ରୀ ଭଗବାନ କହିଲେ )

ଶୁଣ ଆହେ ପୃଥା ନନ୍ଦନ ! ଯାହାର ହୁଏ ଆତ୍ମ ଜ୍ଞାନ ।
କାମନା ଯେବେ ତ୍ୟାଗ କରେ ମନ ଇନ୍ଦ୍ରିୟ ସର୍ବାଙ୍ଗରେ ॥
ଧ୍ୟାନରେ ହୁଅଇ ସନ୍ତୁଷ୍ଟ ସଦା ସ୍ମରଣେ ନିଜ ଇଷ୍ଟ ।
ସେ ଅଟେ ସ୍ଥିତ ପ୍ରଜ୍ଞ ନର ଏମନ୍ତ ଲକ୍ଷଣ ଯାହାର ॥୫୫॥
ଦୁଃଖେ କାତର ନାହିଁ ଯାର ସୁଖରେ ନ ହୁଏ ବିଭୋର ।
କାମନା ଭୟ କ୍ରୋଧ ଜିତି ମୁନେ ମଣନ୍ତି ସ୍ଥିରମତି ॥୫୬॥
ଶୁଭ-ଅଶୁଭେ ସମ ଚିତ୍ତ ହର୍ଷ-ଦ୍ୱେଷରୁ ହୋଇ ମୁକ୍ତ ।
ସର୍ବତ୍ର ଅନାସକ୍ତ ରହେ ତାହାରି ସ୍ଥିର ବୁଦ୍ଧି ହୁଏ ॥୫୭॥
କଚ୍ଛପ ଅଙ୍ଗ ସଙ୍କୋଚନେ ବଞ୍ଚାଏ ପ୍ରାଣକୁ ଜେସନେ ।
ବିଷୟୁ ଇନ୍ଦ୍ରିୟ ନିବୃତ୍ତ ସ୍ଥିତ ପ୍ରଜ୍ଞ ଯେ ସମ ଚିତ୍ତ ॥୫୮॥
ଇନ୍ଦ୍ରିୟ ଗଣ ନିରାହାରୀ ବିଷୟ ଭୋଗ ପରିହାରୀ ।
ବିଷୟ ନିବୃତ୍ତ ହୁଏ ସତ ଭୋଗ ରସରେ ରହେ ଚିତ୍ତ॥
ପରମାନନ୍ଦେ ମନ ଯାର ବିଷୟ ରସ ହୁଏଦୂର ।
ଦୈହିକ ଭୋଗର ଆସକ୍ତି ନ ରହେ ବିଷୟ ପ୍ରବୃତ୍ତି ॥୫୯॥
ମନ ଇନ୍ଦ୍ରିୟ ଗୁଣ ଏହି ଶୁଣ ଅର୍ଜୁନ ମନଦେଇ ।
ବିଦ୍ୱାନ ଅବା ସେ ସାଧକ ବାସନା ହୋଇଲେ ଉଦ୍ରେକ ॥
ସଂଯମତା ଯେ ଭଙ୍ଗହୋଇ ସଂସାର ସୁଖ ମନାସଇ ।

ଇନ୍ଦ୍ରିୟେ ମନକୁ ହରନ୍ତି ବିଷୟ ଭୋଗରେ ବୁଡାନ୍ତି ॥୬୦॥
ଇନ୍ଦ୍ରିୟ କରି ବଶୀଭୂତ ଇଷ୍ଟରେ ରଖନ୍ତି ଯେ' ଚିତ୍ତ ।
ମନ ଯା' ନିଜ ଅଧିନର ବୁଦ୍ଧି ହୁଅଇ ତାର ସ୍ଥିର ॥୬୧॥
ବିଷୟ ଭୋଗର ଚିନ୍ତନେ ଆସକ୍ତି ଜାତ ହୁଏ ମନେ ।
ଆସକ୍ତି ହେଲେ ଇଚ୍ଛା ଜାତ ଇଚ୍ଛାରୁ କ୍ରୋଧର ସମ୍ଭୁତ ॥
କାମନା ହୋଇଲେ ପୂରଣ ଅନ୍ୟ ଇଚ୍ଛାର ଜାଗରଣ ।
ହୃଦୟେ କ୍ରୋଧର ଦହନ ଇଚ୍ଛା ରହିଲେ ଅପୂରଣ ॥୬୨॥
କ୍ରୋଧରେ ଚିତ୍ତ ମୋହଗ୍ରସ୍ତ ମୋହ ଛାୟାରେ ସ୍ମୃତିଭ୍ରଷ୍ଟ ।
ସ୍ମୃତି ଭ୍ରଷ୍ଟରେ ବୁଦ୍ଧି ନାଶ ବିବେକ ନ ରହେ ତା' ପାସ ॥
ବୁଦ୍ଧି ଯାହାର ହୁଏ ନାଶ ପଶୁ ସମାନ କରେ ବାସ ।
ମୂର୍ଖ ନିର୍ଜୀବ ଜଡ ସମ ବଞ୍ଚି ରୁହଇ ସେ' ଅଧମ ॥୬୩॥
ମନେ ନ ଥାଇ ରାଗ-ଦ୍ୱେଷ ସେବନ୍ତି ଦ୍ରବ୍ୟ ଚତୁର୍ପାଶ ।
ସଂଯମୀ ସଦା ଅନାସକ୍ତ ବିଷୟ ଭୋଗେ ସମ ଚିତ୍ତ ॥୬୪॥
ଅନ୍ତଃକରଣ ହେଲେ ଶୁଦ୍ଧି ସାଧକ ଲଭେ ସ୍ଥିର ବୁଦ୍ଧି ।
ଚିତ୍ତ ପ୍ରସନ୍ନେ ଦୁଃଖ ନାଶ ଶୀଘ୍ର ଲଭଇ ପ୍ରଭୁ ପାସ ॥୬୫॥
ଇନ୍ଦ୍ରିୟ ଯାର ବଶେ ନାହିଁ ସ୍ଥିର ବୁଦ୍ଧି ସେ' ନ ଲଭଇ ।
ଅଜିତେନ୍ଦ୍ରିୟ ବୁଦ୍ଧି ହୀନେ 'ଭାବ' ନ ରହେ ତାର ମନେ ॥
ଭାବ ଭକତି ଯେବେ ନାହିଁ ଚିତ୍ତରେ ଶାନ୍ତି ନ ମିଳଇ ।
ଅଶାନ୍ତ ଚିତ୍ତେ ପ୍ରଭୁ ପାଦ କେମନ୍ତେ ସୁଖ ପ୍ରାପ୍ତ ହେବ ? ॥୬୬॥
ଇନ୍ଦ୍ରିୟ ଅନୁଗାମୀ ମନ ବୁଦ୍ଧିକୁ କରଇ ହରଣ ।
ଭୋଗ ବୁଦ୍ଧି ଯେ' ସ୍ଥିରନାହିଁ ପବନେ ନାବ ଘୂରୁଥାଇ ॥୬୭॥
ମନକୁ କରି ବଶୀଭୂତ ଇନ୍ଦ୍ରିୟ ସୁଖରୁ ବିରତ ।
ବିଷୟ ଭୋଗୁ ରହିଦୂର ବୁଦ୍ଧି ତାହାର ଅଟେ ସ୍ଥିର ॥୬୮॥

ଜ୍ଞାନିଏ ଯହିଁ ଜାଗିଥାନ୍ତି ପ୍ରାଣୀଏ ରାତ୍ରି ଭାବିଥାନ୍ତି ।
ମୁନେ ମଣନ୍ତି ତାକୁ ରାତ୍ରି ବିଷୟ ଭୋଗେ ଯେ' ରୁହନ୍ତି ॥
ହରି ଚିନ୍ତନ ଯେ କରଇ ସୃଷ୍ଟି ଜାଗ୍ରତ ତାହାପାଇଁ ।
ସର୍ବେବୁଡନ୍ତି ଭୋଗେଯେବେ ସଂଯମୀ ନିଦ୍ରାଯାଏ ତେବେ॥୬୯ ॥
ବିସ୍ତାର ଜଳ ପୂର୍ଣ୍ଣ ହୋଇ ବାରିଧି କୂଳ ନ ଲଙ୍ଘଇ ।
ସମୁଦ୍ରେ ମିଶେ ନଦୀ ଜଳ ଅଚଳ ରହେ ସବୁ କାଳ ॥
ସମୁଦ୍ର ସମ ସଦାଚାର ଭୋଗ ପ୍ରାପତେ ନିର୍ବିକାର ।
ପରମ ଶାନ୍ତି ସେ ଲଭଇ ଭୋଗକାମୀ ଯେ'ପୀଡାପାଇ ॥୭୦॥
ମୁଁ-କାର ମମତା ନଥାଇ କାମନା ସ୍ପୃହା ଯେ ତେଜଇ ।
କରଇ ଯୋଗ ଆଚରଣ ଶାନ୍ତି ଲଭନ୍ତି ଆତ୍ମବାନ ॥୭୧॥
ଥରେ ଲଭିଣ ବ୍ରାହ୍ମୀ ସ୍ଥିତି ପାର୍ଥ ! ନ ହୁଏ ମୋହ ମତି ।
ଅନ୍ତକାଳରେ ହୋଇ ସ୍ଥିତ ନିର୍ବାଣ ବ୍ରହ୍ମ ହୁଏ ପ୍ରାପ୍ତ ॥୭୨॥
ଧ୍ୟାୟୀ ସେ' ପ୍ରଭୁଙ୍କ ଚରଣ ଦ୍ୱିତୀୟ ଅଧ୍ୟାୟ କଥନ
ଭଜି ପୟରେ ଏ ଅବଳା ଭଣତି କରେ ଶକୁନ୍ତଳା ॥

ଏହି ପ୍ରକାରେ ଓଁ, ତତ୍, ସତ୍ – ଏହି ଭଗବଦ୍ ନାମ ଉଚ୍ଚାରଣ ପୂର୍ବକ ବ୍ରହ୍ମବିଦ୍ୟା ଓ ଯୋଗ ଶାସ୍ତ୍ରମୟ ଶ୍ରୀମଭଗବଦ୍ ଗୀତା ଉପନିଷଦ ରୂପକ ଶ୍ରୀ କୃଷ୍ଣ ଅର୍ଜୁନ ସମ୍ବାଦରେ 'ସାଙ୍ଖ୍ୟଯୋଗ' ନାମକ ଦ୍ୱିତୀୟ ଅଧ୍ୟାୟ ପୂର୍ଣ୍ଣ ହେଲା ॥୨॥

ଓଁ ଓଁ

ଓଁ

ଶ୍ରୀ ପରମାତ୍ମନେ ନମଃ

ଶ୍ରୀମଭଗବଦ୍ ଗୀତା (ତୃତୀୟ ଅଧ୍ୟାୟ )

କର୍ମଯୋଗ

ଅର୍ଜୁନ ଉବାଚ (ଅର୍ଜୁନ କହିଲେ)

ସମ୍ବୋଧି କହିଲେ ଅର୍ଜୁନ ଶୁଣନ୍ତୁ ଆହେ ଜନାର୍ଦନ ।
ସକାମ କର୍ମ ଯେ ନିକୃଷ୍ଟ ଆପଣ କୁହନ୍ତି ଜ୍ଞାନ ଶ୍ରେଷ୍ଠ ॥
ଯୁଦ୍ଧ ଅଟଇ କର୍ମ ଘୋର ନ ହେବ ଏଠି ବୁଦ୍ଧି ସ୍ଥିର ।
ଏମନ୍ତ କର୍ମେ ନିୟୋଜିତ ହେବାକୁ କହୁଛ କେମନ୍ତ ॥୧॥
ଶୁଣି ଏ ମିଶ୍ରିତ ବଚନ ମୋହିତ ପ୍ରାୟ ବୁଦ୍ଧି ମନ ।
ତେଣୁ ନିଶ୍ଚିତ କରି କୁହ ଉଭୟୁ ଯାହା ମୋର ଶ୍ରେୟ॥୨॥

ଶ୍ରୀ ଭଗବାନ ଉବାଚ (ଶ୍ରୀ ଭଗବାନ କହିଲେ)

ଶୁଣ ହେ ନିଷ୍ପାପ ଅର୍ଜୁନ ! ମର୍ତ୍ତ୍ୟେ ଦ୍ୱୌ-ନିଷ୍ଠାର କଥନ ।
ସାଙ୍ଖ୍ୟେ ସାଧନ୍ତି ଜ୍ଞାନଯୋଗ ବୁଦ୍ଧେ ଆଶ୍ରିତ କର୍ମ ମାର୍ଗ ॥୩॥
କର୍ମ ପ୍ରଚେଷ୍ଟା ଯାର ନାହିଁ ନିଷ୍କାମ ଯୋଗ ନ ଲଭଇ ।
ବିହିତ କର୍ମ ତ୍ୟାଗ କରି ସିଦ୍ଧି ପ୍ରାପତ ନୁହେଁ ତାରି ॥୪॥
କର୍ମକୁ ଛାଡି ଦଣ୍ଡେ କ୍ଷଣେ ବଞ୍ଚି ନ ପାରେ କେହିଜଣେ ।
ଜୀବ ତ ପ୍ରକୃତି ଅଧୀନ କର୍ମ କରାନ୍ତି ଗୁଣ ମାନ ॥୫॥
କର୍ମ ଇନ୍ଦ୍ରିୟ ସଂଯମିଣ ଭୋଗ ଚିନ୍ତନେ ରଖି ମନ ।
ବାହାରେ ବୈରାଗ୍ୟ ଦେଖାନ୍ତି ମିଥ୍ୟାଚାରୀ ସେ ମୂଢମତି ॥୬॥
ଇନ୍ଦ୍ରିୟ ଜିତି ଯେ ମନରେ ନିଷ୍କାମ ଭାବେ କର୍ମ କରେ ।
କର୍ମଯୋଗ ଯେ ଆଚରନ୍ତି ଶ୍ରେଷ୍ଠ ପୁରୁଷ ସେ ଅଟନ୍ତି ॥୭॥

କର୍ମ ଛାଡିବା ନୁହେଁ ବିଧି ଶାସ୍ତ୍ର ସମ୍ମତ କର୍ମସିଦ୍ଧି ।
ନିତ୍ୟ କର୍ମ ଯେ ନ କରଇ ଶରୀର ଯାତ୍ରା ସିଦ୍ଧ ନାହିଁ ॥୮॥
କର୍ତ୍ତବ୍ୟେ ମାନି ନିଜ ଧର୍ମ ବ୍ରହ୍ମା ରଚନ୍ତି ଯଜ୍ଞକର୍ମ ।
ଯଜ୍ଞ ବ୍ୟତୀତ କର୍ମ ଯେତେ ମନୁଷ୍ୟ ବାନ୍ଧିହୁଏ ମର୍ତ୍ତ୍ୟେ ॥
କୁନ୍ତୀ ନନ୍ଦନ ତେଣୁ ଶୁଣ ଯଜ୍ଞ ହିଁ ସଂସାର କଲ୍ୟାଣ ।
ଆସକ୍ତ ତେଜି କର୍ମ କର ନିସ୍ୱାର୍ଥ ଭାବ ସଦା ଚାର ॥୯॥
ସୃଷ୍ଟି ଆରମ୍ଭେ ପ୍ରଜାପତି ରଚିଲେ ଦେବ-ଜୀବ ଜାତି ।
ରଚି ଯଜ୍ଞର କର୍ମ ବିଧି କହିଲେ ସର୍ବେ ହୁଅ ବୃଦ୍ଧି ॥
କର୍ତ୍ତବ୍ୟ କର୍ମକୁ ଆଦରି ଜଣେ ଅନ୍ୟର ସେବାକରି ।
ଯଜ୍ଞର ବୃଦ୍ଧି ଯେବେ ହେବ ଅଭୀଷ୍ଟ ଫଳ ପ୍ରାପ୍ତ ହେବ॥୧୦॥
ଯଜ୍ଞେ ଦେବତା ହେଲେ ତୁଷ୍ଟ ପୂର୍ଣ୍ଣ କରନ୍ତି ସର୍ବ ଇଷ୍ଟ ।
ଏମନ୍ତ ବିନିମୟ ଭାବେ କଲ୍ୟାଣ ପ୍ରାପ୍ତ ନର-ଦେବେ॥୧୧॥
କର୍ତ୍ତବ୍ୟ ମାନି ଦେବଗଣ ଦିଅନ୍ତି ନରେ ଦ୍ରବ୍ୟମାନ ।
ଦେବଙ୍କୁ କରି ସମର୍ପଣ ଉଚିତ ପ୍ରସାଦ ସେବନ ॥
ପର ସେବାରେ ନ ଲଗାଇ ସ୍ୱାର୍ଥକୁ ଆଗେ ରଖିଥାଇ ।
ଦେବଙ୍କୁ ଯେ ନ ସମର୍ପଇ ତସ୍କର ସମ ସେ ହୁଅଇ ॥୧୨॥
ଭୁଞ୍ଜଇ ରାନ୍ଧି ନିଜ ପାଇଁ କେବଳ ପାପ ସେ ଭୋଗଇ।
ପୂରାଇ ନିଜର ଉଦର ଦେହାନ୍ତେ ନର୍କଭୋଗ ତାର ॥
ସ୍ୱାର୍ଥ ନିମିତ୍ତ କର୍ମ ମାନ ପାପକୁ ଭକ୍ଷଣ ସମାନ ।
ଯଜ୍ଞାବଶେଷ ଯେ ଭୁଞ୍ଜଇ ପାପ ବିନଷ୍ଟ ତା'ରହୋଇ ॥୧୩॥
ଅନ୍ନରୁ ପ୍ରାଣୀଙ୍କ ଉତ୍ପତ୍ତି ବୃଷ୍ଟିରୁ ଅନ୍ନର ସମ୍ଭୂତି ।
ଯଜ୍ଞ ସମ୍ପନ୍ନେ ହୁଏ ବୃଷ୍ଟି କର୍ତ୍ତବ୍ୟ କର୍ମେ ଯଜ୍ଞସୃଷ୍ଟି ॥୧୪॥

ବେଦ ଯେ କର୍ମ ବଖାଣଇ ବେଦ ବ୍ରହ୍ମରୁ ପ୍ରକଟଇ ।
ପରମାତ୍ମା ଯେ ସର୍ବ ବ୍ୟାପ୍ତ ତେଣୁ ଯଜ୍ଞେ ସେ'ନିତ୍ୟ ସ୍ଥିତ॥୧୫॥
ଏମନ୍ତ ସୃଷ୍ଟି ଚକ୍ର ଘୁରେ ମୁଢ ରୁହଇ ସେଥୁ ଦୂରେ ।
ସ୍ୱାର୍ଥ ନିମିତ୍ତ କର୍ମ କରେ ଦାନ ଦେବତା ନ ବିଚାରେ ॥
ନୀଚ ଯୋନିରେ ଜାତ ହୋଇ ସଂସାର ପୀଡା ସେ ଲଭଇ ।
ଭୋଗ ବାସନା ଯା'ର ଚିନ୍ତା ମନୁଷ୍ୟ ଜନ୍ମ ତା'ର ବୃଥା ॥୧୬॥
ଆତ୍ମାରେ ଯାର ଶ୍ରଦ୍ଧା ଥାଇ ସକାମେ ଚିତ୍ତ ନ ବଳଇ ।
ସଂସାରେ ସେହି ଜନ ପାଇଁ କର୍ମ ସଂକଳ୍ପ ଲୋଡା ନାହିଁ ॥
ଆତ୍ମାସହ ଯେ କରେପ୍ରୀତି ଆତ୍ମା ରମଣେ ଲଭେ ତୃପ୍ତି ।
ନିତ୍ୟ ସନ୍ତୁଷ୍ଟ ଯାର ଚିତ୍ତ କର୍ତ୍ତବ୍ୟ ନାହିଁ ତା' ନିମନ୍ତ ॥୧୭॥
କର୍ମଯୋଗରେ ହେଲେ ସିଦ୍ଧ କର୍ମ ଅକର୍ମ ନାହିଁ ଭେଦ ।
ପ୍ରାଣୀଙ୍କ ସଙ୍ଗେ ଆପଣାର ସମ୍ବନ୍ଧ ନଥାଏ ସ୍ୱାର୍ଥର ॥
ଅନ୍ୟ ଆଶ୍ରୟ ନ ଇଚ୍ଛଇ ସଂସାର ସମ୍ବନ୍ଧ ତେଜଇ ।
ଉଚିତ କର୍ମ ଅନୁଷ୍ଠାନ ପାପ ପୁଣ୍ୟର ନାହିଁ ସ୍ଥାନ॥୧୮॥
ଆସକ୍ତି ନ ଥିଲେ କର୍ମରେ ଯୋଗ ସାଧଇ ନିରନ୍ତରେ ।
ଉଦ୍ବେଗ ନାହିଁ କର୍ମଫଳେ ଈଶ୍ୱର ପ୍ରାପ୍ତି କୃପାବଳେ ॥୧୯॥
ଜନକ ଆଦି ରାଜା ବର୍ଗ କର୍ମରେ ସାଧିଛନ୍ତି ଯୋଗ ।
ରାଜର୍ଷି ପଦ ଲଭିଛନ୍ତି ପ୍ରଜା କଲ୍ୟାଣେ ହୋଇ ବ୍ରତୀ॥୨୦॥
ତେଣୁ ତୁ' ସେହି ମାର୍ଗେଚଳ ଦେଖି ଚଳିବେ ପ୍ରଜାକୁଳ ।
ବିଜ୍ଞ ଯାହାକୁ ଆଚରନ୍ତି ଇତରେ ତାହା ମାନିଥାନ୍ତି ॥
ଶ୍ରେଷ୍ଠ ପୁରୁଷ ସିଦ୍ଧ ବାଣୀ ଶାସ୍ତ୍ର ସମ୍ମତ ତାହା ଜାଣି ।
ଲୋକ କଲ୍ୟାଣେ ହୋଇରତ ଯୋଗେ ହୁଅ ତୁ' ସିଦ୍ଧିପ୍ରାପ୍ତ ॥୨୧॥

ହେପାର୍ଥ! ତିନି ଲୋକେଯେତେ ପ୍ରାପ୍ୟ ଅପ୍ରାପ୍ତ ନାହିଁମୋତେ ।
କର୍ତ୍ତବ୍ୟ ମୋରି କିଛି ନାହିଁ ତଥାପି କର୍ମ 'ମୁଁ' କରଇ ॥ ୨୨॥
କର୍ମ ନ କଲେ ସାବଧାନେ କର୍ମ ଛାଡିବେ ସର୍ବ ଜନେ ।
ଅନୁସରଣ ମୋତେ କରି ପଥ ହୁଡିବେ ଧର୍ମ ଛାଡି ॥
ଲୀଳା ମୋ ଲୋକ ଶିକ୍ଷା ପାଇଁ ସେ' ମାର୍ଗେ ସଂସାର ଚଳଇ ।
କର୍ମ ଯୋଗର ନିଷ୍ଠା ଶୁଣ ବୁଝାଇ କହିଲି ଅର୍ଜୁନ ॥୨୩॥
ଯଦି 'ମୁଁ' କର୍ମ ନ କରଇ ନଷ୍ଟ ବିଭ୍ରଷ୍ଟ ହେବ ମହୀ ।
ଯାରଜ ଯେବେ ହେବେ ଜନ୍ମ ମୁଁ ତା'ର ହୋଇବି କାରଣ॥୨୪॥
ଯଥା ଅଜ୍ଞାନୀ ଫଳାସକ୍ତ ସକାମ କର୍ମେ ହୁଏ ରତ।
ତଥା ବିଦ୍ୱାନ ଅନାସକ୍ତେ କର୍ମ କରନ୍ତି ଜନ ହିତେ ॥୨୫॥
ନିଷ୍କର୍ମ ବତାଇ ଅଜ୍ଞାନେ ଭ୍ରମ ନ ଫଳାନ୍ତି ସୁଜନେ ॥ ।
ସମ ଆଚାରୀ ସର୍ବକାର୍ଯ୍ୟେ ଦୃଷ୍ଟାନ୍ତ ହୁଅନ୍ତି ସମାଜେ ॥୨୬॥
ଇନ୍ଦ୍ରିୟ ହେଲେ ଗୁଣ ବଶ ଇଚ୍ଛନ୍ତି ଦ୍ରବ୍ୟ ଭୋଗ ରସ ।
ପ୍ରକୃତି ଜାତ ତିନିଗୁଣ କର୍ମକୁ କରନ୍ତି ଭିଆଣ ॥
ସର୍ବତୋ ରୂପେ ସବୁ କର୍ମ ପ୍ରକୃତି- ଗୁଣ- ଦେହ ଧର୍ମ ।
ଅଜ୍ଞାନୀ ମୋହ ଅହଂକାରେ କର୍ତ୍ତା'ମୁଁ' ମନରେ ବିଚାରେ ॥୨୭॥
ଶରୀରେ ଗୁଣ କର୍ମ ତତ୍ତ୍ୱ ଭଲେ ଜାଣନ୍ତି ଆତ୍ମବନ୍ତ ।
ଇନ୍ଦ୍ରିୟ ଗୁଣରେ ମୋହିତ ମନୁଷ୍ୟ ସର୍ବେ କର୍ମ ରତ ॥
ଗୁଣର ଗୁଣରେ ସମ୍ବନ୍ଧ ଏହାତ ଗୁଣ-କର୍ମ ଭେଦ ।
ଅସଙ୍ଗ ରହି ଯୋଗୀଜନ କାର୍ଯ୍ୟ କରନ୍ତି ସମ୍ପାଦନ ॥୨୮॥
ଅଜ୍ଞାନୀ ଗୁଣ ବଶ ହୋଇ ବିଷୟ ଭୋଗରେ ମଜ୍ଜଇ ।
ଜ୍ଞାନୀ ସେ' ଅଳ୍ପ ବୁଦ୍ଧି ଜନେ ସଂଶୟ ନ ଫଳାନ୍ତି ମନେ ॥୨୯॥

ବିବେକ ଜ୍ଞାନେ ପାଳି ଧର୍ମ       ସମର୍ପି ମୋତେ ସବୁ କର୍ମ ।
ଇଚ୍ଛା ମମତା ଫଳ ତେଜି       ଯୁଦ୍ଧ ନିମନ୍ତେ ଉଠ ଜାଗି ॥୩୦॥
ଦୋଷ ନଦେଖି ଶ୍ରଦ୍ଧାବନ୍ତ       ଅନୁସରଇ ମୋର ମତ ।
ଗୁରୁ ଶାସ୍ତ୍ରରେ ହୋଇଯୁକ୍ତ       ସର୍ବଦା ଶୁଦ୍ଧ ତାର ଚିତ୍ତ ॥
ଶ୍ରଦ୍ଧାରେ ଯୋଗ ଆଚରଣ       ସମସ୍ତ କର୍ମୁ ତରେ ଜାଣ ।
ଯୋଗବଳେ ଯେ' ଦୃଢରହେ       ଭବ ସାଗରୁ ମୁକ୍ତି ପାଏ ॥୩୧॥
ଦୋଷ ଯେ'ଦେଖିମୋର ମତେ       ପଥ ହୁଡନ୍ତି ନଷ୍ଟ ଚିତ୍ତେ ।
ବିବେକ ଜ୍ଞାନ ହୁଏ ଭ୍ରଷ୍ଟ       ପତନ ତାହାରି ନିଶ୍ଚିତ ॥୩୨॥
ଜୀବ ଯେ ପ୍ରକୃତି କବଳେ       ସ୍ୱଭାବ ବଶେ କର୍ମ କରେ ।
ଶାସ୍ତ୍ର ନିଷେଧ ବୃଥା ଯାଇ       ଜ୍ଞାନୀ ବି ମାୟାରେ ପଡଇ ॥୩୩॥
ଇନ୍ଦ୍ରିୟ ଭୋଗର ବିଷୟେ       ପ୍ରୀତି ବିରାଗ ତିଷ୍ଠିରହେ ।
ରାଗ-ଦ୍ୱେଷର ବଶୀଭୁତ       ମୁକ୍ତିର ପଥେ ପ୍ରତିଘାତ ॥୩୪॥
ନିଜ ଧର୍ମର ସ୍ୱଳ୍ପ ଗୁଣ       ପରଧର୍ମଠୁ ଶ୍ରେଷ୍ଠ ମଣ ।
ସ୍ୱଧର୍ମେ ରହି ମୃତ୍ୟୁ ଶ୍ରେୟ       ଅନ୍ୟ ଧର୍ମ ଯେ ଭାୟାବହ ॥
ବର୍ଣ୍ଣ ଆଶ୍ରମ ଯୋଗ୍ୟ କର୍ମ       ଶାସ୍ତ୍ର ବିଦିତ ନିଜ ଧର୍ମ ।
କୁଳ ଧର୍ମକୁ ଯେ ନିନ୍ଦଇ       ସଂସାରେ ତାର ସ୍ଥାନ ନାହିଁ ॥ ୩୫॥

ଅର୍ଜୁନ ଉବାଚ ( ଅର୍ଜୁନ କହିଲେ)

କୁହ ମୋତେ ଆହେ ବାର୍ଷ୍ଣେୟ !       ଦୂର ହୋଇବ ମୋ ସଂଶୟ ।
ଇଚ୍ଛା ନଥାଇ ଜୀବଗଣ       କରନ୍ତି ପାପ ଆଚରଣ ॥
କାହାର ବଳରେ ପ୍ରେରିତ       ପାପ କର୍ମରେ ନିୟୋଜିତ।
ଅନିଚ୍ଛା ସତ୍ତ୍ୱେ ଲିପ୍ତ ରହେ       ବୁଦ୍ଧି ବିବେକ ହଜି ଯାଏ ॥୩୬॥

ଶ୍ରୀ ଭଗବାନ ଉବାଚ (ଶ୍ରୀ ଭଗବାନ କହିଲେ )

କାମ ଓ କ୍ରୋଧର ଦହନ       ରଜ ଗୁଣରୁ ଯେ' ଉତ୍ପନ୍ନ ।

କାମନା ନୋହିଲେ ପୂରଣ   କ୍ରୋଧର ରୂପ ନିଏ ଜାଣ ॥
ଅନଳ କାମନା ଅଟଇ   କ୍ରୋଧ ଯେ ବୁଦ୍ଧିକୁ ନାଶଇ ।
ଏ ଦୁହେଁ ଶତ୍ରୁ ବୋଲି ଜାଣ   ହୁଅନ୍ତି ପାପର  କାରଣ ॥୩୭॥
ଧୂଆଁରେ ଅଗ୍ନି ନ ଦିଶଇ   ଯେସନେ ଦର୍ପଣେ ଧୂଳି ରହି ।
ଗର୍ଭ ଆବୃତ ଜରାୟୁରେ   ବିବେକ ଢାଙ୍କି କାମନାରେ ॥୩୮॥
ଦେହେ କାମନା ଅଗ୍ନି ସମ   ନୁହଇ କେବେ 'ପୂର୍ଣ୍ଣ କାମ' ।
ଜ୍ଞାନକୁ ଆବୃତ  ରଖଇ   ଜ୍ଞାନୀଙ୍କ ସଦା ଶତ୍ରୁ ହୋଇ ॥୩୯॥
ଇନ୍ଦ୍ରିୟ ମନ ବୁଦ୍ଧି ଦେହେ   କାମନା ବାସ କରି  ରହେ ।
ଜ୍ଞାନକୁ ଆଚ୍ଛାଦିତ କରି   ଜ୍ଞାନୀକୁ କରେ ଅହଂକାରୀ ॥୪୦॥
ତେଣୁ ପ୍ରଥମେ ହେ ଅର୍ଜୁନ !   ଇନ୍ଦ୍ରିୟ କରିଣ  ଦମନ ।
'କାମ'କୁ ବିନାଶୀ ସମୂଳେ   ଆତ୍ମସ୍ଥ ହୁଅ ଯୋଗବଳେ ॥୪୧॥
ଜଡ ଶରୀର ଅଟେ  ସ୍ଥୂଳ   ସେଥିରେ ଇନ୍ଦ୍ରିୟ ସବଳ ।
ଅନ୍ତଃକରଣେ ମନ ଶ୍ରେଷ୍ଠ   ଇନ୍ଦ୍ରିୟ ଉର୍ଦ୍ଧ୍ୱରେ ଅଧିଷ୍ଠ ॥
ମନଠୁ ବୁଦ୍ଧି ଯେ  ଗରିଷ୍ଠ   ଶରୀରେ ଆତ୍ମା ସର୍ବଶ୍ରେଷ୍ଠ ।
ମନ ଇନ୍ଦ୍ରିୟ  ବିମୋହିତ   କାମନା ବୁଦ୍ଧି  ପରେ ସ୍ଥିତ ॥୪୨॥
ଜାଣି ଏମନ୍ତ  ମହାବାହୁ   ବୁଦ୍ଧି ଆୟତ୍ତେ ମନ ରହୁ ।
ଦୁର୍ଜୟ 'କାମ' ଦୂରକର   ଆତ୍ମାର ଲଭିବୁ ଗୋଚର ॥
ତେଜ କାମନା ଶତ୍ରୁ ଭାବି   ସଂଯମି ହୁଅ ଆତ୍ମା  ଭଜି ।
ଦୁର୍ବାର 'କାମ'କୁ  ସଂହାର   ମୋକ୍ଷ ପ୍ରାପତ ହେବ ତୋର ॥୪୩॥
ଧ୍ୟାୟୀ ସେ' ପ୍ରଭୁଙ୍କ  ଚରଣ   ତୃତୀୟ  ଅଧ୍ୟାୟ କଥନ
ଭଜି ପୟରେ ଏ  ଅବଳା   ଭଣତି  କରେ  ଶକୁନ୍ତଳା ॥

ଏହି ପ୍ରକାରେ ଓଁ, ତତ୍, ସତ୍ – ଏହି ଭଗବତ୍ ନାମ ଉଚ୍ଚାରଣ ପୂର୍ବକ ବ୍ରହ୍ମବିଦ୍ୟା ଓ ଯୋଗ ଶାସ୍ତ୍ରମୟ ଶ୍ରୀମଦ୍ ଭଗବତ ଗୀତା ଉପନିଷଦ ରୂପକ ଶ୍ରୀ କୃଷ୍ଣ ଅର୍ଜୁନ ସମ୍ବାଦରେ 'କର୍ମଯୋଗ' ନାମକ ତୃତୀୟ ଅଧ୍ୟାୟ ପୂର୍ଣ୍ଣ ହେଲା ।।୩।।

ଓଁ ଓଁ ଓଁ

ଓଁ

ଶ୍ରୀ ପରମ୍ରାନେ ନମଃ

## ଶ୍ରୀମଭଗବଦ୍ ଗୀତା (ଚତୁର୍ଥ ଅଧ୍ୟାୟ )

## (ଜ୍ଞାନ କର୍ମ ସନ୍ନ୍ୟାସଯୋଗ)

ଭଗବାନ ଉବାଚ (ଭଗବାନ କହିଲେ)

ଏ ଅବିନାଶୀ କର୍ମଯୋଗ ଆଦ୍ୟେ କହିଲି ସୂର୍ଯ୍ୟଦେବ।
ପୁତ୍ର ମନୁ ତା' ଆଚରିଲେ ଇକ୍ଷ୍ୱାକୁ ମନୁ'ଠୁ ଶୁଣିଲେ ॥୧॥
ପରମ୍ପରାରେ ଚଳିଆସି ଯୋଗକୁ ଜାଣିଲେ ରାଜର୍ଷି ।
ବଂଶାନୁକ୍ରମେ ଏ' ବିଷୟ କାଳାନ୍ତେ ଏବେ ଲୁପ୍ତ ପ୍ରାୟ ॥୨॥
ପୁରାତନ ଏ ଗୂଢ ତତ୍ତ୍ୱ ଉତ୍ତମ ଯୋଗ ନିତ୍ୟ ସତ୍ତ୍ୱ ।
ତୁହି ମୋ'ସଖା ଭକ୍ତ ଜାଣି କହୁଛି ଆଜି ତାହା ପୁଣି ॥୩॥

ଅର୍ଜୁନ ଉବାଚ ( ଅର୍ଜୁନ କହିଲେ )

ଶୁଣ ମୋ ସଖା ଭାବଗ୍ରାହୀ ଏକଥା ଆଶ୍ଚର୍ଯ୍ୟ ଲାଗଇ ।
ଆପଣ ବସୁଦେବ ସୁତ ସଂସାର ଜାଣଇ ଏମନ୍ତ ॥
ପୃଥିବୀ ଯେବେ ହେଲାଜାତ ଆଦିତ୍ୟ ସେ'କାଳୁ ଉଦିତ ।
କେମନ୍ତେ ତୁମ୍ଭେ ମହାଭାଗ ! ସୂର୍ଯ୍ୟେ କହିଲ ଏହି ଯୋଗ ॥୪॥

ଶ୍ରୀ ଭଗବାନ ଉବାଚ (ଶ୍ରୀ ଭଗବାନ କହିଲେ )

ତୁମ୍ଭ ଆମ୍ଭର ବହୁ ଜନ୍ମ ବିତିଛି ଜାଣ ହେ ଅର୍ଜୁନ !
ସେ ସବୁ ଅବଗତ ମୁହିଁ ଯାହା ତୁମ୍ଭଙ୍କୁ ଜଣା ନାହିଁ ॥୫॥
ପ୍ରକୃତି ବଶେ ଜୀବ ଜାତ ମାୟାର ଫାଶେ ବିମୋହିତ ।
ନିଜ ସ୍ୱରୂପ ନ ଜାଣଇ ଜନ୍ମ ମରଣେ ଭ୍ରମୁଥାଇ ॥
'ମୁଁ'ଯେ ଅଜନ୍ମା ଅବିନାଶୀ ଜୀବଙ୍କ ଅଟେ ଅନ୍ତଃବାସୀ ।
ମାୟାକୁ କରି ଅଧିନସ୍ଥ ଯୋଗବଳେ 'ମୁଁ' ପ୍ରକଟିତ ॥୬॥

ଧର୍ମର ହାନି ଯେଉଁ କାଳେ ଅଧର୍ମ ଫଳେ ମହୀତଳେ ।
ଇଚ୍ଛାନୁରୂପ ଦେହଧରେ ଧରା ପୃଷ୍ଠରେ ଅବତରେ ॥୭॥
ନର ରୂପେ 'ମୁଁ'ନାରାୟଣ ଯୁଗେ ଯୁଗେ ମୋ ଆଗମନ।
ରକ୍ଷା କରଇ ସାଧୁ ଜନେ ପ୍ରାଣ ହାରନ୍ତି ପାପୀଗଣେ ॥
ଭୟ ହାରନ୍ତି ଭକ୍ତଜନ ଧର୍ମର ଉତ୍ତମ ସ୍ଥାପନ ।
ଗୁରୁ ଗୋବିନ୍ଦ ରୂପେ ଲୀଳା ଜଗତୁ ଲିଭେ ପାପ ଭାରା ॥୮॥
ଅଲୌକିକ ଯେ ମୋର ଜନ୍ମ ଦିବ୍ୟ ଅଟଇ ମୋର କର୍ମ ।
ପ୍ରକୃତି ମୋତେ ଅନୁସରେ ମୋର ଇଚ୍ଛାରେ ଲୀଳାକରେ॥
ଏହାର ତତ୍ତ୍ୱ ଯେ ଜାଣଇ ପରମ ପାଦ ପ୍ରାପ୍ତ ହୋଇ ।
ଜନ୍ମ ମରଣ ତାର ନାହିଁ ମୋ'ଅଙ୍ଗେ ସେହୁ ଲୀନହୋଇ॥୯॥
ସ୍ୱରୂପେ ଲୟ ଯା'ରି ଚିତ୍ତ ଭୟ କ୍ରୋଧୁ ସେ' ସଦା ମୁକ୍ତ ।
ମୋର ଆଶ୍ରିତ ଭକ୍ତ ରୂପେ ମୋତେ ଲଭନ୍ତି ଜ୍ଞାନ ତପେ ॥୧୦॥

ଯେମନ୍ତେ ମୋତେ ଯେ'ଭଜଇ ସେମନ୍ତେ ତା'ରି ପ୍ରାପ୍ତ ହୋଇ ।
ମୋର ଶରଣ ଯେ' ପଶନ୍ତି ଅପାର କରୁଣା ଲଭନ୍ତି ॥
ଇଷ୍ଟ ରୂପରେ ମୋତେ ଚିନ୍ତି ଲଭନ୍ତି ହୃଦେ ପରାଭକ୍ତି ।
ଶୁଣି ଐଶ୍ୱର୍ଯ୍ୟ ଲୀଳାଗୁଣ ମୋତେ ପୂଜନ୍ତି ଗୁଣୀଜନ ॥୧୧॥
କାମ୍ୟ କର୍ମକୁ ଯେ' ଚିନ୍ତଇ ଦେବ-ଦେବୀଙ୍କୁ ସେ'ପୂଜଇ ।
ଦେବଙ୍କୁ ପୂଜି କର୍ମଫଳ ଶିଘ୍ର ଲଭନ୍ତି ମର୍ତ୍ତ୍ୟେ ନର ॥୧୨॥
ବିଚାରି ଭେଦ କର୍ମ-ଗୁଣ ସମାଜେ ସୃଷ୍ଟି ଚାରି ବର୍ଣ୍ଣ ।
ବ୍ରାହ୍ମଣ କ୍ଷେତ୍ରୀ ଶୂଦ୍ରବୈଶ୍ୟେ ବୃତ୍ତି ଲଭନ୍ତି ଗୁଣ ବଶେ ॥
ପ୍ରାରବ୍ଧ ବଳେ କୁଳେ ଜାତ ତହୁଁ ସାଧନ କର୍ମ ରତ ।
ଏହାର ରଚୟିତା ମୁହିଁ ପ୍ରଭୁ ଅକର୍ତ୍ତା ରୂପେ ରହି ॥୧୩॥

କର୍ମ ଫଳେ ମୋ ସ୍ପୃହା ନାହିଁ  କର୍ମ ବନ୍ଧନେ ନ ପଡଇ ।
ଯେହୁ ବୁଝଇ ମୋରତତ୍ତ୍ୱ  କର୍ମ ବନ୍ଧନୁ ସେହୁ ମୁକ୍ତ ॥୧୪॥
ମୁମୁକ୍ଷୁ ମୋତେ ବୁଝିଥାନ୍ତି  କର୍ତ୍ତବ୍ୟ ନିଷ୍ଠା ହୋଇଥାନ୍ତି ।
ଜାଣି ତୁ' ସ୍ୱଧର୍ମ ବିଚାର  ପୂର୍ବଜ ଭଳି କର୍ମ କର ॥୧୫॥
କର୍ମ ଅକର୍ମ ନଜାଣନ୍ତି  ବିଦ୍ୱାନେ ଏଠି ଭ୍ରମି ଥାନ୍ତି ।
ମୋ'ଠାରୁ ଶୁଣି କର୍ମ ତତ୍ତ୍ୱ  ମାୟା ବନ୍ଧନୁ ହୁଅମୁକ୍ତ ॥୧୬॥
କର୍ମ ଅକର୍ମ ବିକର୍ମର  ଗତିକୁ ବୁଝିବା ଦୁଷ୍କର ।
ଫଳ ଆଶାରେ ଅନୁଷ୍ଠାନ  ସକାମ 'କର୍ମ' ତାହା ଜାଣ ॥
ନିଷ୍କାମ ଫଳେ ଅନାସକ୍ତ  'ଅକର୍ମ' ନାମେ ଅଭିହିତ ।
ଗ୍ରାହ୍ୟ ଅଗ୍ରାହ୍ୟ ବିଶେଷରେ  ସେହୁ'ବିକର୍ମ' ଜ୍ଞାନୀନରେ॥୧୭॥
ସର୍ବ କର୍ମର ତତ୍ତ୍ୱ ଜାଣ  ଆସକ୍ତି ପ୍ରଧାନ କାରଣ ।
ଫଳେଚ୍ଛା ବିନୁ ଚେଷ୍ଟା ରତ  କର୍ମେ ଅକର୍ମ ଅନୁଭୂତ ॥
କର୍ତ୍ତବ୍ୟ କର୍ମ ଫଳ ଶୂନ୍ୟେ  ଅକର୍ମେ ମଧ୍ୟେ କର୍ମ ମଣେ ।
ସେ ଅଟେ ସର୍ବ କାର୍ଯ୍ୟକାରୀ  ବୁଦ୍ଧିମାନ ସେ'ଯୋଗଧାରୀ॥୧୮॥
ସର୍ବ କର୍ମ ଯେ ଆରମ୍ଭଇ  କାମନା ସଙ୍କଳ୍ପ ତେଜଇ ।
ଜ୍ଞାନାଗ୍ନି ନାଶେ କର୍ମବୀଜ  ଜ୍ଞାନୀ କୁହନ୍ତି ବୁଦ୍ଧିମନ୍ତ ॥୧୯॥
କର୍ମଫଳେ ଯା' ଆଶ୍ରା ନାହିଁ  ସର୍ବଦା ତୃପ୍ତ ସେ ହୁଅଇ ।
ବିହିତ କର୍ମେ ଯୁକ୍ତ ରହି  କର୍ମ ଶୂନ୍ୟତା ଲଭିଥାଇ॥୨୦॥
ଦେହ ମନ ଯା' ବଶୀଭୂତ  ସଂଗ୍ରହ ବୁଦ୍ଧି ତା'ଆୟତ ।
ଦେହ ନିର୍ବାହେ କର୍ମ କରି  ହୁଅଇ ନାହିଁ ପାପଧାରୀ॥୨୧॥
ଦୈବୀ ଇଚ୍ଛାରେ ପ୍ରାପ୍ତଯାହା  ସଦା ସନ୍ତୁଷ୍ଟ ଲଭି ତାହା।
ଈର୍ଷା ଦ୍ୱନ୍ଦ୍ୱରୁ ରହିମୁକ୍ତ  ସିଦ୍ଧ ଅସିଦ୍ଧେ ସମ ଚିତ୍ତ ॥୨୨॥
ଆସକ୍ତ ମୁକ୍ତ ଯାର ଚିତ୍ତ  ଆତ୍ମ ସ୍ୱରୂପେ ବୁଦ୍ଧି ସ୍ଥିତ ।

ଯଜ୍ଞ ଉଦ୍ଦେଶ୍ୟେ ଅନୁଷ୍ଠାନ କର୍ମ ସମୂହ ଜ୍ଞାନେଲୀନ॥୨୩॥
ଘୃତାଦି ଦ୍ରବ୍ୟ ସ୍ରୁବ ସ୍ରୁଚ ଦୃଷ୍ଟି ମଣନ୍ତି ବ୍ରହ୍ମ ସମ ।
ବ୍ରହ୍ମ ସ୍ୱରୂପ ଯଯମାନ ଅଗ୍ନି ଆହୁତି ବ୍ରହ୍ମ ଜାଣ ॥
ଯଜ୍ଞାନୁଷ୍ଠାନେ ବ୍ରତୀ ରହି କର୍ମକୁ ଯେ ବ୍ରହ୍ମ ମଣଇ ।
ବ୍ରହ୍ମେ ଏକାଗ୍ର ଯାର ଚିତ୍ତ ଯଜ୍ଞର ଫଳ ବ୍ରହ୍ମପ୍ରାପ୍ତ ॥୨୪॥
.ଅନ୍ୟ ମୁମୁକ୍ଷୁ ଯୋଗୀଜନ ଯଜ୍ଞେ ଇଛନ୍ତି ଭଗବାନ ।
ବ୍ରହ୍ମ ଅର୍ପଣେ ରଖି଼ଧ୍ୟାନ କରନ୍ତି ଯଜ୍ଞ ଅନୁଷ୍ଠାନ ॥
ଅଗ୍ନିକୁ ମଣି ବ୍ରହ୍ମମୁଖ ଅର୍ପି ଜୀବାତ୍ମା ଦେହ ସୁଖ ।
ଦେହାଭିମାନ ଯଜ୍ଞାହୁତି ବ୍ରହ୍ମ ସାନିଧ୍ୟ ପରାଗତି ॥୨୫॥
ଯୋଗ ସାଧନେ ଚକ୍ଷୁକର୍ଣ୍ଣ ସଂଯମ ଅଗ୍ନିରେ ହବନ ।
ରୂପ ଶବ୍ଦ ଆଦି ବିଷୟ ଇନ୍ଦ୍ରିୟ ଅଗ୍ନିରେ ବିଲୟ ॥୨୬॥
ପ୍ରାଣ ଇନ୍ଦ୍ରିୟ କର୍ମମାନ ସଂକଳ୍ପ ବିକଳ୍ପ ଉତ୍ପନ୍ନ ।
ଆତ୍ମା ସଂଯମ ଯୋଗଅଗ୍ନି ଯେମନ୍ତ ଯଜ୍ଞ କୁଣ୍ଡେ ବହ୍ନି ॥
ଯୋଗୀ ସମାଧି଼ ଯୁକ୍ତହୋଇ କର୍ମକୁ ଆହୁତି ଦିଅଇ ।
ଜ୍ଞାନରୁ ଜ୍ୟୋତି ପ୍ରକାଶିତ ନାଶଇ ସବୁ କର୍ମ ବୀଜ ॥୨୭॥
ଗୋଧନ ଅନ୍ନବସ୍ତ୍ର ଦାନ ଏ ସବୁ ଦ୍ରବ୍ୟ ଯଜ୍ଞ ଜାଣ ।
ନରେ ଇଛନ୍ତି କାମଭୋଗ ଆଚରି ତପ ବ୍ରତ ଯାଗ ॥
ଚିତ୍ତ ନିବୃତ୍ତ ସାଧେ ରହି ସମାଧି଼ ଯଜ୍ଞେ ଅନ୍ୟ କେହି ।
ବେଦ ପୁରାଣ ପାରାୟଣ ଯଜ୍ଞ ମଣନ୍ତି ଜ୍ଞାନୀ ଜନ ॥୨୮॥
ପ୍ରାଣ ଅପାନ ଦେହେ ଗତି ଏକର ଅନ୍ୟରେ ଆହୁତି ।
ଶ୍ୱାସ ପ୍ରଶ୍ୱାସ ବାୟୁ ରୁଦ୍ଧ ପ୍ରାଣାୟାମରେ ଯୋଗସିଦ୍ଧ ॥୨୯॥
ମିତ ଆହାରୀ ଯୋଗୀଜନ ପ୍ରାଣରେ ଇନ୍ଦ୍ରିୟ ହବନ ।

ସମସ୍ତ ଯଜ୍ଞ ନିର୍ବାହକ ନିଷ୍ପାପ ହୁଅନ୍ତି ଯାଜ୍ଞିକ ।।୩୦
ନିଷ୍କାମ ଯଜ୍ଞରୁ ନିସୃତ କର୍ତ୍ତବ୍ୟ ନିଷ୍ଠାର ଅମୃତ
ଯଜ୍ଞାବଶେଷ ଜ୍ଞାନାମୃତ ଶୁଦ୍ଧ କରଇ ହୃଦ ଚିତ୍ତ ।
ଅମୃତ ପାନେ ଜ୍ଞାନୀଜନ ଲଭନ୍ତି ବ୍ରହ୍ମ ସନାତନ ।।
ସଂସାରେ ଯଜ୍ଞ ନାହିଁଯାର ସୁଖ ଆସିବ କାହୁଁ ତାର ।।୩୧।।
ଅନେକ ଯଜ୍ଞର ବିଧାନ ବେଦରେ ହୋଇଛିବର୍ଣ୍ଣନ ।
ଯଜ୍ଞ ସମସ୍ତ କର୍ମଜାତ ନିଷ୍କାମ ଫଳେ ପାପମୁକ୍ତ।।୩୨।।
ଶୁଣ ଅର୍ଜୁନ ଜ୍ଞାନଯଜ୍ଞ ଦ୍ରବ୍ୟଯଜ୍ଞଠୁ ଶ୍ରେଷ୍ଠ ସାଧ ।
ସମସ୍ତ କର୍ମ ଉପାଦାନ ହୁଅନ୍ତି ତତ୍ତ୍ୱଜ୍ଞାନେ ଲୀନ ।।୩୩।।
ତେଣୁ ଗୁରୁଙ୍କ ପାସେ ଯାଇ ସାଷ୍ଟାଙ୍ଗେ ଦଣ୍ଡବତ ହୋଇ ।
ପଦ ସେବିବ ଭକ୍ତି ଚିତ୍ତେ ବିଶ୍ୱାସ ଯିବ ଗୁରୁ ମନ୍ତ୍ରେ ।।
ସଂଶୟ ମୋଚନ ନିମିତ୍ତ ପ୍ରଶ୍ନ କରିବ ବ୍ରହ୍ମ ତତ୍ତ୍ୱ ।
ସରଳଗୁଣେ ହୋଇ ପ୍ରୀତ ଜ୍ଞାନ କହିବେ ତତ୍ତ୍ୱବିତ ।।୩୪।।
ଜ୍ଞାନ ପ୍ରାପତେ ହେ ଅର୍ଜୁନ ! ପୁଣି ନ ହୁଏ 'ମୋହ' ଜାଣ।
ପ୍ରାଣୀ ସ୍ଥାବର ଆତ୍ମେ ସ୍ଥିତ ବ୍ରହ୍ମାଣ୍ଡ ମୋରି ଠାରେ ଜ୍ଞାତ।।୩୫।।
ପ୍ରଥମେ ପାପେ ଲିପ୍ତହୋଇ ଅଜ୍ଞାନେ ତାହା ବୃଦ୍ଧିପାଇ ।
କାମ ବାସନା ଦେହେବ୍ୟାପୀ ପାପୀ ହୁଅଇ ମହାପାପୀ।।
ପ୍ରାରବ୍ଧ ପୁରୁଷାର୍ଥ ବଳେ ଗୁରୁଙ୍କଠାରୁ ଜ୍ଞାନ ମିଳେ ।
ଜ୍ଞାନ ନାବକୁ ଅଶ୍ରାକରି ପାପ ସମୁଦ୍ର ଯାଏତରି ।।୩୬।।
ଇନ୍ଧନ ରୂପେଦ୍ରବ୍ୟ ଆଦି ଅଗ୍ନି ଜ୍ୱଳନେ ଭସ୍ମ ଯାନ୍ତି ।
ସେମନ୍ତ ଜ୍ଞାନ ଅଗ୍ନିତେଜେ ବିନଷ୍ଟ ପାପପୂଣ୍ୟ ଯେତେ ।।୩୭।।
ନାହିଁ ସାଧନ ଜ୍ଞାନ ସମ ପବିତ୍ର କାରୀ ମର୍ତ୍ତ୍ୟଧାମ ।
ନିଜ ଚେଷ୍ଟାରେ ତତ୍ତ୍ୱଜ୍ଞାନ ଲଭଇ ହୃଦେ ସିଦ୍ଧଜନ ।।୩୮।।

ସଂଯମୀ  ନିଷ୍ଠା  ଶ୍ରଦ୍ଧାବାନ  ଜ୍ଞାନ ନିମିତ୍ତ ଯୋଗ୍ୟ ଜାଣ ।
ସାଧନେ ଆତ୍ମଜ୍ଞାନ ହୋଇ  ପରମ  ଶାନ୍ତିକୁ  ଲଭଇ  ॥୩୯॥
ସନ୍ଦେହ ମନା ଯେଉଁ ନର  ହୃଦୟେ ଶ୍ରଦ୍ଧା  ନାହିଁ ତାର  ।
ବିବେକ ହୀନ  ମୂର୍ଖପଣେ  ବିମୁଖ  ହୁଏ  ଆତ୍ମଜ୍ଞାନେ  ॥
ସନ୍ଦେହ ଘେରରେ ରୁହଇ  ଧର୍ମ ବିଶ୍ୱାସେ  ଚିତ୍ତ  ନାହିଁ ।
ସଂସାର ସୁଖ ନ  ଲଭଇ  ଉତ୍ତମ  ଯୋନି ପ୍ରାପ୍ତନାହିଁ॥୪୦॥
ଯୋଗ  ଛିନ୍ନଇ କର୍ମାସକ୍ତ  ଜ୍ଞାନେ  ସଂଶୟ ଦୂରୀଭୂତ ।
ହେ ଧନଞ୍ଜୟ ! କର୍ମ ରଜ୍ଜୁ  ବାନ୍ଧି ନ ପାରେ  ତତ୍ତ୍ୱବିଦୁ ॥୪୧॥
ଅଜ୍ଞାନୁ  ସମ୍ଭୂତ  ସଂଶୟ  ଚିତ୍ତେ  ଭରଇ  ପାପ ଭୟ।
ବିବେକ ଜ୍ଞାନ  ଅସ୍ତ୍ରଧର  ହୃଦୁ  ସଂଶୟ  ବଧକର ॥
ଫଳରେ  ହୋଇ ଅନାସକ୍ତ  ସମତା ଯୋଗେ ହୁଅ  ସ୍ଥିତ ।
ଅର୍ଜୁନ !  ନିଷ୍ଠାପର ହୋଇ  କର୍ତ୍ତବ୍ୟେ ଯୁଦ୍ଧ  କର ଯାଇ॥୪୨॥
ଧ୍ୟାୟୀ ସେ' ପ୍ରଭୁଙ୍କ  ଚରଣ  ଚତୁର୍ଥ  ଅଧ୍ୟାୟ  କଥନ
ଭଜି ପୟରେ  ଏ  ଅବଳା  ଭଣତି  କରେ  ଶକୁନ୍ତଳା ॥

ଏହି ପ୍ର  କାରେ ଓଁ, ତତ୍, ସତ୍ – ଏହି ଭଗବତ୍ ନାମ ଉଚ୍ଚାରଣ ପୂର୍ବକ ବ୍ରହ୍ମବିଦ୍ୟା ଓ ଯୋଗ ଶାସ୍ତ୍ରମୟ  ଶ୍ରୀମଭଗବଦ୍ ଗୀତା ଉପନିଷଦ ରୂପକ ଶ୍ରୀ କୃଷ୍ଣ ଅର୍ଜୁନ ସମ୍ବାଦରେ 'ଜ୍ଞାନକର୍ମ ସନ୍ନ୍ୟାସଯୋଗ' ନାମକ ଚତୁର୍ଥ ଅଧ୍ୟାୟ ପୂର୍ଣ୍ଣ ହେଲା ॥୪॥

ଓଁ  ଓଁ  ଓଁ  ଓଁ

ଓଁ

ଶ୍ରୀ ପରମାତ୍ମାନେ ନମଃ

ଶ୍ରୀମଦ୍ଭଗବଦ୍ ଗୀତା (ପଞ୍ଚମ ଅଧ୍ୟାୟ )

(କର୍ମ ସନ୍ନ୍ୟାସଯୋଗ)

ଅର୍ଜୁନ ଉବାଚ (ଅର୍ଜୁନ କହିଲେ)

ଅର୍ଜୁନ କହନ୍ତି ହେ କୃଷ୍ଣ ! କର୍ମଯୋଗକୁ କୁହ ଶ୍ରେଷ୍ଠ ।
ସନ୍ନ୍ୟାସ ଧର୍ମେ କର୍ମତ୍ୟାଗ ପୁଣି ପ୍ରସଂଶ ମହାଭାଗ ॥
ସାଧନ ମଧ୍ୟେ ଉଭୟର କେଉଁଟି ଅଟେ ହିତକର ।
କଲ୍ୟାଣକର ମୋର ଯାହା ନିଶ୍ଚିତ କରି କୁହ ତାହା ॥୧॥

ଶ୍ରୀ ଭଗବାନ ଉବାଚ (ଶ୍ରୀ ଭଗବାନ କହିଲେ )

କୁହନ୍ତି କୃଷ୍ଣ ଭଗବାନ ଅର୍ଜୁନ !ଶୁଣ ମୋ' ବଚନ ।
ସ୍ୱରୂପ ଦେହୁ କର୍ମତ୍ୟାଗ ସନ୍ନ୍ୟାସ ଅଟେ ସାଙ୍ଖ୍ୟଯୋଗ॥
ସମତା ସ୍ଥିତ ଫଳତ୍ୟାଗ ଶ୍ରେଷ୍ଠ ଅଟଇ କର୍ମଯୋଗ ।

ଯୋଗ ସାଧନ ନିଷ୍ଠାପର ଉଭୟ ଯୋଗ ଶ୍ରେୟସ୍କର ।।୨।।
ଆକାଙ୍କ୍ଷାଦ୍ୱେଷ ଯାରନାହିଁ ନିତ୍ୟ ସନ୍ୟାସୀ ସେ'ସଅଟଇ ।
ଦ୍ୱନ୍ଦ୍ୱ ନଥାଇ ସୁଖ ପ୍ରାପ୍ତ କର୍ମ ବନ୍ଧନୁ ଲଭେ ମୁକ୍ତ ।।୩।।
ସାଙ୍ଖ୍ୟ ଓ କର୍ମଯୋଗ ଫଳ ସମ କୁହନ୍ତି ବିଜ୍ଞ ନର ।
ଅଜ୍ଞାନୀ ତାହା ନ ଜାଣନ୍ତି ଉଭୟ ପୃଥକ ବୋଲାନ୍ତି ।।
ଯୋଗୀ ସନ୍ନ୍ୟାସୀ ଇଚ୍ଛିଥାନ୍ତି ବନ୍ଧନୁ ମୁକ୍ତ ମୋକ୍ଷପ୍ରାପ୍ତି ।
ସାଧନ ଯେବେ ନିଷ୍ଠାପର ଈଶ୍ୱର ପ୍ରାପ୍ତି ଉଭୟର ।।୪।।
କର୍ମ ଯୋଗର ଫଳଦାନ ସନ୍ନ୍ୟାସ ଧର୍ମୁ ନୁହେଁ ଭିନ୍ନ ।
ଯୋଗୀ ସନ୍ନ୍ୟାସୀ ବେନିଜନେ ଅନ୍ତେ ସେ' ଯାନ୍ତି ଏକସ୍ଥାନେ ।।
ସାଙ୍ଖ୍ୟ-ଯୋଗକୁ ସମମଣେ ଯଥାର୍ଥ ରୂପେ ସେହୁଜାଣେ ।
ଯୋଗ ସନ୍ନ୍ୟାସ ସମଫଳ ଜ୍ଞାନୀ ତ ଜାଣନ୍ତି କେବଳ ।।୫।।
ଯୋଗ ସିଦ୍ଧି ନ ଲଭିଣ ସନ୍ନ୍ୟାସ ଧର୍ମ କଷ୍ଟଜାଣ ।
ବିଷୟାସକ୍ତ ଦୁଃଖବହୁ ସାଧେ ଲଭଇ ମହାବାହୁ ।।
ପ୍ରଥମେ କର୍ମଯୋଗ ସିଦ୍ଧ ଅନ୍ତଃକରଣ ହୁଏଶୁଦ୍ଧ ।
ସଂସାର ତ୍ୟାଗେ ପୂର୍ଣ୍ଣକାମ ଶୀଘ୍ର ଲଭଇ ନିତ୍ୟବ୍ରହ୍ମ ।।୬।।
ଇନ୍ଦ୍ରିୟ ଯାର ବଶୀଭୂତ ମନ ବୁଦ୍ଧି ତା' ଶୁଦ୍ଧପୂତ ।
ଇନ୍ଦ୍ରିୟ ଜୟୀ ସେ'ଅଟଇ ନିଷ୍କାମଯୋଗୀ ତାକୁ କହି ।।
ସକଳ ପ୍ରାଣୀଙ୍କ ସ୍ୱରୂପ ମଣଇ ନିଜ ଆତ୍ମାରୂପ ।
ନିଷ୍କାମ କର୍ମେ ହୋଇଯୁକ୍ତ କର୍ମବନ୍ଧନୁ ସେହିମୁକ୍ତ ।।୭।।
କ୍ରିୟା ବେଳରେ ଚିନ୍ତିଥାଇ 'ମୁଁ' ନୁହେଁ ଇନ୍ଦ୍ରିୟ କରଇ ।
ସର୍ବତ୍ର ଛୁଇଁ ଦେଖି ଶୁଣି ତତ୍ତ୍ୱବିତ ଯେ' କହେବାଣୀ ।।
ଭୋଜନ ଶୟନ ସପନ ଗମନ ଗ୍ରହଣ ବର୍ଜନ ।
ଦିବ୍ୟ ଚେତନା ସଦା ରହି ଇନ୍ଦ୍ରିୟ କର୍ମେ ମୋହ ନୋହି।।୮।।

ନେତ୍ର ଚଳନ ଖୋଲିବୁଜି ଶ୍ୱାସ କ୍ରିୟାରେ ବାୟୁ ଗତି ।
ସର୍ବ ଇନ୍ଦ୍ରିୟ କ୍ରିୟାଶୀଳେ ବିଷୟେ ଲିପ୍ତ ଗୁଣବଳେ ॥
ଶରୀର ଚିତ୍ତ ବଶେ ଥାଇ ଦେହାଭିମାନ ଯାଉନାହିଁ ।
ସମସ୍ତ କର୍ମେ ଯୁକ୍ତ ରହି ଆତ୍ମାକୁ ଅକର୍ତ୍ତା ମାନଇ ॥୯॥
ଈଶ୍ୱରେ ସମର୍ପି ସର୍ବକର୍ମ ଭକ୍ତିରେ ପାଳେ ନିଜଧର୍ମ ।
ପାପେ ନିର୍ଲିପ୍ତ କର୍ମକ୍ଷେତ୍ରେ ଜଳ ଯେସନେ ପଦ୍ମପତ୍ରେ ॥୧୦॥
ଛାଡି ଆସକ୍ତି କର୍ମଯୋଗୀ ଇନ୍ଦ୍ରିୟ ଦେହୁ ମୋହତ୍ୟାଗୀ।
ଅନ୍ତଃକରଣ ଶୁଦ୍ଧି ପାଇଁ ବିହିତ କର୍ମ ସେ' କରଇ॥୧୧॥
ସମ ବୁଦ୍ଧିରେ ହୋଇ ସ୍ଥିତ କର୍ମଯୋଗୀର ଶୁଦ୍ଧ ଚିତ୍ତ ।
କର୍ମଫଳକୁ କରିତ୍ୟାଗ ଲଭେ ଏକାନ୍ତ ଶାନ୍ତି ମାର୍ଗ ॥
ସକାମ କର୍ମ ଶ୍ରେୟମଣି ଭୋଗବୁଦ୍ଧିରେ କର୍ମମାନି ।
ଫଳ ଆଶାରେ ସଦା ଚିତ୍ତ ବନ୍ଧନେ ପଡେ କାମାସକ୍ତ ॥୧୨॥
ମନ ଇନ୍ଦ୍ରିୟ ବଶୀଭୂତ ବିବେକଜ୍ଞାନେ ଅନାସକ୍ତ ।
ଈଶ୍ୱରେ କର୍ମସମର୍ପିତ କର୍ମଫଳେ ଯେ' ଅନାଶ୍ରିତ ॥
ଶରୀର ଯୁକ୍ତ ନବଦ୍ୱାର ଆତ୍ମା ନିବାସ ଏହିପୁର ।
କର୍ତ୍ତା କାରଣ ନୁହେଁଦେହୀ ସ୍ୱରୂପେ ସୁଖେ ସ୍ଥିତ ରହି ॥୧୩॥
'ମୁଁ'କାର ଦେହ ଅଭିମାନେ ଜୀବାତ୍ମା କର୍ତ୍ତା ନିଜେମଣେ ।
କର୍ମ ସହିତ କର୍ମଫଳ ଭୋଗ କରନ୍ତି ମର୍ତ୍ତ୍ୟେନର ॥
କର୍ମଫଳ କି କର୍ତ୍ତାପଣ ରଚି ନାହାନ୍ତି ପ୍ରଭୁ ଜାଣ।
ପ୍ରକୃତି ସ୍ୱଭାବ କାରଣେ କର୍ମେ ପ୍ରବୃତ୍ତ ନରଗଣେ॥୧୪॥
ଶୁଭ ଅଶୁଭ କର୍ମ ଯେତେ ଭେଦ ନୁହଇ ପ୍ରଭୁମତେ ।
ଜୀବର ପାପ ପୂଣ୍ୟମାନ ନିଅନ୍ତି ନାହିଁ ଭଗବାନ ॥
ବିବେକ ଅଜ୍ଞାନେ ଆବୃତ ଜୀବ ସଂସାରେ ମୋହଗ୍ରସ୍ତ ।

ଗୁଣ ବିକାରେ ବଶ ହୋଇ          ସୁକୃତ ଦୁଷ୍କୃତ ମଣଇ ॥୧୫॥
ଆତ୍ମଜ୍ଞାନରେ ଯେଉଁ ନର          ନାଶି ଅଜ୍ଞାନ ଅନ୍ଧକାର ।
ସୂର୍ଯ୍ୟଙ୍କ ସମ ଦିପ୍ତିମନ୍ତ          ପ୍ରକାଶ ହୁଏ ତାର ତତ୍ତ୍ୱ ॥୧୬॥
ଯାହାର ନିଷ୍ଠା ବୁଦ୍ଧି ମନ          ପରମ ତତ୍ତ୍ୱେ ପରାୟଣ ।
ଜ୍ଞାନ ଲଭିଣ ପାପ ମୁକ୍ତ          ପରମଗତି ହୁଏ ପ୍ରାପ୍ତ ॥୧୭॥
ବିନୟ ସମ୍ପନ୍ନ ବ୍ରାହ୍ମଣ          ଚଣ୍ଡାଳ ଗାଈ ହସ୍ତୀ ଶ୍ୱାନ ।
ନ ଥାଏ ସେଥିଭେଦ ଭାବ          ଜ୍ଞାନୀ ଦେଖଇ ସମ ରୂପ ॥୧୮॥
ଅନ୍ତଃକରଣ ଯା'ର ଶୁଦ୍ଧ          ସର୍ବଦା ସମଭାବେ ସ୍ଥିତ ।
ଜୀବିତ କାଳେ ମୁକ୍ତ ରହି          ସାରା ସଂସାର ଜିତିଥାଇ ॥
ବ୍ରହ୍ମର ଲକ୍ଷଣ' ନିର୍ଦ୍ଦୋଷ          ସର୍ବତ୍ର ଏକ ରୂପ-ରସ ।
ସମତାରେ ଯେ' ଅବସ୍ଥିତ          ସଂସାର ବନ୍ଧନୁ ସେ' ମୁକ୍ତ ॥୧୯॥
ପ୍ରିୟ ପଦାର୍ଥ ପ୍ରାପ୍ତ ହୋଇ          ହର୍ଷିତ ଯେହୁ ନ ହୁଅଇ ।
ଅପ୍ରିୟ ବିଷୟ ଲଭିଣ          ଉଦ୍ବିଗ୍ନ ନାହିଁ ତାର ମନ ॥
ମୂଢ ରହିତ ଜ୍ଞାନୀଜନ          ସ୍ଥିର ବୁଦ୍ଧିରେ ଯୁକ୍ତ ଜାଣ ।
ବ୍ରହ୍ମରେ ସଦା ସ୍ଥିତ ରହି          ବ୍ରହ୍ମଙ୍କ ପଦକୁ ଲଭଇ॥୨୦॥
ଯେ ଆତ୍ମାସୁଖରେ ଆସକ୍ତ          ବାହ୍ୟ ସୁଖରେ ଅନାସକ୍ତ
ଅଭିନ୍ନ ବ୍ରହ୍ମ ଯୋଗେସ୍ଥିତ          ଅକ୍ଷୟ ସୁଖ ସେହୁ ପ୍ରାପ୍ତ ॥୨୧॥
ଶୁଣ କୌନ୍ତେୟ ମୋର ମତ          ବିଷୟ ଭୋଗର ବୃତାନ୍ତ ।
ଇନ୍ଦ୍ରିୟ ବିଷୟ ସଂଯୋଗ          ନର ଲଭଇ ଦେହ ଭୋଗ ॥
ଭୋଗ ଯେ ଆଦି ଅନ୍ତ ଯୁକ୍ତ          କାଳ ଅନ୍ତରେ ତାହା ଦୁଃଖ ।
ଏମନ୍ତ ମଣି ବୁଦ୍ଧି ଜନେ          ରମଣ ନ କରନ୍ତି ମନେ ॥୨୨॥
ମରଣ ପୂର୍ବୁ ଯୋଗସାଧି          ସମ୍ଭାଳେ କାମ କ୍ରୋଧ ବ୍ୟାଧି ।
ଚିତ୍ତେ କାମନା ନାହିଁଯାର          ସଂସାରେ ସୁଖୀ ସେହି ନର ॥୨୩॥

ପରମାତ୍ମାରେ ରହି ଯୁକ୍ତ ଲଭଇ ହୃଦେ ଦିବ୍ୟ ସୁଖ ।
ରମଣ କରେ ନାମ ଭଜି ଅନ୍ତେ ପ୍ରକାଶ ବ୍ରହ୍ମଜ୍ୟୋତି ॥
ଜ୍ଞାନ ସ୍ୱରୂପେ ରହି ସ୍ଥିତ ଅନ୍ତଃକରଣ ଆଲୋକିତ ।
ବ୍ରହ୍ମଭାବେ ଯେ' ସଦା ସ୍ଥିତ ବ୍ରହ୍ମନିର୍ବାଣ ସେହୁ ପ୍ରାପ୍ତ ॥୨୪॥
ମନ ଇନ୍ଦ୍ରିୟ ବଶୀଭୂତ ପ୍ରାଣୀଙ୍କ ହିତେ ଯେହୁ ରତ ।
ଅନ୍ତଃକରଣ ଶୁଦ୍ଧ ହୋଇ ସମସ୍ତ ପାପ ନାଶ ଯାଇ ॥
ବିବେକଶୀଳ ଆତ୍ମଜ୍ଞାନେ ସଂଶୟ ଶୂନ୍ୟ ସମାଧାନେ ।
ସେହି ବିବେକୀ ସାଧୁଜନେ ମୁକ୍ତି ଲଭନ୍ତି ବ୍ରହ୍ମଜ୍ଞାନେ ॥୨୫॥
କାମ କ୍ରୋଧରୁ ଯେହୁ ମୁକ୍ତ ଆତ୍ମା ତତ୍ତ୍ୱରେ ସେହୁ ଯୁକ୍ତ ।
ସଂଯତ ଚିତ୍ତ ଯତିଗଣ ବ୍ରହ୍ମ ନିର୍ବାଣେ ପରିପୂର୍ଣ୍ଣ ॥
ଜୀବନ୍ତକାଳେ ବ୍ରହ୍ମେ ସ୍ଥିତ ଜୀବନ ମୁକ୍ତ ଅଭିହିତ
ଲଭିଣ ତତ୍ତ୍ୱ ବ୍ରହ୍ମଜ୍ଞାନ ଦେହ ତ୍ୟାଗରେ ବ୍ରହ୍ମେଲୀନ॥୨୬॥
ବାହ୍ୟ ଚିନ୍ତନ ମନୁ ତେଜି ଭ୍ରୂଲତା ମଧ୍ୟେ ଦୃଷ୍ଟି ରଖି।
ଶ୍ୱାସ ପ୍ରଶ୍ୱାସ ସମ ଗତି ନାସା ରନ୍ଧ୍ରରେ ବିଚରନ୍ତି ॥୨୭॥
ଇନ୍ଦ୍ରିୟ କରି ବଶିଭୂତ ମୋକ୍ଷ ଲକ୍ଷ୍ୟରେ ରଖି ଚିତ୍ତ ।
ଇଚ୍ଛା ଭୟକୁ ହୃଦୁ ତେଜି ସର୍ବଦା ମୁକ୍ତ ସେ' ବୋଲାନ୍ତି॥୨୮॥
ଯଜ୍ଞ ତପରେ ଅଧିଷ୍ଠାନ ଭୋକ୍ତା ରୂପରେ ମୋତେ ଜାଣ ।
ସର୍ବ ଲୋକର ମହେଶ୍ୱର ପ୍ରାଣୀଙ୍କ ହୃଦେ ବାସମୋର ॥
ପରମ ଉପକାରୀ ମୁହିଁ ମୋ ବିନୁ ଅନ୍ୟ ଗତି ନାହିଁ ।
ଏମନ୍ତ ରୂପେ ମୋତେ ଜାଣି ଶାନ୍ତି ଇଛନ୍ତି ତତ୍ତ୍ୱଜ୍ଞାନୀ ॥୨୯॥
ଧ୍ୟାୟୀ ସେ' ପ୍ରଭୁଙ୍କ ଚରଣ ପଞ୍ଚମ ଅଧ୍ୟାୟ କଥନ
ଭଜି ପୟରେ ଏ ଅବଳା ଭଣତି କରେ ଶକୁନ୍ତଳା ॥

ଏହି ପ୍ରକାରେ ଓଁ, ତତ୍, ସତ୍ – ଏହି ଭଗବଦ୍ ନାମ ଉଚ୍ଚାରଣ ପୂର୍ବକ ବ୍ରହ୍ମବିଦ୍ୟା ଓ ଯୋଗ ଶାସ୍ତ୍ରମୟ ଶ୍ରୀମଭଗବତ ଗୀତା ଉପନିଷଦ ରୂପକ ଶ୍ରୀ କୃଷ୍ଣ ଅର୍ଜୁନ ସମ୍ବାଦରେ 'କର୍ମ ସନ୍ୟାସ ଯୋଗ' ନାମକ ପଞ୍ଚମ ଅଧ୍ୟାୟ ପୂର୍ଣ୍ଣ ହେଲା ।।୫।।

ଓଁ ଓଁ ଓଁ ଓଁ ଓଁ

ଓଁ

ଶ୍ରୀ ପରମ୍ତାନେ ନମଃ

ଶ୍ରୀମଭଗବଦ୍ ଗୀତା (ଷଷ୍ଠ ଅଧ୍ୟାୟ )

(ଆତ୍ମ ସଂଯମ ଯୋଗ)

ଭଗବାନ ଉବାଚ (ଭଗବାନ କହିଲେ )

ଆଶ୍ରା ନ କରି କର୍ମଫଳେ କର୍ତ୍ତବ୍ୟ କର୍ମ ଯେହୁ କରେ ।
କ୍ରିୟା କି, ଅଗ୍ନି ନ ଛାଡଇ ପ୍ରକୃତ ଯୋଗୀ ସେ ଅଟଇ ।।
ବିହିତ କର୍ମରେ ବିଶ୍ୱାସ ଅଗ୍ନି ସମ୍ବନ୍ଧେ ନାହିଁ ଦୋଷ ।
ଅର୍ଜୁନ ତୁମ୍ଭେ ଏହା ଜାଣ ଯୋଗୀ ସନ୍ୟାସୀ ସେହୁ ଜନ ।।୧।।
ସନ୍ୟାସ ନାମେ ଅଭିହିତ ତାହା ଯେ 'ଯୋଗ' ମୋର ମତ ।
କାମନା ଯାର ତ୍ୟାଗ ନୋହି କେବେ ସେ ଯୋଗୀ ନ ହୁଅଇ ।।୨।।
ମୁନି ସାଧନ୍ତି ଜ୍ଞାନଯୋଗ ନଥାଏ କର୍ମରେ ଆବେଗ ।

ଲଭିବା ପାଇଁ ତତ୍ତ୍ୱଜ୍ଞାନ ନିଷ୍କାମ୍ୟ କର୍ମ ଯେ କାରଣ ॥
ଜ୍ଞାନଯୋଗେ ଯେ ପ୍ରତିଷ୍ଠିତ ଯୋଗାରୁଢରେ ସେହୁ ସ୍ଥିତ
ପରମ ଶାନ୍ତିକୁ ଲଭିଣ ନିର୍ବାଣ ବ୍ରହ୍ମେ ହୁଏ ଲୀନ॥୩॥
ସଂକଳ୍ପ ମନୁ କରି ତ୍ୟାଗ ବିଷ ମଣଇ ଦେହ ଭୋଗ ।
ନିଷ୍କାମ କର୍ମେ ଚିତ୍ତ ଦୃଢ ତେବେ ବୋଲାନ୍ତି ଯୋଗାରୂଢ॥୪॥
ବଦ୍ଧ ଆତ୍ମାକୁ ଉଦ୍ଧାରଇ ନିଜ ପତନ ନ ଚିନ୍ତଇ ।
ନିଜକୁ ନିଜ ଗୁରୁ ମଣି ଭବ ସାଗରୁ ହୁଏ ପାରି ॥
ଆତ୍ମାର ମନ ହୋଇ ମିତ୍ର କଲ୍ୟାଣ କରଇ ସର୍ବତ୍ର ।
ଶତ୍ରୁ ରୂପରେ ହୋଇ ଯୁକ୍ତ ମନ କରଇ ଆତ୍ମା ଘାତ ॥୫॥
ଜୟ କରଇ ମନ ଯେହୁ ଆତ୍ମାର ମିତ୍ର ହୁଏ ସେହୁ ।
ବିଷୟାସକ୍ତ ' କାମୀ'ନର ନିଜେ ହିଁ ଶତୃ ଆପଣାର ॥
ଶୁଦ୍ଧ ମନ ଯେ ଗୁରୁ ସମ ଆତ୍ମା ଲଭଇ ମୁକ୍ତି 'କାମ' ।
ଭୋଗ ବାସନା ବୁଦ୍ଧି ମନ ଶତ୍ରୁ ରୂପରେ ଲଭେ ସ୍ଥାନ ॥୬॥
ମନ ଜୟୀ ଯେ' ଶାନ୍ତ ଚିତ୍ତ ପରମାତ୍ମାଙ୍କୁ ନିତ୍ୟପ୍ରାପ୍ତ ।
ସୁଖ ଦୁଃଖରେ ନାହିଁ ଧ୍ୟାନ ସହ ମାନ ଅପମାନ ॥
ନିଶ୍ଚଳ ରହି ତାରି ମନ ପରମାତ୍ମାଙ୍କୁ କରି ଧ୍ୟାନ ।
ହୃଦୟେ ବ୍ୟଥା ନ ଘେନଇ ବିଧିର ବିଧାନ ମାନଇ ॥୭॥
ଇନ୍ଦ୍ରିୟ ଯେବେ ବଶୀଭୂତ ସର୍ବଦା ତା'ର ଶାନ୍ତ ଚିତ୍ତ ।
ଶାସ୍ତ୍ର ଜ୍ଞାନର ଅନୁଭୂତ ବିଜ୍ଞାନ ରୂପେ ଆତ୍ମାତୃପ୍ତ ॥
କୂଟସ୍ଥ ରୂପେ ଅନ୍ତଃଶୁଦ୍ଧ ମାଟି ସୁବର୍ଣ୍ଣେ ନାହିଁ ଭେଦ ।
ବିକାର ଶୂନ୍ୟେ ଚିତ୍ତ ଦୃଢ ଯୋଗୀ ବୋଲାନ୍ତି ଯୋଗାରୂଢ ॥୮॥
କର୍ମ ଯୋଗେ ଯେ'ପ୍ରାପ୍ତ ସିଦ୍ଧି ଶ୍ରେଷ୍ଠ ଅଟଇ ତା'ରି ବୁଦ୍ଧି ।
ଶତ୍ରୁ ଓ ମିତ୍ର ଶୁଭଂକର ନଥାଏ ଭେଦର ବିଚାର ॥

ସାଧୁ ପାପୀଙ୍କ ସମାବେଶେ ମନ ରୁହଇ ଆତ୍ମବଶେ ।
ପ୍ରିୟ ଅପ୍ରିୟ ସମ୍ପର୍କୀୟ ସକଳ ଜନେ ସମ ଲୟ ॥୯॥
ଇନ୍ଦ୍ରିୟ ସର୍ବ ବଶୀଭୂତ ଭୋଗ ସଂଗ୍ରହେ ନାହିଁଚିତ୍ତ ।
ଅନ୍ତଃକରଣ ଅନାସକ୍ତ ଯୋଗୀ ହୁଅଇ ଆତ୍ମାବନ୍ତ ॥
ଏକାକୀ ସ୍ଥାନେ କରେ ବାସ ଇଷ୍ଟଙ୍କୁ ରଖି ନିଜ ପାଶ ।
ସାଧନା କରେ ଏକାନ୍ତରେ ଚିନ୍ତି ଇଷ୍ଟଙ୍କୁ ନିରନ୍ତରେ ॥ ୧୦॥
ଅତି ଉଚ୍ଚ ବା ନିଚ୍ଚ ସ୍ଥାନ ଧ୍ୟାନର ନୁହଇ ବିଧାନ ।
ବିଛାଇ କୁଶକୁ ଭୂମିର ମୃଗ ଚର୍ମକୁ ତା'ଉପର ॥
କୋମଳ ବସ୍ତ୍ର ବିସ୍ତାରିବ ଯୋଗର ଆସନ ରଚିବ ।
ଯେବେ ନଥିବ ଶବ୍ଦ ଗନ୍ଧ ପବିତ୍ର ସ୍ଥାନେ ମନ ଶୁଦ୍ଧ ॥୧୧॥
ଆସନେ ହୋଇ ଉପବିଷ୍ଟ ଏକାଗ୍ର ମନେ ଧ୍ୟାୟୀ ଇଷ୍ଟ ।
ଚିତ୍ତ ଇନ୍ଦ୍ରିୟ ଯେ' ଆୟତ ଆତ୍ମା ବିଶୁଦ୍ଧେ ଧ୍ୟାନରତ ॥
ଏମନ୍ତେ କରି ଯୋଗାଭ୍ୟାସ ଜାଗ୍ରତ ଜ୍ୟୋତି ଚିଦାଭାସ ।
ନିରୁଦ୍ଧ ଚିତ୍ତ ଇଷ୍ଟେ ଲୟ ଜଗତ ଦିଶେ ବ୍ରହ୍ମମୟ ॥ ୧୨॥
ମେରୁଦଣ୍ଡ ଓ ଗ୍ରୀବା ଶିର ସଳଖ ରୂପେ ରଖି ସ୍ଥିର ।
ଅନ୍ୟତ୍ର ନେତ୍ରକୁ ଫେରାଇ ନାସାଗ୍ରେ ନିଜ ଦୃଷ୍ଟିଦେଇ ॥
ଆରୁଢ ହେବ ଯୋଗାସନ ଇଷ୍ଟ ଜପିବ ଦେଇ ମନ ।
ଏମନ୍ତ ଧ୍ୟାନର ବିଧାନ ଯୋଗ ସାଧିବ ପ୍ରତିଦିନ ॥ ୧୩॥
ମନ ପ୍ରଶାନ୍ତ ଆତ୍ମଭରେ ଚିତ୍ତ ବିନିଷ୍ଟ ମୋ'ରିଠାରେ ।
ଅନ୍ତଃକରଣ ଦ୍ୱନ୍ଦ୍ୱ ମୁକ୍ତ ନିର୍ଭୀକ ସତ୍ତ୍ୱ ଯୋଗଯୁକ୍ତ ॥
ଆଚରୀ ବ୍ରତ ବ୍ରହ୍ମଚର୍ଯ୍ୟ ଶାସ୍ତ୍ର ବିଧିରେ କରେ କାର୍ଯ୍ୟ ।
ନୁହଇ ଯେହୁ ଅହଙ୍କାରୀ ଯୋଗର ସେହୁ ଅଧିକାରୀ ॥ ୧୪॥
ସଂଯତ ମନା ଯୋଗୀ ଜନ ଇଷ୍ଟ ସ୍ୱରୂପେ ନିତ୍ୟ ଧ୍ୟାନ ।

ପରମାତ୍ମାରେ   ସମାହିତ   ନିର୍ବାଣ ଶାନ୍ତି କରେପ୍ରାପ୍ତ  ॥୧୫॥
ଅର୍ଜୁନ ଶୁଣ ଯୋଗ ବିଧି   ଅତି  ଭୋଜନେ ନାହିଁ ସିଦ୍ଧି  ।
ଅତି ନିଦ୍ରା ବା ଜାଗରଣ   ଅନାହାର ଯେ' ଯୋଗ ବିଘ୍ନ  ॥୧୬॥
ନିୟମେ ଆହାର ବିହାର   ଯଥା   ଉଚିତ   ନିଦ୍ରାକାଳ  ।
କର୍ମ ପ୍ରଚେଷ୍ଟା ସର୍ବୋପରେ   ଏମନ୍ତ ଯୋଗ ଦୁଃଖ ହାରେ ॥୧୭॥
ଶୁଦ୍ଧ ଚିତ୍ତ ଯେ' ବଶୀକୃତ   ନିଜ   ସ୍ୱରୂପେ   ଦୃଢ଼ ସ୍ଥିତ  ।
ଭୋଗ ବିଷୟେ ନାହିଁ ସ୍ପୃହା   ଜାଣିବ 'ଯୋଗୀ' ନାମେ ତାହା ॥୧୮॥
ବାୟୁ  ବିହୁନେ  ଦୀପଶିଖା   ଯେମନ୍ତେ ସ୍ଥିର ଯାଏ ଦେଖା ।
ସେମନ୍ତେ  ଯୋଗୀ ଦୃଢ଼ଚିତ୍ତ   ଯୋଗରେ   ହୁଏ ସମାହିତ  ॥୧୯॥
ବାହ୍ୟ  ବିଷୟୁ  ପ୍ରତ୍ୟାହୃତ   ଏକାଗ୍ର   ମନେ   ଧ୍ୟାନରତ  ।
ବୃତ୍ତି ନ ରୁହେ ଅନ୍ତଃଦେଶେ   ଚିତ୍ତ ନିରୁଦ୍ଧ ଯୋଗାଭ୍ୟାସେ  ॥
ଆତ୍ମା  ଯେ' ଅଟେ  ଶୁଦ୍ଧମନ   ତହିଁ ପ୍ରକାଶ  ଆତ୍ମ   ଜ୍ଞାନ  ।
ଚୈତନ୍ୟ   ସ୍ୱରୂପ ଚିହ୍ନଇ   ଆତ୍ମାରେ ସନ୍ତୋଷ   ଲଭଇ ॥୨୦॥
ଶୁଦ୍ଧ ମନରେ ଇଷ୍ଟ ଧ୍ୟେୟ   ଅତ୍ୟନ୍ତ  ସୁଖ  ବୁଦ୍ଧି   ଗ୍ରାହ୍ୟ ।
ତତ୍ତ୍ୱ ଦର୍ଶୀ ଯେ' ଆତ୍ମବନ୍ତ   ଦିବ୍ୟ   ଆନନ୍ଦ ହୁଏ ପ୍ରାପ୍ତ   ॥
ଇଷ୍ଟ ସ୍ମରଣେ  ଧ୍ୟାନ  ମଗ୍ନ   ଅବିଚଳିତ   ବୁଦ୍ଧି ମନ   ।
ଆତ୍ମା ସ୍ୱରୂପେ ନିତ୍ୟସ୍ଥିତ   ସେହି ଯେ' ଯୋଗୀ ଏହିମତ ॥୨୧॥
ନିତ୍ୟ ସ୍ମରଣେ  ଆଦିକନ୍ଦ   ଯୋଗୀ  ଲଭଇ  ସଦାନନ୍ଦ  ।
ମର୍ତ୍ତ୍ୟ ଲୋକରୁ ଇନ୍ଦ୍ରଲୋକ   ମିଳଇ  ନାହିଁ   ସେହି ସୁଖ ॥
ଯେବେ ମିଳଇ ଦିବ୍ୟସୁଖ   ଇଚ୍ଛଇ ନାହିଁ ସ୍ୱର୍ଗ   ଲୋକ ।
ବ୍ରହ୍ମ ସ୍ୱରୂପେ   ପ୍ରତିଷ୍ଠିତ   ନୁହଇ ଦୁଃଖେ   ବିଚଳିତ  ॥୨୨॥
ସଂଯୁକ୍ତ ଦୁଃଖର ବିୟୋଗ   ତାହାକୁ   କହିବାଟି ଯୋଗ।
ଦୃଢ଼ନିଶ୍ଚୟ  ଧୈର୍ଯ୍ୟ ଚିତ୍ତ   ଯୋଗାଭ୍ୟାସର ମୂଳବ୍ରତ॥୨୩॥

ସଙ୍କଳ୍ପ ଜନିତ କାମନା ତେଜିଣ ହୋଇ ଧ୍ୟାନମନା ।
ବିଷୟୁ ନିବୃତ୍ତ ଇନ୍ଦ୍ରିୟ ବିଭୁ ପାଦରେ ରଖି ଲୟ ॥୨୪॥
ସଂସାର ସମ୍ବନ୍ଧ ତେଜିଣ ପ୍ରଭୁଙ୍କ ଯାଏ ସେ' ଶରଣ ।
ଧୈର୍ଯ୍ୟ ଧାରଣ ସ୍ଥିର ବୁଦ୍ଧି ଧୀରେ ଲଭଇ ଯୋଗ ସିଦ୍ଧି ॥
ଆତ୍ମା ଧ୍ୟାନରେ ରଖିଚିତ୍ତ ଆତ୍ମା ସାକ୍ଷାତେ ବ୍ରହ୍ମଭୂତ ।
ପରମାନନ୍ଦେ ଶାନ୍ତି ପାଇ ମନେ କିଞ୍ଚିତ ନ-ଚିନ୍ତଇ ॥୨୫॥
ବିଷୟଭୋଗ ଯେଉଁଦିଗେ ମନ ଚଳଇ ଅତିବେଗେ ।
ନିବୃତ୍ତ ହୋଇ ସେହିସ୍ଥାନୁ ତୃଷ୍ଣାଆସକ୍ତି ତେଜି ମନୁ ॥
ମନ ନିବେଶୀ ହୃଦୟରେ ଭଜିବ ବିଭୁ ନିରନ୍ତରେ ।
ମନ ଯାହାର ଅଟେସ୍ଥିର ଯୋଗ ସାଧନ ଶ୍ରେୟତା'ର॥୨୬॥
ପ୍ରଶାନ୍ତ ଚିତ୍ତ ଆତ୍ମାରତ ରଜୋବୃତ୍ତି ଯେ' ହୁଏ ଶାନ୍ତ ।
ନିଷ୍ପାପ ମୁନି ବ୍ରହ୍ମନିଷ୍ଠ ଯୋଗୀ ପୁରୁଷ ସର୍ବଶ୍ରେଷ୍ଠ ॥
ଅନ୍ତଃକରଣ ପାପମୁକ୍ତ ସମାଧି ସୁଖ ସ୍ୱୟଂ ପ୍ରାପ୍ତ ।
ବ୍ରହ୍ମାନନ୍ଦର ଅନୁଭବୀ ଜୀବନ ମୁକ୍ତ ସର୍ବ ସେବି ॥୨୭॥
ଏମନ୍ତ ଯୋଗେ ହୋଇଯୁକ୍ତ ଯୋଗୀ ହୁଅଇ ଶୁଦ୍ଧ ପୂତ ।
ଅତ୍ୟନ୍ତ ସୁଖ ଆତ୍ମା ଚିନ୍ତା ସହଜେ ହୁଏ ବ୍ରହ୍ମବେତ୍ତା ॥
ସମସ୍ତ ପାପ ହୁଏ ନାଶ ଇଚ୍ଛଇ ମନେ ହରି ପାସ ।
ସର୍ବଦା ଜପି ହରି ନାମ ଲଭଇ ସେହୁ ନିତ୍ୟଧାମ॥ ୨୮ ॥
ନିଜ ଆତ୍ମାକୁ ଆତ୍ମବାନ ସର୍ବତ୍ର ଦେଖେ ବିଦ୍ୟମାନ ।
ସକଳ ଜୀବ ମୂର୍ତ୍ତିମନ୍ତ ନିଜ ସ୍ୱରୂପେ ଦେଖେ ସ୍ଥିତ ॥
ଧ୍ୟାନ ଯୋଗେ ଯେ'ନିମଜ୍ଜିତ ଲଭଇ ଜ୍ଞାନ ଆତ୍ମବନ୍ତ ।
ଦିଶଇ ସମ ଏ' ଜଗତ ସର୍ବ ବ୍ୟାପକ ଆତ୍ମଭୂତ ॥୨୯॥
ସକଳଜୀବେ ଦେଖେ ମୋତେ ସର୍ବଦା ମୋର ନାମ ଚିନ୍ତେ ।

ବିଶ୍ୱ ବ୍ରହ୍ମାଣ୍ଡ ମୋର ଦେହେ ବ୍ରହ୍ମ ରୂପରେ ଦୃଶ୍ୟ ହୁଏ ॥
ଏମନ୍ତ ଯେଉଁ ଜ୍ଞାନୀ ଭକ୍ତ ତାହା ନିମିତ୍ତ ସଦା ପ୍ରାପ୍ତ ।
ଅଜଣା ନୁହେଁ 'ମୁଁ' ତାହାର ସେ ନୁହେଁ ଅଦୃଶ୍ୟ ମୋହର ॥୩୦॥
ଆତ୍ମା ପରମାତ୍ମା ଅଭିନ୍ନ ଉତ୍ତମ ଜାଣେ ଯୋଗୀଜନ ।
ଜୀବାତ୍ମା ରୂପେ ଅନ୍ତେରହି ଅଭେଦ ତତ୍ତ୍ୱେ 'ମୁଁ' ଦିଶଇ ॥
ଯେଉଁ ଗହଣେ ଯୋଗୀ ରହି ମୋ' ଛଡା କିଛି ନ ଦେଖଇ ।
ସବୁକାଳରେ ମୋ'ଠି ସ୍ଥିତ ଏମନ୍ତେ ଯୋଗୀ ଧ୍ୟାନରତ ॥୩୧॥
ପରମ ଯୋଗୀର ଲକ୍ଷଣ କହୁଛି ଶୁଣ ହେ ଅର୍ଜୁନ ।
ନିଜ ଶରୀର ସମ ତୁଲ୍ୟ ଚିନ୍ତଇ ସଂସାର କୈବଲ୍ୟ ॥
ସକଳ ପ୍ରାଣୀଙ୍କ ଆତୁର ମଣଇ ତାହାକୁ ନିଜର ।
ସମ ବୁଦ୍ଧିରେ ସ୍ଥିତ ରହି ସଂସାର ମଙ୍ଗଳ ଇଚ୍ଛଇ ॥୩୨॥

ଅର୍ଜୁନ ଉବାଚ (ଅର୍ଜୁନ କହିଲେ )

ତେଜିସଂସାର ସୁଖ ଭୋଗ ସମତା ରୂପେ ଏହି ଯୋଗ ।
ବତାଇ କୁହନ୍ତି ଆପଣ ଦୁଃସାଧ୍ୟ ଏହାର ସାଧନ ॥
ଚଞ୍ଚଳ ଅତି ସୂକ୍ଷ୍ମ ମନ ସ୍ଥିର ନୁହଇ ଏକ ସ୍ଥାନ ।
ସାଧ୍ୟ ନୁହଇ ଏହି ଯୋଗ ମଧୁସୂଦନ ମହାଭାଗ ! ॥୩୩॥
ମନ ଯେ' ସ୍ୱଭାବେ ଚଞ୍ଚଳ ବାଲୀ ସମାନ ଅତିବଳ ।
ଭୋଗ ବୁଦ୍ଧିରେ ଦୃଢରହି ଇନ୍ଦ୍ରିୟ କ୍ଷୁବ୍ଧକାରୀ ସେହି ॥
ମନର ଗତିକୁ ନିରୋଧ ଯେମନ୍ତେ ବାୟୁ ଅବରୋଧ ।
ହେ କୃଷ୍ଣ! ଦୁଃସାଧ୍ୟ ଅଟଇ ମନ ସହଜେ ସାଧ୍ୟ ନାହିଁ ॥୩୪॥

ଶ୍ରୀ ଭଗବାନ ଉବାଚ (ଶ୍ରୀ ଭଗବାନ କହିଲେ )

ମନର ଗତି ଅତି ତେଜ ଏଥିରେ ନାହିଁ ବେନିମତ ।
ଅଣ ଆୟତ୍ତ ମନ ସ୍ଥିତି ଅତି ଚଞ୍ଚଳ ଭ୍ରାନ୍ତମତି ॥

ବୈରାଗ୍ୟ  ବୁଦ୍ଧେ ସମର୍ପଣ            ଅଭ୍ୟାସ ଯୋଗେ ରଖି୍ଧ୍ୟାନ।
ତେବେ ଯେ ମନ ବଶୀଭୂତ          ଶୁଣ ହେ ତୁମ୍ଭେ  କୁନ୍ତିସୁତ ।।୩୫।।
ମନ  ଯାହାର   ଅସଂଯତ            ଯୋଗ ତାହାର ନୁହେଁପ୍ରାପ୍ତ ।
ଉପାୟ ପାଞ୍ଚି ଯେଉଁ ଜନ             ନିଷ୍ଠାରେ  କରଇ  ସାଧନ  ।।
ମନ    ଇନ୍ଦ୍ରିୟ    ବୁଦ୍ଧି ବଶ           ଏକାଗ୍ର ଚିତ୍ତେ ଯୋଗାଭ୍ୟାସ ।
ନିତ୍ୟ ସାଧନେ ସିଦ୍ଧି ପ୍ରାପ୍ତ             ନିଶ୍ଚିତ  ମୋର  ଏହି ମତ ।।୩୬।।

ଅର୍ଜୁନ ଉବାଚ  (ଅର୍ଜୁନ କହିଲେ )

ଯେ'ଜନ ଯୋଗେ ଶ୍ରଦ୍ଧା ରହି              ପ୍ରଥମେ   ପ୍ରଯତ୍ନ କରଇ ।
ବିଷୟ  ଭୋଗ  ବିମୋହିତ              ଯୋଗରୁ  ଚିତ୍ତ ବିଚଳିତ  ।।
ଅନ୍ତକାଳରେ      ସମବୁଦ୍ଧି              ନୁହଇ  ପ୍ରାପ୍ତ  ଯୋଗସିଦ୍ଧି ।
ଯୋଗ ମାର୍ଗରୁ   ହୋଇଭ୍ରଷ୍ଟ            କି'ଗତି ଲଭେ ଆହେକୃଷ୍ଣ! ।।୩୭।।
ନ ଥାଏ ତା'ର   ଅନ୍ତଃ ଶାନ୍ତ            ସଂସାର  ଭୋଗ ଅବିରତ ।
ପ୍ରଭୁ ପାଦରେ  ଧ୍ୟାନ ନାହିଁ            ଇନ୍ଦ୍ରିୟ   ସୁଖ  ନ  ଲଭଇ ।।
ଯେମନ୍ତେ ପବନର ବେଗ              ଶୁଖାଏ ନଭେ ଖଣ୍ଡମେଘ ।
ଉଭୟ ପଥୁ ହୋଇ   ଭ୍ରଷ୍ଟ            ମେଘର ସମ  ହୁଏ ନଷ୍ଟ ।।୩୮।।
ମନରେ ଆସଇ  ସଂଶୟ              ହେ କୃଷ୍ଣ! ସମାଧାନ କୁହ ।
ତୁମ୍ଭ ବିନୁ ଯେ ଅନ୍ୟକେହି            ସଂଶୟ ଦୂର ନ କରଇ  ।।୩୯।।

ଶ୍ରୀ  ଭଗବାନ ଉବାଚ (ଶ୍ରୀ ଭଗବାନ କହିଲେ)

ଶୁଣ ହେ  ପାର୍ଥ ମୋ ବଚନ              କି,ଗତି ଯୋଗ  ଭ୍ରଷ୍ଟ ଜନ  ।
ମର୍ତ୍ତ୍ୟ ଲୋକେ ତା' ନାହିଁନାଶ           ଦେବଙ୍କ ସଙ୍ଗେ କରେବାସ ।।
ଆତ୍ମା କଲ୍ୟାଣେ ଯେଉଁ ନର           କର୍ମ   ତତ୍ପର    ନିରନ୍ତର   ।
ଦୁର୍ଗତି ନାହିଁ   ଯେ'  ନିଶ୍ଚିତ           ହେ ତାତ !ଏହା ଦୃଢ ମତ ।।୪୦।।
ସାଧନ ମାର୍ଗେ ଯୋଗଭ୍ରଷ୍ଟ             କ୍ଳେଶ ଲଭଇ କୁରୁଶ୍ରେଷ୍ଠ  ।

ସିଦ୍ଧି ପ୍ରାପ୍ତରୁ ହୋଇ ବାମ ଯାଆନ୍ତି ପୁଣ୍ୟାତ୍ମାଙ୍କ ଧାମ ॥
ଅନିତ୍ୟ ସୁଖ ଭୋଗକରି ପୁଣି ମହୀରେ ଦେହଧରି ।
ଶ୍ରୀମନ୍ତ ଶୁଚିମନ୍ତ ଘରେ ଜନ୍ମ ଲଭନ୍ତି ଏ ସଂସାରେ॥୪୧॥
ଅଥବା ସେହୁ ଜ୍ଞାନବନ୍ତ ଯୋଗୀ କୁଳରେ ହୁଏଜାତ ।
ସଂସାରେ ଉଦ୍ଭବ ଏମନ୍ତ ଦୁର୍ଲଭ ଅଟଇ ଅତ୍ୟନ୍ତ ॥୪୨॥
ଯୋଗ ସଂସ୍କାର ବୁଦ୍ଧି ମତି ପୂର୍ବ ଦେହରୁ ହୁଏପ୍ରାପ୍ତି ।
ମନ ନିବେଶି ସାଧନାରେ ସିଦ୍ଧି ନିମିତ୍ତ ଯତ୍ନକରେ ॥୪୩॥
ସଂସାର ଦ୍ରବ୍ୟ ସୁଖ ଭୋଗ ପୂର୍ବ ଅଭ୍ୟାସ ହେତୁତ୍ୟାଗ ।
ଜିଜ୍ଞାସା ଯେବେ ଯୋଗଧର୍ମ ତେଜଇ ବେଦ କାମ୍ୟକର୍ମ ॥
ଆତ୍ମା ତତ୍ତ୍ୱରେ କରି ଧ୍ୟାନ ତୀବ୍ର ବୈରାଗ୍ୟେ ଲୟମନ ।
ଅନ୍ତକାଳରେ ଦୃଢବତୀ ବ୍ରହ୍ମ ଲୋକକୁ କରେ ଗତି ॥୪୪॥
ଏମନ୍ତ ଜନ୍ମ ପରେ ଜନ୍ମ ଯୋଗୀ ସାଧଇ ଆତ୍ମାଧର୍ମ ।
ଅନେକ ଜନ୍ମ ଅନ୍ତପରେ ପାପ ବିନଷ୍ଟ ନିର୍ବିକାରେ ॥
ସଂସ୍କାର ବଳେ ସିଦ୍ଧହୋଇ ପରମ ଗତିକୁ ଲଭଇ ।
ଏମନ୍ତ ଜାଣ କୁରୁବଂଶୀ ସ୍ୱଧାମ ଯାଏ ବିଷ୍ଣୁଅଂଶୀ ॥୪୫॥
ଯୋଗ ବଳରେ ତ୍ୟାଗନିଷ୍ଠ ତପସ୍ୱୀଠାରୁ ଯୋଗୀଶ୍ରେଷ୍ଠ ।
ଶାସ୍ତ୍ର ପୁରାଣ ଜ୍ଞାନ ଦକ୍ଷ ନୁହଇ ଯୋଗୀ ସମକକ୍ଷ ॥
ନିଷ୍କାମଯୋଗୀ ସ୍ଥାନ ଉଚ୍ଚ ସକାମ କର୍ମୀ ତହୁଁନୀଚ ।
ମୋର ବିଚାରେ ହେ ଅର୍ଜୁନ ! ଯୋଗକୁ କରହେ ବରଣ ॥୪୫॥
ଯୋଗର ମାର୍ଗ ଯେ ଅନେକ ପରମପାଦ ଲକ୍ଷ୍ୟ ଏକ ।
ତା ମଧ୍ୟେ ଯେହୁ ଶ୍ରଦ୍ଧାବାନ ଆଶ୍ରିତ ପ୍ରଭୁ ନାରାୟଣ ॥
ଦୃଢ ବିଶ୍ୱାସେ ରଖିଚିତ୍ତ ଅନ୍ତର ଆତ୍ମା ସମର୍ପିତ ।
ଭଜନ୍ତି ନିତ୍ୟ ମୋର ନାମ ସେ' ଯୋଗୀ ତହୁଁ ସର୍ବୋତ୍ତମ॥୪୬॥

ଧ୍ୟାୟୀ ସେ' ପ୍ରଭୁଙ୍କ ଚରଣ ଅଧ୍ୟାୟ ଷଷ୍ଠର କଥନ ।
ଭଜି ପୟରେ ଏ ଅବଳା ଭଣତି କରେ ଶକୁନ୍ତଳା ॥

ପ୍ରକାରେ ଓଁ, ତତ୍, ସତ୍ – ଏହି ଭଗବଦ୍ ନାମ ଉଚ୍ଚାରଣ ପୂର୍ବକ ବ୍ରହ୍ମବିଦ୍ୟା ଓ ଯୋଗ ଶାସ୍ତ୍ରମୟ ଶ୍ରୀମଭଗବତ ଗୀତା ଉପନିଷଦ ରୂପକ ଶ୍ରୀ କୃଷ୍ଣ ଅର୍ଜୁନ ସମ୍ବାଦରେ 'ଆତ୍ମ ସଂଯମ ଯୋଗ' ନାମକ ଷଷ୍ଠ ଅଧ୍ୟାୟ ପୂର୍ଣ୍ଣ ହେଲା ॥୬॥

ଓଁ ଓଁ ଓଁ ଓଁ ଓଁ ଓଁ

ଓଁ

ଶ୍ରୀ ପରମାତ୍ମାନେ ନମଃ

ଶ୍ରୀମଦ୍ଭଗବଦ୍ ଗୀତା (ସପ୍ତମ ଅଧ୍ୟାୟ )

(ଜ୍ଞାନ ବିଜ୍ଞାନ ଯୋଗ)

ଭଗବାନ ଉବାଚ (ଭଗବାନ କହିଲେ )

ଶୁଣ ହେ ପାର୍ଥ ମୋ'ବଚନ ମୋର ସମ୍ବନ୍ଧେ ତତ୍ତ୍ୱଜ୍ଞାନ ।
ଆସକ୍ତ ଚିତ୍ତ ମୋରି ପାସ ନିତ୍ୟ ଆଶ୍ରିତ ଯୋଗାଭ୍ୟାସ ॥
ଅନନ୍ୟ ଭାବେ ସମର୍ପିତ ତେବେ ଜାଣିବ ମୋର ତତ୍ତ୍ୱ ।
ବଳ ଐଶ୍ୱର୍ଯ୍ୟ ଗୁଣ ଜାଣି ସଂଶୟ ଦୂର ହେବପୁଣି ॥୧॥
ଆତ୍ମଜ୍ଞାନର ଅନୁଭୂତ ବିଜ୍ଞାନ ନାମେ ଅଭିହିତ ।
ଜ୍ଞାନ-ବିଜ୍ଞାନ ପୂର୍ଣ୍ଣ ରୂପ ଅଟଇ ତାହା ମୋ'ସ୍ୱରୂପ ।
କହିବି ବିସ୍ତାରି ତୁମ୍ଭର ଏକାଗ୍ର ଚିତ୍ତେ ଲୟକର ।
ଯାହାକୁ ଜାଣି ଜ୍ଞାନବାନ ଜାଣିବା ଯୋଗ୍ୟ ନାହିଁଅନ୍ୟ॥୨॥
ସହସ୍ର ନରମଧ୍ୟେ ଜଣେ ଆତ୍ମଜ୍ଞାନକୁ ଶ୍ରେଷ୍ଠମଣେ ।
ମୋର ସ୍ୱରୂପ ଚିନ୍ତିମନେ ଯୋଗ ସାଧଇ ତତ୍ତ୍ୱଜ୍ଞାନେ ॥
ପ୍ରଯତ୍ନଶୀଳ ଯୋଗୀ ସର୍ବେ କେହି ବା ଜଣେ ଜ୍ଞାନଲଭେ ।
ଅନନ୍ୟ ଭକ୍ତି ପରାୟଣ ଲଭଇ ପଦ ନାରାୟଣ ॥୩॥
ମୂଳ ପ୍ରକୃତି ମୋରସତ୍ତ୍ୱ ଅଷ୍ଟ ପ୍ରକାରେ ବିଭାଜିତ।
କ୍ଷିତି ଅନଳ ବାୟୁ ଜଳ ଆକାଶ ଆଦି ରୂପସ୍ଥୂଳ ॥
ମନ ବୁଦ୍ଧି ଯେ ଅହଂକାର ସୂକ୍ଷ୍ମ ରୂପରେ ଦେହେନର।

ଏହାଯେ' ଅଷ୍ଟଧା ପ୍ରକୃତି ଅପରା ନାମେ ମାୟାଶକ୍ତି ॥୪॥
ଅପରା ପ୍ରକୃତିରୁ ଭିନ୍ନ ହେ ମହାବାହୁ! ଶୁଣ ଅନ୍ୟ ।
ପରା ପ୍ରକୃତି ଜୀବ ଭୂତା ଚେତନ ରୂପୀ ଦିବ୍ୟସତ୍ତା ॥
ପରା-ଅପରା ଦୁଇ ତତ୍ତ୍ୱ ଜଗତ ତହିଁରେ ନିର୍ମିତ ।
ଦ୍ରବ୍ୟ ସମୂହ ପ୍ରକାଶକ ସମଗ୍ର ଜଗତ ଧାରକ ॥୫॥
ପରା ଅପରା ସଂଯୋଗରେ ଜୀବର ସୃଷ୍ଟି ଏ ସଂସାରେ ।
ସଚରାଚର ଏ ଜଗତ ପ୍ରକୃତି ଦ୍ୱୟରୁ ସମ୍ଭୁତ ॥
ସମଗ୍ର ବ୍ରହ୍ମାଣ୍ଡ ଉତ୍ପନ୍ନ ମୁଁ ହିଁ ଯେ' ତାହାରି କାରଣ ।
ପ୍ରଳୟ ଅନ୍ତେ ମୁହିଁ ସ୍ଥିତ ଯେବେ ବିଲୟ ସର୍ବଭୂତ॥୬॥
ମୋ'ଠାରୁ ଭିନ୍ନ ଅନ୍ୟତତ୍ତ୍ୱ କିଞ୍ଚିତ ନାହିଁ ଆହେ ପାର୍ଥ ।
ଜଡ ଚେତନ ସର୍ବ ବ୍ୟାପ୍ତ ମୋରି କାରଣେ ଏ ଜଗତ ॥
ଯେମନ୍ତ ସୂତ୍ରେ ମଣିମାନ ଗୁନ୍ଥା ହୋଇଣ ଦୃଶ୍ୟମାନ ।
ସୂତ୍ର ସମାନ ମୋର ତତ୍ତ୍ୱ ବ୍ରହ୍ମାଣ୍ଡ ମଧ୍ୟେ ଓତପ୍ରୋତ॥॥୭॥
ଶୁଣ ଅର୍ଜୁନ ମୋର ତତ୍ତ୍ୱ ବିଭୂତି ରୁପେ ବିସ୍ତାରିତ ।
ଜଳରେ ରସ ମୁଁ ଅଟଇ ସୂର୍ଯ୍ୟ ଚନ୍ଦ୍ରକୁ ପ୍ରକାଶଇ ॥
ସମଗ୍ର ନଭ ପରିବ୍ୟାପ୍ତ ଶବ୍ଦ ରୂପରେ ଆତଯାତ ।
ବେଦରେ ମୁଁ ହିଁ ଯେ' ଓଁକାର ପୌରୁଷ ଅଟେ ମନୁଷ୍ୟର॥୮॥
ପଞ୍ଚ ଭୂତର 'ମୁଁ' କାରଣ ଶବ୍ଦାଦି ରୂପେ ଅଧିଷ୍ଠାନ ।
ପବିତ୍ର ଗନ୍ଧ ପୃଥିବୀର ତେଜ ମୁଁ ଅଟଇ ଅଗ୍ନିର ॥
ସକଳ ପ୍ରାଣୀଙ୍କ ଜୀବନ ତପୀ ମାନଙ୍କ ତପଧ୍ୟାନ ।
ଜୀବ ଦେହରେ ପ୍ରାଣଶକ୍ତି ମୋରି କାରଣୁ ବିକଶନ୍ତି ॥୯॥
ବୀଜ ରୂପରେ ମୁହିଁ ସ୍ଥିତ ମୂଳ ପ୍ରକୃତି ତହୁଁ ଜାତ ।
ମୋର ସତ୍ତା ଯେ ସନାତନ ଅନାଦି ତାହା ହେ ଅର୍ଜୁନ॥

ବୁଦ୍ଧିମନ୍ତଙ୍କ ମୁଁହିଁ ବୁଦ୍ଧି ତେଜସ୍ୱୀଙ୍କର ତେଜ ସିଦ୍ଧି ।
ତେଜ ବଳରେ ଶୁଦ୍ଧ ଚିତ୍ତ ଯୁକ୍ତ ବୁଦ୍ଧିରେ ମୁଁ ଯେ'ପ୍ରାପ୍ତ॥୧୦॥
ଇନ୍ଦ୍ରିୟ ଭୋଗ ପାପ କାର୍ଯ୍ୟ କ୍ଷୀଣ ହୁଅଇ ବଳବୀର୍ଯ୍ୟ ।
ତେଜି କାମନା କ୍ରୋଧପଣ ବଳବନ୍ତଙ୍କ ବଳ ଜାଣ ॥
କାମ ଆସକ୍ତ ପରାୟଣ ଧର୍ମକୁ ଲଙ୍ଘନ୍ତି ଦୁର୍ଜନ ।
ଜଗତ ହିତ ଇଚ୍ଛାବହି ଧର୍ମ ସମ୍ମତ 'କାମ' ମୁହିଁ ॥୧୧॥
ସତ୍ତ୍ୱ ରାଜସ ତମ ଭାବ ମହତ ବ୍ରହ୍ମରୁ ଉଦ୍ଭବ ।
ସର୍ବଗୁଣର ପ୍ରକାଶକ ମୁଁ ଯେ'ସଂସାର ପ୍ରବର୍ତ୍ତକ ॥
ତ୍ରିଗୁଣ ମଧ୍ୟେ ସ୍ଥିତ ରହି ବିକାର ସ୍ପର୍ଶ ନ କରଇ ।
ଏହା ଯେ'ମୋର ଯୋଗରୂପ ନିର୍ଲିପ୍ତ ସର୍ବ ସ୍ୱରୂପ ॥୧୨॥
ଗୁଣର କ୍ରୀଡ଼ା ଏ ଜଗତ ତା'ରି ପ୍ରଭାବେ ସଂଚାଳିତ ।
ଗୁଣରେ ମାୟା ଅଧିଷ୍ଠିତ କରଇ ପ୍ରାଣୀଙ୍କୁ ମୋହିତ ॥
ମୋର ସ୍ୱରୂପ ଗୁଣାତୀତ ପରମ ଅବ୍ୟୟ ଶାଶ୍ୱତ ।
ମାୟାରେ ଜୀବ ବଶ ହୋଇ ମୋର ସ୍ୱରୂପ ନ ଜାଣଇ ॥୧୩॥
ମୋର ଦେହରୁ ମାୟାଜାତ ତିନିଗୁଣରେ ଆଧାରିତ ।
ଦୈବୀ ଆଶ୍ରିତ ଯୋଗମାୟା ଜ୍ଞାତ ନୁହଇ ତା'ର କାୟା ॥
ବିଦ୍ୟା-ଅବିଦ୍ୟା ରୂପଧାରୀ ଭ୍ରମରେ ଜୀବ ହୁଏ ଘାରି ।
ନିତ୍ୟ ସ୍ମରଣ ମୋରନାମେ ମାୟା ହଟଇ ଯୋଗକ୍ଷେମେ॥୧୪॥
ମାୟାରେ ଜ୍ଞାନ ଅପହୃତ ଅସୁର ସ୍ୱଭାବ ଆଶ୍ରିତ ।
ଅଧର୍ମେ ବିତ୍ତ ଉପାର୍ଜିତ ଭୋଗ ବିଳାସେ ସଦାଚିତ୍ତ ॥
ମୂଢ ଅଧମ ପାପାଚାରୀ 'ମୁଁ'କାରେ ବିମୁଖ ମୋହରି ।
ମୋର ଶରଣେ ନାହିଁ ସ୍ଥାନ ବୃଥାରେ ବିତାନ୍ତି ଜୀବନ॥୧୫॥
ଆର୍ତ୍ତ ଜିଜ୍ଞାସୁ ଜ୍ଞାନବାନ ଅର୍ଥାର୍ଥୀ କରନ୍ତି ସ୍ମରଣ ।

ସଙ୍କଟ ନାଶେ  ଚିନ୍ତେ ଆର୍ତ୍ତ    ଜ୍ଞାନୀ ଆତ୍ମାରେ ଧ୍ୟାନରତ ।।
ସମ୍ପତ୍ତି ଲୋଭେ ଭଜେନର    ଜିଜ୍ଞାସୁ ଖୋଜେ ତତ୍ତ୍ୱମୋର ।
ଚାରି ପ୍ରକାରେ   ଭକ୍ତଜନ    ଭଜନ୍ତି ମୋତେ ହେ ଅର୍ଜୁନ ।।୧୬।।
ଚାରିଙ୍କ ମଧ୍ୟେ ଜ୍ଞାନୀଭକ୍ତ    ତତ୍ତ୍ୱକୁ  ଚିହ୍ନି    ନିତ୍ୟଯୁକ୍ତ  ।
ଅନନ୍ୟ  ପ୍ରେମେ ଏକନିଷ୍ଠ    ଜ୍ଞାନୀ  ଅଟଇ ସର୍ବଶ୍ରେଷ୍ଠ ।।
ବୈରାଗ୍ୟେ ତେଜି ଦେହପଣ    ଆଶ୍ରିତ ହୁଏ ମୋ ଚରଣ  ।
ପ୍ରିୟ 'ମୁଁ' ସେହି  ଜ୍ଞାନୀଙ୍କର    ଜ୍ଞାନୀ ଅତ୍ୟନ୍ତ ପ୍ରିୟମୋର ।।୧୭।।
ଭକ୍ତ ମୋହରି   ଭାବେଯୁକ୍ତ    ମୋର  ସ୍ୱରୂପ  ଜ୍ଞାନବନ୍ତ  ।
ପରମ ତତ୍ତ୍ୱେ ଯେହୁ ସ୍ଥିତ    ବ୍ରହ୍ମ   ଅଭିନ୍ନ    ଏହିମତ ।।
ଦୃଶ୍ୟ  ପ୍ରପଞ୍ଚ   ମାୟାଜାତ    ଜ୍ଞାନୀ   ରୁହଇ ଆତ୍ମସ୍ଥିତ  ।
ଉତ୍ତମ      ଗତିକୁ ଲଭିଣ    ନିତ୍ୟ  ସ୍ୱରୂପେ ବ୍ରହ୍ମଲୀନ ।।୧୮।।
ଅନେକ ଜନ୍ମ ଦେହଅନ୍ତେ    ତତ୍ତ୍ୱଜ୍ଞ ମୋର ରୂପ ଚିନ୍ତେ ।
ସଂସାର ମାୟା ପାରହୋଇ    ସର୍ବତ୍ର ମୋତେ ଯେ'ଦେଖଇ ।।
ଜଡ ଚେତନ    ପରାଭବ    ଦେଖଇ   ସର୍ବ ବାସୁଦେବ  ।
ଏମନ୍ତ    ଜ୍ଞାନୀ ମହାଜନ    ଦୁର୍ଲଭ ମର୍ତ୍ତ୍ୟେ ଏହାଜାଣ ।।୧୯।।
ବିଷୟ ଭୋଗ କାମନାରେ    ବୁଦ୍ଧି ବିବେକ ଅପସରେ  ।
ସ୍ୱଭାବ ଗତ   କାମାବଶେ    ପୂଜି  ଦେବତା ଫଳଆଶେ।।
ଦେବଙ୍କ ତୁଷ୍ଟେ ଦେଇଧ୍ୟାନ    ପାଳଇ ଦେବ  ବିଧିମାନ ।
ବିଷୟ ସୁଖ     ସକାମନା    କରେ ଦେବଙ୍କ ଉପାସନା ।।୨୦।।
ମନ ନିବେଶି  କାମନାରେ    ଦେବତା ପୂଜନ୍ତି ସଂସାରେ ।
ନିଜ ସ୍ୱଭାବେ   ଦେବମୂର୍ତ୍ତି    ସକାମୀ ଶ୍ରଦ୍ଧାରେ ଚିନ୍ତନ୍ତି  ।।
ଭକ୍ତ ପୂଜଇ  ଫଳ ଆଶେ    ଶ୍ରଦ୍ଧା  ଅର୍ପଇ  ଦେବପାଶେ ।
ଦେବଙ୍କ ପ୍ରତି   ଶ୍ରଦ୍ଧାପଣ    'ମୁଁ' ହିଁ ଯେ' କରଇ ବିଧାନ।।୨୧।।

ଭକ୍ତି ବିଶ୍ୱାସ ସମର୍ପଣ ଉତ୍ସାହ ଶ୍ରଦ୍ଧାର ଲକ୍ଷଣ ।
ଶ୍ରଦ୍ଧାଭାବରେ ଯୁକ୍ତ ହୋଇ ଅଭୀଷ୍ଟ ଦେବତା ପୂଜଇ ॥
ମନସ୍କାମନା ହୁଏ ପୂର୍ଣ୍ଣ ମୁଁ ଅଟେ ତାହାରି କାରଣ ।
ମୋର ବିଧାନେ କର୍ମଗତି ଦେବଙ୍କଠାରୁ ହୁଏପ୍ରାପ୍ତି ॥୨୨॥
କର୍ମ ଫଳକୁ ଯେ ଆଶ୍ରିତ ଅଟେ ସେ' ଅଳ୍ପ ବୁଦ୍ଧିମନ୍ତ ।
ଦେବ ପୂଜନ୍ତେ ପ୍ରାପ୍ତି ଫଳ ଅବଶ୍ୟ ନାଶ କରେକାଳ॥
ଲଭନ୍ତି ସ୍ୱର୍ଗ ଦେବବ୍ରତା ପୁଣ୍ୟକ୍ଷୀଣରେ ମର୍ତ୍ତ୍ୟଗତା ।
ତତ୍ତ୍ୱଜ୍ଞାନୀ ଯେ ମୋର ଭକ୍ତ ଭବ ସାଗରୁ ହୁଏ ମୁକ୍ତ ॥୨୩॥
ମୋର ସ୍ୱରୂପ ଅନୁପମ ସଚ୍ଚିଦାନନ୍ଦ ଘନଶ୍ୟାମ ।
ଜନ୍ମ ମରଣ ମୋର ନାହିଁ ପ୍ରକଟେ ମୁହିଁ ମାୟାବହି ॥
ମନୁଷ୍ୟ ମାତ୍ର ମୋ ଶରୀର ଅଜ୍ଞାନୀ ବିଚାରେ ମନର ।
ବୁଦ୍ଧିହୀନ ଯେ ନ ଜାଣନ୍ତି ଗୁଣାତୀତ ମୋ'ରୂପକାନ୍ତି॥୨୪॥
ତ୍ରିଗୁଣାତ୍ମକ ଏ' ଜଗତ ଯୋଗ ମାୟାରେ ସମାବୃତ୍ତ ।
ଅବିଦ୍ୟା ମାୟାର ବଶରେ ମୋର ବିମୁଖ ଯାନ୍ତିନରେ ॥
ତିନି ଭୁବନ କାଳଗ୍ରାସୀ ମୁଁ ଯେ ଅଜନ୍ମା ଅବିନାଶୀ ।
ମୂଢଙ୍କୁ 'ମୁଁ' ହିଁ ଯେ' ଅଜ୍ଞାତ ଜ୍ଞାନୀଙ୍କ ହୃଦେ ପ୍ରକାଶିତ ॥୨୫॥
ସକଳ ଜୀବ ବର୍ତ୍ତମାନ ମୋର ସ୍ୱରୂପେ ଦୃଶ୍ୟବାନ ।
ପ୍ରାଣୀଙ୍କ ଭୂତ ଭବିଷ୍ୟତ ଶୁଣ ଅର୍ଜୁନ ! ମୋରଜ୍ଞାତ ॥
ସଂସାର ମୋହେ ଅନ୍ଧହୋଇ ମୋତେ ଯେ'କେହି ନ ଜାଣଇ ।
ଉତ୍ପତ୍ତି ସ୍ଥିତି ପ୍ରଳୟର ଦ୍ରଷ୍ଟା କେବଳ ମୁଁ ହିଁ ତା'ର ॥ ୨୬॥
ଶତ୍ରୁ ତାପନ ହେ ଅର୍ଜୁନ ଶୁଣ ତୁ 'ମୋହ'ର କାରଣ ।
ଇଚ୍ଛା ଦ୍ୱେଷରୁ ଦ୍ୱନ୍ଦ୍ୱ ଜାତ ମାୟାରେ ଜୀବ ବଶୀଭୂତ ॥
ସେ ମାୟା ବିବେକ ହରଇ ଜୀବକୁ ମୋହରେ ବାନ୍ଧଇ ।

ଜୀବ ମୋ'ଠାରୁ ଦୂରେରହି ଜନ୍ମ-ମରଣେ ଘୂରୁଥାଇ ॥୨୭॥
ନିଷ୍କାମ କର୍ମ ଆଚରଣେ ପାପ ନାଶିତ ଶୁଦ୍ଧମନେ ।
ନିଷ୍ପାପ ହୃଦ ଶୁଦ୍ଧଚିତ୍ତ ଜିଜ୍ଞାସୁ ଆତ୍ମ-ଜ୍ଞାନ ତତ୍ତ୍ୱ ॥
ଯୋଗ ସାଧନେ ଦୃଢ ବ୍ରତୀ ଦ୍ୱନ୍ଦ୍ୱ ମୋହରୁ ଲଭେମୁକ୍ତି ।
ଭଜଇ ନିତ୍ୟ ମୋର ନାମ ଅଚିରେ ପ୍ରାପ୍ତି ମୋର ଧାମ ॥୨୮॥
ଜରା ମରଣୁ ମୋକ୍ଷ ଚାହିଁ ମୋର ଆଶ୍ରିତ ଯେହୁହୋଇ ।
ଶାସ୍ତ୍ର ପ୍ରମାଣ ଗୁରୁବାକ୍ୟ ହୃଦେ କରିଣ ତାହା ମୁଖ୍ୟ ।
ଯୋଗ ସାଧନ ପ୍ରଚେଷ୍ଟାରେ ଅଭ୍ୟାସ କରେ ନିରନ୍ତରେ ।
ଲଭଇ ସେହୁ ବ୍ରହ୍ମଜ୍ଞାନ ଆଧ୍ୟାତ୍ମ-କର୍ମ ତତ୍ତ୍ୱମାନ ॥୨୯॥
ଅଧିଦୈବ ଯେ' ଅଧିଭୂତ ଜାଣଇ ମୋତେ ତତ୍ତ୍ୱବିତ ।
ଜୀବଦେହେ 'ମୁଁ' ଅଧିଯଜ୍ଞ ଏମନ୍ତ ବୁଝେ ତତ୍ତ୍ୱବିଜ୍ଞ ॥
ଜ୍ଞାନୀଭକ୍ତ ମୋ' ଅନୁରକ୍ତ ପରମାତ୍ମାରେ ସମାହିତ ।
ଅନ୍ତଃକାଳରେ ଯୋଗୀଜନ ପ୍ରାପ୍ତ ହୁଅଇ ବ୍ରହ୍ମଜ୍ଞାନ ॥୩୦॥
ଧ୍ୟାୟୀ ସେ' ପ୍ରଭୁଙ୍କ ଚରଣ ସପ୍ତମ ଅଧ୍ୟାୟ କଥନ ।
ଭଜି ପୟରେ ଏ ଅବଳା ଭଣତି କରେ ଶକୁନ୍ତଳା ॥

ଏହି ପ୍ରକାରେ ଓଁ, ତତ୍, ସତ୍ – ଏହି ଭଗବଦ୍ ନାମ ଉଚ୍ଚାରଣ ପୂର୍ବକ ବ୍ରହ୍ମବିଦ୍ୟା ଓ ଯୋଗ ଶାସ୍ତ୍ରମୟ ଶ୍ରୀମଭଗବତ ଗୀତା ଉପନିଷଦ ରୂପକ ଶ୍ରୀକୃଷ୍ଣ ଅର୍ଜୁନ ସମ୍ବାଦରେ 'ଜ୍ଞାନବିଜ୍ଞାନ ଯୋଗ' ନାମକ ସପ୍ତମ ଅଧ୍ୟାୟ ପୂର୍ଣ୍ଣ ହେଲା ॥୭॥

ଓଁ ଓଁ ଓଁ ଓଁ ଓଁ ଓଁ ଓଁ

ଓଁ

ଶ୍ରୀ ପରମାତ୍ମାନେ ନମଃ

ଶ୍ରୀମଦ୍ଭଗବଦ୍ ଗୀତା (ଅଷ୍ଟମଅଧ୍ୟାୟ )

(ଅକ୍ଷର ବ୍ରହ୍ମ ଯୋଗ)

ଅର୍ଜୁନ ଉବାଚ (ଅର୍ଜୁନ କହିଲେ )

କୃଷ୍ଣଙ୍କୁ ସ୍ମରି ହୃଦୟର ନମ୍ରେ କୁହନ୍ତି ପାର୍ଥବୀର ।
ଇଚ୍ଛା ମୋ ଶୁଣ ଭାବଗ୍ରାହୀ ବୁଝାଇ କୁହ ଦୟାବହି ॥
ତତ୍ ବ୍ରହ୍ମର କେଉଁ ତତ୍ତ୍ୱ କେ ଅଧିଦୈବ ଅଧିଭୂତ ।
ଆଧ୍ୟାତ୍ମ କେଉଁ ରୂପେ ବ୍ୟକ୍ତ କର୍ମ ସମ୍ବନ୍ଧେ ତୁମ୍ଭ ମତ ॥୧॥
କେ' ଅଧିଯଜ୍ଞ ରୂପେ ସ୍ଥିତ ଜୀବ ଦେହରେ ଅଭିବ୍ୟକ୍ତ ।
ଅଧିଯଜ୍ଞ ସେ' କେଉଁଅଂଶ ଶରୀର ମଧ୍ୟେ କରେ ବାସ ॥
ମୃତ୍ୟୁ କ୍ଷଣରେ ଦେହକ୍ଲେଶ ସଂଯମୀ ଲଭଇ ଅବଶ୍ୟ ।
କିପରି ସେହୁ ଅନ୍ତକାଳେ ଚିତ୍ତ ରଖଇ ସ୍ୱରୂପରେ ॥୨॥

ଶ୍ରୀ ଭଗବାନ ଉବାଚ (ଶ୍ରୀ ଭଗବାନ କହିଲେ)

ସେ ବ୍ରହ୍ମ ପରମ ଅକ୍ଷର ମୂଳ କାରଣ ବ୍ରହ୍ମାଣ୍ଡର ।
ଆଧ୍ୟାତ୍ମ ସ୍ୱଭାବ ନିଜର ଜୀବାତ୍ମା ନାମ ସ୍ୱରୂପର॥
ଯେଉଁ ତ୍ୟାଗରୁ ପ୍ରାଣିହୃଦ ଭାବ ଉଦ୍ଭବ ହୁଏ ସିଦ୍ଧ ।
ଦେବ ନିମିତ୍ତ ଯଜ୍ଞାହୁତ କର୍ମ ନାମରେ ଅଭିହିତ ॥୩॥
ବିନାଶଶୀଳ ଏ ଜଗତ ଦେହାଦି ଜଡ ଅଧିଭୂତ ।
ଜଡ ଚେତନ ଯେ' ନିୟନ୍ତା ସବୁ ଦେବଙ୍କ ଅଧିଷ୍ଠାତା ॥
ହିରଣ୍ୟଗର୍ଭ ବ୍ରହ୍ମ ସତ୍ତା ଅଧିଦୈବତ ଆଦିକର୍ତ୍ତା ।
ଦେହ ନିବସୀ ଅନ୍ତର୍ଯାମୀ ସାକ୍ଷୀ ରୂପରେ ଅନୁଗାମୀ ॥
ସର୍ବ ଯଜ୍ଞର ପ୍ରବର୍ତ୍ତକ ଫଳ ଭୋଗର ନିୟନ୍ତ୍ରକ ।
ରଚନ୍ତି ଯେହୁ ପ୍ରାଣୀଭାଗ୍ୟ ସେହି ଯେ' ବିଷ୍ଣୁ ଅଧିଯଜ୍ଞ ॥୪॥

ହୃଦୟେ ମୋ'ନାମ ଜପିଣ     ଆତ୍ମସ୍ୱରୂପେ କରି ଧ୍ୟାନ ।
ପ୍ରାଣ ଛାଡଇ ଯା'ଶରୀର     ଦେବଯାନରେ ଗତିତାର ॥
ଚିତ୍ତେ ପ୍ରକଟ ଇଷ୍ଟ ମୂର୍ତ୍ତି     ମୋର ସ୍ୱରୂପ ବ୍ରହ୍ମଜ୍ୟୋତି ।
ଦେହାନ୍ତେ ସେହୁ ମୋତେପାଇ     ଏଥିରେ ସନ୍ଦେହ ନଥାଇ ॥୫॥
ଶୁଣ ଅର୍ଜୁନ ଜୀବ ଗତି     କେଉଁ କାରଣୁ ଦେହ ପ୍ରାପ୍ତି ।
ଜୀବିତ କାଳେ ଅଭ୍ୟାସରେ     ଯେଉଁ ବିଷୟ ନିତ୍ୟସ୍ମରେ ॥
ମୃତ୍ୟୁ ସମୟେ ସେହି ରୂପ     ସୂକ୍ଷ୍ମଶରୀରେ ହୁଏଛାପ ।
ନିତ୍ୟ ସ୍ମରଣ ଯୋନି ପାଇ     ଜୀବାତ୍ମା ଶରୀର ଲଭଇ ॥୬॥
ଏହି କାରଣୁ ଶୁଦ୍ଧ ଚିତ୍ତେ     ନିତ୍ୟ ଚିନ୍ତନ କର ମୋତେ ।
ମୋତେ ସମର୍ପି ତନ ମନ     ସ୍ୱ-ଧର୍ମ କର୍ମେ ଦିଅ ଧ୍ୟାନ ॥
ମୃତ୍ୟୁ କାଳ ଯେ ଅନିଶ୍ଚିତ     ନ ଫେଡ କ୍ଷଣେ ମୋ'ଠୁ ଚିତ୍ତ ।
ଏମନ୍ତ ଭଜି ଅବିରତ     ନିଶ୍ଚେ ହୋଇବ ବ୍ରହ୍ମପ୍ରାପ୍ତ ॥୭॥
ଅଭ୍ୟାସ ଯୋଗର ସାଧନ     ଶୁଦ୍ଧ ହୁଅଇ ବୁଦ୍ଧି ମନ ।
ହରି ପାଦରେ ରଖି ଧ୍ୟାନ     ତେଜ ତୁ ବିଷୟ ଚିନ୍ତନ ॥
ଶୁଣ ଅର୍ଜୁନ ! ସେହୁ ନର     ଅନନ୍ୟ ଭକ୍ତ ଅଟେ ମୋର ।
ଦିବ୍ୟ ପୁରୁଷ ନିତ୍ୟେଧାୟୀ     ପରମ ଗତିକୁ ଲଭଇ ॥୮॥
ସର୍ବଜ୍ଞ ତତ୍ତ୍ୱ ସନାତନ     ଯେ'କରେ ସୃଷ୍ଟି ସଂଚାଳନ ।
ସୂକ୍ଷ୍ମରୁ ଅତି ସୂକ୍ଷ୍ମତର     ସେହୁ ଯେ' ପରମ ଈଶ୍ୱର ॥
ବ୍ରହ୍ମାଣ୍ଡ ଧାରକ ପୋଷକ     ଅଚିନ୍ତ୍ୟ ରୂପ ପ୍ରବର୍ତ୍ତକ ।
ଆଦିତ୍ୟ ବର୍ଣ୍ଣ ଦିବ୍ୟ କାନ୍ତି     ଅବିଦ୍ୟାତୀତ ବ୍ରହ୍ମଜ୍ୟୋତି॥୯॥
କ୍ରିୟା ସାଧନ ଏହିଭାନ୍ତି     ସୁଷୁମ୍ନା ପଥେ ପ୍ରାଣ ଗତି ।
ଭ୍ରୂକୁଟି ମଧ୍ୟେ ଅନ୍ତକାଳେ     ପ୍ରାଣକୁ ସ୍ଥାପି ଯୋଗବଳେ ॥
ନିଶ୍ଚଳ ମନ ଭକ୍ତିପୂତେ     ଇଷ୍ଟ ସୁମରି ଦୃଢଚିତ୍ତେ ।

ତ୍ୟାଗ କରଇ ପ୍ରାଣ ଯେହୁ ଦିବ୍ୟପୁରୁଷ ପ୍ରାପ୍ତିସେହୁ ॥୧୦॥
ଅକ୍ଷର ନାମେ ବେଦଶାସ୍ତ୍ର କୁହନ୍ତି ଯାର ମୂଳତତ୍ତ୍ୱ ।
ପରମ ପାଦ ଇଚ୍ଛାକରି ସାଧନେ ରତ ବ୍ରହ୍ମଚାରୀ ॥
ଆସକ୍ତ ଦ୍ୱେଷ ଶୂନ୍ୟ 'ଯତି' ଯାହାଙ୍କ ମଧ୍ୟେ ପ୍ରବେଶନ୍ତି ।
ସେହି ପରମ ପଦ ଶୁଣ ସଂକ୍ଷେପେ କହୁଛି ଅର୍ଜୁନ ॥୧୧॥
ଇନ୍ଦ୍ରିୟ ଦ୍ୱାର କରିରୁଦ୍ଧ ହୃଦୟେ ମନକୁ ନିରୋଧ ।
ଭୃକୁଟି ମଧ୍ୟେ ସ୍ଥାପିପ୍ରାଣ କରଇ ଯୋଗକୁ ଧାରଣ ॥୧୨॥
ସମ୍ୟକ ରୂପେ ସ୍ଥିତହୋଇ 'ଓଁକାର ମନ୍ତ୍ର ଉଚ୍ଚାରଇ ।
ଚିତ୍ତରେ ସ୍ମରି ଏକାକ୍ଷର ଯାହା ସେ' ବ୍ରହ୍ମ ନିରାକାର ॥
ଚିନ୍ତି ତାହାଙ୍କୁ ଯେଉଁ ଜନ ତ୍ୟାଗ କରନ୍ତି ଦେହୁ ପ୍ରାଣ ।
ଭବ ସାଗରୁ ପାରିହୋଇ ପରମ ଗତି ସେ ଲଭଇ ॥୧୩॥
ଶୁଣ ଅର୍ଜୁନ ଯେଉଁଜନ ବିଷୟ ଚିନ୍ତନ ତେଜିଣ ।
ଅନନ୍ୟ ଚିତ୍ତେ ଆତ୍ମବନ୍ତ ସ୍ମରଇ ଇଷ୍ଟ ଅବିରତ ॥
ପୁରୁଷୋତ୍ତମ ନାମଭଜି ଆତ୍ମସ୍ୱରୂପେ ରହେମଜି ।
ଏମନ୍ତେ ଯୋଗୀନିତ୍ୟଯୁକ୍ତ ସହଜେ ମୁହିଁ ତା'ରି ପ୍ରାପ୍ତ ॥୧୪॥
ଯେହୁମହାତ୍ମା ମୋତେ ପାଇ ଅବିଦ୍ୟା ମାୟାକୁ ବୁଝଇ ।
ପରମ ସିଦ୍ଧି ପ୍ରାପ୍ତ ହୋଇ ପୁଣି ଶରୀର ନ ଲଭଇ ॥
ଅନିତ୍ୟ ଏହି ଯେ ସଂସାର ଦୁଃଖ ଯାତନା ଭରପୂର ।
ଯାହାର ଏହି ଦିବ୍ୟଜ୍ଞାନ ପରମ ପ୍ରେମେ ରଖେଧ୍ୟାନ ॥୧୫॥
ସକଳ ଲୋକ ଜୀବଗତି ପ୍ରଳୟେ ପ୍ରକୃତି ଲଭନ୍ତି ।
ବ୍ରହ୍ମାଙ୍କ ଠାରୁ ତୃଣମାନ ଲେଉଟି ଆସନ୍ତି ଅର୍ଜୁନ ॥
ସୃଷ୍ଟି ଆରମ୍ଭେ ରୂପମନ୍ତ ଲଭନ୍ତି ନାହିଁ ଜ୍ଞାନବନ୍ତ ।
ପରମ ଗତା ଜ୍ଞାନୀଜନ ମୁକ୍ତି ଲଭିଣ ବ୍ରହ୍ମେ ଲୀନ ॥୧୬॥

ସହସ୍ର ଚାରି ଯୁଗ ଅନ୍ତ ବ୍ରହ୍ମାଙ୍କ ଏକ ଦିନ ଗତ ।
ସେଭାବେ ଏକରାତ୍ରି ବିତେ ସହସ୍ର ଚାରି ଯୁଗଅନ୍ତେ ॥
ରାତ୍ରି ଦିନର ପ୍ରବର୍ତ୍ତନ ବ୍ରହ୍ମାଙ୍କ ଆୟୁର ଗଣନ ।
ଏମନ୍ତେ ବ୍ରହ୍ମା ଯେ' ଅନିତ୍ୟ ଯୋଗୀ ଜାଣଇ କାଳତତ୍ତ୍ୱ॥୧୭॥
ବ୍ରହ୍ମାଙ୍କ ଦିନ ଆଗମନେ ଦେହ ଲଭନ୍ତି ଜୀବଗଣେ ।
ସୂକ୍ଷ୍ମ ଶରୀର ବ୍ରହ୍ମାଙ୍କର ତହୁଁ ଉଭବ ଚରାଚର ॥
ମୂଳ ପ୍ରକୃତି ସେ' ଅବ୍ୟକ୍ତ 'ମହତ ବ୍ରହ୍ମ' ରୂପେ ସୁପ୍ତ ।
ରାତ୍ରି ଆଗମେ ଜୀବଗଣ ଅବ୍ୟକ୍ତ ବ୍ରହ୍ମେ ଯାନ୍ତିଲୀନ ॥୧୮॥
ସୃଷ୍ଟି ପ୍ରଳୟ ବାରମ୍ବାର ଜାଣିରଖ ହେ ପାର୍ଥବୀର ।
ଦିନ ପ୍ରବେଶେ ସର୍ବଭୂତ ପ୍ରକୃତି ବଶେ ପ୍ରକଟିତ ॥
ବ୍ରହ୍ମାଙ୍କ ରାତ୍ରି ଆଗମନେ ବିଲୟ ଯାନ୍ତି ଜୀବଗଣେ ।
ବ୍ରହ୍ମର କାରଣୁ ଜଗତ ଉତ୍ପତ୍ତି ସ୍ଥିତି ଲୟପ୍ରାପ୍ତ ॥୧୯॥
ବ୍ରହ୍ମାଙ୍କ ଠାରୁ ବିଲକ୍ଷଣ ସେହି ଯେ ଆଦି ନାରାୟଣ ।
ଅବ୍ୟକ୍ତ ରୂପେ ସର୍ବୋତ୍ତମ ଯାହାଙ୍କ ନାହିଁ ରୂପ ନାମ ॥
ସ୍ଥାବର ଜଙ୍ଗମ ବିନଷ୍ଟ ନଷ୍ଟ ନୁହଇ ସର୍ବଶ୍ରେଷ୍ଠ ।
ବ୍ରହ୍ମାଦି ଭୂତ ସେ' କାରଣ ଅକ୍ଷର ନାମେ ସନାତନ ॥୨୦॥
ପରମ ଗତି ସର୍ବାଧାର ସେହୁ ଯେ'ଅବ୍ୟକ୍ତ ଅକ୍ଷର ।
ଜୀବ ଲଭିଣ ମୋକ୍ଷ ଗତି ଲେଉଟେ ନାହିଁ ବ୍ରହ୍ମବେତ୍ତି ॥
ତିନି ଭୁବନ ଅଗୋଚର ପରମଧାମ ନାମ ତାର ।
ଜୀବାତ୍ମା ସେହି ଧାମ ପାଇ ପୁନଃ ସେ' ଜାତ ନହୁଅଇ ।୨୧॥
ସକଳ ଜୀବ ଦେହେସ୍ଥିତ ବ୍ରହ୍ମ ରୂପରେ ପରିବ୍ୟାପ୍ତ ।
ସଚରାଚର ତା'ରି ଦେହେ ସଚ୍ଚିଦାନନ୍ଦ ନାମ ବହେ ॥
ସେହି ଅବ୍ୟକ୍ତ ସନାତନ ତିନି ଭୁବନ ପରିପୂର୍ଣ୍ଣ ।

ଅନନ୍ୟ ଭକ୍ତି ଯୋଗବଳେ  ଯୋଗୀ ଲଭଇ ଅନ୍ତକାଳେ ॥୨୨॥
କାଳ ନାମରେ ଦେବଯାନ  ବ୍ରହ୍ମେ ବିଲୀନ ଯୋଗୀଜନ ।
ଯେବେ ତେଜଇ ଏ'ଶରୀର  ଅଣ ଲେଉଟା ମର୍ତ୍ତ୍ୟପୁର ॥
ପିତୃ ଯାନରେ ସ୍ୱର୍ଗ ଗତି  କାଳାନ୍ତେ ପୁଣି ଦେହପ୍ରାପ୍ତି ।
ଯୋଗ ସାଧନେ ବେନିଗତି  ଶୁଣ ଅର୍ଜୁନଦେଇ ମତି ॥ ୨୩॥
ଅଗ୍ନି-ଦିବସ- ଶୁକ୍ଳ-ଜ୍ୟୋତି  କାଳ କ୍ଷେତ୍ରର ଅଧିପତି ।
ଉତ୍ତରାୟଣ ଷଡ ମାସ  ଦେବ ମାର୍ଗରେ ପ୍ରତିଭାସ ॥
ଦେହ ତେଜିଣ ବ୍ରହ୍ମବେତ୍ତା  କାଳ ଦେବଙ୍କ ଅନୁଗତା ।
କ୍ରମାନ୍ୱୟରେ କରି ଗତି  ବ୍ରହ୍ମାଙ୍କ ସଙ୍ଗେ ଲଭେମୁକ୍ତି॥୨୪॥
ଧୂମ-ଅନ୍ଧାର-କୃଷ୍ଣ କାଳେ  ଯେବେ ଶରୀରୁ ପ୍ରାଣଚଳେ ।
ଦକ୍ଷିଣାୟନ ଷଡମାସେ  ପାରିତ ମାର୍ଗ କ୍ରମାବଶେ ॥
କର୍ମ ଫଳରେ ରଖି ମତି  ଯୋଗୀ ଲଭଇ ଚନ୍ଦ୍ରଜ୍ୟୋତି ।
ଯେବେ ହୁଅଇ ପୂଣ୍ୟଅନ୍ତ  ସ୍ୱର୍ଗ ତେଜିଣ ମର୍ତ୍ତ୍ୟେଜାତ ॥୨୫॥
ଜଗତେ ଶୁକ୍ଳ-କୃଷ୍ଣ ମାର୍ଗ  ପ୍ରାପ୍ତ ହୁଅନ୍ତି ଯୋଗୀବର୍ଗ ।
ସେହୁ ଯେ'ଦେବ-ପିତୃଯାନ  ଜାଣ ଶାଶ୍ୱତ-ସନାତନ ॥
ଶୁକ୍ଳ ମାର୍ଗରେ କରି ଗତି  ବ୍ରହ୍ମ ଲୋକରେ ପ୍ରବେଶନ୍ତି ।
କାମ' କାରଣୁ ପିତୃମାର୍ଗେ  ଜନ୍ମ-ମରଣ ମର୍ତ୍ତ୍ୟେଭୋଗେ॥୨୬॥
ଜାଣିଣ ତତ୍ତ୍ୱ ବେନିପଥ  ଯୋଗୀ ହୁଅଇ ଆତ୍ମବନ୍ତ ।
ଯୋଗ ସାଧନେ ରଖିମତି  ଚିନ୍ତଇ ସେହୁ ଦିବ୍ୟଗତି ॥
ସମ ବୁଦ୍ଧିରେ ହୋଇଯୁକ୍ତ  ଦିବ୍ୟ ଆନନ୍ଦ ତହୁଁ ପ୍ରାପ୍ତ ।
ତେଣୁ ଅର୍ଜୁନ ! ସଦାକାଳେ  ଯୋଗ ଆଦର ମହୀତଳେ॥୨୭॥
ଯଜ୍ଞ ଦାନାଦି ତପବଳ  ଶୁଭ କର୍ମାଦି ପୁଣ୍ୟଫଳ ।
ବେଦ ପଠନେ ବୁଝି ତତ୍ତ୍ୱ  ସଂସାର ଭୋଗରୁ ବିରତ ॥

ପ୍ରଭୁ ପାଦରେ ମନ ରଖ୍ି ବିଷୟ ଭୋଗ ପରିତ୍ୟାଗୀ ।
ଯୋଗୀ ଲଭିଣ ଶୁଦ୍ଧଚିତ୍ତ ପରମପାଦ କରେପ୍ରାପ୍ତ ।।୨୮।।
ଧ୍ୟାୟୀ ସେ' ପ୍ରଭୁଙ୍କ ଚରଣ ଅଷ୍ଟମ ଅଧ୍ୟାୟ କଥନ ।
ଭଜି ପୟରେ ଏ ଅବଳା ଭଣତି କରେ ଶକୁନ୍ତଳା ।।

ଏହି ପ୍ରକାରେ ଓଁ, ତତ୍, ସତ୍ – ଏହି ଭଗବତ୍ ନାମ ଉଚ୍ଚାରଣ ପୂର୍ବକ ବ୍ରହ୍ମବିଦ୍ୟା ଓ ଯୋଗ ଶାସ୍ତ୍ରମୟ ଶ୍ରୀମଦ୍‌ଭଗବତ ଗୀତା ଉପନିଷଦ ରୂପକ ଶ୍ରୀ କୃଷ୍ଣ ଅର୍ଜୁନ ସମ୍ବାଦରେ "ଅକ୍ଷରବ୍ରହ୍ମ ଯୋଗ' ନାମକ ଅଷ୍ଟମ ଅଧ୍ୟାୟ ପୂର୍ଣ୍ଣ ହେଲା ।।୮।।

ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ

ଓଁ

ଶ୍ରୀ ପରମାତ୍ମାନେ ନମଃ

ଶ୍ରୀମଦ୍‌ଭଗବଦ୍ ଗୀତା (ନବମ ଅଧ୍ୟାୟ)

(ରାଜବିଦ୍ୟାରାଜଗୁହ୍ୟ ଯୋଗ)

ଶ୍ରୀ ଭଗବାନ ଉବାଚ

ବିଜ୍ଞାନ ସହ ଏହିଜ୍ଞାନ ମୋ'ଠାରୁ ଶୁଣ ହେ ଅର୍ଜୁନ ।
ତତ୍ତ୍ୱ ଏହାର ଗୋପନୀୟ ଦୋଷେ ତୁମ୍ଭର ନାହିଁ ଲୟ ।।

ତେଣୁ ତୁମ୍ଭେ ଯେ'ଅଧିକାରୀ    ବୁଝାଇ କହିବି   ବିସ୍ତାରି  ।
ଜ୍ଞାନ - ବିଜ୍ଞାନ   ବ୍ରହ୍ମତତ୍ତ୍ୱ        ଜାଣିଣ ଦୋଷୁ ହେବମୁକ୍ତ ।।୧।।
ବିଦ୍ୟାର ମଧ୍ୟେ ସର୍ବଶ୍ରେଷ୍ଠ          ଗୋପନ  ଅତି   ଗୂଢ଼ନିଷ୍ଠ ।
ସର୍ବ ଉତ୍ତମ ସୁଖ  ଦେୟ            ପବିତ୍ର   ଭାବ ଧର୍ମମୟ  ।।
ସାଧକ ଯେବେ ଦୃଢ଼ ଚିତ୍ତ            ସହଜ  ସାଧ୍ୟ   ଏହି ତତ୍ତ୍ୱ ।
ପ୍ରତ୍ୟକ୍ଷ ଫଳ ଆତ୍ମେପ୍ରାପ୍ତ           କାଳ ଗର୍ଭରେ ନୁହେଁଲୁପ୍ତ ।।୨।।
ତତ୍ତ୍ୱଜ୍ଞାନେ ଯା' ଶ୍ରଦ୍ଧା ନାହିଁ      ମହିମା ତା'ର  ନ'ଜାଣଇ ।
ବିଷୟ ଭୋଗ  ସଙ୍ଗକରି           ଭଜି ନଥାଏ  କେବେ ହରି ।।
ସଂସାର ମାର୍ଗେ ମୃତଦ୍ୱାର       ଦୁଃଖ କଷଣ ଲଭେନର  ।
ଜନ୍ମ-ମରଣ  ଅନ୍ତ   ନାହିଁ        ଆତ୍ମାକୁ କେବେ ନ'ଚିନ୍ତଇ।।୩।।
ମୋର   ସ୍ୱରୂପ ନିରାକାର        ବ୍ୟାପ୍ତ   ସଂସାର ସବୁଠାର ।
ଅଦୃଶ୍ୟ  ରୂପେ  ହୃଦେରହି        ଦେହ ଆକାରେ ଦିଶୁଥାଇ ।।
ସକଳ ଜୀବ ଦେହେମୋର         ନୁହଇ କେହି ମୋ'ଆଧାର ।
ଅସଙ୍ଗ ଭାବେ    ସର୍ବ ସ୍ଥିତ         କାହାରି  ନୁହେଁ 'ମୁଁ' ଆଶ୍ରିତ ।।୪।।
ଯେ' ବୁଝଇ ମୋ'  ମାୟାଶକ୍ତି       ସେହୁ ଜାଣଇ ମୋର ସ୍ଥିତି ।
ଈଶ୍ୱର  ରୂପେ    ଅବସ୍ଥାନ          ତିନି ଭୁବନ ମୋ'ଅଧୀନ ।।
ବିଶ୍ୱ ବ୍ରହ୍ମାଣ୍ଡ ମୋ'ଠୁ ଜାତ            ପାଳଇ ମୁଁହି  ଏ'  ଜଗତ ।
ସକଳ ଜୀବ  ଦେହେରହି          ଆତ୍ମାକୁ  କିଛି    ନ'ଲାଗଇ ।।୫।।
ବାୟୁ ଯେସନେ  ନିରନ୍ତର           ଆକାଶ  ସଙ୍ଗେ ଏକାକାର  ।
ସେମନ୍ତେ ଜୀବ  ବ୍ରହ୍ମାଣ୍ଡର          ମୋର   ଆଶ୍ରିତ  ଚରାଚର ।।
ଆତ୍ମା ରୂପରେ ସର୍ବବ୍ୟାପ୍ତ           ତହୁଁ  ଜଗତ     ଆତଯାତ ।
ପ୍ରାଣୀ  ହୃଦୟେ  ରହିଥାଇ           ଶରୀର ନେତ୍ରେ  ନ'ଦିଶଇ ।।୬।।
ଅନେକ   କଳ୍ପ  ଅନ୍ତକାଳେ           ମହାପ୍ରଳୟ  ଯୋଗବଳେ ।

ସକଳ ଜୀବ ମୂଳଗତି ପ୍ରକୃତି ଦେହେ ଲୟଯାନ୍ତି ॥
କଳ୍ପ ଆରମ୍ଭ ମହାସର୍ଗ ବ୍ୟକ୍ତ ହୁଅନ୍ତି ପ୍ରାଣିବର୍ଗ ।
ବାସନା ସଂସ୍କାର କାରଣୁ ପୁନଃ ଶରୀର ପ୍ରାପ୍ତ ତେଣୁ ॥୭॥
ଅବିଦ୍ୟା ମାୟା କବଳିତ ଜୀବ ଅଜ୍ଞାନେ ବିମୋହିତ ।
ପ୍ରକୃତି ବଶେ ସର୍ବଭୂତ କଳ୍ପ ଆରମ୍ଭେ ପ୍ରକଟିତ ॥
ପ୍ରକୃତି ମୋହର ଆୟତ୍ତ ମୋର ଇଚ୍ଛାରେ ସୃଷ୍ଟିଜାତ ।
ମୋର ନିର୍ଦ୍ଦେଶେ ସୃଷ୍ଟିନାଶ ପ୍ରକୃତି ଯେବେ ମୋର ବଶ ॥୮॥
ସୃଷ୍ଟି- ବିନାଶ କର୍ମମାନ 'ମୁଁ ଯେ' ନିର୍ଲିପ୍ତ ଉଦାସୀନ ।
ପ୍ରକୃତି ଏହାର କାରଣ ମୋର ସତ୍ତାରେ ଶକ୍ତିମାନ ॥
କର୍ମେ ନ ଥାଇ କର୍ତ୍ତାପଣ ବନ୍ଧନ ନୁହଇ ଅର୍ଜୁନ ।
ସ୍ୱଭାବ ପ୍ରକାରେ ଘଟଇ ଜୀବ ମାୟାରେ ଭ୍ରମୁଥାଇ ॥୯॥
'ମୁଁ ଯେ ବ୍ରହ୍ମାଣ୍ଡ ଅଧିପତି ପ୍ରକୃତି ମୋର ଆଦିଶକ୍ତି ।
ବିଶ୍ୱ ରଚଇ ଯୋଗବଳେ ମୋର ନାମରେ ସୃଷ୍ଟିଚଳେ ॥
ଜନ୍ମ ମରଣ ରୂପାନ୍ତର ପ୍ରକୃତି ଯହିଁର କାରଣ ।
ଏହି କାରଣୁ ହେ ଅର୍ଜୁନ ! ବିବିଧ ରୂପ ଦୃଶ୍ୟମାନ ॥୧୦॥
ସକଳ ଜୀବର ଆଧାର ମୁହିଁ ଯେ' ବ୍ରହ୍ମାଣ୍ଡ ଈଶ୍ୱର ।
ଯେବେ ମାନବ ରୂପ ଧରେ ଜଗତ ହିତେ ଅବତରେ ॥
'ପରମ ଭାବ' ଏହାମୋର ମୁଢେ ନଜାଣି ତତ୍ତ୍ୱଯାର ।
ତୁଚ୍ଛ ଶରୀର ମନେକରି ଅବଜ୍ଞା କରନ୍ତି ମୋହରି ॥୧୧॥
ମନେ ରଖିଣ ବ୍ୟର୍ଥ ଆଶା କର୍ମେ ଭୋଗନ୍ତି ଦୁଃଖଦଶା ।
ଅସତ ଜ୍ଞାନେ ମୋହଯୁକ୍ତ ବିକ୍ଷିପ୍ତ ତେଣୁ ମୂଢଚିତ୍ତ ॥
ଆସୁରୀ ରାକ୍ଷସୀ ସ୍ୱଭାବ ମୋହିନୀ ପ୍ରକୃତି ଉଦ୍ଭବ ।
ଅବିଦ୍ୟା ମାୟାକୁ ଧରିଣ ବିମୁଖ ହୁଅନ୍ତି ଦୁର୍ଜନ ॥୧୨॥

ପୃଥାନନ୍ଦନ ! ତୁମ୍ଭେ ଜାଣ ଭକ୍ତ ଆଶ୍ରିତ ମୋ'ଚରଣ ।
ଦଇବ ପ୍ରକୃତି ଆଦରି ଅନନ୍ୟଚିତ୍ତେ ମୋତେସ୍ମରି ॥
ସକଳ ପ୍ରାଣୀ ମୋଠୁଜାତ ଆଦି କାରଣ ବ୍ରହ୍ମଭୂତ ।
ଜାଣି ମହାତ୍ମା ଏହିମନ୍ତେ ଭଜନ୍ତି ମୋତେ ଦୃଢ ଚିତ୍ତେ ॥୧୩॥
ଇଷ୍ଟ ମାନିଣ ଜ୍ଞାନୀନର ଭଜଇ ନିତ୍ୟ ନିରନ୍ତର ।
ପ୍ରେମ ରସରେ ଦୃଢବ୍ରତୀ ମହିମା ଗାୟନ କରନ୍ତି ॥
ସାଧନା ରତ ଏହୁମନ୍ତେ ପ୍ରଣାମ କରି ଦଣ୍ଡବତେ ।
ଭକ୍ତି ଭାବରେ ସ୍ଥିର ମତି ମୋର ସ୍ୱରୂପ ଉପାସନ୍ତି ॥୧୪॥
ଆତ୍ମା ଅଭିନ୍ନ ଜାଣି ବିଜ୍ଞେ ମୋତେ ପୂଜନ୍ତି ଜ୍ଞାନଯଜ୍ଞେ ।
'ମୁଁ ଯେ' ଅଟଇ ସର୍ବେଶ୍ୱର ଧ୍ୟାନେ ଚିନ୍ତନ୍ତି ଜ୍ଞାନୀନର ॥
ସଂସାର ସ୍ୱରୂପ ମୋହର ଯୋଗୀ ସେବନ୍ତି ନିରନ୍ତର ।
ଦାସ୍ୟ ଭାବକୁ ହୃଦେଧରି ଭକ୍ତ ଭଜନ୍ତି ନରହରି ॥୧୫॥
ମୋର ସ୍ୱରୂପ କ୍ରତୁ ଯଜ୍ଞ ଔଷଧ ନାମେ ସ୍ୱଧାଯୋଗ୍ୟ।
ଆର୍ଯ୍ୟ ସ୍ଥଳୀରେ 'ମୁଁ' ହିଁ ଘୃତ ଅଗ୍ନି ସମେତ ବେଦ ମନ୍ତ୍ର ॥୧୬॥
ସମଗ୍ର ଜଗତ ବିଧାତା ତେଣୁ 'ମୁଁ' ସର୍ବ ପିତା ମାତା ।
ସୃଷ୍ଟି ଆରମ୍ଭ ଆଦିପିତା 'ମୁଁ' ଅଟେ କର୍ମ ଫଳଦାତା ॥
ପୂତ ପବିତ୍ର କାଳଜୟୀ ଜ୍ଞାନ ସ୍ୱରୂପ ଅଟେ ମୁହିଁ ।
'ମୁଁ' ଯେ 'ଓଁ'କାର ଚତୁର୍ବେଦ ମୋର ସ୍ୱରୂପ ବ୍ରହ୍ମପାଦ ॥୧୭॥
ସୃଷ୍ଟିର ବିନାଶ ଉତ୍ପତ୍ତି କାଳ ନାମରେ ମୋରଗତି ।
ସକଳ ଜୀବର ଆଧାର ହୃଦେ ନିବାସ ପ୍ରାଣୀଙ୍କର ॥
ପୋଷଣକାରୀ ପ୍ରଭୁ ମୁହିଁ ସାକ୍ଷୀ ରୂପରେ ଦେଖୁଥାଇ ।
ଶରଣ ଦାତା 'ମୁଁ' ହିତୈଷୀ ଭୂତ କାରଣ ଅବିନାଶୀ ॥୧୮॥
ଆକାଶେ ସୂର୍ଯ୍ୟ ରୂପେ ରହି ତାପ ଆଲୋକ ସଂରଚଇ ।

ମୋରି ତାପରେ ବାରିଶୋଷି କରଇ ବୃଷ୍ଟି ଜଳରାଶି ॥
ପ୍ରାଣୀଙ୍କ ହୃଦେ ସଦା ସ୍ଥିତ ଦିବ୍ୟ ଅମୃତ ଆତ୍ମବନ୍ତ ।
ମୃତ୍ୟୁ ରୂପରେ ନାଶବାନ ସତ୍ ଅସତ୍ 'ମୁଁ' ଅର୍ଜୁନ ॥ ୧୯॥
ବେଦ ରଚିତ ହୋମ ଯଜ୍ଞ ଦେବ ଭୋଗକୁ କରେଯୋଗ୍ୟ ।
ଦୁର୍ଲଭ ସୋମ ରସ ପାନେ ତେଜିଣ ପାପ ଶୁଦ୍ଧମଣେ ॥
ମନେ ଇଚ୍ଛିଣ ଦେବସଙ୍ଗ ପ୍ରାପ୍ତ କରଇ ସ୍ୱର୍ଗ ଭୋଗ ।
ଏମନ୍ତେ ଯଜ୍ଞ କର୍ମଫଳ ମର୍ତ୍ତ୍ୟେ ଲଭଇ କାମୀନର ॥୨୦॥
ବେଦ ରଚିତ ଯଜ୍ଞମାନ ଧର୍ମ ଅଧର୍ମ ଅନୁଷ୍ଠାନ ।
ବିଶାଳ ସ୍ୱର୍ଗ ଦେବ ଭୋଗ ପୁଣ୍ୟକ୍ଷୀଣରେ ମର୍ତ୍ତ୍ୟଯୋଗ॥
ପୁଣ୍ୟ ପ୍ରଭାବ କାଳ ଅନ୍ତେ ସ୍ୱର୍ଗ ତେଜିଣ ଯାନ୍ତି ମର୍ତ୍ତ୍ୟେ ।
ବିଷୟ ଭୋଗକୁ ଆଶ୍ରିତ ଜନ୍ମ ମରଣେ ଗତାଗତ॥୨୧॥
ଅନନ୍ୟ ପ୍ରେମୀ ଭକ୍ତନର ଚିନ୍ତିଣ ସ୍ୱରୂପ ମୋହର ।
ବିଷୟ ଭୋଗରୁ ବିରତ ସକଳ ଜୀବ ହିତେ ରତ ॥
ଯେ'ଭଜେ ନିତ୍ୟ ମୋରନାମ ମୋ'କାନ୍ଧେ ତାର ଯୋଗକ୍ଷେମ।
ଯୋଗର ମଙ୍ଗ ହାତେଧରି ଭବସାଗରୁ କରେପାରି ॥୨୨॥
କୁନ୍ତୀନନ୍ଦନ ! ତୁମ୍ଭେ ଶୁଣ ଭଜନ୍ତି ନର ଦେବଗଣ ।
ମନରେ ରଖିଣ ବାସନା ଇଷ୍ଟଙ୍କୁ କରନ୍ତି ଅର୍ଚ୍ଚନା ॥
ଦେବ ଯେ'ମୋ'ର ଠାରୁଭିନ୍ନ ଏହା ମଣନ୍ତି ଅଜ୍ଞଜନ ।
ଶ୍ରଦ୍ଧା ଜନିତ ଦେବାର୍ଚ୍ଚନା ଅଟେ ଯେ'ମୋର ଉପାସନା ॥୨୩॥
ସମସ୍ତ ଯଜ୍ଞ ଫଳ ଦାତା ଅଟଇ ମୁହିଁ ପ୍ରଭୁ-ଭୋକ୍ତା ।
ତତ୍ତ୍ୱ ନଜାଣି ଏହିମନ୍ତେ ନରେ ଭ୍ରମନ୍ତି ବହୁମତେ ॥ ୨୪॥
ଦେବ ପୂଜିଣ କାମୀନର ଦେହାନ୍ତେ ଯାନ୍ତି ଦେବପୁର ।
ପୂର୍ବପୁରୁଷ ଶ୍ରଦ୍ଧାଭାବେ ପିତରି ଲୋକ ସେହୁଲଭେ ॥

ମର୍ତ୍ତ୍ୟେ ପୂଜିଣ ଭୂତପ୍ରେତ ପ୍ରେତ ଯୋନିରେ ହୁଏଜାତ ।
ଭଜିଣ ଭକ୍ତ ମୋରନାମ ଲଭନ୍ତି ନିତ୍ୟ ଦିବ୍ୟଧାମ ॥୨୫॥
ମନେ ଯାହାର ନାହିଁଦୋଷ ପତ୍ରପୁଷ୍ପରେ ମୁହିଁ ତୋଷ ।
ଭକ୍ତି ଭାବରେ ଅର୍ପି ଜଳ ଦେହେ ଲଭଇ ଆତ୍ମ ବଳ ॥
କରଇ କର୍ମ ଯୋଗବଳେ ଆଶା ନରଖି କର୍ମଫଳେ ।
ସୁଲଭ ଦ୍ରବ୍ୟ ଉପହାର ଗ୍ରହଣ କରଇ ଅନ୍ତର ॥୨୬॥
ତପ ହବନ ତଥା ଦାନ ଭୋଜନ ଯଜ୍ଞ ଅନୁଷ୍ଠାନ ।
ଫଳ ଭୋଗର ଆଶାତେଜି ମୋର ନିମିତ୍ତ କର୍ମରାଜି ॥
ସଂସାର କର୍ମ ଜୀବହିତେ କର ତୁ ସର୍ବ ଯୋଗଚିତ୍ତେ ।
ବିଷୟ ଦ୍ରବ୍ୟେ ଅନାସକ୍ତ ବୈରାଗ୍ୟଭାବେ ସମର୍ପିତ ॥୨୭॥
କର୍ମ ଅର୍ପିତ ମୋର ପାଶ ଫଳେ ନଲାଗେ ଭବଦୋଷ ।
ଅବିଚଳିତେ କର୍ମକରି ପାପ ପୁଣ୍ୟରୁ ଯିବୁ ତରି॥
ଦେହ ଇନ୍ଦ୍ରିୟ ସମର୍ପିତ କର୍ମ ବନ୍ଧନୁ ତହୁଁମୁକ୍ତ ।
ସନ୍ୟାସ ଯୋଗେ ଦୃଢଚିତ୍ତ ଭବୁ ଉଦ୍ଧରି ମୋରପ୍ରାପ୍ତ ॥୨୮॥
ସକଳ ହୃଦେ ମୁହିଁ ସ୍ଥିତ ସମ ଭାବରେ ପରିବ୍ୟାପ୍ତ ।
ଚେତନ ରୂପେ ଦେହେରହି ପ୍ରିୟ ଅପ୍ରିୟ କେହି ନାହିଁ ॥
ପ୍ରେମ ଆନନ୍ଦେ ଚିନ୍ତେଯେହୁଁ ମୋର କୃପାରେ ରହେସେହୁ ।
ଶ୍ରଦ୍ଧା ବିଶ୍ୱାସେ ଯେ'ଭଜଇ ପ୍ରତ୍ୟକ୍ଷ ଦୃଶ୍ୟ ତାରହୋଇ ॥୨୯॥
ହେଉବା' ଯଦି ଦୁରାଚାରୀ ଜ୍ଞାନ ଉଦୟେ ଅଶ୍ରାକରି ।
ମୋର ସ୍ୱରୂପ ଜାଣେ ଯେହୁ ପାପୁ ନିବୃତ୍ତ ହୁଏ ତହୁଁ ॥
ଅନନ୍ୟପ୍ରେମୀ ଭକ୍ତ ସମ ନିତ୍ୟ ଭଜଇ ମୋରନାମ ।
ନିଶ୍ଚିତ ବୁଦ୍ଧି ଶୁଦ୍ଧମନା ସାଧୁ ନାମରେ ସେହୁଗଣା ॥୩୦॥
ପୂର୍ବ ଅର୍ଜିତ ପାପମାନ ମୋର ଚିନ୍ତନେ ହୁଏକ୍ଷୀଣ ।

ଅଚିରେ ଧର୍ମାତ୍ମା ହୁଅଇ ପରମ ଶାନ୍ତିକୁ ଲଭଇ ॥
ଭକ୍ତ ମୋହର ନାଶ ନାହିଁ ମୋର କୃପାରେ ବଞ୍ଚିଥାଇ ।
ମୋର ବଚନ ହେ ଅର୍ଜୁନ ! ନିଶ୍ଚିତ ସତ୍ୟ ତୁମ୍ଭେ ଜାଣ ॥୩୧॥
ଚଣ୍ଡାଳ ଅବା ପାପାଚାରୀ ବୈଶ୍ୟଶୂଦ୍ର କି ଅବାନାରୀ ।
ଭକ୍ତି ଭାବରେ ରଖିଚିତ୍ତ ଯେବେ ଜାଣଇ ମୋରତତ୍ତ୍ୱ ॥
ଶରଣାପନ୍ନ ସଦାହୋଇ ପରମ ପାଦ ସେ'ଲଭଇ ।
ଶୁଣ ଅର୍ଜୁନ ବାକ୍ୟମୋର ସତ୍ୟ ଅଟଇ କାଳାନ୍ତର ॥୩୨॥
ସିଦ୍ଧବ୍ରାହ୍ମଣ ପୂଣ୍ୟ ଭକ୍ତ କିବା ଆଶ୍ଚର୍ଯ୍ୟ ତାଙ୍କମୁକ୍ତ ।
ଯେବେ ରାଜର୍ଷି ଧର୍ମଶୀଳ ଅଚିରେ ଯାନ୍ତି ମୋରପୁର ॥
ମନୁଷ୍ୟ ତନୁ କର୍ମବଳେ ଲଭଇ ଜୀବ ମର୍ତ୍ତ୍ୟପୁରେ ।
ଭଜି ସ୍ୱରୂପ ନିରନ୍ତର ଭବ ସାଗରୁ ହୁଏ ପାର ॥ ୩୩॥
ମନ ସମର୍ପି ମୋରିପାସେ ଆନନ୍ଦେ ମଜ୍ଜି ପ୍ରେମରସେ ।
କରି ସାଷ୍ଟାଙ୍ଗ ପ୍ରଣିପାତ ମୋର ସ୍ୱରୂପେ ରଖଚିତ୍ତ ॥
ସଦା ଚିନ୍ତିଣ ଭାବଗ୍ରାହୀ ମୋ ବିନୁ ଅନ୍ୟ କେହି ନାହିଁ ।
ଏମନ୍ତ ଭଜିଭକ୍ତି ଚିତ୍ତେ ମୋତେ ଲଭିବୁ ଦେହଅନ୍ତେ ॥୩୪॥
ଧ୍ୟାୟୀ ସେ' ପ୍ରଭୁଙ୍କ ଚରଣ ନବମଅଧ୍ୟାୟ କଥନ ।
ଭଜି ପୟରେ ଏ ଅବଳା ଭଣତି କରେ ଶକୁନ୍ତଳା ॥

ଏହି ପ୍ରକାରେ ଓଁ, ତତ୍, ସତ୍ – ଏହି ଭଗବତ୍ ନାମ ଉଚ୍ଚାରଣ ପୂର୍ବକ ବ୍ରହ୍ମବିଦ୍ୟା ଓ ଯୋଗ ଶାସ୍ତ୍ରମୟ ଶ୍ରୀମଭଗବତ ଗୀତା ଉପନିଷଦ ରୂପକ ଶ୍ରୀକୃଷ୍ଣ ଅର୍ଜୁନ ସମ୍ବାଦରେ 'ରାଜବିଦ୍ୟା ରାଜଗୁହ୍ୟ ଯୋଗ' ନାମକ ନବମଅଧ୍ୟାୟ ପୂର୍ଣ୍ଣ ହେଲା ॥୯॥

***( ଶ୍ରୀମଭଗବଦ୍ ଗୀତା – ସରଳ ନବାକ୍ଷରୀ ପଦ୍ୟାନୁବାଦ) ***

ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ

ଓଁ

ଶ୍ରୀ ପରମାତ୍ମନେ ନମଃ

ଶ୍ରୀମଭଗବଦ୍ ଗୀତା (ଦଶମ ଅଧ୍ୟାୟ)

(ବିଭୂତି ଯୋଗ)

ଶ୍ରୀ ଭଗବାନ ଉବାଚ

ପୁନଃ କହୁଛି ହେ ଅର୍ଜୁନ ! ଶୁଣ ମୋ' ପରମ ବଚନ ।
ମୋର ବାକ୍ୟେ ଯେ'ତୁମ୍ଭପ୍ରୀତି ବୁଝି ଲଭିବ ଦିବ୍ୟଗତି ॥
ମୁହିଁ ଅଟଇ ଯାରପ୍ରିୟ ତାହାରି ହିତେ ମୋରଲକ୍ଷ୍ୟ ।
ସଂସାର ହିତେ ଏହିଜ୍ଞାନ ଶୁଣି ତରିବେ ସର୍ବଜନ ॥ ୧ ॥
ଋଷି ମହର୍ଷି ସୁରଗଣ ମୁହିଁ ଯେ' ଅନାଦି କାରଣ ।
ମୋର ସ୍ୱରୂପ ସର୍ବ ବ୍ୟାପ୍ତ ସକଳ ଜୀବ ତହୁଁ ଜାତ ॥
ନର-ଲୀଳା ମୋ' ମର୍ତ୍ତ୍ୟପୁର ଦେବତା ଋଷି ଅଗୋଚର ।
ସର୍ବ କାଳେ 'ମୁଁ'ରହିଥାଇ ମୋର ଇଚ୍ଛାରେ ପ୍ରକଟଇ ॥୨॥

ଜନ୍ମ ମରଣ ମୋର ନାହିଁ ଅନାଦି କାଳୁ ସ୍ଥିତମୁହିଁ ।
ମର୍ତ୍ତ୍ୟ ପାତାଳ ସ୍ୱର୍ଗପୁର ଅଟଇ ମୁହିଁ ସର୍ବେଶ୍ୱର ॥
ମନୁଷ୍ୟ ମଧ୍ୟେ ତତ୍ତ୍ୱବିତ୍ତ ଜାଣ ତୁ ମୁହିଁ ସର୍ବବ୍ୟାପ୍ତ ।
ମୋର ଚରଣେ ଆଶ୍ରାକରି ସକଳ ପାପୁ ଯାଏ ତରି ॥୩॥
ଜ୍ଞାନ ବିଜ୍ଞାନ ସତ୍ୟ କ୍ଷମ ନିର୍ମୋହ ବୁଦ୍ଧି ଶମ ଦମ ।
ଭୟ ଅଭୟ ସୁଖ ଦୁଃଖ ସୃଷ୍ଟି ବିନାଶ ସର୍ବଲୋକ ॥୪॥
ତୁଷ୍ଟ ଅହିଂସା ତପ ଦାନ ସମତା ଯଶ ଅପମାନ ।
ଏମନ୍ତ ବିଂଶ ଭାବଧାରା ମୋ'ଠାରୁ ଜାତ ଜୀବସାରା॥୫ ॥
ସପ୍ତ ମହର୍ଷି ପୂର୍ବୁଜାତ ସନକ ଆଦି ବ୍ରହ୍ମାସୁତ ।
ସୃଷ୍ଟି ପାଳନା ଇଚ୍ଛା ବହି ଚଉଦ ମନୁ ପ୍ରବର୍ତ୍ତଇ ॥
ବ୍ରହ୍ମା ସମେତ ଦେବଗଣ ମାନସ ପୁତ୍ର ମୋରଜାଣ ।
ତହୁଁ ଉତ୍ପତ୍ତି ପ୍ରଜାକୁଳ ମୋ'ଠାରେ ଥାଏ ଶ୍ରଦ୍ଧାଯାର ॥୬॥
ମୋର ସାମର୍ଥ୍ୟ ତିନିପୁର ବିଭୂତି ରୂପରେ ବିସ୍ତାର ।
ଯେହୁ ଜାଣଇ ଏହିତତ୍ତ୍ୱ ନିଶ୍ଚଳ ଯୋଗେ ହୁଏ ସ୍ଥିତ ॥
ସଂଶୟଶୂନ୍ୟ ଜ୍ଞାନବାନ ନିତ୍ୟ କରଇ ମୋର ଧ୍ୟାନ ।
ଭକ୍ତି ମିଶ୍ରିତ ଜ୍ଞାନଚିତ୍ତ ଦ୍ୱନ୍ଦ୍ୱ ହଟିଣ ମୋତେପ୍ରାପ୍ତ ॥୭॥
'ମୁଁ ହିଁ ଯେ' ସଂସାର କାରଣ ମୂଳ ଅନାଦି ସନାତନ ।
ବିଜ୍ଞ ଜନଙ୍କ ଏ' ବିଚାର ମୋ'ଠାରୁ ବିସ୍ତାର ସଂସାର ॥
ସର୍ବ ଭାବରେ ସମର୍ପଣ ନାମ ଭଜନ୍ତି ପ୍ରତିକ୍ଷଣ ।
ଶ୍ରଦ୍ଧା ପ୍ରେମରେ ରଖି ଚିତ୍ତ ଶରଣ ଯାନ୍ତି ମୋରଭକ୍ତ ॥୮॥
ମନ ଲଗାଇ ନିରନ୍ତର ପ୍ରାଣସମର୍ପି ସଦାଚାର ।
ଭକ୍ତି ଭାବରେ ହୋଇ ପୂତ ଚର୍ଚ୍ଚା କରନ୍ତି ମୋର ତତ୍ତ୍ୱ ॥
ଏକ ଆରକେ ବୋଧକରି ଲୀଳାକୁ ମୋହରି ବିସ୍ତାରୀ ।

ହୃଦେ ଲଭିଣ ପରିତୁଷ୍ଟ ଭଜନ୍ତି ବାସୁଦେବ ଇଷ୍ଟ ॥ ୯॥
ପ୍ରେମ ଭାବରେ ସଦାଯୁକ୍ତ ଭଜଇ ଯେହ୍ନୁ ଅବିରତ ।
ଅନନ୍ୟ ଯେହ୍ନୁ ଭକ୍ତବର୍ଗ ଦିଅଇ ତାଙ୍କୁ ବୁଦ୍ଧିଯୋଗ ॥
କୃପା ବଳରେ ଯୋଗସାଧି ଆଚରି ସତ୍ତ୍ୱ ଗୁଣବିଧି ।
ମୋରି ପ୍ରଦତ୍ତ ଭକ୍ତି ନିତ୍ୟେ ଲଭନ୍ତି ପ୍ରେମୀ ସଦା ମୋତେ॥୧୦॥
ଭକ୍ତ ଯେ' ମୋର ନିତ୍ୟଯୁକ୍ତ ତା'ର ସ୍ୱରୂପେ ମୁହିଁସ୍ଥିତ ।
ଅନ୍ତଃକରଣେ ରହି ମୁହିଁ ଜ୍ଞାନ ଦୀପକୁ ପ୍ରକାଶଇ ॥
ତମାଦି ଅଜ୍ଞାନ ନାଶଇ ଶୁଦ୍ଧ ସ୍ୱରୂପ ପ୍ରକଟଇ ।
ମୋରି କୃପାରେ ଦୀପ୍ତିମାନ ଲଭଇ ସେହ୍ନୁ ତତ୍ତ୍ୱଜ୍ଞାନ ॥୧୧॥

ଅର୍ଜୁନ ଉବାଚ ( ଅର୍ଜୁନ କହିଲେ )

ଚିନ୍ତି ଅର୍ଜୁନ ଭାବ ପ୍ରୀତି କରନ୍ତି କୃଷ୍ଣଙ୍କର ସ୍ତୁତି ।
ପରମ ବ୍ରହ୍ମ ହେ ମାଧବ ଦିବ୍ୟ ପୁରୁଷ ଆଦିଦେବ ॥
ଶ୍ରେଷ୍ଠ ଆଶ୍ରୟ ବ୍ରହ୍ମଲୋକ ପରମ ପୂତ ବିଧାୟକ ।
ଆଦି ଅଜନ୍ମା ସନାତନ ସର୍ବ ବ୍ୟାପକ ଚିରନ୍ତନ ॥୧୨॥
ବ୍ୟାସ-ଦେବଳ-ଯେ'ଅସିତ ନାରଦ ବ୍ରହ୍ମାଙ୍କର ସୂତ ।
ଋଷି ମହର୍ଷି ଦେବଗଣ କୁହନ୍ତି ତୁହି ନାରାୟଣ ॥
ବିଶ୍ୱ ବ୍ରହ୍ମାଣ୍ଡ ଚରାଚର ଯାହାର ତୁହି ଅଧୀଶ୍ୱର ।
ଏମନ୍ତେ ସତ୍ୟ ତୋ' ବଚନ ଯାହା ହେଜନ୍ତି ଜ୍ଞାନୀଜନ ॥ ୧୩॥
ବଚନ ତବ ହେ କେଶବ ! ସତ୍ୟ ଅଟଇ ଏହି ସର୍ବ ।
ତୁମ୍ଭେ ଅନନ୍ତ ଅପ୍ରମେୟ ଏଥିରେ ନାହିଁ ମୋ'ସଂଶୟ ॥
ସଗୁଣ ରୂପେ ଦେହଧରି ଯେବେ ବିସ୍ତାରୁ ଲୀଳାତୋରି ।
ଦେବଙ୍କୁ ତାହା ଅଗୋଚର ଦାନବେ କାହୁଁ ଜ୍ଞାତସାର ॥ ୧୪॥
ଆତ୍ମା ସ୍ୱରୂପେ ଦେହେ ରହି ନିଜକୁ ନିଜେ ଜାଣୁ ତୁହି ।

ପୁରୁଷୋତ୍ତମ ନାମ ଯାର ସକଳ ପ୍ରାଣୀଙ୍କ ଈଶ୍ୱର ॥
ତୋର ଇଙ୍ଗିତେ ଦେବଗଣ ସୃଷ୍ଟି ପାଳନ୍ତି ଅନୁକ୍ଷଣ ।
ତେଜ ତୋହରି ସର୍ବାଗତ ଦେବାଧିଦେବ ଜଗନ୍ନାଥ ॥ ୧୫॥
ଜଡ ଚେତନ ସର୍ବଭୂତ ବିଭୂତି ତୁମ୍ଭ ପରିବ୍ୟାପ୍ତ ।
ଅନେକ ନାମ ରୂପ ବହି ପ୍ରଭା ତୋହର ପ୍ରକାଶଇ ॥
ତୁମ୍ଭ ସ୍ୱରୂପ ସର୍ବମୟ ଏଥିରେ ନାହିଁ ମୋ'ଶଂସୟ ।
ଦିବ୍ୟ ପ୍ରତିଭା ଆଦିଅନ୍ତ କାହାକୁ ନାହିଁ ତାହାଜ୍ଞାତ ୧୬॥
ନାହିଁ ମୋହରି ଆତ୍ମଜ୍ଞାନ ତେଣୁ ମୁଁ ନେଲି ତୋ'ଶରଣ ।
କେଉଁ ସ୍ୱରୂପେ ନିତ୍ୟଧ୍ୟାନ କରିବି ତୁମ୍ଭର ଚିନ୍ତନ ॥
କେମନ୍ତେ ଜାଣି ଦିବ୍ୟଗୁଣ ଭଜିବି ମୁହିଁ ପ୍ରତିକ୍ଷଣ ।
ବିନତି କରେ ତୋ'ଚରଣେ ଫେଡ ସଂଶୟ ଦୟାପଣେ ॥୧୭॥
ଅମୃତ ଭରା ତୋ'ବଚନ ବିଭୂତି ମୟ ତତ୍ତ୍ୱଜ୍ଞାନ ।
ଦିବ୍ୟ ଐଶ୍ୱର୍ଯ୍ୟ ଯୋଗଶକ୍ତି ଯେତେ ଶୁଣିଲେ ନାହିଁ ତୃପ୍ତି ॥
ପ୍ରତିଭା ତୋର ଯେ'ଅନନ୍ତ ବିଶ୍ୱ-ବ୍ରହ୍ମାଣ୍ଡ ପରିବ୍ୟାପ୍ତ ।
ବିସ୍ତରି ନିଜ ଅଧିଷ୍ଠାନ କୁହ ପୁଣି ହେ !ଜନାର୍ଦ୍ଦନ ॥୧୮॥

ଶ୍ରୀ ଭଗବାନ ଉବାଚ (ଶ୍ରୀ ଭଗବାନ କହିଲେ)

ମୋର ସ୍ୱରୂପ ସର୍ବଗତ ଦିବ୍ୟ ବିଭୂତି ପରିବ୍ୟାପ୍ତ ।
ସହସ୍ର କୋଟି ରୂପମନ୍ତ ବିଭୂତି ରୂପେ ପ୍ରକଟିତ ॥
ଅନନ୍ତ ଯାହାର ବିସ୍ତାର କହିବା ଶେଷ ନାହିଁତାର ।
ଦିବ୍ୟସ୍ୱରୂପ ମୁଖ୍ୟମାନ କହୁଛି ଶୁଣ ହେ ଅର୍ଜୁନ ॥ ୧୯॥
ମୁହିଁ ଯେ' ଆତ୍ମା ଭାବଗ୍ରାହୀ ଜାଣଅର୍ଜୁନ ନିଦ୍ରାଜୟୀ ।
ସକଳ ପ୍ରାଣୀ ହୃଦେସ୍ଥିତ ସୂକ୍ଷ୍ମ ସ୍ୱରୂପ ସର୍ବଭୂତ ॥
ମୁହିଁ ଯେ' ଜଗତ କାରଣ କାଳ ସ୍ୱରୂପ ବର୍ତ୍ତମାନ ।

ଜୀବଙ୍କ ମୁହିଁ ଆଦି ଅନ୍ତ ଶୁଦ୍ଧ ଚୈତନ୍ୟ ନିତ୍ୟତତ୍ତ୍ୱ ॥୨୦॥
ଅଦିତି ଗର୍ଭୁ ଜାତହୋଇ ଆଦିତ୍ୟ ଗଣେ ବିଷ୍ଣୁ ମୁହିଁ ।
ଜ୍ୟୋତିଙ୍କ ମଧ୍ୟେ ସୂର୍ଯ୍ୟଦେବ ପ୍ରକାଶ ଜ୍ୟୋତି ପରାଭବ ॥
ବାୟୁ ଦେବତା ଅଣଚାଶ ଯାହାଙ୍କ ତେଜ ମୋ'ପ୍ରକାଶ ।
ନକ୍ଷତ୍ର ମଧ୍ୟେ ଅଧିପତି ଚନ୍ଦ୍ରମା ନାମେ ମୋରଖ୍ୟାତି ॥୨୧॥
'ମୁଁ' ଯେ'ଅଟଇ ସାମବେଦ ମଧୁର ଛନ୍ଦ ବ୍ରହ୍ମପଦ ।
ଦେବାଧିରାଜ 'ମୁଁ' ବାସବ ଅଙ୍ଗେ ମୋହର ସର୍ବଦେବ ॥
ଇନ୍ଦ୍ରିୟ ଗଣେ ମୁହିଁ ମନ କରଇ ଜଗତ ଧାରଣ ।
ଚେତନ ରୂପୀ ଚିଦାଭାସ ସକଳ ପ୍ରାଣୀ ଦେହେବାସ ॥୨୨॥
ରୁଦ୍ରଙ୍କ ଗଣେ 'ମୁଁ' ଶଙ୍କର ଶିବ ସ୍ୱରୂପ ହରିହର ।
ଯକ୍ଷ-ରାକ୍ଷସ ଧନମନ୍ତ କୁବେର ନାମେ ଅଭିହିତ ॥
ବସୁଙ୍କ ମଧ୍ୟେ ମୁହିଁ ଅଗ୍ନି ପବିତ୍ରକାରୀ ଦେବବହ୍ନି ।
ସୁମେରୁ ପର୍ବତ ମଧର ସୁବର୍ଣ୍ଣ ରତ୍ନର ଭଣ୍ଡାର ॥୨୩॥
ମୋର ସ୍ୱରୂପ ବୃହସ୍ପତି ଦେବ ହିତରେ ସଦାବ୍ରତି ।
ଇନ୍ଦ୍ରଙ୍କ ଗୁରୁ ଜ୍ଞାନମନ୍ତ ଯେସନେ ମୁଖ୍ୟପୁରୋହିତ ॥
ତେଜୁ ସମ୍ଭୁତ କାର୍ତ୍ତିକେୟ ମୁହିଁ ଯେ' ରଣେ ସେନାମୁଖ୍ୟ ।
ଜଳାଶୟେ 'ମୁଁ' ପାରାବାର ଧର୍ମ ନ ଲଙ୍ଘେ ସ୍ଥିତିମୋର ॥୨୪॥
ମହର୍ଷି ଭୃଗୁନାମ ମୋର ମାନସ ପୁତ୍ର ବ୍ରହ୍ମାଙ୍କର ।
ଶବ୍ଦ ସମୁହେ ମୁଁ 'ଓଁ'କାର ବ୍ରହ୍ମ ବାଚକ ଏକାକ୍ଷର ॥
ସକଳ ଯଜ୍ଞେ ଜପଶ୍ରେଷ୍ଠ ଜପ ଯଜ୍ଞରେ ମୁହିଁ ଇଷ୍ଟ ।
ସ୍ଥାବର ମଧ୍ୟେ ମହାକାୟ ମୋର ସ୍ୱରୂପ ହିମାଳୟ ॥୨୫॥
ପିପଳ ବୃକ୍ଷ ମର୍ତ୍ତ୍ୟେଜାତ ବିଷ୍ଣୁ ସ୍ୱରୂପେ ପୂଜ୍ୟନିତ୍ୟ ।
ଦେବର୍ଷି ଗଣେ ମୁଁ ନାରଦ ନିତ୍ୟ ଭଜଇ ବ୍ରହ୍ମପଦ ॥

ବାଦ୍ୟ ସଂଗୀତ ବିଷାରଦ ଗନ୍ଧର୍ବ ମଧ୍ୟେ ଚିତ୍ରରଥ ।
ଜନ୍ମରୁ ମୁହିଁ ସିଦ୍ଧିପ୍ରାପ୍ତ କପିଳ ମୁନି ନାମେଖ୍ୟାତ ॥୨୬॥
ମୋର ବିଭୂତି ରତ୍ନମାନ ସମୁଦ୍ର ମନ୍ଥନୁ ଉପୃନ୍ନ ।
ତା'ମଧ୍ୟେ ଉଚ୍ଚୈଃଶ୍ରବା ଅଶ୍ୱ ଜାତ ଯେ'ଅମୃତ କଳସ ॥
ଇନ୍ଦ୍ର ବାହାନ ଐରାବତ ଗଜେନ୍ଦ୍ର ମଧ୍ୟେ ବଳବନ୍ତ ।
ପ୍ରଜାମଧ୍ୟେ 'ମୁଁ'ଶ୍ରେଷ୍ଠନର ଲୋକପାଳକ ନୃପବର ॥୨୭॥
ଦଧୀଚି ଦତ୍ତ କାୟଅସ୍ଥି ଇନ୍ଦ୍ରଙ୍କ ବଜ୍ର ମୋ' ବିଭୂତି ।
ଗାଭି ମଧ୍ୟରେ କାମଧେନୁ ଦେବ ସେବାରେ ଯାରତନୁ ॥
ଜୀବ ଦେହେ 'ମୁଁ' କାମଦେବ ବଂଶ ବର୍ଦ୍ଧକ ପ୍ରାଣୀସର୍ବ ।
ସର୍ପଗଣଙ୍କ ଅଧିପତି ବାସୁକି ନାମେ ମୋରଖ୍ୟାତି॥୨୮॥
ସହସ୍ର ଫଣା ଶେଷନାଗ ମର୍ତ୍ତ୍ୟେ ମୋହର ଲୀଳାସଙ୍ଗ ।
ବରୁଣ ନାମେ ସସାଗର ଜଳ ଜନ୍ତୁଙ୍କ ଅଧୀଶ୍ୱର ॥
ପିତୃଲୋକରେ ଅଧିପତି ଅର୍ଯ୍ୟମା ନାମେ ତିଳପ୍ରାପ୍ତି ।
ସତ୍ୟ ସଂଯମ ଧର୍ମଯୁକ୍ତ 'ଯମ' ନାମରେ ଅଭିହିତ ॥୨୯॥
ଦୈତ୍ୟକୁଳେ 'ମୁଁ' ପ୍ରହଲାଦ ଜନ୍ମୁ ଜପଇ ବିଷ୍ଣୁପାଦ ।
ମୋର ସ୍ୱରୂପ ମହାକାଳ ଗଣନାକାରୀଙ୍କ ଆଧାର ॥
ଯୋଗୀଦେହେ'ମୁଁ' ଆତ୍ମବଳ ସିଂହ ଯେସନେ ପଶୁକୁଳ ।
ବିଷ୍ଣୁ ବାହନ ପକ୍ଷୀରାଜ ଗରୁଡ ନାମେ ବ୍ରହ୍ମତେଜ ॥୩୦॥
ଶୁଦ୍ଧକାରିଣୀ ବାୟୁ ରୂପ ଆକାଶେ ଗତି ସର୍ବବ୍ୟାପ ।
ଶ୍ରୀରାମ ନାମେ ଅସ୍ତ୍ରଧାରୀ ବାଣେ 'ମୋ'ଯାନ୍ତି ବିଷ୍ଣୁପୁରୀ॥
ମତ୍ସଙ୍କ ମଧ୍ୟେ 'ମୁଁ' ମଗର ବରୁଣ ଯାହାର ସବାର ।
ଜହ୍ନୁ ଋଷିଙ୍କ କର୍ଣ୍ଣୁ ଜାତ ଜାହ୍ନବୀ ନାମେ ପୁଣ୍ୟସ୍ରୋତ ॥୩୧॥
ସକଳ ସୃଷ୍ଟି ଆଦିଅନ୍ତ ମଧ୍ୟ କାଳରେ ମୁହିଁ ସ୍ଥିତ ।

ମୋର ସ୍ୱରୂପ ଏ ଜଗତ      ପ୍ରଳୟ ଅନ୍ତେ ମୁହିଁ ସ୍ଥିତ ॥
ଅଧ୍ୟାତ୍ମ ବିଦ୍ୟା ତତ୍ତ୍ୱଜ୍ଞାନ      ମୋର ବିଭୂତି ହେ ଅର୍ଜୁନ ।
ତର୍କ ଶାସ୍ତ୍ରରେ ମୁହିଁ 'ବାଦ'      ଯୁକ୍ତି ସିଦ୍ଧାନ୍ତ ଫଳପ୍ରଦ ॥୩୨॥
ଧ୍ୱନି ପ୍ରାରମ୍ଭେ ସ୍ୱରବର୍ଣ୍ଣ      'ଅ'କାର ରୂପେ 'ମୁଁ' ବର୍ଣ୍ଣନ ।
ଦ୍ୱନ୍ଦ୍ୱସମାସ ପଦଯୁକ୍ତେ      ଯେସନେ ଇଷ୍ଟ ଧ୍ୟାନ ଚିତ୍ତେ॥
କାଳ ମଧ୍ୟେ 'ମୁଁ'ମହାକାଳ      ପ୍ରଳୟେ ନାଶ ନାହିଁମୋର ।
ସକଳଦିଗେ ମୁଖମୋର      ପୋଷଣକର୍ତ୍ତା ସର୍ବାଧାର ॥୩୩॥
ମୁହିଁ ଯେ' ମୃତ୍ୟୁଦେହ-ନାଶୀ      ସ୍ମୃତି ହରଣ ସର୍ବଗ୍ରାସୀ ।
ପ୍ରକୃତି ଗୁଣେ ନାଶବାନ      ଭବିଷ୍ୟ ଉତ୍ପତ୍ତି କାରଣ ॥
ନାରୀଙ୍କ ଗଣେ 'ମୁଁ' ଅନନ୍ୟା      କୀର୍ତ୍ତି ନାମରେ ଦକ୍ଷ-କନ୍ୟା।
ଶ୍ରୀ-ବାକ୍-ସ୍ମୃତି-କ୍ଷମା- ଧୃତି      ଗୁଣ ବତ୍ତାର ଅଧିଷ୍ଠାତ୍ରୀ ॥୩୪॥
ବେଦ ଗାୟନେ ବୃହତ୍ ସାମ      ସଙ୍ଗିତ ମୟ ବିଷ୍ଣୁନାମ ।
ଛନ୍ଦ ସ୍ୱରୂପେ ପ୍ରତିଷ୍ଠିତା      ଗାୟତ୍ରୀ ମନ୍ତ୍ର ବେଦମାତା ॥
ମାସ ମଧ୍ୟେ 'ମୁଁ' ମାର୍ଗଶୀର      ଶସ୍ୟରେ ଧରା ଭରପୂର ।
ବସନ୍ତ ନାମେ 'ମୁଁ' ଋତୁରାଜ      ବୃକ୍ଷ ଜଗତ ପଲ୍ଲବିତ ॥୩୫॥
ଅସତ ରୂପ ଦ୍ୟୁତକ୍ରିଡା      ଛଳ ମାୟାରେ ସର୍ବହରା ।
ଯୋଗୀଜ୍ଞାନୀଙ୍କ ତେଜମୁହିଁ      ପ୍ରଭାବେ ମୋହ ନାଶଯାଇ ॥
ଯୋଦ୍ଧାଙ୍କ ମନର ବିଜୟ      ଯୋଗୀର ଚିତ୍ତେ 'ମୁଁ' ନିଶ୍ଚୟ ।
ସାତ୍ତ୍ୱିକ ଦେହେ ସତ୍ତ୍ୱଗୁଣ      ନିତ୍ୟ ସତ୍ତ୍ୱସ୍ଥ ଯୋଗୀଜାଣ॥୩୬॥
ବୃଷ୍ଣିବଂଶୀୟ ବାସୁଦେବ      ମୋର ନିବାସ ଦେହେ ସର୍ବ ।
ମଧ୍ୟ ପାଣ୍ଡବ ଧନଞ୍ଜୟ      ସଖା ଭାବରେ ମୋରପ୍ରିୟ ॥
ବ୍ୟାସ ନାମରେ ମହାମୁନି      ପୁରାଣ ସ୍ରଷ୍ଟା ସର୍ବଜ୍ଞାନୀ ।
ଶୁକ୍ରାଚାର୍ଯ୍ୟ 'ମୁଁ' ଭୃଗୁସୁତ      ଅସୁର କୁଳ ପୁରୋହିତ ॥୩୭॥

ମୋର ବିଭୂତି  ରାଜଦଣ୍ଡ  ଦମନ ଶକ୍ତି ଦୋଷଖଣ୍ଡ ।
ଯେହୁବିଜୟୀ ତାର ଚିତ୍ତ  ନ୍ୟାୟ ଧର୍ମରେ ସଦାସ୍ଥିତ ॥
ଗୁପ୍ତଜ୍ଞାନେ ମୁଁ ନୀରବତା  ମୌନସାଧନେ ଯୋଗଯୁକ୍ତା ।
ଆତ୍ମଜ୍ଞାନୀଙ୍କ ତତ୍ତ୍ୱଜ୍ଞାନ  ମୋର ସ୍ୱରୂପ  ତୁହିଜାଣ ॥୩୮॥
ସର୍ବ ଭୂତର ବୀଜ ମୁହିଁ  ମୋ'ବିନା କେହୁଜାତ ନୋହି।
ସକଳ  ଉତ୍ପତ୍ତି  କାରଣ  ଏହା  ଅର୍ଜୁନ  ସତ୍ୟମଣ  ॥
ସଚରାଚର  ଜଡଭୂତ  ମୁହିଁ ଯେ'  ନିତ୍ୟ ସର୍ବବ୍ୟାପ୍ତ ।
ପ୍ରକୃତି ଗୁଣେ ଏ'ଜଗତ  ମୋର ସତ୍ତାରେ ଆତଯାତ ॥୩୯॥
ଶୁଣ  ଅର୍ଜୁନ ଧ୍ୟାନଦେଇ  ଦିବ୍ୟ ବିଭୂତି ଅନ୍ତ ନାହିଁ ।
ଯାହା ଦିଶଇ  ସର୍ବଗତ  କ୍ଷର ଅକ୍ଷରେ ମୁହିଁ ସ୍ଥିତ  ॥
ମୁଁ ଯେ' ଅନନ୍ତ ମୋର କଥା  ଶେଷ ନୁହଇ ଦିବ୍ୟଗାଥା ।
ସଂସାର  ଜନ  ହିତମଣି  ସଂକ୍ଷେପ ମାତ୍ର ମୋରବାଣୀ॥୪୦॥
ମର୍ତ୍ତ୍ୟ ପାତାଳ ସ୍ୱର୍ଗପୁର  ଗୁଣ  ପ୍ରତିଭା  ଅଧୀଶ୍ୱର ।
ଷଡ ଐଶ୍ୱର୍ଯ୍ୟ ବଳ ଯାହା  ମୋହରି ତେଜୁ ଜାତ ତାହା ॥
ଧନ ସମ୍ପଦ ଦିବ୍ୟକାନ୍ତି  ତାହା ଯେ' ମୋର ଯୋଗଶକ୍ତି ।
ସକଳ ସୌନ୍ଦର୍ଯ୍ୟ ଆଧାର  ବିଭୂତି  ରୂପେ 'ମୁଁ' ବିସ୍ତାର ॥୪୧॥
ଏ ସର୍ବ ବିଭୂତିର ଜ୍ଞାନ  ନୁହଇ ତୋର ପ୍ରୟୋଜନ ।
ସକଳ ଭୂତର ଆଧାର  ବ୍ରହ୍ମ ରୂପରେ ସ୍ଥିତିମୋର ॥
ବ୍ୟକ୍ତ-ଅବ୍ୟକ୍ତ ସର୍ବଭୂତ  ବିଶ୍ୱ-ବ୍ରହ୍ମାଣ୍ଡ  ଅଂଶମାତ୍ର ।
ଏହାର ତତ୍ତ୍ୱ ଯେ'ଜାଣଇ  ମୋର ସ୍ୱରୂପ ସେ'ବୁଝଇ ॥୪୨॥
ଧ୍ୟାୟୀ ସେ' ପ୍ରଭୁଙ୍କ ଚରଣ  ଦଶମ ଅଧ୍ୟାୟ  କଥନ  ।
ଭଜି ପୟରେ  ଏ  ଅବଳା  ଭଣତି  କରେ  ଶକୁନ୍ତଳା ॥

ଏହି ପ୍ରକାରେ ଓଁ, ତତ୍, ସତ୍ – ଏହି ଭଗବତ୍ ନାମ ଉଚ୍ଚାରଣ ପୂର୍ବକ ବ୍ରହ୍ମବିଦ୍ୟା ଓ ଯୋଗ ଶାସ୍ତ୍ରମୟ ଶ୍ରୀମଭଗବତ ଗୀତା ଉପନିଷଦ ରୂପକ ଶ୍ରୀ କୃଷ୍ଣ ଅର୍ଜୁନ ସମ୍ବାଦରେ 'ବିଭୂତି ଯୋଗୋ' ନାମକ ଦଶମଅଧ୍ୟାୟ ପୂର୍ଣ୍ଣ ହେଲା ॥୧୦॥

ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ

ଓଁ

ଶ୍ରୀ ପରମାତ୍ମନେ ନମଃ

ଶ୍ରୀମଭଗବଦ୍ ଗୀତା (ଏକାଦଶ ଅଧ୍ୟାୟ)

(ବିଶ୍ୱରୂପ ଦର୍ଶନ ଯୋଗ)

ଅର୍ଜୁନ ଉବାଚ

ଅର୍ଜୁନ କୁହନ୍ତି ହେ ଦେବ ! ଶୁଣିଲି ବିଭୂତି ପ୍ରଭାବ ।
ପରମ ଦିବ୍ୟ ଏହିଜ୍ଞାନ ଆଧ୍ୟାତ୍ମ ତତ୍ତ୍ୱ କଥାମାନ ॥
ଅତ୍ୟନ୍ତ ଗୋପନୀୟ ବାଣୀ ଧନ୍ୟ ହୋଇଲି କର୍ଣ୍ଣେଶୁଣି ।
ସତ୍ୟ ବଚନେ ମୋହନାଶ ଦୂର ହୋଇଲା ମୋରକ୍ଳେଶ॥ ୧ ॥
ଉତ୍ପତ୍ତି ପ୍ରଳୟ ଜଗତ ଅନାଦି କାଳୁ ପ୍ରବର୍ତ୍ତିତ ।
ସଗୁଣ ନିରାକାର ରୂପ ତୁମ୍ଭ ବିଭୂତି ସର୍ବବ୍ୟାପ ॥
ବ୍ରହ୍ମ ସ୍ୱରୂପ ଅନ୍ତର୍ବାସୀ ମହିମା ତବ ଅବିନାଶୀ ।
ହେ ପ୍ରଭୁ କମଳ ଲୋଚନ ବିସ୍ତାରି କହିଲେ ଆପଣ ॥୨॥
ପୁରୁଷୋତ୍ତମ ହେ ମାଧବ ! ତୁମ୍ଭ ମହିମା ସର୍ବଠାବ ।
ଶୁଣି ଶ୍ରୀମୁଖୁ ଦିବ୍ୟବାଣୀ ସତ୍ୟ ମଣଇ ଚକ୍ରପାଣି ॥
କୃପା ଯେ' ଲଭିଣ ଅପାର ଇଚ୍ଛା ମୋ' ବହଇ ଅନ୍ତର ।
ଦେଖିବି ବିଶ୍ୱେଶ୍ୱର ରୂପ ଯହିଁ ଜଗତ ସର୍ବବ୍ୟାପ ॥୩॥
ଯଦି ଅଟଇ ଯୋଗ୍ୟ ମୁହିଁ ଦୟା କର ହେ ଭାବଗ୍ରାହୀ ।
ପ୍ରତ୍ୟକ୍ଷ ରୂପରେ ଦେଖିବି ମନରୁ ସଂଶୟ ଫେଡିବି ॥
ଜୀବ ଶରୀରେ ଅନ୍ତର୍ବାସୀ ବ୍ରହ୍ମାଣ୍ଡ ରୂପ ଅବିନାଶୀ ।
ତୁମ୍ଭ କୃପା ଯେ' ଯୋଗବଳ ଦର୍ଶନ ଦିଅ ଯୋଗେଶ୍ୱର ॥୪॥

ଶ୍ରୀ ଭଗବାନ ଉବାଚ (ଶ୍ରୀ ଭଗବାନ କହିଲେ)

କୃପା ବର୍ଷିଣ ଭଗବାନ କୁହନ୍ତି ଦେଖ ହେ ଅର୍ଜୁନ ।
ଶତ ସହସ୍ର ମୋ'ବିଭୂତି ଯହିଁ ବିବିଧ ବର୍ଣ୍ଣାକୃତି ॥
ଦେବ ମାନବ ଯେ' ଗନ୍ଧର୍ବ ଜଡ ଚେତନ ଜୀବସର୍ବ ।
ଏହି ମୋ' ରୂପ ଅଲୌକିକ ନୁହଇ ସ୍ଥୂଳ ଜାଗତିକ ॥୫॥
ଆଦିତ୍ୟ ରୁଦ୍ର ଏକାଦଶ ଦେଖ ମରୁତ ଅଣଚାଶ ।
ଅଶ୍ୱିନୀ କୁମାର ସମେତ ଅଷ୍ଟବସୁ ଯେ' ଦେହେସ୍ଥିତ ॥

ଜ୍ଞାତ ନ ଥିବା ରୂପମାନ ମୋର ସ୍ୱରୂପେ ଦୃଶ୍ୟମାନ ।
ସର୍ବ ଆଶ୍ଚର୍ଯ୍ୟ କାନ୍ତି ଏହି ଦେଖି ନାହାନ୍ତି ପୂର୍ବେ କେହି ॥୬॥
ସଚରାଚର ଏ' ଜଗତ ମୋରି ସ୍ୱରୂପ ଅଂଶେସ୍ଥିତ ।
ଭୂତ ଭବିଷ୍ୟ କ୍ରିୟମାଣ ଦୃଷ୍ଟି ଗୋଚର ବର୍ତ୍ତମାନ ॥
ଇଚ୍ଛା ବହିଣ ମନେତବ ଅନନ୍ତ ବ୍ରହ୍ମାଣ୍ଡ ଦେଖିବ ।
ଦେଖି ବିରାଟ ରୂପତନୁ ଫେଡ ଆଶଙ୍କା ନିଜମନୁ ॥ ୭॥
ଚର୍ମ ଚକ୍ଷୁରେ ସର୍ବଭୂତ ଦୃଶ୍ୟ ହୁଅଇ ଏ'ଜଗତ ।
ମୋରି ସ୍ୱରୂପ ବିଲକ୍ଷଣ ଦେଖି ନ ହେବ ତୁହିଜାଣ ॥
ଏମନ୍ତ ବିଚାରି ତୁମ୍ଭକୁ କୃପା କରୁଛି ଦିବ୍ୟ ଚକ୍ଷୁ ।
ଦେଖ ତୁ'ମୋର ଯୋଗଶକ୍ତି ବିରାଟ ରୂପ ଦିବ୍ୟକାନ୍ତି ॥୮॥

ସଞ୍ଜୟ ଉବାଚ (ସଞ୍ଜୟ କହିଲେ)

ହସ୍ତିନାଧୀଶ ହେ ରାଜନ ! ତଦନ୍ତେ ଶୁଣ ମୋ'ବଚନ ।
କୃଷ୍ଣ ଯେ' ମହା ଯୋଗେଶ୍ୱର ଦିବ୍ୟ ମନୁଷ୍ୟ ଅବତାର ॥
ଦୟା ବହିଣ ଭଗବାନ ବିରାଟ ରୂପକୁ ଧରିଣ ।
ଅର୍ଜୁନ ଆଗେ ଉଭାହେଲେ ବିଶ୍ୱବ୍ରହ୍ମାଣ୍ଡ ଦେଖାଇଲେ ॥୯॥
ଅନେକ ମୁଖ ନେତ୍ରକର୍ଣ୍ଣ ଅଦ୍ଭୁତ ରୂପ ନାନାବର୍ଣ୍ଣ ।
ଷଡ ଐଶ୍ୱର୍ଯ୍ୟ ପରିପୂର୍ଣ୍ଣ ହସ୍ତେ ଶୋଭିତ ସୁଦର୍ଶନ ॥
ବହୁତ ଦିବ୍ୟ ଆଭୂଷଣ ବକ୍ଷେ କୌସ୍ତୁଭ ମଣିଚିହ୍ନ ।
ସହସ୍ର ଭୁଜେ ଦିବ୍ୟ ଶସ୍ତ୍ର ସତେବା' ଯୁଦ୍ଧକୁ ପ୍ରସ୍ତୁତ ॥୧୦॥
ଶରୀର ଦିବ୍ୟ ବସ୍ତ୍ରାବୃତ ମଣି-ମାଣିକ୍ୟ ମାଳାଧୃତ ।
ଦେହେ ଚନ୍ଦନ ଅନୁଲେପ ଦିବ୍ୟ ସୁଗନ୍ଧ ସର୍ବବ୍ୟାପ ॥
ଆଶ୍ଚର୍ଯ୍ୟମୟ ସର୍ବଅଙ୍ଗ ଅନନ୍ତ ମୁଖ ଚତୁର୍ଦିଗ ।
ବିରାଟ ସ୍ୱରୂପ ଦର୍ଶନ ବିସ୍ମୟ ହୁଅନ୍ତି ଅର୍ଜୁନ ॥୧୧॥

ସହସ୍ର ସୂର୍ଯ୍ୟ ଦିବିପଥେ ଯେବେ ଉଦିତ ଏକସାଥେ ।
ଦିଶଇ ସମ ସେହୁକାନ୍ତି ବିରାଟ ରୂପ ଦିବ୍ୟଜ୍ୟୋତି ॥
ଅପରିମିତ ଯେଉଁଭାସ ବ୍ରହ୍ମାଣ୍ଡ ତହିଁରେ ପ୍ରକାଶ ।
ଆତ୍ମା ସ୍ୱରୂପ ବ୍ରହ୍ମତେଜ ବିରାଟ ରୂପ ଅଂଶୁଜାତ ॥ ୧୨

ଦିଶଇ ବ୍ରହ୍ମାଣ୍ଡ ଅନନ୍ତ ଅନେକ ପ୍ରକାରେ ବିଭକ୍ତ ।
ଏକତ୍ର ସଂପୂର୍ଣ୍ଣ ଜଗତ ଲୋମ ଲୋମରେ ପରିବ୍ୟାପ୍ତ ॥
ଅନେକ ଏକେ ସମାହିତ ବ୍ୟକ୍ତ ଅବ୍ୟକ୍ତ ପ୍ରକଟିତ ।
ଦେବାଧିଦେବ ଭଗବାନ ସମ୍ମୁଖେ ଦେଖନ୍ତି ଅର୍ଜ୍ଜୁନ ॥୧୩॥

`ଅର୍ଜ୍ଜୁନ ହୁଅନ୍ତି ଚକିତ ସର୍ବାଙ୍ଗ ଲୋମ ରୋମାଞ୍ଚିତ ।
ଦେଖିଣ ରୂପ ତେଜୋମୟ ଭ୍ରମେ ପଡନ୍ତି ଧନଞ୍ଜୟ ॥
ଅନନ୍ୟ ପ୍ରେମ ଶୁଦ୍ଧଚିତ୍ତ ଭକ୍ତି ଭାବରେ ଶିରନତ ।
କରିଣ ସ୍ତୁତି ଯୋଡିକର ପ୍ରଣାମ କଲେ ପାର୍ଥ ବୀର॥୧୪॥

ଅର୍ଜ୍ଜୁନ ଉବାଚ (ଅର୍ଜ୍ଜୁନ କହିଲେ)

କୁହନ୍ତି ଅର୍ଜ୍ଜୁନ ହେ ଦେବ ! ଦେଖଇ ଦେହେ ଜୀବସର୍ବ ।
ଦୃଶ୍ୟ ହୁଅନ୍ତି ଦେବଗଣ ଜଡ ଚେତନ ବିଦ୍ୟମାନ ॥
ନାଭି କମଳୁ ବ୍ରହ୍ମାଜାତ ପାର୍ବତୀ ପତି ବିରାଜିତ ।
ଋଷି ମହର୍ଷି ତହିଁ ସ୍ଥିତ ସକଳ ଦିବ୍ୟ ସର୍ପ ବ୍ୟକ୍ତ ॥୧୫॥

ଅନେକ ମୁଖ ନେତ୍ର ଯୁକ୍ତ ସକଳ ଦିଗେ ପରିବ୍ୟାପ୍ତ ।
ବହୁ ଉଦର ଭୁଜ ଯହିଁ ଅନନ୍ତ ଶରୀର ଦିଶଇ ॥
ଆରମ୍ଭ- ମଧ- ଅନ୍ତ ନାହିଁ ଦେଖି ଭ୍ରମିତ ହୁଏ ମୁହିଁ ।
ହେ ବିଶ୍ୱରୂପ ବିଶ୍ୱେଶ୍ୱର ! ଦେଖି ନ ପାରଇ ବିସ୍ତାର ॥୧୬॥

ଶିରେ ମୁକୁଟ ବ୍ରହ୍ମତେଜ ଗଦା ଚକ୍ରିଣ ଚତୁର୍ଭୁଜ ।

ସୂର୍ଯ୍ୟ ସମାନ ତେଜକାନ୍ତି ଦିଶଇ ଦଶଦିଗଜ୍ୟୋତି ॥
ପ୍ରକାଶମାନ ତେଜରାଶି ଅନଳ ସମ ସର୍ବଗ୍ରାସି ।
ଦେଖଇ କଷ୍ଟ ପଣେମୁହିଁ ବିରାଟ ରୂପ ଅନ୍ତନାହିଁ ॥୧୭॥
ବେଦ ଶାସ୍ତ୍ର ଯେ' ଆପଣ ଜାଣିବା ଯୋଗ୍ୟ ତତ୍ତ୍ୱଜ୍ଞାନ ।
ଅକ୍ଷର ତତ୍ତ୍ୱ ନିରାକାର ସକଳ ଜୀବଙ୍କ ଆଧାର ॥
ଆଦି ପୁରୁଷ ଚିରନ୍ତନ ଧର୍ମ ରକ୍ଷକ ସନାତନ ।
ପରମ ଆଶ୍ରୟ ବିଶ୍ୱର ଏମନ୍ତ ମତ ଧ୍ରୁବ ମୋର ॥୧୮॥
ଅନେକ ଭୁଜ ଶିର ମୁଖ ଦେଖଇ ମୁହିଁ ଚତୁର୍ଦ୍ଦିଗ ।
ସର୍ବ ଗୁଣେ ଯେ' ଅନନ୍ତ ଅନାଦି ଶୂନ୍ୟ ବଳବନ୍ତ ॥
ସୂର୍ଯ୍ୟ ଚନ୍ଦ୍ରମା ନେତ୍ରଯୁକ୍ତ ଅଗ୍ନି ସମାନ ପ୍ରଜ୍ୱଳିତ ।
ତେଜ ପ୍ରଭାବେ ଏ'ଜଗତ ସଚରାଚର ପ୍ରପୀଡିତ ॥୧୯॥
ତୁମ୍ଭ ପ୍ରତିଭା ଶକ୍ତିମନ୍ତ ସକଳ ଦିଗ ପରିବ୍ୟାପ୍ତ ।
ମର୍ତ୍ତ୍ୟ ଆକାଶ ମହାଶୂନ୍ୟ ବିରାଟ ରୂପ ଅବତୀର୍ଣ୍ଣ ॥
ହେ ମହାତ୍ମନ ଜଗଦୀଶ ! ଉଗ୍ର ସ୍ୱରୂପଜ୍ୟୋତିର୍ଭାସ ।
ଦେଖିଣ ରୂପ ଭୟଙ୍କର ତିନି ଭୂବନ ଥରହର॥୨୦॥
ଦେବ ସମାନ ନର ଗଣ ଦେଖୁଛି ତୁମ୍ଭ ଦେହେଲୀନ ।
ହସ୍ତ ଯୋଡିଣ ଭୟେକେହି ଗୁଣ ପ୍ରତିଭା ସୁମରଇ ॥
ମହର୍ଷି ସିଦ୍ଧ ମୁନୀଗଣ ଚିନ୍ତନ୍ତି ଜଗତ କଲ୍ୟାଣ ।
ଉତ୍ତମ ସ୍ତୋତ୍ର ଗାନକରି ସ୍ତୁତି କରନ୍ତି ତୋଷଭରି ॥୨୧॥
ରୁଦ୍ର ଆଦିତ୍ୟ ସାଧଗଣ ସପ୍ତ ପିତରି ସିଦ୍ଧଜନ
ଅଶ୍ୱିନୀ କୁମାର ସମେତ ଦେଖିଣ ହୁଅନ୍ତି ବ୍ୟଥିତ॥
ଦେଖିନ୍ତି ଯେବେ ବିଶ୍ୱଦେବ ମରୁତ ରାକ୍ଷସ ଗନ୍ଧର୍ବ ।
ଯକ୍ଷ ଅସୁର ଅଷ୍ଟବସୁ ଭୟେ ବିସ୍ମିତ ଚତୁର୍ପାସୁ ॥୨୨॥

ଅନେକ ଉରୁପାଦହସ୍ତ ବିରାଟ ଅଙ୍ଗେ ଦୃଶ୍ୟମନ୍ତ ।
ବହୁ ଉଦର ଶିରୋମୁଖ ତହିଁ ଅସଂଖ୍ୟ ନେତ୍ର ଯୁକ୍ତ ॥
କରାଳ ମୁଖ ତୀକ୍ଷ୍ଣ ଦନ୍ତ ଦେଖିଣ ସର୍ବେ ଆତଙ୍କିତ ।
ମୋରି ସମେତ ଏ'ଜଗତ ତୁମ୍ଭଙ୍କୁ ଦେଖି ଭୟଭୀତ ॥୨୩॥
ଆକାଶ ଚୁମ୍ବୀ ଏ'ମୂରତି ଅନେକ ବର୍ଣ୍ଣ ଦୀପ୍ତକାନ୍ତି ।
ମୁଖ ସର୍ବତ୍ର ବିସ୍ତାରିତ ପ୍ରଦୀପ୍ତ ନେତ୍ର ପ୍ରଜ୍ୱଳିତ ॥
ବିଶାଳ ରୂପ ବିସ୍ଫାରିତ ଦେଖି ଘଟଇ ଧୈର୍ଯ୍ୟଚ୍ୟୁତ ।
ଭୟ ସଙ୍କୁଳ ଚିତ୍ତ ଯହିଁ ଅନ୍ତର ଶାନ୍ତି ଲଭୁନାହିଁ ॥୨୪॥
କରାଳ ମୁଖ ଦୀର୍ଘଦନ୍ତ ଦେଖି ଅଶାନ୍ତ ମୋରଚିତ୍ତ ।
ମୁଖେ ଅନଳ ପ୍ରଜ୍ୱଳନ୍ତି ବିକୃତ କାୟ ଦନ୍ତପଙ୍କ୍ତି ॥
ପ୍ରଳୟ କାଳ ସର୍ବମନ୍ତ ଦେଖି ହୁଅଇ ଧୈର୍ଯ୍ୟଚ୍ୟୁତ ।
ଜଗନ୍ନିବାସ ହେ ଅନନ୍ତ ! କୃପା ବହିଣ ହୁଅ ଶାନ୍ତ ॥୨୫॥
ଧୃତରାଷ୍ଟ୍ରଙ୍କ ପୁତ୍ର ଗଣ କର୍ଣ୍ଣ ସମେତ ଭୀଷ୍ମଦ୍ରୋଣ ।
ରାଜନ ବର୍ଗ ଆମ୍ଭ ପକ୍ଷ ପଶନ୍ତି ସର୍ବେ ତୁମ୍ଭମୁଖ ॥୨୬॥
ପ୍ରଳୟକାଳ ଜ୍ୱଳାମୁଖ ବିକଟ ମୂର୍ତ୍ତି ଭୟାନକ ।
ଚୂର୍ଣ୍ଣ-ବିଚୂର୍ଣ୍ଣ ଶିରଖଣ୍ଡ ଦନ୍ତେ ଲାଗନ୍ତି ଛାଡି ପିଣ୍ଡ॥୨୭॥
ଯେମନ୍ତେ ନଦୀ ଜଳସ୍ରୋତ ସମୁଦ୍ର ଦିଗକୁ ଧାବିତ ।
ତେମନ୍ତେ ନରଲୋକ ବୀର ପ୍ରବିଷ୍ଟ ତୁମ୍ଭ ମୁଖଦ୍ୱାର ॥
ଜଳର ମୂଳ ପାରାବାର ଜୀବର ଗତି ଅଧୀଶ୍ୱର ।
ସିଦ୍ଧ ପୁରୁଷ ମହାଜନ ଦିବ୍ୟ ଜ୍ୟୋତିରେଯାନ୍ତିଲୀନ॥୨୮॥
ଆଲୋକ ଲୋଭେଣ ପତଙ୍ଗ ଅଗ୍ନିରେ ଝାସେ ନିଜଅଙ୍ଗ ।
ପତଙ୍ଗ ସମ ଅଜ୍ଞଜନ ମୁଖ ଗହ୍ୱର ଧାବମାନ ॥
ପ୍ରକୃତି ଅବଶେ ସର୍ବଭୂତ ସଂସାର ଭୋଗରେ ଆସକ୍ତ ।

ଯୋନି ଜନ୍ମର ଇଚ୍ଛାବହି ଦ୍ରୁତେ ପଶନ୍ତି ତୁମ୍ଭଦେହୀ ।। ୨୯।।
ସମସ୍ତ ଦିଗ ବିସ୍ତାରିତ ମୁଖ ସମୂହ ପ୍ରଜ୍ୱଳିତ ।
ଗ୍ରାସିଣ ଚଉଦ ଭୂବନ ଜିହ୍ୱା କରଇ ଆସ୍ୱାଦନ ।।
ହେ ବିଷ୍ଣୁ!ତୁମ୍ଭ ଉଗ୍ରଭାସ ତେଜରେ ପୂର୍ଣ୍ଣ ମହାକାଶ ।
ଜ୍ୱଳନ୍ତ ବଦନେ ଜଗତ ଉତ୍ତପ୍ତ ଲଭିଣ ପୀଡ଼ିତ ।।୩୦।।
ଏମନ୍ତ ଉଗ୍ରରୂପଧାରୀ କିଏସେ ତୁମ୍ଭେ ଅବତାରୀ ।
ତୁମ୍ଭଙ୍କୁ କୋଟି ନମସ୍କାର ପ୍ରସନ୍ନ ହୁଅ ଦେବବର ।।
ଆଦି ପୁରୁଷ ସନାତନ କୁହନ୍ତୁ ତୁମ୍ଭ ବିଲକ୍ଷଣ ।
ତୁମ୍ଭ ପ୍ରବୃତ୍ତି ଅଗୋଚର ଯାହା ଜାଣିବା ଇଛା ମୋର ।।୩୧।।

ଶ୍ରୀ ଭଗବାନୁବାଚ ( ଶ୍ରୀ ଭଗବାନ କହିଲେ )

ସଂହାର ପ୍ରବୃତ୍ତି ଧରିଣ ବର୍ଦ୍ଧିତ ମୁହିଁ ପ୍ରତିକ୍ଷଣ ।
କାଳ ରୂପରେ ମୁହିଁ ରହି ସମସ୍ତ ଲୋକ ବିନାଶଇ ।।
ବିପକ୍ଷେ ଛିଡା ଯୋଦ୍ଧାଗଣ ନାଶ ଗଲେଣି ଛାଡିପ୍ରାଣ ।
କର-ନକର ଯୁଦ୍ଧ ତୁହି ବର୍ତ୍ତିବେ ନାହିଁ ତହୁଁ କେହି ।।୩୨।।
କହୁଛି ତେଣୁ ହେ ଅର୍ଜୁନ ! ଯୁଦ୍ଧରେ ହୁଅ ଅବତୀର୍ଣ୍ଣ ।
ଜିତିଣ ଶତ୍ରୁ ରାଜ୍ୟମାନ ଲଭ ତୁ ଯଶ ଧନ-ମାନ ।।
ଦେଖୁ ତୁ' ଯେତେ ବୀରଗଣ ମୋ'ହାତେ ଆଗରୁ ନିଧନ ।
ସବ୍ୟ ସାଚୀର ନାମ ବହି ନିମିତ୍ତ ମାତ୍ର ରଣେ ତୁହି ।।୩୩।।
ଆଚାର୍ଯ୍ୟ ଦ୍ରୋଣ ବୀରକର୍ଣ୍ଣ ରଥୀସମେତ ରାଜାଗଣ ।
ଭୀଷ୍ମଙ୍କ ସହ ଜୟଦ୍ରଥ ବଞ୍ଚି ଥାଇ ଯେ ସର୍ବେମୃତ ।।
ଉଠ ଅର୍ଜୁନ ଯୁଦ୍ଧକର ବିଜୟ ନିଶ୍ଚିତ ତୁମ୍ଭର ।
ଶଙ୍କା ନଭରି ତୁହିମନେ ମାର ତୁ ଶତ୍ରୁ ଧର୍ମ ରଣେ ।।୩୪।।

ସଞ୍ଜୟ ଉବାଚ (ସଞ୍ଜୟ କହିଲେ)

ଏମନ୍ତ ଶୁଣି କୃଷ୍ଣବାଣୀ ଅର୍ଜୁନ ମନେ ଦମ୍ଭଆଣି ।
ଭକ୍ତିରେ ଯୋଡିବେନିକର କୃଷ୍ଣଙ୍କୁ କଲେନମସ୍କାର ॥
ଭୟେ ଶରୀର ପ୍ରକମ୍ପିତ ଚରଣେ ହୋଇ ପ୍ରଣିପାତ ।
ବ୍ୟାକୁଳ ଭରା କଣ୍ଠସ୍ୱରେ ସ୍ତୁତି କରନ୍ତି ଆମ୍ଭରେ ॥୩୫॥

ଅର୍ଜୁନ ଉବାଚ (ଅର୍ଜୁନ କହିଲେ)

ଜୀବର ହୃଦେ କରିବାସ ନାମ ବହିଛ ହୃଷୀକେଶ ।
ତୁମ୍ଭରି ଲୀଳା ଗୁଣଗାଇ ଜଗତ ହର୍ଷିତ ହୁଅଇ ॥

ଭକ୍ତ ହୁଅନ୍ତି ପ୍ରେମଭରା ଭୟେ ରାକ୍ଷସ ଦିଗହରା ।
ସିଦ୍ଧେ ଜଣାନ୍ତି ପ୍ରଣିପାତ ଏମନ୍ତ ବିଧି ଯଥୋଚିତ ॥୩୬॥
ଗୁରୁଙ୍କ ଗୁରୁ ତତ୍ତ୍ୱବେତ୍ତା ବ୍ରହ୍ମାଙ୍କ ତୁମ୍ଭେଆଦିକର୍ତ୍ତା ।
ସିଦ୍ଧ ପୁରୁଷ ତହୁଁ ଦେବା ପୂଜିବେ ନାହିଁ କାହୁଁ ଅବା ॥
ଅନନ୍ତ ସ୍ୱରୂପ ଦେବେଶ ହେ ପ୍ରଭୁ !ଜଗତ ନିବାସ ।
ନିତ୍ୟ-ଅନିତ୍ୟ ଉର୍ଦ୍ଧ୍ୱେଯହୁଁ ଅକ୍ଷର ବ୍ରହ୍ମ ନାମତହୁଁ ॥୩୭॥
ଆଦି ପୁରୁଷ ସନାତନ ତୁମ୍ଭରୁ ଜାତ ଦେବଗଣ ।
ଚେତନ ରୂପୀତୁମ୍ଭେଜ୍ଞେୟ ସଂସାର ପରମ ଆଶ୍ରୟ ॥
ଗତି ବିଧାତା ସର୍ବଜ୍ଞାତା ଜୀବର ଯହୁଁ ମୁକ୍ତିଦାତା ।
ଦିବ୍ୟ ଐଶ୍ୱର୍ଯ୍ୟ ନାହିଁଅନ୍ତ ତୁମ୍ଭ ବିଭୂତି ପରିବ୍ୟାପ୍ତ ॥୩୮॥
ତୁମ୍ଭେ ବରୁଣ ଜନ୍ତୁପତି ଚନ୍ଦ୍ରମା ଦକ୍ଷ ପ୍ରଜାପତି ।
ବାୟୁ ସ୍ୱରୂପେ ଗତାଗତ ତୁମ୍ଭ ପ୍ରତିଭା ସର୍ବବ୍ୟାପ୍ତ ॥
ବ୍ରହ୍ମାଙ୍କ ସ୍ରଷ୍ଟା ଆଦିପିତା ପ୍ରପିତାମହ ସର୍ବଧାତା ।
ତୁମ୍ଭ ଚରଣେ ନତଶିର ସହସ୍ରବାର ନମସ୍କାର ॥୩୯॥
ସମ୍ମୁଖୁ ତୁମ୍ଭେ ନମସ୍କାର ପୃଷ୍ଠୁ ପ୍ରଣାମ ବାରମ୍ବାର ।

ସର୍ବ ସ୍ୱରୂପ ହେ ଅନନ୍ତ ! ସମସ୍ତ ଦିଗୁ ପ୍ରଣିପାତ ॥
ଅନନ୍ତ ବୀର୍ଯ୍ୟ ପରାକ୍ରମୀ ଜଗତ ତୁମ୍ଭ ଅନୁଗାମୀ ।
ସତ୍ତା ସର୍ବତ୍ର ପରିବ୍ୟାପ୍ତ ତୁମ୍ଭ ପରସେ ସର୍ବବ୍ୟକ୍ତ ॥୪୦॥
ନଜାଣି ମହିମା ତୁମ୍ଭର ସଖା ମଣିଣ ଆପଣାର ।
'କୃଷ୍ଣ'- 'ଯାଦବ' ଉଚ୍ଚାରିଣ ସଙ୍ଗେ କରିଛି ଆଚରଣ
ମୁଢ ଅଜ୍ଞାନୀ ଯେଣୁମୁହିଁ ତୁମ୍ଭ ପ୍ରଭାବ ନଜାଣଇ ॥
ପ୍ରେମ ବା ପ୍ରମାଦ ଭିଆଇ ଅବାଚ୍ୟ ବାଚ୍ୟ ବୋଲିଥାଇ ॥୪୧॥
ଆହାର ବିହାର ଶୟନେ ନତୁବା ସଙ୍ଗତ ଭୋଜନେ ।
ସଖା ସୋଦର ସମ୍ମୁଖରେ ଅଥବା କେବେ ଏକାନ୍ତରେ ॥
ଯଦି ଛଳବା' ପରିହାସେ ଅସତ କହିଛି ମୋହବଶେ ।
ହେ ଅଚ୍ୟୁତ ହେ ଅପ୍ରମେୟ ଭିକ୍ଷା କରଇ କ୍ଷମାଦିଅ ॥୪୨॥
ପିତା ଯେ ତୁମ୍ଭେ ଜଗତର ପୂଜନ୍ତି ସର୍ବେ ଚରାଚର ।
ଗୁରୁଙ୍କ ଠାରୁ ଗରୀୟାନ ପ୍ରଭାବଶାଳୀ ଭଗବାନ ॥
ତିନି ଭୁବନେ ତୁମ୍ଭ ସମ ଦେଖୁ ମୁଁ ନାହିଁ ଦିବ୍ୟଧାମ ।
ନୁହନ୍ତି ଯେବେ ସମକକ୍ଷ କେହି ବା ହେବ ଅଧୀପକ୍ଷ ॥୪୩॥
ତେଣୁ ହେ ପ୍ରଭୁ ବିଶ୍ୱେଶ୍ୱର ସ୍ତୁତିର ଯୋଗ୍ୟ ସର୍ବାଧାର ।
ଚରଣେ ଶରୀର ଲୋଟାଇ ପ୍ରସନ୍ନ ଲାଗି ପ୍ରଣମଇ ।
ପିତା କ୍ଷମଇ ଜାତପୁତ୍ର ଯେସନେ ନର ନିଜମିତ୍ର ।
ପତି ଯେମନ୍ତେ ପତ୍ନୀ ପାଇଁ ଦୋଷ ନଧର ହେ ଗୋସାଇଁ ॥୪୪॥
ବିସ୍ମୟ ଦେଖିଣ ବ୍ୟଥିତ ଦିବ୍ୟତା ଦେଖି ଯେ' ହର୍ଷିତ ।
ଭୟେ ବ୍ୟାକୁଳ ଚିତ୍ତମୋରି ଦେଖାଅ ବିଷ୍ଣୁ ଭୁଜଚାରି ॥
ଜଗନ୍ନିବାସ ହେ ଦେବେଶ ! ଅପାର କୃପା ତୁମ୍ଭପାଶ ।
ଦେଖିଣ ପ୍ରସନ୍ନ ମୂରତି ହୃଦେ ଲଭିବି ପରାଶାନ୍ତି ॥୪୫॥

ମୁକୁଟଧାରୀ ଦିବ୍ୟଶୀର ଧାରଣ ଗଦା ଶଙ୍ଖଚକ୍ର ।
ଇଚ୍ଛା ଜାଗଇ ମନେମୋର ଦେଖନ୍ତି ଚତୁଃ ଭୁଜାକାର॥
ସମର୍ପି ଦେହ ଆତ୍ମମନା କରଇ ଚରଣେ ପ୍ରାର୍ଥନା ।
ସହସ୍ରବାହୁ ଜଗଦୀଶ ଦର୍ଶନ ଦିଅ ହେ ଦେବେଶ ॥୪୬॥

ଶ୍ରୀ ଭଗବାନ ଉବାଚ(ଶ୍ରୀ ଭଗବାନ କହିଲେ)

ମୋର ପ୍ରସନ୍ନ କୃପା ବହି ଭକ୍ତି ଭାବକୁ ପ୍ରାପ୍ତତୁହି ।
ଦେଖ ଅର୍ଜୁନ ବିଶ୍ୱମୂର୍ତ୍ତି ଏହା ଯେ'ମୋର ଯୋଗଶକ୍ତି ॥
ଦିବ୍ୟ ସ୍ୱରୂପ ତେଜୋରାଶି ଆଦି ଅନନ୍ତ ଅବିନାଶୀ ।
ଯାହା ତୁ ଦେଖୁ ବର୍ତ୍ତମାନ ନୁହଇ ପୁର୍ବୁ ଦୃଶ୍ୟମାନ ॥୪୭॥
ଶୁଣ ଅର୍ଜୁନ କୁରୁଶ୍ରେଷ୍ଠ ମୋତେ ଲଭନ୍ତି ଭକ୍ତିନିଷ୍ଠ ।
ବେଦପାଠରେ ନାହିଁ ମୁହିଁ ଦାନ ବା ଯଜ୍ଞେ ମିଳେନାହିଁ ॥
ଉଗ୍ର ତପସ୍ୟା କର୍ମପୂଣ୍ୟେ ଦେଖି ନାହାନ୍ତି ମହାଜନେ ।
ଏହି ଯେ ମୋର ବିଶ୍ୱରୂପ ଦୁର୍ଲଭ ଯହିଁ ମର୍ତ୍ତ୍ୟଭୂପ ॥୪୮॥
ଦେଖିଣ ଉଗ୍ର ରୂପଏହି ବ୍ୟାକୁଳ ତୁମ୍ଭ ଯଥାନୋହି ।
ବିମୂଢ ଭାବକୁ ତେଜିଣ ପ୍ରସନ୍ନ ହୁଅହେ ଅର୍ଜୁନ ॥
ଅନ୍ତଃକରଣୁ ତେଜିଭୟ ମୋର ସ୍ୱରୂପେ କରଲୟ ।
ବିଷ୍ଣୁ ସ୍ୱରୂପ ଚତୁର୍ଭୁଜ କରି ଦର୍ଶନ ଭୟତେଜ ॥୪୯॥

ସଞ୍ଜୟ ଉବାଚ (ସଞ୍ଜୟ କହିଲେ)

ଏମନ୍ତେ କହି ବାସୁଦେବ ଦେଖି ଅର୍ଜୁନ ଭୀତଭାବ ।
ଶଙ୍ଖ ଚକ୍ରାଦି ଗଦାଧରି ସମ୍ମୁଖେ ଉଭା ନରହରି ॥
ପୁଣି ଧରିଣ ସୌମ୍ୟମୂର୍ତ୍ତି ଅର୍ଜୁନେ ସାନ୍ତ୍ୱନା ଦିଅନ୍ତି ।
କୃପା କରନ୍ତେ ନାରାୟଣ ସକଳ ଭୟ ନିବାରଣ ॥୫୦॥

ଅର୍ଜୁନ ଉବାଚ (ଅର୍ଜୁନ କହିଲେ)

କୃପାମୟ ହେ ଜନାର୍ଦନ ମନୁଷ୍ୟ ସ୍ୱରୂପ ଦେଖିଣ ।
ମନୁ ମୋ'ଭୟ ହେଲାଦୂର ବ୍ୟାକୁଳଚିତ୍ତ ହେଲାସ୍ଥିର ।।
ସତ୍ତ୍ୱ ସ୍ୱଭାବ ହେଲାପ୍ରାପ୍ତି ହୃଦେ ଲଭଇ ପରାଶାନ୍ତି ।
ତୁମ୍ଭେ ଯେ'ଦୟାର ସାଗର ଅନନ୍ତ ସୁଖ ପାରାବାର ।।୫୧।।

ଶ୍ରୀ ଭଗବାନ ଉବାଚ (ଶ୍ରୀ ଭଗବାନ କହିଲେ)

ଶୁଣ ଅର୍ଜୁନ ମୋରବାଣୀ ମହିମା କହୁଛି ବଖାଣି ।
ବିରାଟ ରୂପର ଦର୍ଶନ ମର୍ତ୍ତ୍ୟେ ଦୁର୍ଲଭ ତାହାଜାଣ ।।
ଦେବେ ଇଛନ୍ତି କାଳେକାଳେ ଦର୍ଶନ ମୋର କୃପାବଳେ ।
ନର ଲୀଳାରେ ଅବତରୀ ଭକ୍ତଙ୍କ ଇଚ୍ଛା କରେ ପୂରି ।।୫୨।।
ଦର୍ଶନ କଲୁ ତୁ' ଯେହୁମନ୍ତେ ସହଜ ସାଧ୍ୟ ନୁହଁ ମର୍ତ୍ତ୍ୟେ ।
ମନ୍ତ୍ର ଆହୁତି ଯଜ୍ଞଶାଳେ ପ୍ରକଟ ନୋହି ତପୋବଳେ।।
ବେଦରୁ ପଢି ମୋରତତ୍ତ୍ୱ ପ୍ରାପ୍ତି ନୁହଇ ନିତ୍ୟସତ୍ତ୍ୱ ।
ଅଥବା ଦାନ ଧର୍ମଯେତେ ସମ୍ଭବ ନୋହି ପ୍ରାପ୍ତମୋତେ।।୫୩।।
ଶତ୍ରୁତାପନ ହେ ଅର୍ଜୁନ! ଶୁଣ ମୋ' ପ୍ରାପ୍ତିର ସାଧନ ।
ଅନନ୍ୟ ଭକ୍ତ ଯେହୁମୋରି ଦେଖଇ ରୂପ ଚକ୍ରଧାରୀ ।।
ତନୁ ସମର୍ପି ଭକ୍ତିପୂତ ଜାଣଇ ସେହୁ ପରାତତ୍ତ୍ୱ ।
ଭକ୍ତି ଜନିତ ପ୍ରେମରସେ ପ୍ରବିଷ୍ଟ ହୁଏ ମୋରପାଶେ ।।୫୪।।
ହେ ପାର୍ଥ ! ଶୁଣମୋ' ବଚନ ନିଃଅହଙ୍କାରୀ ଭକ୍ତଜନ ।
ମୋରି ନିମିତ୍ତ କର୍ମକରି ଫଳ ସମର୍ପି ଭଜେହରି ।।
ମୋରି ଆଶ୍ରିତପ୍ରେମୀଭକ୍ତ ସର୍ବଥା ଆସକ୍ତି ରହିତ ।
ବଇରୀ ଭାବକୁ ତେଜିଣ ଲଭଇ ପାଦ ନାରାୟଣ ।।୫୫।।
ଧ୍ୟାୟୀ ସେ' ପ୍ରଭୁଙ୍କ ଚରଣ ଏଗାର ଅଧ୍ୟାୟ କଥନ ।
ଭଜି ପୟରେ ଏ ଅବଳା ଭଣତି କରେ ଶକୁନ୍ତଳା ।।

ଏହି ପ୍ରକାରେ ଓଁ, ତତ୍, ସତ୍ – ଏହି ଭଗବଦ୍ ନାମ ଉଚ୍ଚାରଣ ପୂର୍ବକ ବ୍ରହ୍ମବିଦ୍ୟା ଓ ଯୋଗ ଶାସ୍ତ୍ରମୟ ଶ୍ରୀମଭଗବତ ଗୀତା ଉପନିଷଦ ରୂପକ ଶ୍ରୀ କୃଷ୍ଣ ଅର୍ଜୁନ ସମ୍ବାଦରେ 'ବିଶ୍ୱରୂପ ଦର୍ଶନ ଯୋଗ' ନାମକ ଏକାଦଶ ଅଧ୍ୟାୟ ପୂର୍ଣ୍ଣ ହେଲା ।।୧୧।।

ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ

ଓଁ

ଶ୍ରୀ ପରମାତ୍ମନେ ନମଃ

## ଶ୍ରୀମଦ୍ ଭଗବଦ୍ ଗୀତା (ଦ୍ୱାଦଶ ଅଧ୍ୟାୟ)

## (ଭକ୍ତି ଯୋଗ)

ଅର୍ଜୁନ ଉବାଚ

ପଚାରୁଛନ୍ତି ପାର୍ଥବୀର ମୋର ସନ୍ଦେହ ଦୂରକର ।
ସଗୁଣ ରୂପକୁ ତୋହର ପୂଜନ୍ତି ଭକତ ମର୍ତ୍ତ୍ୟର ।।
ଅବ୍ୟକ୍ତ ରୂପେ ଯେ'ଭଜଇ ଅକ୍ଷର ବ୍ରହ୍ମଙ୍କୁ ଚିନ୍ତଇ ।
ଭକତ ଶ୍ରେଷ୍ଠ କେ'ଅଟଇ ବୁଝାଇକହ ଯଦୁସାଇଁ ।।୧।।

ଭଗବାନ ଉବାଚ (ଭଗବାନ କହିଲେ )

ମନ ନିବେଶି ମୋ'ରଠାରେ ଜପଇ ନିତ୍ୟ- ନିରନ୍ତରେ ।
ଶ୍ରଦ୍ଧା ବିଶ୍ୱାସ ରଖି ଚିତ୍ତେ ଯୁକ୍ତ ହୁଅଇ ମୋର ସାଥେ।।
ପୂଜଇ ଇଷ୍ଟ ରୂପେ ମୋତେ ମୋ ବିନୁ ନାହିଁ କେ'ଜଗତେ ।
ପରମ ଭକ୍ତ ନାମ ବହି ଯୋଗୀଙ୍କ ମଧ୍ୟେ ଶ୍ରେଷ୍ଠସେହି ।।୨।।

ଅଦୃଶ୍ୟ ତତ୍ତ୍ୱ ନିର୍ବିକାର ଅଚଳ ଧ୍ରୁବ ଯେ' ଅକ୍ଷର ।
ସର୍ବତ୍ର ବ୍ୟାପ୍ତ ପରିପୂର୍ଣ୍ଣ ନୁହେଁ କେ' ଯାହାର କାରଣ ॥
ଆକାର ବିହୀନ ବ୍ରହ୍ମ କୁ ଶୁଦ୍ଧ ଚୈତନ୍ୟ ଭାବି ତାକୁ ।
ମନ ନିବେଶି ମୋରଠାରେ ନିତ୍ୟ ଯେ' ଉପାସନା କରେ ॥୩॥
ମନ ଇନ୍ଦ୍ରିୟ ସଂଯମିତ ଉତ୍ତମ ରୂପେ ବଶୀଭୂତ ।
ପ୍ରାଣୀଙ୍କ ମଙ୍ଗଳ କରନ୍ତି ନିର୍ଗୁଣ ବ୍ରହ୍ମଙ୍କୁ ଭଜନ୍ତି ॥
ଦୃଷ୍ଟିରେ ରଖି ସମଭାବ ସ୍ନେହ କରନ୍ତି ସବୁ ଜୀବ ।
ଯେବେ ଛାଡନ୍ତି ଦେହଭୂତ ତେବେ ହୁଅନ୍ତି ମୋର ପ୍ରାପ୍ତ ॥୪॥
ଅବ୍ୟକ୍ତ ବ୍ରହ୍ମ ଯେ' ଭଜନ୍ତି ଶରୀର ଭାବକୁ ତ୍ୟଜନ୍ତି ।
ଦୁର୍ଗମ ଅତି ସେ' ସାଧନ ସିଦ୍ଧି ଲଭିବା କ୍ଳେଶଜାଣ ॥୫॥
ସମର୍ପି ମୋ'ଠି କର୍ମମାନ ଫଳେ ନ ରଖି ଭୋଗ ମନ ।
ଧ୍ୟାନ ଭଜନ କରେ ନିତି ତା'କୁ ହୁଅଇ ମୋର ପ୍ରାପ୍ତି ॥୬॥
ସଂସାରୁ ହୋଇଣ ବିରତ ସ୍ୱରୂପେ ଯିଏ ନିତ୍ୟସ୍ଥିତ ।
ରାତ୍ରି ଦିବସ ଯାର ଚିତ୍ତ ଭଜଇ ମୋର ଗୁଣଗୀତ ॥
ଅପାର ଦୟା ହୃଦେ ବହି ଶୁଣଇ ତା'ର ଦୁଃଖ ମୁହିଁ ।
କୃପା ଲଭିଣ ଭକ୍ତମୋର ଭବ ସାଗରୁ ହୁଏ ପାର॥୭॥
ମୋର ଆଶ୍ରିତ ମନସ୍ଥିର ଏକାଗ୍ର ବୁଦ୍ଧିର ବିଚାର ।
ସମର୍ପି ଦେହ ଅଭିମାନ ନିତ୍ୟ ଆନନ୍ଦ ପ୍ରତିକ୍ଷଣ ॥
ଅର୍ପଣ କରି ଦେହମନ ଦେହାନ୍ତେ ଲଭେ ମୋରସ୍ଥାନ ।
ଉତ୍ତମ ଗତି ପ୍ରାପ୍ତ ହୋଇ ଜନ୍ମ ମରଣ ନ'ଲାଗଇ ॥୮॥
ମନ ଯଦି ତୋ' ଏକାନ୍ତରେ ସ୍ଥାପି ନପାରୁ ମୋ'ରଠାରେ ।
ସେଥି ନିମନ୍ତେ ଅସମର୍ଥ ଅଭ୍ୟାସେ ସିଦ୍ଧ କରପାର୍ଥ ॥
ଅଭ୍ୟାସ ଯୋଗର ସାଧନ ସ୍ଥିର କରଇ ବୁଦ୍ଧି -ମନ ।

ଅନ୍ତଃକରଣ ଶୁଦ୍ଧ ଚିତ୍ତ    ମୋତେ ଲଭଇ ସେହିଭକ୍ତ॥୯॥
କର୍ମେ ନିହିତ ଭାବ ମୋର    ଅଟଇ ନବମ ପ୍ରକାର ।
ମୋ'ଗୁଣ ମହିମା ଶ୍ରବଣ    ନାମର କୀର୍ତ୍ତନ ସ୍ମରଣ ॥
ସାଖ୍ୟ ସୁହୃଦ ଭୃତ୍ୟପଣ    ସ୍ୱନ୍ଦନ ବନ୍ଦନ ଅର୍ପଣ ।
ବ୍ୟାକୁଳ ଆତ୍ମ- ନିବେଦନ    ନିଶ୍ଚିତ ସିଦ୍ଧିର ସାଧନ ॥୧୦॥
ଏଥିରେ ଯେବେ ଅସମର୍ଥ    ମନକୁ କର ତୁ ସଂଯତ ।
ଶରଣ ପଶ ମୋ'ରିଠାରେ    ଫଳ ଆଶାରୁ ରହିଦୂରେ ॥୧୧॥
ଅଭ୍ୟାସ ଠାରୁ ଜ୍ଞାନ ଶ୍ରେଷ୍ଠ    ଜ୍ଞାନରୁ ଧ୍ୟାନ ପରିଶିଷ୍ଟ ।
ଧ୍ୟାନରୁ ଶ୍ରେଷ୍ଠ ଫଳତ୍ୟାଗୀ    ତ୍ୟାଗର ଅନ୍ତ ପରାଶାନ୍ତି ॥୧୨॥
ଦ୍ୱେଷ ନ କରେ ପ୍ରାଣିଭୂତେ    ଦୟା ମିତ୍ରତା ବହି ଚିତ୍ତେ ।
ମମତା ଦମ୍ଭ ଅହଂକାର    ମନରୁ କରି ସବୁ ଦୂର ॥୧୩॥
ସୁଖ ଦୁଃଖରେ ସମଜ୍ଞାନ    କ୍ଷମା ଗୁଣରେ ଧୈର୍ଯ୍ୟମାନ ।
ବିଧିର ବିଧାନେ ସନ୍ତୋଷ    ଇଷ୍ଟକୁ ନଦେଇ ସେ' ଦୋଷ ॥
ଦୃଢ ନିଶ୍ଚୟ ମନବୁଦ୍ଧି    ଚିତ୍ତ ନିର୍ମଳ ଭାବ ଶୁଦ୍ଧି ।
ଯୋଗାଭ୍ୟାସରେ ଜିତେନ୍ଦ୍ରିୟ    ସେହି ଯେ'ଭକ୍ତ ମୋରପ୍ରିୟ ॥୧୪॥
ନଦିଏ ଅନ୍ୟକୁ କଷଣ    ତାକୁ ରଖନ୍ତି ନାରାୟଣ ।
ହର୍ଷ ଅମର୍ଷ ନାହିଁ ଭୟ    ସେହି ଯେ' ଭକ୍ତ ମୋରପ୍ରିୟ ॥୧୫॥
ଆଳସ୍ୟ ହୀନ ଉଦାସୀନ    ବିଷୟ ଭୋଗେ ନାହିଁ ଧ୍ୟାନ ।
ସ୍ୱାର୍ଥ ରହିତ କର୍ମଯୋଗୀ    ସର୍ବ ସଂକଳ୍ପ ପରିତ୍ୟାଗୀ ॥
ବାହ୍ୟ ଅନ୍ତର ଶୁଚିମନ୍ତ    ବ୍ୟଥା ରହିତ ଶ୍ରଦ୍ଧାବନ୍ତ ।
ସଂସାର ହିତେ ସଦା ଲୟ    ସେହି ଯେ' ଭକ୍ତ ମୋରପ୍ରିୟ ॥୧୬॥
ସୁଖ-ଦୁଃଖରେ ସମରହି    ହର୍ଷ ନାହିଁ କି ଦ୍ୱେଷ ନାହିଁ ।
ଶୁଭ ଅଶୁଭ ମନୁ ତେଜି    ମୋର ଭଜନେ ରହେ ମଜ୍ଜି ॥

ଭୋଗ ବାସନା ଶୂନ୍ୟହୋଇ ବିଷୟ ନାଶେ ଶୋକ ନାହିଁ ।
ଏମନ୍ତ ଥାଇ ଯେ' ଲକ୍ଷଣ ସେ' ମୋ ଅଟଇ ପ୍ରିୟ ଜନ ॥୧୭॥
ଶତୃ-ମିତ୍ରରେ ସମଚିତ୍ତ ନଥାଏ ମନେ ପକ୍ଷପାତ ।
ମାନ-ସମ୍ମାନେ ନାହିଁ ପ୍ରୀତି ଅପମାନରେ କ୍ଷମାନୀତି ॥
ନିନ୍ଦା-ପ୍ରଶଂସା ଦ୍ୱନ୍ଦ୍ୱାତୀତ ଶୀତ ଉଷ୍ଣରେ ସହମତ ।
ବିଷୟ ଭୋଗେ ମୋହନାହିଁ ସୁଖ ଦୁଃଖରେ ସ୍ୱ-ସ୍ଥ ରହି ॥୧୮॥
ତତ୍ତ୍ୱକୁ ଏକାନ୍ତେ ବିଚାରେ ମନନଶୀଳ ସଦାରହେ ।
ଆତ୍ମ-ସନ୍ତୋଷ ମନେବହି ସରଳ ଜୀବନ କାଟଇ ॥
ପ୍ରଭୁଙ୍କ ହୃଦେ ସଦାରହି ସଂସାର ବାସକୁ ତେଜଇ ।
ସେହି ଯେ' ଭକ୍ତ ସ୍ଥିରମତି ଲଭଇ ମୋର ଦିବ୍ୟପ୍ରୀତି ॥୧୯॥
ଥିଲେଟି ଏ ସବୁ ଲକ୍ଷଣ ମୋର ସେ'ଭକ୍ତ ପ୍ରିୟଜାଣ ।
ନଥାଇ ପାଶେ ଏକଗୁଣ ପ୍ରାପ୍ତି ନିମିତ୍ତ କରେ ମନ ॥
ଧର୍ମ୍ୟାମୃତକୁ କରିପାନ ଶ୍ରଦ୍ଧାରେ କରଇ ସାଧନ ।
ଅତ୍ୟନ୍ତପ୍ରିୟ ସେହିଜନ ଏଥି ସନ୍ଦେହ ନାହିଁଜାଣ ॥୨୦॥
ଧ୍ୟାୟୀ ସେ' ପ୍ରଭୁଙ୍କ ଚରଣ ଦ୍ୱାଦଶ ଅଧ୍ୟାୟ କଥନ ।
ଭଜି ପୟରେ ଏ ଅବଳା ଭଣତି କରେ ଶକୁନ୍ତଳା ॥

ଏହି ପ୍ରକାରେ ଓଁ, ତତ୍, ସତ୍ – ଏହି ଭଗବତ୍ ନାମ ଉଚ୍ଚାରଣ ପୂର୍ବକ ବ୍ରହ୍ମବିଦ୍ୟା ଓ ଯୋଗ ଶାସ୍ତ୍ରମୟ ଶ୍ରୀମଦ୍ ଭଗବତ ଗୀତା ଉପନିଷଦ ରୂପକ ଶ୍ରୀ କୃଷ୍ଣ ଅର୍ଜୁନ ସମ୍ବାଦରେ 'ଭକ୍ତି ଯୋଗ' ନାମକ ଦ୍ୱାଦଶ ଅଧ୍ୟାୟ ପୂର୍ଣ୍ଣ ହେଲା ॥୧୨॥

ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ

ଓଁ

ଶ୍ରୀ ପରମାତ୍ମନେ ନମଃ

## ଶ୍ରୀମଦ୍ ଭଗବଦ୍ ଗୀତା (ତ୍ରୟୋଦଶ ଅଧ୍ୟାୟ)

## (କ୍ଷେତ୍ର କ୍ଷେତ୍ରଜ୍ଞ ବିଭାଗ ଯୋଗ)

ଅର୍ଜୁନ ଉବାଚ

ପ୍ରକୃତି ପୁରୁଷର ଭେଦ ବୁଝାଇ କୁହନ୍ତୁ କେଶବ ।
ଜଡ-ଚେତନ ଏକ ସ୍ଥିତ କିଏ କ୍ଷେତ୍ରଜ୍ଞ କିଏ କ୍ଷେତ୍ର ।।
ଶରୀର ମଧ୍ୟେ ଆତ୍ମା ରହି ନିଜକୁ କର୍ତ୍ତା ଯେ ମାନଇ ।
ଜ୍ଞାନ ଜ୍ଞେୟ ବୁଝି ନପାରେ ଦୟା ବହିଣ କୁହବାରେ ।। ୧ ।।

ଶ୍ରୀ ଭଗବାନ ଉବାଚ

ଶୁଣ ଅର୍ଜୁନ ମନଦେଇ ଶରୀର କ୍ଷେତ୍ର ଯେ' ଅଟଇ ।
'ଏହି' ରୂପରେ ଯେ' ସୂଚିତ କାଳ ଅଧିନେ ଗତା-ଗତ ।।
କ୍ଷେତ୍ରକୁ ଜାଣଇ ଯେଉଁ ସତ୍ତା କ୍ଷେତ୍ରଜ୍ଞ ନାମେ ସେ'ବିଦିତା ।
ସୂକ୍ଷ୍ମ ରୂପରେ ଦେହେରହି କ୍ଷେତ୍ରର ଅଧିପତି ସେହି ।।୨।।
ସମସ୍ତ କ୍ଷେତ୍ରେ 'ମୁଁ' ଭାରତ କ୍ଷେତ୍ରଜ୍ଞ ନାମେ ଅଭିହିତ ।
କ୍ଷେତ୍ର-କ୍ଷେତ୍ରଜ୍ଞ ତତ୍ତ୍ୱଜ୍ଞାନ ଅସଲ ଜ୍ଞାନ ତାହା ଜାଣ ।।୩।।
ଯାହାଠାରୁ ଯାହା ଜାତ ଯେଉଁ ବିକାର କ୍ଷେତ୍ର ଯୁକ୍ତ ।

କ୍ଷେତ୍ରଜ୍ଞ ନାମେ ସୂକ୍ଷ୍ମତତ୍ତ୍ୱ ଅନ୍ତଃକରଣେ ସଦାସ୍ଥିତ ॥
ଯାହା ପ୍ରଭାବେ ଜୀବଭୂତ ସଂସାର କ୍ଷେତ୍ରେ ଆତଯାତ ।
କ୍ଷେତ୍ର କ୍ଷେତ୍ରଜ୍ଞ ଜୀବତତ୍ତ୍ୱ କହୁଛି ତୋତେ ଶୁଣ ପାର୍ଥ ॥୪॥
ଋଷିଯେ ବେଦ ଶ୍ରୁତିଆଦି ଭିନ୍ନ ଭିନ୍ନରେ ବର୍ଣ୍ଣିଛନ୍ତି ।
'ବ୍ରହ୍ମସୂତ୍ର'ରେ ଦୁଇତତ୍ତ୍ୱ ସିଦ୍ଧାନ୍ତ ରୂପରେ କଥିତ ॥୫॥
ମହତତ୍ତ୍ୱରୁ କ୍ଷିତି-ଆପ ଆକାଶ-ତେଜ-ବାୟୁରୂପ ।
ଅଟଇ ପଞ୍ଚ ମହାଭୂତ ଦଶ ଇନ୍ଦ୍ରିୟ ବୁଦ୍ଧି ଚିତ୍ତ ॥
ବିଷୟ ପଞ୍ଚ ରୂପ-ଶବ୍ଦ ସ୍ପର୍ଶ ସମେତ ରସ ଗନ୍ଧ ।
ଅବ୍ୟକ୍ତ ମନ-ଅହଂକାର ଚବିଶି ତତ୍ତ୍ୱର ଶରୀର ॥୬॥
ଚେତନା ଧୃତି ଇଚ୍ଛା-ଦ୍ୱେଷ ସୁଖ ଦୁଃଖ ଭାବ ବିଶେଷ ।
ଏ ସବୁ ହୋଇଲେ ଏକତ୍ର ଶରୀର ଅଟଇ ଯେ କ୍ଷେତ୍ର ॥୭॥
ଅମାନିତ୍ୱ ଯେ ଅଦମ୍ଭିତ୍ୱ ଅହିଂସା କ୍ଷମା ଯେ ପବିତ୍ର ।
ଗୁରୁ ପୂଜନ ସଂଯମନ ଶାନ୍ତ ସରଳ ଦିବ୍ୟଜ୍ଞାନ ॥୮॥
ଇନ୍ଦ୍ରିୟ ଭୋଗରେ ବୈରାଗ୍ୟ ଅନଂହକାରୀ ମୋହତେଜ୍ୟ ।
ଜନ୍ମ-ମରଣ ଜରା ସ୍ଥିତି ବ୍ୟାଧିର ଦୋଷକୁ ଦେଖନ୍ତି ॥୯॥
ପୁତ୍ର ଭାରିଯା ଧନପ୍ରତି ମନରେ ନରଖି ଆସକ୍ତି ।
ଇଷ୍ଟ ଅନିଷ୍ଟ ନ ବିଚାରି ସମତ୍ୱ ଚିତ୍ତକୁ ଶ୍ରେୟମଣି ॥୧୦॥
ଯୋଗ ସାଧନେ ଦୃଢମତି ପ୍ରାପ୍ତ କରନ୍ତି ପରାଭକ୍ତି ।
ଏକାନ୍ତ ବାସ ଇଚ୍ଛା ଯହିଁ ଜନ ଏକତ୍ରେ ପ୍ରୀତି ନାହିଁ ॥୧୧॥
ଆଧ୍ୟାତ୍ମଜ୍ଞାନେ ନିତ୍ୟସ୍ଥିତ ଇଷ୍ଟଙ୍କ ଦର୍ଶନ ସର୍ବତ୍ର ।
ବିଂଶ ସାଧନ ଅଟେ ଜ୍ଞାନ ଏହାର ଅନ୍ୟଥା ଅଜ୍ଞାନ ॥୧୨॥
ଏମନ୍ତ ଜ୍ଞାନେ ଯେ'ଜ୍ଞାତବ୍ୟ ଜ୍ଞେୟ ନାମରେ ଅଭିହିତ ।
କହୁଛି ମୁହିଁ ତା'ର ତତ୍ତ୍ୱ ଜାଣି ଲଭନ୍ତି ଅମରତ୍ୱ ॥

ପରମବ୍ରହ୍ମ ସେ' ଅନାଦି		ସତ୍-ଅସତ୍ ନାହିଁ ବିଧି ।
ବେଦ ଶାସ୍ତ୍ରର ଗୁପ୍ତଧନ		ପରମ-ଆତ୍ମା ତତ୍ତ୍ୱଜ୍ଞାନ ॥୧୩॥
ସର୍ବତ୍ର ତାର ଶୀର-ପଦ		ରହିଛି ହସ୍ତ କର୍ଣ୍ଣ ନେତ୍ର ।
ଜଡ ଶରୀରେ ଆତ୍ମାତତ୍ତ୍ୱ		ଜଗତ ସର୍ବ ପରିବ୍ୟାପ୍ତ ॥ ୧୪॥
ଇନ୍ଦ୍ରିୟ ଗୋଚରେ ନ-ରହି		ଗୁଣ ବିଷୟ ପ୍ରକାଶଇ ।
ନିର୍ଗୁଣ ବ୍ରହ୍ମ ଅନାସକ୍ତ		ସୃଷ୍ଟି ପୋଷକ ଗୁଣଭୋକ୍ତା ॥୧୫॥
ପ୍ରାଣୀଙ୍କ ବାହାର ଭିତର		ପରମ-ଆତ୍ମା ସବୁଠାର ।
ସୂକ୍ଷ୍ମାତିସୂକ୍ଷ୍ମ ଅବିଜ୍ଞେୟ		ଦୂର-ସମୀପେ ନିଜ ଲୟ ।
ସ୍ଥାବର ଜଙ୍ଗମ ଆଦିରେ		ପୁରିଅଛନ୍ତି ସର୍ବକାଳେ ॥
ଜ୍ଞାନୀ ଦେଖଇ ନିକଟରେ		ଅଜ୍ଞାନୀ ପକ୍ଷେ ବହୁଦୂରେ॥୧୬॥
ଅଖଣ୍ଡ ରୂପେ ସର୍ବବ୍ୟାପ୍ତ		ବିଭକ୍ତ ରୂପରେ ପ୍ରତୀତ ।
ଉତ୍ପତ୍ତି ସ୍ଥିତି ପ୍ରଳୟର		ଜଗତ ପିତା କର୍ତ୍ତା ସାର ॥୧୭॥
ଜ୍ୟୋତି ମଧ୍ୟରେ ପରାଜ୍ୟୋତି		ଅଜ୍ଞାନ ଊର୍ଦ୍ଧ୍ୱରେ ନିତ୍ୟସ୍ଥିତି ।
ପ୍ରାଣୀଙ୍କ ହୃଦୟେ ବିହାର		ସେ ବ୍ରହ୍ମଜ୍ଞାନ ଯେ' ଜ୍ଞେୟର ॥୧୮॥
ଶରୀର ଜ୍ଞାନ ଜ୍ଞେୟ ବ୍ରହ୍ମ		ତୁମ୍ଭେ କହିଲି ତା'ର ମର୍ମ ।
ପରମ ଭକ୍ତ ତୁ ଅର୍ଜୁନ		ଜାଣି ଲଭିବୁ ଦିବ୍ୟସ୍ଥାନ । ॥୧୯॥
ପ୍ରକୃତି ପୁରୁଷ ଏ' ଦୁଇ		ଅନାଦି ବୋଲି ତାକୁ କହି ।
ଦେହ ବିକାର ତିନି ଗୁଣ		ପ୍ରକୃତି ଜାତ ବୋଲି ଜାଣ ॥୨୦॥
କାର୍ଯ୍ୟ କରଣ କ୍ରିୟାପଣ		ପ୍ରକୃତି ଉତ୍ପତ୍ତି କାରଣ ।
ଦେହ ସହିତ ଏକତ୍ୱରେ		ଦେହୀଭୋଗଇ ନିଜଠାରେ ॥୨୧॥
ଜୀବ ପ୍ରକୃତି ବଶ ହୋଇ		କର୍ମଫଳର ଭୋକ୍ତାହୋଇ ।
ଗୁଣ କର୍ମରେ ସଙ୍ଗହୁଏ		ଉଚ୍ଚନୀଚରେ ଜନ୍ମ ପାଏ ॥୨୨॥
ଦେହ ସମ୍ବନ୍ଧୁ ଉପଦ୍ରଷ୍ଟା		ମତ ଜଣାଇ ଅନୁମନ୍ତା ।

ଭରଣ ପୋଷଣ ଈଶ୍ୱର ସ୍ୱାମୀ ରୂପରେ ମହେଶ୍ୱର ॥
ଦେହ ନିବାସୀ ପରମାତ୍ମା ଶୁଦ୍ଧ ଚେତନ ଜୀବ ସତ୍ତା ।
କରି କରାଉଥାଏ ସେହି ଗୁଣ-ପ୍ରକୃତି ଉର୍ଦ୍ଧ୍ୱେ ରହି ॥୨୩॥
ପୁରୁଷ-ପ୍ରକୃତି ଗୁଣର ଭେଦକୁ ଜାଣେ ଯେଉଁ ନର ।
ସଦା ରଖିଣ ବ୍ରହ୍ମେଚିତ୍ତ ନୁହଇ ତାର ଯୋନିଯାତ ॥୨୪॥
ଆତ୍ମା ସାକ୍ଷାତ ଯୋଗ ଧ୍ୟାନେ ଅନ୍ୟେ ସାଙ୍ଖ୍ୟର ଉପାସନେ ।
କେ କର୍ମ ଯୋଗରେ ଦେଖଇ ଆତ୍ମାକୁ ଆତ୍ମାରେ ଚିହ୍ନଇ ॥୨୫॥
ଯେ'ଜନ ଯୋଗ ନ ଜାଣନ୍ତି ଅନ୍ୟଠୁ ଶୁଣିଣ ପୂଜନ୍ତି ।
ଶ୍ରବଣ ଭକ୍ତି ପରାୟଣ ହରଇ ମୃତ୍ୟୁ ଭୟପଣ ॥୨୬॥
କ୍ଷେତ୍ର କ୍ଷେତ୍ରଜ୍ଞ ସଂଯୋଗତା ଜାତ ହୁଅଇ ଜୀବସତ୍ତା ।
ବିନା ସଂଯୋଗେ ନାହିଁ ସୃଷ୍ଟି ଶୁଣ ଅର୍ଜୁନ ଦେଇ ଦୃଷ୍ଟି ॥୨୭॥
ସମଭାବେ ପରମେଶ୍ୱର ପୁରି ଅଛନ୍ତି ଜଗତର ।
ବିନାଶ ମଧ୍ୟେ ଅବିନାଶୀ ଦେଖଇ ଯହୁଁ ତତ୍ତ୍ୱଦର୍ଶୀ ॥୨୮॥
ସର୍ବତ୍ର ସମ ରୂପେ ସ୍ଥିତ ଦର୍ଶନ କରେ ତତ୍ତ୍ୱବିତ ।
ଯିଏ ନୁହଇ ଆତ୍ମଘାତି ପ୍ରାପ୍ତ ହୁଅଇ ପରାଗତି ॥୨୯॥
ଆତ୍ମା କାର୍ଯ୍ୟରେ ଲିପ୍ତନାହିଁ ପ୍ରକୃତି ସବୁ କରୁଥାଇ ।
ସ୍ୱୟଂକୁ ଜାଣେ ଯେ' ଅକର୍ତ୍ତା ଦୃଷ୍ଟି ତାହାର ଯଥାର୍ଥତା ॥ ୩୦॥
ସ୍ଥାବର ଜଙ୍ଗମାଦି ପ୍ରାଣୀ ଆକାର ଭାବ ଭିନ୍ନ ପୁଣି ।
ପ୍ରକୃତି-ଜାତ ତହିଁ ସ୍ଥିତ ଜାଣି ଜ୍ଞାନୀୟେ ମୋତେପ୍ରାପ୍ତ॥୩୧॥
ଶୁଣକୌନ୍ତେୟ ଏହି ଦେହେ ନିର୍ଗୁଣ ରୂପେ ଆତ୍ମାରହେ ।
ତାହା ଅନାଦି ଅବିନାଶୀ ପରମ ଆତ୍ମା ଯାହା ଅଂଶୀ ॥
ଶରୀର ମଧ୍ୟ ରହିଥାଇ ଗୁଣ ଇନ୍ଦ୍ରିୟ ପ୍ରକାଶଇ
ପ୍ରକୃତି ଗୁଣରୁ ବାହାର ସ୍ୱରୂପ ତା'ର ନିର୍ବିକାର ॥୩୨॥

ଯଥା ଆକାଶ ପରିବ୍ୟାପ୍ତ ସୂକ୍ଷ୍ମ କାରଣୁ ନୁହେଁ ଲିପ୍ତ ।
ସେପରି ଆତ୍ମା ଜୀବଦେହେ ନିର୍ଲିପ୍ତ ଭାବେ ରହିଥାଏ ॥୩୩॥
ଯେମନ୍ତେ ଏକ ସୂର୍ଯ୍ୟତେଜେ ସାରା ଜଗତ ଜାଗିଉଠେ ।
ସେମନ୍ତେ କ୍ଷେତ୍ରୀ ଦେହେରହି କ୍ଷେତ୍ର ରୂପକୁ ପ୍ରକାଶଇ ॥୩୪॥
କ୍ଷେତ୍ର-କ୍ଷେତ୍ରଜ୍ଞ ଭେଦତତ୍ତ୍ୱ ଜ୍ଞାନ ଚକ୍ଷୁରେ ଅନୁଭବ୍ୟ ।
କାର୍ଯ୍ୟ କାରଣ କର୍ତ୍ତାପଣ ଏସବୁ ପ୍ରକୃତି ଲକ୍ଷଣ ॥
ସ୍ୱୟଂ ସ୍ୱରୂପ ନିତ୍ୟମୁକ୍ତ ଏମନ୍ତ ଜାଣଇ ଜ୍ଞାନୀଭକ୍ତ ।
ପ୍ରକୃତିଠାରୁ ରହି ଦୂରେ ପରମ ପଦ ଲାଭକରେ ॥୩୫॥
ଧ୍ୟାୟୀ ସେ' ପ୍ରଭୁଙ୍କ ଚରଣ ତ୍ରୟୋଦଶ ଭାଗ କଥନ ।
ଭଜି ପୟରେ ଏ ଅବଳା ଭଣତି କରେ ଶକୁନ୍ତଳା ॥

ଏହି ପ୍ରକାରେ ଓଁ, ତତ୍, ସତ୍ – ଏହି ଭଗବତ୍ ନାମ ଉଚ୍ଚାରଣ ପୂର୍ବକ ବ୍ରହ୍ମବିଦ୍ୟା ଓ ଯୋଗ ଶାସ୍ତ୍ରମୟ ଶ୍ରୀମଦ୍ ଭଗବତ ଗୀତା ଉପନିଷଦ ରୂପକ ଶ୍ରୀ କୃଷ୍ଣ ଅର୍ଜୁନ ସମ୍ବାଦରେ 'କ୍ଷେତ୍ର କ୍ଷେତ୍ରଜ୍ଞ ବିଭାଗ ଯୋଗ' ନାମକ ତ୍ରୟୋଦଶ ଅଧ୍ୟାୟ ପୂର୍ଣ୍ଣ ହେଲା ॥୧୩॥

ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ

ଓଁ

ଶ୍ରୀ ପରମାତ୍ମନେ ନମଃ

ଶ୍ରୀମଦ୍ ଭଗବଦ୍ ଗୀତା (ଚତୁର୍ଦ୍ଦଶ ଅଧ୍ୟାୟ)

(ଗୁଣତ୍ରୟ ବିଭାଗ ଯୋଗ)

ଶ୍ରୀଭଗବାନ ଉବାଚ

ଜ୍ଞାନ ମଧ୍ୟରେ ଯେଉଁଜ୍ଞାନ ସର୍ବ ଶ୍ରେଷ୍ଠ ହେ ଅର୍ଜୁନ !
ପୁନଶ୍ଚ କହୁଛି ତୁମ୍ଭର ମହିମା ଯାହାର ଅପାର ॥
ସେ ଜ୍ଞାନ କରିଣ ମନନ ସାଧନେ ବ୍ରତୀ ମୁନିଗଣ ।
ଜ୍ଞାନ ବଳରେ ପରାଭକ୍ତି ମୋକ୍ଷ ସାଧନ ସିଦ୍ଧିପ୍ରାପ୍ତି ॥୧॥
ଯେ' ଏହି ଜ୍ଞାନର ଆଶ୍ରିତ ମୋର ସ୍ୱରୂପ ଧର୍ମପ୍ରାପ୍ତ ।
ସୃଷ୍ଟି ଆରମ୍ଭେ ନାହିଁ ଜାତ ପ୍ରଳୟେ ନୁହନ୍ତି ବ୍ୟଥିତ ॥୨॥
ଭରତ ବଂଶୀ ହେ ଅର୍ଜୁନ ! ଶୁଣ ସୃଷ୍ଟିର ପ୍ରକରଣ ।
ମୂଳ ପ୍ରକୃତି ଅଂଶ ମୋର ଯହୁଁ ଉତ୍ପତ୍ତି ବ୍ରହ୍ମାଣ୍ଡର ॥
ଚେତନ ରୂପୀ ବୀଜ ମୁହିଁ ମହତ ଯୋନିରେ ସ୍ଥାପଇ ।
ଜଡ ଚେତନ ସଂଯୋଜିତ ତହୁଁ ଜଗତ ପ୍ରକଟିତ ॥ ୩॥
ସ୍ଥାବର ଜଙ୍ଗମ ମୂର୍ତ୍ତିମାନ ମହତ ବ୍ରହ୍ମରୁ ଉତ୍ପନ୍ନ ।
ଗର୍ଭଧାରକ ମାତା ସେହି ବୀଜ ପ୍ରଦତ୍ତ ପିତା ମୁହିଁ ॥୪॥
ସତ୍ତ୍ୱ ରାଜସ ତମଗୁଣ ପ୍ରକୃତି ଜାତ ହେ ଅର୍ଜୁନ ।
ତିନି ଗୁଣର ପ୍ରଭାବରେ ଦେହି ଆବଦ୍ଧ ଶରୀରରେ ॥୫॥
ସତ୍ତ୍ୱ ଯେ' ସ୍ୱଚ୍ଛ ନିର୍ବିକାର ଯଥାର୍ଥ ପ୍ରକାଶ ଦେହର ।
ସୁଖାଦି ଜ୍ଞାନ ଶକ୍ତି ଦେଇ ଜୀବକୁ ଆସକ୍ତ କରଇ ॥୬॥
ତୃଷ୍ଣା ଆସକ୍ତି ରଜୋ ଜାତ ତହିଁ ଇନ୍ଦ୍ରିୟ ଆକର୍ଷିତ ।
ବିଷୟ ଭୋଗକୁ ଇଚ୍ଛନ୍ତି କର୍ମରେ ଦେହୀକୁ ବାନ୍ଧନ୍ତି ॥୭॥

ଅଜ୍ଞାନୁ ତମଗୁଣ ଜାତ  ତହିଁ ଜୀବାତ୍ମା ବିମୋହିତ ।
ନିଦ୍ରା ଆଳସ୍ୟ ପ୍ରମାଦରେ  ଜୀବ ପଡଇ ବନ୍ଧନରେ ॥୮॥
ସତ୍ତ୍ୱ ସର୍ବଥା ସୁଖଦାୟୀ  ରଜ ଜିତଇ କର୍ମୈଧାୟୀ ।
ପ୍ରମାଦେ ବିଜୟୀ ତମଗୁଣ  ଜ୍ଞାନକୁ କରି ଆବରଣ ॥୯॥
ରଜୋ ତମର ପ୍ରତିରୋଧ  ସତ୍ତ୍ୱ ଗୁଣର ଅଭିବୃଦ୍ଧ ।
ରଜ ଗୁଣର ବୃଦ୍ଧିବଳ  ସତ୍ତ୍ୱ ତାମସ ଯେ ଦୁର୍ବଳ ॥
ବଢଇ ଯେବେ ତମଗୁଣ  ସତ୍ତ୍ୱ ରଜର ନାହିଁ ସ୍ଥାନ ।
ଏହି ପ୍ରକାର ସ୍ଥିତିପଣେ  ଜୀବ ରୁହଇ ଗୁଣାଧୀନେ ॥୧୦॥
ଦେହ ଇନ୍ଦ୍ରିୟ ସର୍ବଦ୍ୱାରେ  ବିବେକ ଜ୍ୟୋତି ଜାଗ୍ରତରେ ।
ସତ୍ତ୍ୱ ଗୁଣ ଯେ' ବୃଦ୍ଧିପ୍ରାପ୍ତ  ଏମନ୍ତ ଜାଣିବା ଉଚିତ ॥୧୧॥
ଲୋଭ ପ୍ରବୃତ୍ତି କର୍ମାରମ୍ଭ  ଅଶାନ୍ତି ସ୍ପୃହା ମିଥ୍ୟାଦମ୍ଭ ।
ରଜୋ ବୃଦ୍ଧିରେ ଏହାଜାତ  ଜାଣ ହେ ଭରତ ବଂଶଜ ॥୧୨॥
ବଢଇ ଯେବେ ତମୋଗୁଣ  ନାଶ ହୁଅଇ ବୁଦ୍ଧି ଜ୍ଞାନ ।
ମୋହ ପ୍ରମାଦ ତହୁଁ ଜାତ  କର୍ମରେ ନୁହଇ ପ୍ରବୃତ୍ତ ॥୧୩॥
ସତ୍ତ୍ୱଗୁଣର ବୃଦ୍ଧିକାଳେ  ମନୁଷ୍ୟ ଯେବେ ଦେହଛାଡେ ।
ପୁଣ୍ୟାତ୍ମା ଲୋକକୁ ଗମନ  ଅବା ବ୍ରହ୍ମାଙ୍କ ସନ୍ନିଧାନ ॥୧୪॥
ଯେବେ ପ୍ରବଳ ରଜୋଗୁଣ  ଛିନ୍ନ ହୁଅଇ ଦେହୁପ୍ରାଣ ।
କର୍ମ ଆସକ୍ତ ଯୋନିପ୍ରାପ୍ତ  ଜୀବାତ୍ମା ସୁଖ-ଦୁଃଖେ ଲିପ୍ତ ॥
ତମୋଗୁଣର ବୃଦ୍ଧି ବେଳେ  ଦେହ ଯେ'ଛାଡେ ସେହିକାଳେ ।
କୀଟ ପତଙ୍ଗ ମୂଢଯୋନି  ଦେହ ଲଭଇ ସେହିପ୍ରାଣୀ ॥୧୫॥
ପୂଣ୍ୟ କର୍ମର ଫଳ ପ୍ରାପ୍ତି  ସାତ୍ତ୍ୱିକ ଶୁଦ୍ଧ ସ୍ଥିରମତି ।
ରଜୋଗୁଣରେ ଦୁଃଖୀ ଜୀବ  ତାମସୁ ପ୍ରାପ୍ତି ମୂଢଭାବ ॥୧୬॥
ସତ୍ତ୍ୱ ଗୁଣରୁ ଜ୍ଞାନ ଜାତ  ନିର୍ମଳଭାବ ଶାନ୍ତ ଚିତ୍ତ ।

କର୍ମ ପ୍ରବୃତ୍ତି ରଜୋଗୁଣ　　ଜାତ କରାଏ ପ୍ରଲୋଭନ ॥
ଜ୍ଞାନ ଆବୃତ୍ତ ତମୋଗୁଣେ　　ବିବେକ ନଥାଏ ଅଜ୍ଞାନେ ।
ତମୋ ପ୍ରମାଦ ମୋହଜାତ　　ନିଦ୍ରା ଆଳସ୍ୟେ ସଦାଚିତ୍ତ ॥୧୭॥
ସତ୍ତ୍ୱରେ ପ୍ରାପ୍ତ ଊର୍ଦ୍ଧ୍ୱଗତି　　ରଜୋଗୁଣରେ ମର୍ତ୍ତ୍ୟେସ୍ଥିତି ।
ଜଘନ୍ୟ କର୍ମର ପ୍ରବୃତ୍ତି　　ତମୋଗୁଣରେ ଅଧୋଗତି ॥୧୮॥
ଗୁଣ ହିଁ କର୍ତ୍ତା ଦେହେରହି　　ବିବେକୀ ଜ୍ଞାନୀ ବିଚାରଇ ।
ସ୍ୱୟଂ ଅଟଇ ଗୁଣାତୀତ　　ଜାଣି ସ୍ୱରୂପ ମୋର ପ୍ରାପ୍ତ ॥୧୯॥
ଦେହରୁ ଜାତ ତିନିଗୁଣ　　ଅଧୀନୁ ମୁକ୍ତ ଜ୍ଞାନୀଜନ ।
ଜନ୍ମ-ମରଣ ଜରାମୁକ୍ତ　　ପ୍ରାପ୍ତ ହୁଅଇ ଅମରତ୍ୱ ॥୨୦॥

ଅର୍ଜୁନ ଉବାଚ

ଅର୍ଜୁନ କୁହନ୍ତି ହେ ସାଇଁ !　　ତ୍ରିଗୁଣାତୀତ ଯେବେସେହି ।
କିପରି ତା'ର ଆଚରଣ　　କେମନ୍ତେ ଜାଣିବ ଲକ୍ଷଣ ॥
ପଞ୍ଚ ଭୂତର ଦେହବହି　　ସଂସାର କାର୍ଯ୍ୟ ଯେ'କରଇ ।
ଗୁଣ ଅବଶୁ ରହି ମୁକ୍ତ　　କେଉଁ ଉପାୟେ ଏହାପ୍ରାପ୍ତ ॥୨୧॥

ଭଗବାନ ଉବାଚ

କୃଷ୍ଣ କହନ୍ତି ହେ ଅର୍ଜୁନ !　　ରାଜସ ତମୋ ସତ୍ତ୍ୱଗୁଣ ।
କର୍ମ-ଆବେଗ ମୋହ ଜ୍ଞାନ　　କାର୍ଯ୍ୟ ମଧ୍ୟରେ ବିଦ୍ୟମାନ ॥
ଜ୍ଞାନୀ ପୁରୁଷ ଗୁଣାତୀତ　　ସକଳ ପ୍ରାଣୀ ହିତେରତ ।
କର୍ମ ପ୍ରବୃତ୍ତ ଯେବେଥାଇ　　ଦ୍ୱେଷ କାରଣୁ ନଛାଡଇ ॥
ନିବୃତ୍ତକାଳେ ଆଶା ପାଇ　　କର୍ମେ ପ୍ରବୃତ୍ତ ହୁଏ ନାହିଁ ।
ଗୁଣ ପ୍ରଭାବେ ସମଚିତ୍ତ　　କର୍ମରେ ହୁଏ ନାହିଁ ଲିପ୍ତ ॥ ୨୨॥
ତଟସ୍ଥ ରୂପେ ସେ'ଆସୀତ　　ନୁହଇ ଗୁଣେ ବିଚଳିତ ।
ଗୁଣ ହିଁ ଗୁଣରେ ପ୍ରବୃତ୍ତ　　ସ୍ୱୟଂ ସ୍ୱରୂପେ ସଦାସ୍ଥିତ ॥୨୩॥

ଧୀର ପୁରୁଷ   ଗୁଣାତୀତ            ସୁଖ ଦୁଃଖରେ ସମଚିତ୍ତ ।
ଆତ୍ମ ସ୍ୱରୂପେ   ନିତ୍ୟସ୍ଥିତି            ମାଟି କାଞ୍ଚନେ ସମଦୃଷ୍ଟି ॥
ପ୍ରିୟ-ଅପ୍ରିୟ    ସମ ମାନି            ବିଷୟ ଭୋଗ  ବିଷମଣି  ।
ନିନ୍ଦା ପ୍ରଶଂସା ସମଭାବ            ସ୍ତୁତି ଦ୍ୱେଷରେ ନାହିଁକ୍ଷୋଭ॥୨୪॥
ମାନ-ସମ୍ମାନ ଅପମାନେ            ଅବିଚଳିତ  ଦୃଢ  ମନେ ।
ଅଇରୀ  ମିତ୍ରର  ସମ୍ମୁଖ            ସଦା   ରୁହଇ ନିରପକ୍ଷ  ॥
ଲକ୍ଷ୍ୟ   ରଖିଣ ମୋକ୍ଷ ଗତି            କର୍ମ ଆରମ୍ଭେ ନାହିଁ ପ୍ରୀତି ।
ଯେବେ ଏମନ୍ତ  ଆଚରଣ            ଗୁଣ  ପ୍ରଭାବୁ ମୁକ୍ତଜାଣ ॥୨୫॥
ଅନନ୍ୟ  ଭକ୍ତି  ପରାୟଣ            ସେବାରେ ଯାର ତନମନ ।
ତିନିଗୁଣକୁ ପାରିହୋଇ            ବ୍ରହ୍ମ ପ୍ରାପ୍ତିର ଯୋଗ୍ୟସେହି ॥୨୬॥
ନିବାସ  ମୁହିଁ ଯେ  ବ୍ରହ୍ମର            ବ୍ୟକ୍ତ-ଅବ୍ୟକ୍ତ ଏକାକାର  ।
ଦିବ୍ୟ ସ୍ୱରୂପ ଚିରନ୍ତନ            ନିତ୍ୟ   ଅମୃତ  ପ୍ରାପ୍ତିସ୍ଥାନ ॥
ଶାଶ୍ୱତ ଧର୍ମ ସନାତନ            ମୋର ସ୍ୱରୂପେ  ଅଧିଷ୍ଠାନ ।
ଅକ୍ଷୟ ସୁଖର ଆଧାର            ଆନନ୍ଦ  ରସ ପାରାବାର  ॥୨୭॥
ଧ୍ୟାୟୀ ସେ' ପ୍ରଭୁଙ୍କ ଚରଣ            ଚତୁର୍ଦ୍ଦଶ  ଭାଗ କଥନ   ।
ଭଜି ପୟରେ  ଏ  ଅବଳା            ଭଣତି   କରେ  ଶକୁନ୍ତଳା ॥

ଏହି ପ୍ରକାରେ ଓଁ, ତତ୍, ସତ୍ – ଏହି ଭଗବତ୍ ନାମ ଉଚ୍ଚାରଣ ପୂର୍ବକ  ବ୍ରହ୍ମବିଦ୍ୟା ଓ ଯୋଗ ଶାସ୍ତ୍ରମୟ ଶ୍ରୀମଦ୍ ଭଗବତ ଗୀତା ଉପନିଷଦ ରୂପକ ଶ୍ରୀ କୃଷ୍ଣ ଅର୍ଜୁନ ସମ୍ବାଦରେ 'ଗୁଣତ୍ରୟ ବିଭାଗ ଯୋଗ' ନାମକ ଚତୁର୍ଦ୍ଦଶ ଅଧ୍ୟାୟ ପୂର୍ଣ୍ଣ ହେଲା ॥୧୪॥

ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ

ଓଁ

ଶ୍ରୀ ପରମାତ୍ମନେ ନମଃ

ଶ୍ରୀମଦ୍ ଭଗବଦ୍ ଗୀତା (ପଞ୍ଚଦଶ ଅଧ୍ୟାୟ)

(ପୁରୁଷୋତ୍ତମ ଯୋଗ)

ଶ୍ରୀଭଗବାନ ଉବାଚ

ଅଶ୍ୱତ୍ଥ ବୃକ୍ଷ ଏ ସଂସାର ନିଶ୍ଚିତ ସ୍ଥିତି ନାହିଁଯାର ।
ମୂଳ ଉର୍ଦ୍ଧ୍ୱରେ ରହିଥାଇ ତଳକୁ ଶାଖା ବିସ୍ତାରଇ ॥

ରୂପ ବଦଳେ ପ୍ରତିକ୍ଷଣ ପ୍ରବାହ ରୂପେ ଚିରନ୍ତନ ।
ପତ୍ର ସମୂହ ଚାରିବେଦ ବେଦାନ୍ତୀ ଜାଣେ ବୃକ୍ଷତତ୍ତ୍ୱ ॥୧॥
ଶାଖା-ପ୍ରଶାଖା ଉର୍ଦ୍ଧ୍ୱନିମ୍ନ ସଚରାଚର ଅଧିଷ୍ଠାନ ।
ବିଷୟ ପତ୍ରର ମୁକୁଳ ଗୁଣ ଯୋଗାଏ ବୃକ୍ଷେ ଜଳ ॥
ସଂସାର ବୃକ୍ଷ ପ୍ରସାରିତ ତିନିଲୋକରେ ପରିବ୍ୟାପ୍ତ ।
ଅଧଃ ଉର୍ଦ୍ଧ୍ୱରେ ମୂଳରହି କର୍ମ ବନ୍ଧନେ ପଡିଥାଇ ॥୨॥
ସଂସାର ବୃକ୍ଷ ଦୃଶ୍ୟନହିଁ ଆତ୍ମା-ଜ୍ଞାନରେ ବୋଧନାହିଁ ।
ଆଦି ଅନ୍ତ ଯେ' ସ୍ଥିତିନାହିଁ ମାୟା ପ୍ରଭାବେ ଦିଶୁଥାଇ ॥
ଅଶ୍ୱତ୍ଥ ବୃକ୍ଷର ସଂସାର ଆସକ୍ତି ରୂପୀ ମୂଳଯାର ।
ଅସଙ୍ଗ ଶସ୍ତ୍ରକୁ ଧରିଣ କର ତୁ' ଏହାର ଛେଦନ॥୩॥
ଆଦି ପୁରୁଷ ନାରାୟଣ ସୃଷ୍ଟିର ପ୍ରବାହ କାରଣ ।
ବୈରାଗ୍ୟେ ବନ୍ଧନ ତୁଟାଇ ପରମ ପଦକୁ ଲଭତୁହି ॥
ପରମ ପଦ ଯେହୁ ପ୍ରାପ୍ତ ଜନ୍ମ-ମରଣୁ ସେହୁ ମୁକ୍ତ ।
ଦିବ୍ୟ ଆତ୍ମାକୁ କରିପ୍ରାପ୍ତ ଆନନ୍ଦ-ରସେ ନିତ୍ୟଯୁକ୍ତ ॥୪॥
ତେଜିଣ ମୋହ ଅଭିମାନ ଆସକ୍ତି ଶୂନ୍ୟ ଶୁଦ୍ଧମନ ।
କାମନା ନରଖି ଚିତ୍ତର ଅଧ୍ୟାତ୍ମ ଯୁକ୍ତ ନିରନ୍ତର ॥
ବିଷୟ ଦ୍ୱନ୍ଦ୍ୱରୁ ବିମୁକ୍ତ ସୁଖ-ଦୁଃଖରେ ସମଚିତ୍ତ ।
କୃପା ବଳରେ ଜ୍ଞାନୀଭକ୍ତ ପରମ ପଦ ହୁଏ ପ୍ରାପ୍ତ ॥୫॥
ଦିବ୍ୟସ୍ୱରୂପ ବ୍ରହ୍ମଜ୍ୟୋତି ନିଜକୁ ନିଜେ ପ୍ରକାଶନ୍ତି ।
ଅଗ୍ନି ସମେତ ଚନ୍ଦ୍ର ସୂର୍ଯ୍ୟ ସେହି ଜ୍ୟୋତିରୁ ପ୍ରାପ୍ତତେଜ ॥
ଶୁଦ୍ଧ ସ୍ୱରୂପ ମୋରଧାମ ସ୍ୱୟଂ ପ୍ରକାଶ ପୂର୍ଣ୍ଣବ୍ରହ୍ମ ।
ମୋର ଧାମକୁ ପ୍ରାପ୍ତହୋଇ ମର୍ତ୍ତ୍ୟ ଲୋକରେ ଜନ୍ମନାହିଁ ॥୬॥
ଜୀବ ସ୍ୱରୂପ ମୋରଅଂଶ ମୃତ୍ୟୁ ଲୋକରେ ଦେହେବାସ ।

ଚୌରାସି ଲକ୍ଷ ଯୋନିଯାତ    ଅନାଦି କାଳୁ ପ୍ରବର୍ତ୍ତିତ ।।
ଦେହ ଅନ୍ତରେ ଜୀବତତ୍ତ୍ୱ    କର୍ମ ବନ୍ଧନେ ହୋଇଯୁକ୍ତ ।
ନୂତନ ଦେହେ ପ୍ରବଶଇ    ମନ ଇନ୍ଦ୍ରିୟ ସଙ୍ଗେ ନେଇ ।।୭।।
ପୁଷ୍ପରୁ ଗନ୍ଧ ବାୟୁନେଇ    ଯେମନ୍ତେ ସୁଦୂର ବ୍ୟାପଇ ।
ଜୀବାତ୍ମା ଦେହକୁ ଛାଡଇ    ସୂକ୍ଷ୍ମ ଶରୀର ସାଥେ ନେଇ।।
ଅନ୍ତିମ କାଳର ଚିନ୍ତନ    ଧରି  କରଇ ଅନ୍ୱେଷଣ ।
ବାସନା ସଂସ୍କାର ସମାନ    ପ୍ରାପ୍ତ ହୁଅଇ ଯୋନିଜନ୍ମ ।।୮।।
ସ୍ପର୍ଶ ସହିତ ରସ ଗନ୍ଧ    ତନ୍ମାତ୍ରା ସେହୁ ରୂପ ଶବ୍ଦ ।
ବିଷୟେ ଚର୍ମ ଜିହ୍ୱା ଘ୍ରାଣ    ସଂଯୁକ୍ତ ତହିଁ ଚକ୍ଷୁ କର୍ଣ୍ଣ ।।
ଜୀବାତ୍ମା ଦେହେ ସଙ୍ଗହୋଇ    ଜ୍ଞାନେନ୍ଦ୍ରିୟଙ୍କୁ ଆକର୍ଷଇ ।
ମନକୁ କରି  ଅଧିଷ୍ଠାନ    ଭୋଗକୁ କରଇ ସେବନ ।।୯।।
ଜୀବାତ୍ମା ଦେହ ଯେ'ଛାଡଇ    ଅନ୍ୟ ଶରୀର ପ୍ରାପ୍ତ ହୋଇ ।
ପ୍ରକୃତି ଗୁଣ ସଙ୍ଗହୋଇ    ବିଷୟ ଭୋଗେ ଲିପ୍ତରହି ।।
ମାୟାରେ ଅନ୍ଧ  ମୂଢମତି    ଆତ୍ମ ସ୍ୱରୂପ  ନଜାଣନ୍ତି ।
ବିବେକ ଶୀଳ ଜ୍ଞାନନେତ୍ର    ଆତ୍ମକୁ ଦେଖଇ  ସର୍ବତ୍ର ।।୧୦।।
ପ୍ରଯତ୍ନଶୀଳ ଜ୍ଞାନୀଜନ    ନିଜ ସାଧନେ ଦୃଢପଣ ।
ସ୍ୱରୂପ ଜ୍ଞାନ ପରାତତ୍ତ୍ୱ    ଭକ୍ତ ହୃଦୟେ ଅନୁଭବ୍ୟ ।।
ଅନ୍ତଃକରଣେ ଦୋଷଗୁଣ    ବିବେକହୀନ  ମୂଢଜନ ।
ସବୁ ସାଧନ ହୁଏ ବୃଥା    ବୁଝି ନ ପାରେ ଆତ୍ମସତ୍ତା ।।୧୧।।
ମୋଠାରୁ ସୂର୍ଯ୍ୟ ତେଜପାଇ    ଜଗତ ସର୍ବ ପ୍ରକାଶଇ ।
ଚନ୍ଦ୍ର ଅଗ୍ନିର ଯେଉଁ ତେଜ    ମୋର ଶକ୍ତିରୁ ତାହାପ୍ରାପ୍ତ ।।୧୨।।
ପୃଥିବୀ ମଧ୍ୟେ ମୁଁପ୍ରବିଷ୍ଟ    ସର୍ବ ପ୍ରାଣୀଙ୍କ ଧାତା-ଇଷ୍ଟ ।
ଚନ୍ଦ୍ର ଶୀତଳେ ବୃକ୍ଷ-ଆଦି    ପୁଷ୍ଟ  ହୁଅନ୍ତି ବନସ୍ପତି ।।୧୩।।

ଅଗ୍ନି ରୂପରେ ଜୀବଦେହେ ଜଠରେ ଅଗ୍ନି ନାମେ ରହେ ।
ଲେହ୍ୟ ପେୟ ଯେ'ଚୁଷ୍ୟଚର୍ବ୍ୟ ଏମନ୍ତ ଭିନ୍ନ ଚାରିଖାଦ୍ୟ ॥
ପ୍ରାଣ ଅପାନ ସମଘ୍ରାଣ କରଇ ମୁହିଁ ଦେହେଜୀର୍ଣ୍ଣ ॥୧୪॥
ସକଳ ପ୍ରାଣୀ ହୃଦେ ମୁହିଁ ସାକ୍ଷୀ ସ୍ୱରୂପେ ତିଷ୍ଠିରହି ।
ମୋ'ଠୁ ଉଦିତ ସ୍ମୃତି ଜ୍ଞାନ ନଷ୍ଟ କରଇ ଦୋଷ ଗୁଣ ॥
ବେଦ ସମୂହେ ଜ୍ଞେୟତତ୍ତ୍ୱ ଯାହା କରାଏ ମୋକ୍ଷ ପ୍ରାପ୍ତ ।
'ମୁଁ' ହିଁ ବେଦର ରଚୟିତା ତତ୍ତ୍ୱ ନିର୍ଣ୍ଣୟ ପରିଜ୍ଞାତା ॥୧୫॥
କ୍ଷର ଅକ୍ଷର ଦୁଇତତ୍ତ୍ୱ ପୁରୁଷ ନାମେ ଅଭିହିତ ।
ଜୀବାତ୍ମା ବୋଲାଏ ଅକ୍ଷର କ୍ଷରଟି ପ୍ରାଣୀଙ୍କ ଶରୀର ॥୧୬॥
ଅନ୍ୟ ପୁରୁଷ ସର୍ବୋତ୍ତମ ପରମ ଆତ୍ମା ତା'ଙ୍କ ନାମ ।
ପ୍ରବିଷ୍ଟ ତିନିଲୋକେ ସେହି ସୃଷ୍ଟି ପାଳକ ନାମବହି ॥୧୭॥
କ୍ଷର- ଅକ୍ଷରୁ ବିଲକ୍ଷଣ ଉତ୍ତମ ପୁରୁଷ ତାକୁଜାଣ ।
ବ୍ରହ୍ମାଣ୍ଡେ ବେଦରେ କଥିତ ପୁରୁଷୋତ୍ତମ ନାମେଖ୍ୟାତ ॥୧୮॥
ଭରତ ବଂଶୀ ହେ ଅର୍ଜୁନ! ମୋହ ରହିତ ଜ୍ଞାନୀଜନ ।
ପୁରୁଷୋତ୍ତମ ଜାଣି ତହୁଁ ସର୍ବ ଭାବରେ ଭଜେ ସେହୁ॥୧୯॥
ଶୁଣ ହେ ! ନିଷ୍ପାପ ଅର୍ଜୁନ କହିଲି ଗୁପ୍ତ ତତ୍ତ୍ୱ ଜ୍ଞାନ ।
ଜାଣିଣ ଏହା ବୁଦ୍ଧିମାନ ହୁଅଇ କୃତକୃତ୍ୟ ଜାଣ ॥୨୦॥
ଧ୍ୟାୟୀ ସେ' ପ୍ରଭୁଙ୍କ ଚରଣ ପଞ୍ଚଦଶ ଭାଗ କଥନ ।
ଭଜି ପୟରେ ଏ ଅବଳା ଭଣତି କରେ ଶକୁନ୍ତଳା ॥

ଏହି ପ୍ରକାରେ ଓଁ, ତତ୍, ସତ୍ – ଏହି ଭଗବତ୍ ନାମ ଉଚ୍ଚାରଣ ପୂର୍ବକ ବ୍ରହ୍ମବିଦ୍ୟା ଓ ଯୋଗ ଶାସ୍ତ୍ରମୟ ଶ୍ରୀମଦ୍ ଭଗବତ ଗୀତା ଉପନିଷଦ ରୂପକ ଶ୍ରୀ କୃଷ୍ଣ ଅର୍ଜୁନ ସମ୍ବାଦରେ 'ପୁରୁଷୋତ୍ତମ ଯୋଗ' ନାମକ ପଞ୍ଚଦଶ ଅଧ୍ୟାୟ ପୂର୍ଣ୍ଣ ହେଲା ॥୧୫॥

ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ

ଓଁ

ଶ୍ରୀ ପରମାତ୍ମନେ ନମଃ

ଶ୍ରୀମଦ୍ ଭଗବଦ୍ ଗୀତା (ଷୋଡଶ ଅଧ୍ୟାୟ)

(ଦୈବାସୁର ସମ୍ପଦ ବିଭାଗ ଯୋଗ)

ଶ୍ରୀଭଗବାନ ଉବାଚ

ଶ୍ରୀକୃଷ୍ଣ କହନ୍ତି ଅର୍ଜୁନ ! ଦୈବୀ ସମ୍ପଦେ ଯେତେ ଗୁଣ ।

ଅନ୍ତଃକରଣ ସତ୍ତ୍ୱ ଶୁଦ୍ଧି ଜ୍ଞାନ ଯୋଗରେ ଦୃଢସ୍ଥିତି ॥
କର୍ତ୍ତବ୍ୟ ନିଷ୍ଠା ଯଜ୍ଞକର୍ମ ଇନ୍ଦ୍ରିୟ ଦମନ ସଂଯମ ।
ନିର୍ଭୀକ- ତପ ସହିଷ୍ଣୁତା ସ୍ୱାଧ୍ୟାୟ- ଦାନ- ସରଳତା ॥୧॥
ମମତ୍ୱ ତ୍ୟାଗୀ କ୍ରୋଧଶୂନ୍ୟ ଶାନ୍ତି ଅହିଂସା ଭାବାପନ୍ନ ।
ସତ୍ୟ ଭାଷଣ ସଙ୍କୋଚତା ନଥାଏ ଶିଶୁ ଚପଳତା ॥
ପର ନିନ୍ଦାରୁ ଦୂରେ ରହି ଅନ୍ୟର ଦୋଷେ ଦୃଷ୍ଟିନାହିଁ ।
ଜୀବଯେ' ଈଶ୍ୱର ସନ୍ତାନ ଏମନ୍ତ ଚିନ୍ତି ଦୟାବାନ ॥ ୨॥
ସଦା ପବିତ୍ର ମନ ବୁଦ୍ଧି ବାହ୍ୟ ଅନ୍ତର ସର୍ବଶୁଦ୍ଧି ।
ଆତ୍ମ୍ ପ୍ରତିଭା ତେଜଶକ୍ତି ଧୈର୍ଯ୍ୟ ଧାରଣେ ସ୍ଥିରମତି ॥
ବଇରୀ ଭାବକୁ ତେଜିଣ ଦୋଷ ମାର୍ଜନେ କ୍ଷମାଗୁଣ ।
ମାନ-ସମ୍ମାନେ ମନଦୂର ଦୈବ ସମ୍ପଦେ ଜନ୍ମ ତାର ॥୩॥
ଦେହାଭିମାନ ମୋହଗ୍ରସ୍ତ ଅତ୍ୟନ୍ତ କ୍ରୋଧେ ନିଷ୍ଠୁରତା ।
ଅଜ୍ଞ କାରଣୁ ଅବିବେକୀ ମିଥ୍ୟାଦମ୍ଭରେ ମତଗର୍ବୀ ॥
ଭୋଗ-ବିଳାସେ ସଦାରତ ଧର୍ମ ବିଶ୍ୱାସେ ନାହିଁ ଚିତ୍ତ ।
ଆସୁରୀ ସ୍ୱଭାବ ଧରିଣ ଜନ୍ମ ନିଅନ୍ତି ତମୋଜନ ॥୪॥
ଦଇବି ସମ୍ପଦ ଅଭ୍ୟାସେ ଜୀବ ଯାଆନ୍ତି ବ୍ରହ୍ମପାସେ ।
ତମୋଗୁଣରୁ ଅଧୋଗତି ଆସୁରୀ ଗୁଣକୁ ଲଭନ୍ତି ॥
ପୃଥା ନନ୍ଦନ ତୁମ୍ଭେଜାଣ ବାସନା ଏହାର କାରଣ ।
ମନରୁ ଶୋକ କରତେଜ ଦୈବୀ ସମ୍ପଦେ ତୁମ୍ଭେଜାତ ॥୫॥
ସୃଷ୍ଟି ସର୍ଜନା କାଳେ ଯହିଁ ଦୈବୀ ଆସୁରୀ ପ୍ରାଣୀ ତହିଁ ।
ଦୈବୀ ବର୍ଣ୍ଣନ ପୂର୍ବେକହି ଆସୁରୀ ଏବେ ଶୁଣ ତୁହି ॥୬॥
ଆସୁରୀ ଜନର ପ୍ରକୃତି ନ ଜାଣେ ପ୍ରବୃତ୍ତି ନିବୃତ୍ତି ।
ଶରୀର-ଶୁଚି ଆଚରଣ ସତ୍ୟ ସମ୍ବନ୍ଧେ ନାହିଁ ଜ୍ଞାନ ॥୭॥

ଆସୁରୀ ଜନର ବିଚାର ସୃଷ୍ଟି ଅସତ୍ୟ ନିରାଧାର ।
ଭୋଗ ବିଳାସ ପ୍ରୟୋଜନେ ମନୁଷ୍ୟ ଜାତ ସେ'କାରଣେ ॥
ଈଶ୍ୱର ବିନା ଏ ଜଗତ 'କାମ' ସମ୍ଭୋଗେ ପ୍ରାଣୀଜାତ
ଆସୁରୀ ସ୍ୱଭାବ ଥାଏଯହିଁ ସତ୍ୟ ଧର୍ମରେ ଶ୍ରଦ୍ଧା ନାହିଁ ॥୮॥
ନାସ୍ତିକ ଭାବକୁ ଆଶ୍ରିତ ମଣନ୍ତି ନାହିଁ ଆତ୍ମା ସତ୍ୟ ।
ଦେହାଭିମାନେ ତୁଚ୍ଛଜ୍ଞାନ ଇନ୍ଦ୍ରିୟ ଭୋଗେ ସଦାଧ୍ୟାନ ॥
ସଂସାର ଶତ୍ରୁ ରୂପେଜାତ ଜଗତ ଅହିତେ ପ୍ରବୃତ୍ତ ।
ହିଂସା ଆଚାରି ଉଗ୍ରକର୍ମା ନଷ୍ଟ ଜୀବନ ନାରାଧମା ॥୯॥
ଭୋଗ ବିଳାସେ ସଦାଚିତ୍ତ ଦମ୍ଭାଭିମାନେ ମଦମତ୍ତ ।
ଅସିଦ୍ଧ ନୀତିକୁ ଧାରଣ ଅଜ୍ଞାନେ କରନ୍ତି ଗ୍ରହଣ ॥
ବ୍ୟର୍ଥ କାମନା ମନେଧରି ଅଶୁଚି ବ୍ରତକୁ ଆଚରୀ ।
ତାମସ ଦେବକୁ ପୂଜନ୍ତି ଅଶାନ୍ତେ ଜୀବନ କାଟନ୍ତି ॥୧୦॥
ଜୀବନ କାଳ ଅନ୍ତଯାଏ ବିଷୟ ଚିନ୍ତେ ବୁଡି ରହେ ।
ଧନ ସଂଗ୍ରହେ ସଦାରତ କେବେ ନୁହଇ ତାରଅନ୍ତ ॥
ଭୋଗ ବାସନା ଅତିରିକ୍ତ ସଂସାରେ ନାହିଁ ଅନ୍ୟପ୍ରାପ୍ତ ।
ଏମନ୍ତ କରିଣ ନିଶ୍ଚୟ ଶରୀର ବଳ କରେ କ୍ଷୟ ॥୧୧॥
ଆଶାର ଫାଶେ ବାନ୍ଧିହୋଇ କାମ-କ୍ରୋଧର ବଶଯାଇ ।
ଇନ୍ଦ୍ରିୟ ଭୋଗର ନିମିତ୍ତ ଅନ୍ୟାୟେ ସମ୍ପତ୍ତି ସଞ୍ଚିତ ॥୧୨॥
ଆଜି ଯେ' ପ୍ରାପ୍ତ ଏହିଧନ ମନର ବାଞ୍ଛା ହେବପୂର୍ଣ୍ଣ ।
ସଞ୍ଚିତ ଧନ ଅଛି ଯାହା କାଲି ବଢ଼ିବ ପୁଣିତାହା ॥୧୩॥
ଏତିକି ଶତ୍ରୁ ହେଲେମୃତ ବଳକା କରିବି ନିପାତ ।
'ମୁଁ ଯେ' ଈଶ୍ୱର ଶକ୍ତିମାନ ସୁଖୀ ଭୋଗୀ 'ମୁଁ' ସିଦ୍ଧଜନ ॥୧୪॥
ଯାଗଯଜ୍ଞ ଯେ 'ମୁଁ' କରିବି ସ୍ୱର୍ଗ ସୁଖକୁ ପ୍ରାପ୍ତହେବି ।

ଦାନ-ଦକ୍ଷିଣା ହାତେଦେବି ବିଳାସେ ଜୀବନ କାଟିବି ॥
ଧନୀ 'ମୁଁ' ଅତି କୁଳଶୀଳ ମୋର ରହିଛି ଜନବଳ ।
ମୋର ସାଦୃଶ୍ୟ କେହିନାହିଁ ଅଜ୍ଞାନେ ବିମୋହିତ ସେହି ॥୧୫॥
ବିଷୟ ଚିନ୍ତାରେ ପ୍ରବୃତ୍ତ ସର୍ବଦା ଚିତ୍ତ ବିଚଳିତ ।
ମୋହ ଜାଲରେ ବାନ୍ଧିହୋଇ ଶରୀର ଭୋଗକୁ ଧାବଇ ॥
ଅଜ୍ଞାନେ ଲୋଭାଗ୍ରସ୍ତ ହୋଇ ସଂସାରେ ପାପକୁ ଅର୍ଜଇ ।
ଦେହାନ୍ତ କାଳେ ପ୍ରାଣଛାଡେ ଜୀବାତ୍ମା ଯାଇ ନର୍କେପଡେ ॥୧୬॥
ନିଜକୁ ମଣେ ସମ୍ମାନୀୟ ନଥାଇ ଗୁଣ ନମନୀୟ ।
ଧନ-ମାନରେ ମତ୍ତଗର୍ବ ଦେଖାଇ ନିଜ ବୃଥାଦମ୍ଭ ॥
ନାମର ପ୍ରତିଷ୍ଠା ନିମିତ୍ତ ଯଜ୍ଞାଦି କର୍ମ ପ୍ରଯୋଜିତ ।
ଦେଖାଇ ନିଜ ଦମ୍ଭପଣ ତାମସ ଯଜ୍ଞ ବିଧିହୀନ ॥୧୭॥
ଆସୁରୀ ଗୁଣେ ନରଜାତ କାମ-କ୍ରୋଧରେ ଜର୍ଜରିତ ।
ବାହୁବଳରେ ଦମ୍ଭପଣ ଜଗତେ ନାହିଁ କେ'ସମାନ ॥
ନିଜ ସମେତ ଅନ୍ୟଦେହେ ଆତ୍ମା ପୁରୁଷ କଷ୍ଟ ପାଏ ।
ଈଶ୍ୱର ପ୍ରତି ଦୋଷମତି ପର ପୀଡନେ ଅଧୋଗତି ॥୧୮॥
କ୍ରୂର ସ୍ୱଭାବେ ଦ୍ୱେଷକାରୀ ପାପ କାରଣୁ ଦୁରାଚାରୀ ।
ମାନବ ଶରୀର ଧରିଣ ପଶୁର ସମ ଆଚରଣ ॥
ଆସୁରୀ ଜନ୍ମ ବାରମ୍ବାର ଈଶ୍ୱର ଦିଅନ୍ତି ତାହାର ।
ଅନେକ ନୀଚ ଜନ୍ମପାଇ କାଳାନ୍ତେ ଶୁଦ୍ଧ ସେ'ହୁଅଇ ॥୧୯॥
ପ୍ରାପ୍ତ ନୁହଇ ଆତ୍ମଜ୍ଞାନ ଜଘନ୍ୟ ପାପୀ ମୁଢଜନ ।
ପାପ ଫଳର ଅନ୍ତଯାଏ ତମୋ ଯୋନୀରେ ଜନ୍ମପାଏ ॥
କୁନ୍ତୀ ନନ୍ଦନ ହେ ଅର୍ଜୁନ ! ପାପାତ୍ମା ଗତି ତୁମ୍ଭେଜାଣ ।
ଭୋଗଇ ଜନ୍ମ ସେ'ଅନେକ ପଡିଣ ନର୍କ କୁମ୍ଭୀପାକ ॥୨୦॥

ଲୋଭ-କ୍ରୋଧଯେ' କାମବେଗ ନର୍କଭୋଗର ତିନି ମାର୍ଗ ।
ବୁଦ୍ଧି ବିବେକ ନାଶକାରୀ ସ୍ୱଭାବ ହୁଅଇ ଆସୁରୀ ॥
ରଜୋ ତମୋରୁ ତହୁଁଜାତ ଯୋଗ ସାଧନେ ଆତ୍ମବନ୍ତ ।
ତିନି ପ୍ରବୃତ୍ତି ଦେହମୁକ୍ତ ଆତ୍ମ-କଲ୍ୟାଣ ସିଦ୍ଧିପ୍ରାପ୍ତ ॥୨୧॥
କାମ କ୍ରୋଧକୁ କଲେବଶ ଲୋଭ ପ୍ରବୃତ୍ତି ଯାଏନାଶ ।
ନରକ ଭୋଗ ତିନିଦ୍ୱାର ବିବେକ ଜ୍ଞାନେ ହୁଏଦୂର ॥
ଆତ୍ମ କଲ୍ୟାଣ ମନେଚିନ୍ତି ଯୋଗ ସାଧନେ ଯେବେବ୍ରତୀ ।
ଅନ୍ତର ଶୁଦ୍ଧି ସ୍ଥିରମତି ଲଭଇ ସେହୁ ମୋକ୍ଷଗତି ॥୨୨॥
ଶାସ୍ତ୍ର ବିଧି ଯେ' ନମାନଇ 'କାମ' ଆତୁରେ ବଶହୋଇ ।
ଉପେକ୍ଷା କରି ଶାସ୍ତ୍ର ବିଧି ନିଜ ଇଚ୍ଛାରେ କର୍ମସାଧି ॥
ସଂସାର ସୁଖ ଯେ' ଦୁର୍ଲଭ ନୁହଇ ତା'ରି ସିଦ୍ଧିଲାଭ ।
ସାଧନ ହୋଇଣ ବିଚ୍ୟୁତ ପରମ ଗତି ନୁହେଁ ପ୍ରାପ୍ତ ॥୨୩॥
କାର୍ଯ୍ୟ-ଅକାର୍ଯ୍ୟ ନିରୂପଣ ଶାସ୍ତ୍ର ହିଁ ଯାହାର ପ୍ରମାଣ ।
ମନୁଷ୍ୟ ଲୋକେ ଶାସ୍ତ୍ରମତ ବିହିତ କର୍ମ ନିରୂପିତ ॥
ଶାସ୍ତ୍ର ସମ୍ମତି ପରମ୍ପରା ତହିଁ ବିଚାରେ କର୍ମଧାରା ।
ଏମନ୍ତ ଜାଣି ହେ ଅର୍ଜୁନ ! କର୍ମ ନିଦାନେ ଦିଅଧ୍ୟାନ ॥୨୪॥
ଧ୍ୟାୟୀ ସେ ପ୍ରଭୁଙ୍କ ଚରଣ ଷୋଡଶ ଅଧ୍ୟାୟ କଥନ ।
ଭଜି ପୟରେ ଏ ଅବଳା ଭଣତି କରେ ଶକୁନ୍ତଳା ॥

ଏହି ପ୍ରକାରେ ଓଁ, ତତ୍, ସତ୍ – ଏହି ଭଗବତ୍ ନାମ ଉଚ୍ଚାରଣ ପୂର୍ବକ ବ୍ରହ୍ମବିଦ୍ୟା ଓ ଯୋଗ ଶାସ୍ତ୍ରମୟ ଶ୍ରୀମଦ୍ ଭଗବତ ଗୀତା ଉପନିଷଦ ରୂପକ ଶ୍ରୀ କୃଷ୍ଣ ଅର୍ଜୁନ ସମ୍ବାଦରେ 'ଦୈବାସୁରସମ୍ପଦ ବିଭାଗ ଯୋଗ' ନାମକ ଷୋଡଶ ଅଧ୍ୟାୟ ପୂର୍ଣ୍ଣ ହେଲା ॥୧୬॥

ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ

ଓଁ

ଶ୍ରୀ ପରମାତ୍ମନେ ନମଃ

## ଶ୍ରୀମଦ୍ ଭଗବଦ୍ ଗୀତା (ସପ୍ତଦଶ  ଅଧ୍ୟାୟ)

## (ଶ୍ରଦ୍ଧାତ୍ରୟ  ବିଭାଗ ଯୋଗ)

ଅର୍ଜୁନ ଉବାଚ

ଅର୍ଜୁନ କହନ୍ତି ହେ ହରି !          ମନେ ସଂଶୟ ଜାତ ମୋ'ରି ।
ଆସ୍ତିକ ବୁଦ୍ଧିର ଧାରଣ          ଶାସ୍ତ୍ର ପ୍ରମାଣେ ନାହିଁ ଜ୍ଞାନ ।।
କର୍ମ ନିଷ୍ଠାରେ   ଶ୍ରଦ୍ଧାବାନ          କରେ ଯେ' ଦେବତା ପୂଜନ ।
ତା'ହାର  କେଉଁ  ଗତିପ୍ରାପ୍ତ          ତମ   ରାଜସ ଅବା ସତ୍ତ୍ୱ  ।।୧।।

ଶ୍ରୀ ଭଗବାନ ଉବାଚ

କୃଷ୍ଣ କହନ୍ତି ହେ ଅର୍ଜୁନ          ସଂଶୟ କରୁଛି ମୋଚନ   ।
ପ୍ରକୃତି ଜାତ ଜୀବ ଦେହ          ଗୁଣ ସମାନ  ଶ୍ରଦ୍ଧା ତ୍ରୟ ।।

ସତ୍ତ୍ୱ ରାଜସ ତମ ଭାବ ସ୍ୱଭାବୁ ହୁଅଇ ଉଦ୍ଭବ ।
ଅନେକ ଜନ୍ମର ସଂସ୍କାର ହେତୁ ଅଟଇ ସ୍ୱଭାବର ॥୨॥
ମର୍ତ୍ତ୍ୟେ ମନୁଷ୍ୟ ଶ୍ରଦ୍ଧାଯୁକ୍ତ ଯେମନ୍ତେ ତା'ର ବୁଦ୍ଧିଚିତ୍ତ ।
ଯାହାର ଯେଉଁ ଶ୍ରଦ୍ଧାମତି ତା'ର ସ୍ୱରୂପ ସେହି ସ୍ଥିତି ॥୩॥
ସାତ୍ତ୍ୱିକ ଶ୍ରଦ୍ଧା ଯୁକ୍ତମନେ ପୂଜନ୍ତି ସେହୁ ଦେବଗଣେ ।
ଯକ୍ଷ-ରାକ୍ଷସ ଉପାସନା ରାଜସ ଶ୍ରଦ୍ଧା ଫଳମନା ॥
ତାମସ ଭାବ ଶ୍ରଦ୍ଧାନ୍ୱିତ ସାଧନ୍ତି ସେହୁ ଭୂତପ୍ରେତ ।
ଗୁଣ ଭେଦରେ ଶ୍ରଦ୍ଧାନିଷ୍ଠ ମନୁଷ୍ୟ ପୂଜନ୍ତି ନିଜ ଇଷ୍ଟ ॥୪॥
ଦର୍ପ ଆସକ୍ତି ଅହଂକାର ବିଷୟ ଭୋଗେ କାମାତୁର ।
ଶାସ୍ତ୍ର ନିଷେଦ୍ଧ ତପଘୋର କରନ୍ତି ତମ ଶ୍ରଦ୍ଧା ନର ॥୫॥
ଅବିଧି ତପ ଅନୁଷ୍ଠାନ ଜଗତ ଅହିତ କାରଣ ।
ଦେହ ଇନ୍ଦ୍ରିୟେ କ୍ଲେଶଦେଇ ତାମସ ସିଦ୍ଧିକୁ ଇଚ୍ଛଇ ॥
ଅନ୍ତଃପୁରୁଷ ସାକ୍ଷୀଭୂତ କୃଚ୍ଛ୍ର ସାଧନେ ପୀଡାଗ୍ରସ୍ତ ।
ତପ ଯାହାର ଏହିମନ୍ତ ଆସୁରୀ ସ୍ୱଭାବ ନିଶ୍ଚିତ ॥୬॥
ଆହାର ସର୍ବ ପ୍ରାଣୀଙ୍କର ଗୁଣ ପ୍ରକାରେ ରୁଚିକର ।
ଯଜ୍ଞ ତପସ୍ୟା ତଥା ଦାନ ଶୁଣ ପ୍ରଭେଦ କ୍ରିୟାମାନ ॥୭॥
ଆୟୁ ଆରୋଗ୍ୟ ବଳସତ୍ତ୍ୱ ସୁଖ ବର୍ଦ୍ଧନ ଶୁଦ୍ଧ ଚିତ୍ତ ।
ରସ ବହୁଳ ଶ୍ୱେତସାର ଶକ୍ତି ସଞ୍ଚୟ ପୃଷ୍ଟିସାର ॥
ଘୃତ ତୈଳ ସ୍ନେହସାର ପ୍ରାଣ ରକ୍ଷକ ଜୀବସାର ।
ଏହି ବିଚାର ସନ୍ନିହିତ ସାତ୍ତ୍ୱିକ ଆହାର ପ୍ରସ୍ତୁତ ॥୮॥
ଅତି ଲବଣ ଅମ୍ଳ ପିତା ଅତୀବ ଉଷ୍ଣ ତୀକ୍ଷ୍ଣ ଯୁକ୍ତା ।
ଦାହ କାରକ ଶୁଷ୍କଯାହା ରାଜସ ଖାଦ୍ୟ ନାମେତାହା ॥
ଭୋଗ ବୁଦ୍ଧିରେ ଗ୍ରହଣୀୟ ରାଜସ ଜନର ତାହାପ୍ରିୟ ।

ଜିହ୍ବା ଲାଳସେ ଯାହାପ୍ରିୟ ବ୍ୟାଧି କାରଣୁ ଶୋକାମୟ ॥୯॥
ଶୀତଳ କଞ୍ଚା ଅର୍ଦ୍ଧପାକ ରସ ବିହୀନ ସଢ଼ା ଶୁଷ୍କ ।
ଗତ ଦିବସ ବାସୀ ଦ୍ରବ୍ୟ ଖାଦ୍ୟ ନିମିତ୍ତ ନୁହେଁଯୋଗ୍ୟ ॥
ଉଚ୍ଛିଷ୍ଟ ମତ୍ସ୍ୟ ପ୍ରାଣୀ ମାଂସ ଭକ୍ଷ୍ୟ ନିମିତ୍ତ ଅଟେ ଦୋଷ ।
ଏହାଯେ ତାମସ ଭୋଜନ କେବଳ ଉଦର ପୂରଣ ॥୧୦॥
ଫଳ ଆଶାରୁ ରହିଦୂରେ କାମନା ନ ରଖି ମନରେ ।
ଶାସ୍ତ୍ର ବିଧିକୁ ଅନୁସରି କର୍ତ୍ତବ୍ୟ ବୋଧେ ଯଜ୍ଞକରି ॥
ଆଧ୍ୟାତ୍ମ୍ୟ ବୁଦ୍ଧି ହୃଦେଧରି ସଂସାର କଲ୍ୟାଣ ବିଚାରି ।
ଏମନ୍ତେ ଯଜ୍ଞ ଅନୁଷ୍ଠାନ ସାତ୍ତ୍ୱିକ ନାମେ ତାହାଜାଣ ॥୧୧॥
ଭରତ ଶ୍ରେଷ୍ଠ ହେ ଅର୍ଜୁନ ରାଜସ ଯଜ୍ଞ ଅଧିଷ୍ଠାନ ।
ସ୍ୱର୍ଗ ଭୋଗାଦି ଫଳପ୍ରାପ୍ତି ପ୍ରଚାର କରି ନିଜଖ୍ୟାତି ॥
କାମନା ପୂର୍ତ୍ତି ଉଦ୍ଦେଶ୍ୟରେ ଯଜ୍ଞ କରଇ ଅହଙ୍କାରେ ।
ଅହନ୍ତା ଫଳେଚ୍ଛା କାରଣ ରାଜସ ଯଜ୍ଞ ତାହାଜାଣ ॥୧୨॥
ଉପେକ୍ଷା କରି ଶାସ୍ତ୍ରନୀତି ନଥାଏ ଶୁଦ୍ଧ ମନ୍ତ୍ରାହୁତି ।
ଦାନ-ଦକ୍ଷିଣା ବିଧିନାହିଁ ଅନ୍ନ ପ୍ରସାଦ ଶୂନ୍ୟ ଯହିଁ ॥
ଦ୍ରବ୍ୟ ସଂଗ୍ରହେ ଦୁରାଚାର ବିନା ସମର୍ପେ ନିରାଧାର ।
ଶ୍ରଦ୍ଧା ବିହୀନ ଅଧିଷ୍ଠାନ ତାମସ ଯଜ୍ଞ ତାହାଜାଣ॥୧୩॥
ଦେବ ବ୍ରାହ୍ମଣ ଗୁରୁଜନ ବିଜ୍ଞ ପୁରୁଷ ବିଦ୍ୟାବାନ ।
ଦର୍ଶନ କାଳେ ତତକ୍ଷଣ ହୃଦୟେ କରିବ ପୂଜନ ॥
ଶରୀର ଅନ୍ତଃ ବାହ୍ୟଶୁଚି କପଟ ଶୂନ୍ୟ ଇଷ୍ଟଚିନ୍ତି ।
ଅହିଂସା ବ୍ରତ ବ୍ରହ୍ମଚର୍ଯ୍ୟ ଶରୀର ତପ ଏହିକାର୍ଯ୍ୟ ॥୧୪॥
ଉଦ୍ବେଗ ହୀନ ବାକ୍ୟ ଯହିଁ ସତ୍ୟ ବଚନ ସଦାରହି ।
ବାର୍ତ୍ତା ଆଳପେ ମଧୁରତା ଅନ୍ୟ ନିମିତ୍ତ ହିତକଥା ॥

ସ୍ୱାଧ୍ୟାୟ ନିତ୍ୟ ଅଭ୍ୟାସରେ ବେଦ ପୁରାଣ ପାଠକରେ ।
ବାଚିକ ତପ ଏ ସମସ୍ତ ସାଧନେ ଲଭ୍ୟ ଶାନ୍ତଚିତ୍ତ ॥୧୫॥
ମନ ପ୍ରସନ୍ନ ସଦାରହି ଶାନ୍ତ ସ୍ୱଭାବ ତା'ରହୋଇ ।
ମନନଶୀଳ ଇଷ୍ଟଚିନ୍ତି ମନ ନିରୋଧ ଦ୍ୱେଷପ୍ରୀତି ॥
ହୃଦୟ କପଟ ରହିତ ଭାବ ସଂଶୁଦ୍ଧି ପ୍ରକାଶିତ ।
ଅନ୍ତର ହୃଦୟ ସାଧନ ମାନସ ତପ ରୂପେ ଜାଣ ॥୧୬॥
ପରମଶ୍ରଦ୍ଧା ଯୁକ୍ତହୋଇ କର୍ମ ଫଳରେ ସଙ୍ଗ ନାହିଁ ।
ଶରୀର ମନ ବାଙ୍‌-ତପ ତ୍ରିବିଧ ତପ ସତ୍ତ୍ୱରୂପ ॥୧୭॥
ପୂଜା ସତ୍କାର ଅଭିମାନେ ତପ କରଇ ଦମ୍ଭପଣେ ।
ଫଳ ଅନିତ୍ୟ ନାଶଯାଇ ରାଜସ ତପ ଏ'ଅଟଇ ॥୧୮॥
ମୋହ ମାୟାର ବଶହୋଇ ଅଜ୍ଞାନୀ ତପ ଆଚରଇ ।
ଶରୀରେ ଦେଇ ବହୁକଷ୍ଟ ଭୋଗବିଳାସ କରିଇଷ୍ଟ ॥
ସଂସାର ଅହିତ ମାନଇ ତାମସ ଶକ୍ତିକୁ ଇଚ୍ଛଇ ।
ଅବିଦ୍ୟା ଭାବ ନିତ୍ୟଥାଇ ତାମସ ତପ ତାକୁ କହି ॥୧୯॥
ଦାନହିଁ ପରମ କର୍ତ୍ତବ୍ୟ ମନରେ ରଖି ଏହିଭାବ ।
ପୁଣ୍ୟକାଳରେ ତୀର୍ଥସ୍ଥାନେ ସତ୍ ପାତ୍ରରେ ଦ୍ରବ୍ୟଦାନେ ॥
ନିଃସ୍ୱାର୍ଥ ଭାବ ହୃଦେବହି ନିଷ୍କାମ ଦାନ ଯେ'କରଇ ।
ସ୍ୱତ୍ତ୍ୱରୁ ମମତା ହଟାଇ ସାତ୍ତ୍ୱିକ ଦାନ ତାକୁ କହି ॥୨୦॥
ସ୍ୱାର୍ଥକୁ କରିଣ ଆଧାର ଚିନ୍ତିଣ ପ୍ରତି ଉପକାର ।
ଫଳ ଆଶାକୁ କରିମନ ଅଥବା କ୍ଳେଶ ଭୟପଣ ॥
ପୂଣ୍ୟ ଅର୍ଜନ ହୃଦେବହି ଏମନ୍ତ ଦାନ ଯେ'କରଇ ।
ରାଜସ ଅଟେ ସେହିଦାନ ଫଳ ଭୋଗରେ ପୁଣ୍ୟକ୍ଷୀଣ ॥୨୧॥
ହୃଦୟେ ବହି ଅନାଦର ମନରେ ରଖି ଅହଂକାର ।

ପାତ୍ର-ଅପାତ୍ର ଅବିଚାରେ ଅନୁପଯୁକ୍ତ ସ୍ଥାନ କାଳେ ॥
ଦମ୍ଭ ଦର୍ପରେ କରି ମାନ ଗ୍ରହିତା ପ୍ରତି ଅସମ୍ମାନ ।
ଏମନ୍ତେ ଭାବ ଯେଉଁଦାନ ତାମସ ନାମେ ତାହା ଜାଣ ॥୨୨॥
ଓଁ-ତତ୍-ସତ୍ ବେଦମନ୍ତ୍ର ପରମ ବ୍ରହ୍ମଙ୍କ ସଙ୍କେତ ।
ବିଶ୍ୱ ଅତୀତ- ସର୍ବ ବ୍ୟାପ୍ତ ବିଶ୍ୱ କାରଣ-ଭାବ ଅର୍ଥ ॥
ବ୍ରହ୍ମାଙ୍କ ଜପ ଇଷ୍ଟମନ୍ତ୍ର ବେଦ ବ୍ରାହ୍ମଣ ତହୁଁ ଜାତ ।
ସମସ୍ତ ଯଜ୍ଞ ମୂଳାଧାର କାର୍ଯ୍ୟ ସମ୍ପନ୍ନ ସିଦ୍ଧିକାର ॥୨୩॥
ମନ୍ତ୍ର ପ୍ରାରମ୍ଭେ ଓମ୍ କାର ବ୍ରହ୍ମ ବାଚକ ଏକାକ୍ଷର ।
ଯଜ୍ଞାନୁଷ୍ଠାନ ତପ ଦାନ 'ଓଁକାର ମନ୍ତ୍ରେ କ୍ରିୟମାଣ ॥
ପ୍ରଣବ ଅଟେ ବେଦସାର ବିଶ୍ୱ ବ୍ୟାପକ ନିରାକାର ।
ବେଦ ଗାୟତ୍ରୀ ମୂଳମନ୍ତ୍ର ଓମ୍ ଧ୍ୟାନରେ ଚିତ୍ତ ଶାନ୍ତ ॥୨୪॥
ପରମ ଆତ୍ମା ସର୍ବବ୍ୟାପ୍ତ ବ୍ୟକ୍ତ-ଅବ୍ୟକ୍ତ ସର୍ବସ୍ଥିତ ।
ମୋକ୍ଷ ଆକାଙ୍କ୍ଷେ ଦୃଢବ୍ରତ 'ତତ୍' ବିଚାରେ ଅନାସକ୍ତ ॥
ଯଜ୍ଞ ତପସ୍ୟା ଦାନକ୍ରିୟା ଫଳ ତ୍ୟାଗରେ ସିଦ୍ଧଯାହା ।
ପରମ କଲ୍ୟାଣ ନିମିତ୍ତ 'ତତ୍' ନାମରେ ସମର୍ପିତ ॥୨୫॥
ନିତ୍ୟ ଶାଶ୍ୱତ ନାରାୟଣ 'ସତ୍' ଭାବରେ ବିଦ୍ୟମାନ ।
ବ୍ରହ୍ମ ସ୍ୱରୂପ ଶ୍ରେଷ୍ଠ ତତ୍ତ୍ୱ ସାଧୁ ଭାବରେ ଅଭିହିତ ॥
ସତ୍ୟ ଶାଶ୍ୱତ ଶ୍ରେଷ୍ଠଧାରୀ ବ୍ରହ୍ମ ବାଚକ ଅଧିକାରୀ ।
ପ୍ରଶଂସନୀୟ କର୍ମ ଯହିଁ 'ସତ୍' ଶବ୍ଦର ଯୋଗ୍ୟସେହି ॥୨୬॥
ଯଜ୍ଞ ତପସ୍ୟା ଦାନେ ସ୍ଥିତ ସତ୍ ନାମରେ ଅଭିହିତ ।
ବ୍ରହ୍ମ ଅର୍ପିତ କର୍ମମାନ ମୁକ୍ତି ଦାୟକ 'ସତ୍' ଜାଣ ॥୨୭॥
ଅଶ୍ରଦ୍ଧା ଯଜ୍ଞ ତପ ଦାନ ଶୁଭ- ଅଶୁଭ କର୍ମମାନ ।
ଅସତ୍ ନାମେ ତାହା ଜାଣ ମର୍ତ୍ତ୍ୟେ ଦେହାନ୍ତେ ଫଳଶୂନ୍ୟ ॥୨୮॥

ଧ୍ୟାୟୀ ସେ ପ୍ରଭୁଙ୍କ ଚରଣ ସପ୍ତଦଶ ଭାଗ କଥନ ।
ଭଜି ପୟରେ ଏ ଅବଳା ଭଣତି କରେ ଶକୁନ୍ତଳା ॥

ଏହି ପ୍ରକାରେ ଓଁ, ତତ୍, ସତ୍ – ଏହି ଭଗବତ୍ ନାମ ଉଚ୍ଚାରଣ ପୂର୍ବକ ବ୍ରହ୍ମବିଦ୍ୟା ଓ ଯୋଗ ଶାସ୍ତ୍ରମୟ ଶ୍ରୀମଦ୍ ଭଗବତ ଗୀତା ଉପନିଷଦ ରୂପକ ଶ୍ରୀ କୃଷ୍ଣ ଅର୍ଜୁନ ସମ୍ବାଦରେ 'ଶ୍ରଦ୍ଧା ତ୍ରୟ ବିଭାଗ ଯୋଗ' ନାମକ ସପ୍ତଦଶ ଅଧ୍ୟାୟ ପୂର୍ଣ୍ଣ ହେଲା ॥୧୭॥

ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ

ଓଁ

ଶ୍ରୀ ପରମାତ୍ମନେ ନମଃ

## ଶ୍ରୀମଦ୍ ଭଗବଦ୍ ଗୀତା (ଅଷ୍ଟାଦଶ ଅଧ୍ୟାୟ)

### (ମୋକ୍ଷ ସନ୍ନ୍ୟାସ ଯୋଗ)

ଅର୍ଜୁନ ଉବାଚ

ହେ ହରି ! କେଶିନି ଷୂଦନ ! କର୍ମ ସନ୍ନ୍ୟାସ ତତ୍ତ୍ୱମାନ ।
ତ୍ୟାଗର ସଜ୍ଞା ନଜାଣଇ ଜିଜ୍ଞାସା କରି ପଚାରଇ ॥
ତ୍ୟାଗ-ସନ୍ନ୍ୟାସ ଭେଦଯହୁଁ ଶଂସୟ ଫେଡ ମହାବାହୁ ।
ସକଳ ହୃଦେ କରିବାସ ନାମ ବହିଛ ହୃଷୀକେଶ ॥୧॥

ଶ୍ରୀ ଭଗବାନ ଉବାଚ ( ଶ୍ରୀ ଭଗବାନ କହିଲେ)

ସ୍ୱର୍ଗାଦି କାମ୍ୟ-କର୍ମ ତ୍ୟକ୍ତ 'ସନ୍ନ୍ୟାସ' ଧର୍ମ ଜ୍ଞାନୀମତ ।
କର୍ମ ଫଳରେ ତ୍ୟାଗପଣ 'ତ୍ୟାଗ' କହନ୍ତି ଯୋଗୀଜନ ॥୨॥
କର୍ମ ମାତ୍ରକେ ଦୋଷପଣ ଏମନ୍ତ ବିଚାର କରିଣ ।
ଦେହରୁ କର୍ମକୁ ଛାଡନ୍ତି ସନ୍ନ୍ୟାସ ଧର୍ମକୁ ପାଳନ୍ତି ॥
ଯଜ୍ଞ,ତପସ୍ୟା ଦାନ ଧର୍ମ ଶାସ୍ତ୍ର ବିଦିତ ବିଧିକର୍ମ ।
କର୍ତ୍ତବ୍ୟ ତ୍ୟାଗ ଅନୁଚିତ ଅନ୍ୟେ ରଖନ୍ତି ଏହିମତ ॥୩॥
ତ୍ୟାଗ -ସନ୍ନ୍ୟାସ ନିରୂପଣ ତ୍ୟାଗକୁ ଶୁଣ ହେ ଅର୍ଜୁନ !
ଗୁଣ ପ୍ରକାରେ ତ୍ୟାଗପଣ ତିନି ପ୍ରକାର ତାହା ଜାଣ ॥୪॥
ଦାନ କର୍ମରେ ମୋହତ୍ୟାଗ ତପ ସାଧନେ ଇଷ୍ଟସଙ୍ଗ ।
ଯଜ୍ଞେ ଫଳଇ ଜନହିତ ଏ-କର୍ମ ତ୍ୟାଗ ଅନୁଚିତ ॥

ଯଜ୍ଞ ତପସ୍ୟା ଦାନଧର୍ମ　　ଶାସ୍ତ୍ର ସମ୍ମତ ବିଧିକର୍ମ ।
ଅନ୍ତଃ କରଣ ହୁଏଶୁଦ୍ଧି　　ପ୍ରାପ୍ତ ହୁଅଇ ଯୋଗସିଦ୍ଧି ॥୫॥
ଫଳାସକ୍ତିକୁ ତ୍ୟାଗକରି　　ଏମନ୍ତ କର୍ମକୁ ଆଚରୀ ।
ମନରୁ ଆସକ୍ତି ବର୍ଜନ　　କର୍ତ୍ତବ୍ୟ କର୍ମେ ରଖିଧ୍ୟାନ ॥
ଦେହାଭିମାନେ କର୍ତ୍ତାପନ　　ମନରୁ ସମୂଳେ ତେଜିଣ ।
କର୍ତ୍ତବ୍ୟ କର୍ମ ଯେ' ଉଚିତ　　ଜାଣ ହେ ପାର୍ଥ ! ଶ୍ରେଷ୍ଠମତ ॥୬॥
ସ୍ୱ-ଧର୍ମ ବୃତ୍ତି ଆଚରଣ　　କର୍ତ୍ତବ୍ୟ ମାର୍ଗ ପରାୟଣ ।
ଶାସ୍ତ୍ର ସମ୍ମତ ଅଧିଷ୍ଠାନ　　ନିୟତ କର୍ମ ନିରୂପଣ ॥
ନିୟତ କର୍ମ ପରିତ୍ୟାଗ　　ସିଦ୍ଧ ନୁହଇ କର୍ମଯୋଗ ।
ମୋହ କାରଣେ କର୍ମହୀନ　　ତାମସୀ ତ୍ୟାଗ ତାହାଜାଣ ॥୭॥
ଭୋଗ ସମ୍ପଦେ ତନମନ　　ବିହିତ କର୍ମର ବର୍ଜନ ।
ନିଷ୍କାମ କର୍ମେ ଶ୍ରଦ୍ଧା ନାହିଁ　　ମଣଇ ତାହା ଦୁଃଖଦାୟୀ ॥
ଶରୀର କ୍ଳେଶ ମନେବହି　　ନିୟତ କର୍ମକୁ ତେଜଇ ।
ରାଜସ ତ୍ୟାଗ ତାକୁ କହି　　ତ୍ୟାଗର ଫଳ ନମିଳଇ ॥୮॥
କେବଳ କର୍ତ୍ତବ୍ୟ ପାଳନ　　ଶ୍ରେୟ ଯେ'ମଣେ ହେ ଅର୍ଜୁନ !
କର୍ତ୍ତାପଣରେ ଅନାସକ୍ତ　　କର୍ମନିଷ୍ଠାରେ ଦୃଢଚିତ୍ତ ॥
ଫଳ ଭୋଗର ଇଚ୍ଛାନାହିଁ　　କର୍ମରୁ ଫଳକୁ ତେଜଇ ।
ଏମନ୍ତ କର୍ମ ଅନୁଷ୍ଠାନ　　ସାତ୍ତ୍ୱିକ ତ୍ୟାଗ ତାହାଜାଣ ॥ ୯॥
କର୍ତ୍ତବ୍ୟେ କ୍ଳେଶ ନଘେନଇ　　ଦୈହିକ ସୁଖେ ସଙ୍ଗ ନାହିଁ ।
ଆତ୍ମା ସ୍ୱରୂପେ ସଦାସ୍ଥିତ　　ଶୁଭ ଅଶୁଭ ରହିମୁକ୍ତ ॥
ଲଭଇ ଯହୁଁ ଆତ୍ମଜ୍ଞାନ　　ସନ୍ଦେହ ହୁଅଇ ମୋଚନ ।
ସଂସାର ସୁଖ ପରିତ୍ୟାଗୀ　　ସେହୁ ଯେ' ଭକ୍ତ ଜ୍ଞାନଯୋଗୀ ॥୧୦॥
ଶରୀର ଲଭିଣ ମାନବ　　କର୍ମର ତ୍ୟାଗ ଅସମ୍ଭବ ।

ସଂସାରେ ନର ଦେହଧାରୀ କ୍ଷଣେ ନୁହଇ କର୍ମଛାଡି ॥
କର୍ମରୁ ଫଳକୁ ତେଜିଣ କରଇ ଯେହୁ ଆଚରଣ ।
ଫଳ ଭୋଗରେ ନାହିଁ ଚିତ୍ତ ସେହୁଯେ' ତ୍ୟାଗୀ ବିବେଚିତ ॥୧୧॥
ପୂଣ୍ୟ କର୍ମରେ ସ୍ୱର୍ଗସୁଖ ପାପ ଆଚରି ନର୍କଭୋଗ ।
ଧର୍ମ ଅଧର୍ମ କର୍ମେ ଯୁକ୍ତ ମର୍ତ୍ତ୍ୟେ ମାନବ ଦେହପ୍ରାପ୍ତ ॥
ଇଚ୍ଛା ନରଖି କର୍ମଫଳେ କର୍ମ ନବାନ୍ଧେ ତିନିପୁରେ ।
ଇଷ୍ଟ ଅନିଷ୍ଟ ମିଶ୍ରଫଳ ଜୀବେ ପ୍ରାପତ ଯଥାକାଳ ॥୧୨॥
ମୋ ବାଣୀ ଶୁଣ ମହାବାହୁ କର୍ମର ସିଦ୍ଧି ପ୍ରାପ୍ତ ଯହୁଁ ।
ସାଙ୍ଖ୍ୟ କୃତାନ୍ତ ନିରୂପଣ ବେଦ ରୂପରେ ତାହାଜାଣ ॥
ସକଳ କର୍ମର ସମାପ୍ତ ସିଦ୍ଧି ନାମରେ ଅଭିହିତ ।
କର୍ମ ସିଦ୍ଧତା ସମାପନ ଅଟଇ ପାଞ୍ଚଟି କାରଣ ॥୧୩॥
ପଞ୍ଚ କାରଣେ କର୍ମପୂର୍ଣ୍ଣ ସ୍ଥୂଳ ଦେହ ଯେ' ଅଧିଷ୍ଠାନ ।
ଦେହାଭିମାନ ଅହଂକାର କର୍ତ୍ତା ରୂପରେ କର୍ମାଧାର ॥
ଦଶ ଇନ୍ଦ୍ରିୟ ବୁଦ୍ଧି ମନ ଅଟନ୍ତି କର୍ମର କରଣ ।
ପ୍ରାଣ ପ୍ରଚେଷ୍ଟା କାର୍ଯ୍ୟପଣ ଦଇବି ପଞ୍ଚମ କାରଣ ॥ ୧୪॥
ଶରୀର ମନ ବାଣୀ କ୍ରିୟା କର୍ମ ରୂପରେ ଜାଣ ତାହା ।
ନ୍ୟାୟ କର୍ମ ବା' ବିପରୀତ ପଞ୍ଚ କାରଣେ ସମ୍ପାଦିତ ॥୧୫॥
ପଞ୍ଚ କାରଣୁ ଯେଉଁ ଜନ ଆତ୍ମାକୁ ମଣେ କର୍ତ୍ତାପନ ।
ଯଥାର୍ଥ ନୁହେଁ ଦୃଷ୍ଟିତାର ଆତ୍ମା ଯେ' ଶୁଦ୍ଧ ନିର୍ବିକାର ॥
ବୁଦ୍ଧି ମଳିନ ବଦ୍ଧଜୀବ ବିବେକ ଜ୍ଞାନର ଅଭାବ ।
ଆତ୍ମା କାରଣୁ ଦେହବୃତ୍ତି କର୍ତ୍ତା ମଣନ୍ତି ମୂଢମତି ॥୧୬॥
ସକଳ କର୍ମ 'ମୁଁ' କରଇ ଏମନ୍ତ ଭାବ ଯା'ର ନାହିଁ ।
ବୁଦ୍ଧି ତାହାର ଶୁଦ୍ଧସତ୍ତ୍ୱ କର୍ମ ବନ୍ଧନେ ନାହିଁ ଲିପ୍ତ ॥

କର୍ତ୍ତବ୍ୟ କର୍ମ ଅନୁଷ୍ଠାନେ ବଧ କରଇ ଯଦି ଜନେ ।
ସ୍ୱଧର୍ମ ପାଳନେ ନାହିଁପାପ ନିୟତ କର୍ମ ଯୋଗତପ ॥୧୭॥
ଜ୍ଞାନ ଜ୍ଞେୟ ଯେ' ପରିଜ୍ଞାତା କର୍ମ ପ୍ରେରଣ ବିଧିଦାତା ।
କର୍ମ କରଣ କାର୍ଯ୍ୟକର୍ତ୍ତା ତିନିହେଁ କର୍ମ ସଂଗ୍ରହୀତା ॥୧୮॥
ପ୍ରକୃତି ଜାତ ତିନିଗୁଣ ସାଙ୍ଖ୍ୟ ଦର୍ଶନେ ନିରୂପଣ ।
ଜ୍ଞାନ, କର୍ମ ଯେ' କର୍ତ୍ତାପନ ଗୁଣ ଭେଦରେ ଭିନ୍ନଜାଣ ॥୧୯॥
ନାମ ଆକାରେ ଦେହଭିନ୍ନ ମାୟା ପ୍ରଭାବେ ଦୃଶ୍ୟମାନ ।
ସକଳ ଜୀବେ ଏକ ସତ୍ତା ଅଭିନ୍ନ ରୂପେ ନିତ୍ୟସ୍ଥିତା ।
ବ୍ରହ୍ମ ସ୍ୱରୂପ ସର୍ବଭୂତ ଆତ୍ମା ଅଟଇ ପରିବ୍ୟାପ୍ତ ।
ଏମନ୍ତ ଦୃଷ୍ଟି ବିଦ୍ୟମାନ ତାହା ଯେ' ଜାଣ ସତ୍ତ୍ୱଜ୍ଞାନ॥୨୦॥
ପୃଥଗ ଭାବର ବିଚାର ଆତ୍ମା ଯେ' ଅନେକ ପ୍ରକାର ।
ରାଜସ ଜ୍ଞାନେ ପୃଥକତା ପ୍ରତ୍ୟେକ ଜୀବେ ଭିନ୍ନସତ୍ତା॥୨୧॥
ତାମସ ଜ୍ଞାନ ତୁଚ୍ଛଜାଣ ମାୟା ମୋହର ଆବରଣ ।
ଅଳ୍ପ ବୁଦ୍ଧିରେ ଦେହାସକ୍ତ ଦେହକୁ ମଣଇ ଜୀବତତ୍ତ୍ୱ ॥୨୨॥
ଶାସ୍ତ୍ର ବିଦିତ କର୍ମମାନ କର୍ତ୍ତବ୍ୟ ରୂପେ ବିବେଚନ ।
ଫଳ ଆଶାରେ ନାହିଁଧ୍ୟାନ ବୋଧ ନୁହଇ କର୍ତ୍ତାପନ ॥
ଜଗତ ହିତେ ମନେବହି ରାଗ-ଦ୍ୱେଷର ଭାବନାହିଁ ।
ଏମନ୍ତ କ୍ରିୟା ସମ୍ପାଦନ ସତ୍ତ୍ୱ କର୍ମ ଯେ' ତାହାଜାଣ ॥୨୩॥
ଦେହ ଭୋଗରେ ରଖିଧ୍ୟାନ ସ୍ୱାର୍ଥେ କରଇ କର୍ମମାନ ।
କର୍ମ ଆସକ୍ତ ଅହଂକାର ରାଜସ ବୃତ୍ତିର ବିଚାର ॥
ଫଳ ଆଶାର ମନନେଇ ଦମ୍ଭରେ କର୍ମ ଯେ' କରଇ ।
ଶ୍ରମ ବହୁଳ କର୍ତ୍ତାପଣ ରାଜସ କର୍ମ ତାହାଜାଣ ॥୨୪॥
ଶୁଭ-ଅଶୁଭ କର୍ମଆଦି ଯହିଁ ନାହିଁତ ଶାସ୍ତ୍ରବିଧି ।

ନିଷ୍ଫଳ କର୍ମ ମୂଢପଣ ସଂସାର ପୀଡା ବଳକ୍ଷୀଣ ॥
ଶକ୍ତି ସାମର୍ଥ୍ୟ ଅବିଚାର ନୁହଇ ଜନ ହିତକର ।
ମୋହ ବଶରେ ଅନୁଷ୍ଠାନ ତାମସ କର୍ମ ତାହାଜାଣ ॥୨୫॥
ସଂସାର ଭୋଗେ ଅନାସକ୍ତ ଦେହାଭିମାନ ପରିତ୍ୟକ୍ତ ।
ନ ରଖି ମନେ କର୍ତ୍ତାପନ କର୍ତ୍ତବ୍ୟ ନିଷ୍ଠା ପରାୟଣ ॥
କର୍ମ ତତ୍ପର ଧୈର୍ଯ୍ୟ-ଶୀଳ ସିଦ୍ଧି-ଅସିଦ୍ଧି ନିର୍ବିକାର ।
ଜଗତ ହିତେ ସଦାଧ୍ୟାନ ସାତ୍ତ୍ୱିକ କର୍ତ୍ତା ସେହୁ ଜାଣ॥୨୬॥
ବିଷୟ ଭୋଗରେ ପ୍ରବୃତ୍ତ ଫଳ ଆଶାରେ କର୍ମାସକ୍ତ ।
ଅନ୍ତର ଭାବ କୁଟିଳତା ଶରୀର ମନ ଅଶୁଦ୍ଧତା ॥
ପର ପୀଡକ ଲୋଭାଗ୍ରସ୍ତ ହର୍ଷ ଶୋକରେ ସଦାରତ ।
ମୁଁ କାର ଭାବ ଆଚରଣ ରାଜସ କର୍ତ୍ତା ସେହୁ ଜାଣ ॥୨୭॥
ଅସ୍ଥିର ଚିତ୍ତ ଅସଂଯତା ବିନୟ ହୀନ ଅଜ୍ଞାନତା ।
ପର ନିନ୍ଦୁକ ଠକପଣ ଆଳସ୍ୟ ଶଠ ଦୁଷ୍ଟଗୁଣ ॥
କାର୍ଯ୍ୟ-ଅକାର୍ଯ୍ୟ ଅବିଚାର କାଳ କ୍ଷେପଣ ନୀତିଯା'ର ।
ବିଷାଦ ଗ୍ରସ୍ତ ଦୁଃଖମନ ତାମସ କର୍ତ୍ତା ସେହୁ ଜାଣ ॥୨୮॥
ଗୁଣ ପ୍ରକାରେ ବୁଦ୍ଧି ବୃତ୍ତି ସତ୍ତ୍ୱ-ରାଜସ-ତମ ଧୃତି ।
ଭେଦ କାରଣ ଗୁଣତ୍ରୟ କହୁଛି ଶୁଣ ଧନଞ୍ଜୟ ॥୨୯॥
ପ୍ରବୃତ୍ତି ମାର୍ଗେ ଫଳତ୍ୟାଗ କର୍ମ ନିବୃତ୍ତି ଜ୍ଞାନଯୋଗ ।
ସଂସାର ବନ୍ଧନ ଚିନ୍ତନ ମୋକ୍ଷ ସାଧନେ ଦୃଢପଣ ॥
ଭୟ-ଅଭୟ ଜ୍ଞାତସାର ହରି ଶରଣେ ଭୟଦୂର ।
ଏମନ୍ତ ଜ୍ଞାନର ପ୍ରେରଣ ସାତ୍ତ୍ୱିକ ବୁଦ୍ଧି ତାହାଜାଣ ॥୩୦॥
ଧର୍ମ -ଅଧର୍ମ ବିବେଚନ କାର୍ଯ୍ୟ-ଅକାର୍ଯ୍ୟ ନିରୂପଣ ।
ଯଥାର୍ଥ ରୂପେ ଜ୍ଞାତନାହିଁ ରାଜସ ବୁଦ୍ଧି ତାକୁ କହି ॥୩୧॥

ତାମସ ବୁଦ୍ଧି ମୋହାଚ୍ଛନ ଧର୍ମ-ଅଧର୍ମ ନାହିଁଜ୍ଞାନ ।
ବିବେକ ଯହିଁ ଆଚ୍ଛାଦିତ ସବୁ ଦିଶଇ ବିପରୀତ ॥୩୨॥
ଧୃତିର ଭେଦ ଏବେଶୁଣ ବୁଝାଇ କହୁଛି ଅର୍ଜୁନ ।
ଯୋଗବଳରେ ସ୍ଥିରମତି ଅବିଚଳିତ ଧୈର୍ଯ୍ୟଶକ୍ତି ॥
ମନ ଇନ୍ଦ୍ରିୟ ପ୍ରାଣକ୍ରିୟା ସଂଯମ ବ୍ରତେ ଦୃଢତାହା ।
ମୋକ୍ଷ ସାଧନ ଇଚ୍ଛାଥାଇ ସାତ୍ତ୍ୱିକ ଧୃତି ତାକୁ କହି ॥।୩୩॥
ଧର୍ମ କାମନା ଅର୍ଥପ୍ରାପ୍ତ କର୍ମ ପ୍ରବୃତ୍ତି ଫଳାସକ୍ତ ।
ବିଷୟ ଭୋଗ -ଦମ୍ଭପଣ ରାଜସ ଧୃତି ତାହାଜାଣ ॥୩୪॥
ବ୍ୟର୍ଥ କାମନା ଭୟ ଶୋକ ବିଷାଦ ଦର୍ପ ଅବିବେକ ।
ଧାରଣ କରି ନ-ତେଜଇ ତାମସ ଧୃତି ତାକୁ କହି ॥୩୫॥
ଭରତ ଶ୍ରେଷ୍ଠ ହେ ଅର୍ଜୁନ ! ତ୍ରିବିଧ ସୁଖ ତୁମ୍ଭେଶୁଣ ।
ଗୁଣ ପ୍ରକାରେ ସୁଖବୋଧ ସତ୍ତ୍ୱ ରାଜସ ତମୋଭେଦ ॥
ଅଭ୍ୟାସ ବଳେ ଯେଉଁ ସୁଖ ପ୍ରାପ୍ତ ହୁଅଇ କରିତ୍ୟାଗ ।
ନିତ୍ୟ ଶାଶ୍ୱତ କରିପ୍ରାପ୍ତ ସଂସାର ଦୁଃଖ ହୁଏ ଅନ୍ତ ॥୩୬॥
ପରମାତ୍ମିକ ସୁଖ ଯହୁଁ ଯୋଗ ସାଧନେ ପ୍ରାପ୍ତହୁଁ ।
ଦେହ ଇନ୍ଦ୍ରିୟ ମନବଶ ଯୋଗ ଆରମ୍ଭେ ହୁଏ କ୍ଲେଶ ॥
ବୁଦ୍ଧି ପ୍ରସନ୍ନେ ସୁଖଜାତ ସାତ୍ତ୍ୱିକ ନାମେ ଅଭିହିତ ।
ବିଷୟ ସୁଖ ଅଳ୍ପକ୍ଷଣ ଆତ୍ମିକ ସୁଖ ଚିରନ୍ତନ ॥୩୭॥
ବିଷୟ ଇନ୍ଦ୍ରିୟ ସଂଯୋଗ ଦେହେ ପ୍ରାପତ ସୁଖଭୋଗ ।
ଭୋଗ କାଳରେ ସୁଧାମୟ ଅନ୍ତେ ହୁଅଇ ପୀଡାଦାୟ ॥
ଦେହ ଭୋଗକୁ ଧ୍ୟାନଦେଇ ଆତ୍ମିକ ସୁଖକୁ ତେଜଇ ।
ଏମନ୍ତ ସୁଖ ଯେ' ରାଜସ ବୁଦ୍ଧି ବିବେକ ମାୟାବଶ ॥୩୮॥
ଆତ୍ମ ସ୍ୱରୂପ ବିମୋହିତ ବୁଦ୍ଧି ବିବେକ ଆଚ୍ଛାଦିତ ।

ନିଦ୍ରା ଆଳସ୍ୟ ଶଙ୍କାଭୟ ବୃଥା ପ୍ରଚେଷ୍ଟା ସୁଖମୟ ॥
ଏମନ୍ତ ସୁଖ ଯେ' ତାମସ ବିସମ ଭାବ ବୁଦ୍ଧିନାଶ ।
ଆରମ୍ଭ ଅନ୍ତ ଏକାସ୍ଥିତି ଜୀବ ଲଭଇ ଅଧୋଗତି॥୩୯॥
ମର୍ତ୍ତ୍ୟ ପାତାଳ ଅନ୍ତରୀକ୍ଷ ଦେବ ଗନ୍ଧର୍ବ ନରଯକ୍ଷ ।
ଚର-ଅଚର ଜୀବ ଭୂତ ତିନିଗୁଣରେ ଆଚ୍ଛାଦିତ ॥
ପ୍ରକୃତି ଜାତ ତିନିଗୁଣ ଜଗତ ସୃଷ୍ଟିର କାରଣ ।
ବ୍ରହ୍ମାଙ୍କ ଠାରୁ କୀଟଯହିଁ ଗୁଣ ଅଧିନେ ରହିଥାଇ ॥୪୦॥
ଜନ୍ମ ସ୍ୱଭାବେ ଗୁଣଯୁକ୍ତ ଗୁଣ ପ୍ରକାରେ ବୃତ୍ତିଗତ ।
କର୍ମ ଭିନ୍ନରେ ବର୍ଣ୍ଣଭେଦ ବ୍ରାହ୍ମଣ କ୍ଷେତ୍ରି ବୈଶ୍ୟଶୂଦ୍ର॥୪୧॥
ମନ ଇନ୍ଦ୍ରିୟ ସଂଯମତା ତପ ସାଧନ ପବିତ୍ରତା ।
ଶରୀର ବଶ କ୍ଷମାଶୀଳ ଶ୍ରଦ୍ଧା-ବିଶ୍ୱାସ ଆତ୍ମବଳ ॥
ବେଦ ପୁରାଣ ଅଧ୍ୟୟନ ଆଧ୍ୟାତ୍ମଜ୍ଞାନ ବିତରଣ ।
ଛଳ କପଟ ହୃଦେନାହିଁ ବ୍ରାହ୍ମଣ ସ୍ୱଭାବ ତାକୁକହି ॥୪୨॥
ଶୂର ବୀରତା ତେଜବଳ କାର୍ଯ୍ୟଦକ୍ଷତା ଧୈର୍ଯ୍ୟଶୀଳ ।
ପ୍ରଜାବତ୍ସଳ ଉଦାରତା ଈଶ୍ୱରଭାବ କ୍ଷମାଦାତା ॥
ରାଜଧର୍ମରେ ଦାନଶୀଳ ଶତ୍ରୁ ସମ୍ମୁଖେ ଅବିଚଳ ।
ସାଧୁ ବ୍ରାହ୍ମଣ ଭକ୍ତିଭାବ ଅଟଇ କ୍ଷତ୍ରିୟ ସ୍ୱଭାବ ॥ ୪୩॥
କୃଷି ବାଣିଜ୍ୟ ଗୋପାଳନ ସ୍ୱଭାବ କର୍ମ ବୈଶ୍ୟବର୍ଣ୍ଣ ।
ଶୂଦ୍ର ସ୍ୱଭାବ କର୍ମମାନ ସେବା ଅର୍ପଣ ଅନ୍ୟଜନ ॥୪୪॥
କହୁଛି ଶୁଣ ହେ ଅର୍ଜୁନ ! ନିଃସ୍ୱାର୍ଥ ଭାବ ନିଷ୍ଠାପଣ ।
କର୍ତ୍ତବ୍ୟ କର୍ମ ପରାୟଣ । ସିଦ୍ଧି ପ୍ରାପତ ନିଶ୍ଚେଜାଣ ॥୪୫॥
ପରମ ଆତ୍ମା ସର୍ବ ବ୍ୟାପ୍ତ ଜୀବ ପ୍ରବୃତ୍ତି ତହୁଁ ଜାତ ।
ସ୍ୱ-ଧର୍ମ କର୍ମ ଅନୁଷ୍ଠାନ ଈଶ୍ୱର ନିମିତ୍ତ ଅର୍ପଣ ॥

କର୍ମ ପ୍ରଚେଷ୍ଟା ଉପାସନା ଇଷ୍ଟଙ୍କ ପୂଜା ରୂପେ ଜଣା ।
କର୍ମସାଧନ ଶ୍ରେୟସ୍କର ସିଦ୍ଧି ଲଭଇ ମର୍ତ୍ତ୍ୟେନର ॥୪୬॥
ନିଜ ଧର୍ମର ସ୍ୱଳ୍ପ ଗୁଣ ପରଧର୍ମଠୁ ଶ୍ରେଷ୍ଠ ମଣ ।
ସ୍ୱଭାବ ଜନିତ ଯୋଗ୍ୟକର୍ମ ପାପ ରହିତ ସର୍ବୋତ୍ତମ ॥୪୭॥
ଜନ୍ମ କାରଣୁ ବୃତ୍ତିପ୍ରାପ୍ତ ତ୍ୟାଗ କରିବା ଅନୁଚିତ ।
କର୍ମ ମାତ୍ରକେ ଦୋଷଯୁକ୍ତ ଯେମନ୍ତେ ଅଗ୍ନି ଧୂମାବୃତ୍ତ ॥ ୪୮॥
ସାତ୍ତ୍ୱିକ ବୁଦ୍ଧି ଅନାସକ୍ତ ଫଳେଚ୍ଛା ତ୍ୟାଗ କର୍ମଯୁକ୍ତ ।
ବିଷୟ ଭୋଗୁ ରହିଦୂର ଅନ୍ତଃକରଣ ନିର୍ବିକାର ॥
ଚିତ୍ତ ପ୍ରବୃତ୍ତି ବଶୀଭୂତ ନୂତନ କର୍ମରୁ ନିବୃତ୍ତ ।
ସନ୍ନ୍ୟାସ ଧର୍ମ ଦୃଢବ୍ରତୀ ବ୍ରହ୍ମସ୍ୱରୂପ ସିଦ୍ଧିପ୍ରାପ୍ତି ॥୪୯॥
କର୍ମ ସାଧନେ ଅନ୍ତଃଶୁଦ୍ଧି ଆତ୍ମଜ୍ଞାନରେ ସମବୁଦ୍ଧି ।
ସର୍ବୋଚ୍ଚ ଜ୍ଞାନ ଅଧିଷ୍ଠାନ ବ୍ରହ୍ମ ସ୍ୱରୂପେ ଅବସ୍ଥାନ ॥
ବ୍ରହ୍ମ ତତ୍ତ୍ୱର ଅନୁଭୂତି ଅଟଇ ଜ୍ଞାନର ସମାପ୍ତି ।
ବ୍ରହ୍ମ ସିଦ୍ଧିର ବିଧିମାନ ସଂକ୍ଷେପେ କହୁ ଅଛିଶୁଣ ॥୫୦॥
ବିଶୁଦ୍ଧ ବୁଦ୍ଧି ହୋଇଯୁକ୍ତ ମନ ଇନ୍ଦ୍ରିୟ ସଂଯମିତ ।
ଛାଡି ବିଷୟ ରୂପରସ ଅନ୍ତୁଃ ତେଜିଣ ରାଗ-ଦ୍ୱେଷ ॥୫୧॥
ଏକାନ୍ତବାସୀ ମିତାହାରୀ ଦେହ ବଚନ ବଶକରି ।
ବୈରାଗ୍ୟ ପଣେ ଦୃଢବ୍ରତ ଇଷ୍ଟଧ୍ୟାନରେ ନିତ୍ୟଯୁକ୍ତ ॥୫୨॥
ଭୋଗ ସଂଗ୍ରହ କରିଦୂର ତେଜିଣ କ୍ରୋଧ ଅହଂକାର ।
ନିର୍ମମ-ଶାନ୍ତ ସଦା ଚିତ୍ତ ବ୍ରହ୍ମଭାବକୁ ହୁଏ ପ୍ରାପ୍ତ ॥୫୩॥
ବ୍ରହ୍ମ ସ୍ୱରୂପେ ଐକ୍ୟହୋଇ ପ୍ରସନ୍ନ ଚିତ୍ତକୁ ଲଭଇ ।
ଶୋକ-କାମନା ଉର୍ଦ୍ଧ୍ୱେରହି ସର୍ବତ୍ର ବ୍ରହ୍ମକୁ ଦେଖଇ ॥
ଅନ୍ତଃକରଣ ପୂର୍ଣ୍ଣକାମ ବୋଧ ହୁଅଇ ଦିବ୍ୟପ୍ରେମ ॥

ବ୍ରହ୍ମ ସ୍ମରଣେ ଶୁଦ୍ଧମତି ଲଭଇ ସେହୁ ପରାଭକ୍ତି ॥ ୫୪॥
ଲଭିଣ ହୃଦେ ପରାଭକ୍ତି ଜ୍ଞାତ ହୁଅଇ ଦିବ୍ୟଶକ୍ତି ।
ସ୍ୱରୂପ ଯାହା ମୋ'ଅଟଇ ବିଭୂତି ରୂପରେ ଦେଖଇ ॥
ପ୍ରେମ ବଳରେ ମୋରଭକ୍ତ ଯଥାର୍ଥ ଜ୍ଞାନ ହୁଏପ୍ରାପ୍ତ ।
ଦିବ୍ୟଜ୍ଞାନକୁ ପ୍ରାପ୍ତହୋଇ ଆନନ୍ଦ ଧାମେ ପ୍ରବେଶଇ॥୫୫॥
ଶରଣାଗତ ମୋର ଭକ୍ତ ମୋତେ ଚିନ୍ତିଣ କର୍ମରତ ।
ଶୁଭ ଅଶୁଭ ଫଳପାଇ ମୋର ଚରଣେ ସମର୍ପଇ ॥
ଭକ୍ତି ଚିତ୍ତରେ ନିତ୍ୟଯୁକ୍ତ କର୍ମ ବନ୍ଧନୁ ହୋଇମୁକ୍ତ ।
ପରମ ପାଦେ ସ୍ଥାନପାଇ ଅପାର କୃପାକୁ ଲଭଇ॥୫୬॥
ଦେହାଭିମାନ କରିତ୍ୟାଗ ଆଶ୍ରିତ ବୁଦ୍ଧି ଯୋଗମାର୍ଗ ।
ଫଳ ଇଚ୍ଛାର ପରିହାର ସମତା ଭାବ ନିର୍ବିକାର ॥
କର୍ମ କରିଣ ସମର୍ପଣ ଅନନ୍ୟ ଭକ୍ତି ପରାୟଣ ।
ନାମ ସ୍ମରଣେ ଶୁଦ୍ଧଚିତ୍ତ ଚରଣାଶ୍ରିତ ମୋରଭକ୍ତ ॥୫୭॥
ମୋର ସ୍ୱରୂପେ ନିତ୍ୟଯୁକ୍ତ ଅପାର କୃପା ତହୁଁପ୍ରାପ୍ତ ।
ବିଭୁ ପ୍ରସାଦେ ଦୁଃଖଦୂର ଭବ ସାଗରୁ ହୁଏପାର ॥
'ମୁଁ'କାର ଦମ୍ଭେ ଅନ୍ଧହୋଇ ବଚନ ମୋ'ଯେ ନଶୁଣଇ ।
କର୍ତ୍ତବ୍ୟ ପଥୁ ହୋଇଚ୍ୟୁତ ଭ୍ରଷ୍ଟ ହୁଅଇ ବୁଦ୍ଧିଚିତ୍ତ ॥୫୮॥
ଅନ୍ତେଃ ରଖିଣ କର୍ତ୍ତାପନ ଯଦି ଛାଡ଼ିବୁ ରଣାଙ୍ଗନ ।
ତୋର ବିଚାର ମିଥ୍ୟାପଣ ଧର୍ମ ବିରୁଦ୍ଧ ନିଶ୍ଚେଜାଣ ॥
ମାୟା ପ୍ରଭାବ ରଜୋଗୁଣ ସ୍ୱଭାବ କର୍ମର କାରଣ ।
ପ୍ରକୃତି ବଳେ ହେ ଅର୍ଜୁନ ! ଯୁଦ୍ଧେ ନିଶ୍ଚୟ ଅବତୀର୍ଣ୍ଣ ॥୫୯॥
ଶୁଣ କୌନ୍ତେୟ ମୋ'ବଚନ ମୋହ କାରଣୁ କର୍ମମାନ ।
ଅନିଚ୍ଛା ସତ୍ତ୍ୱେ କର୍ମଯହିଁ ସ୍ୱଭାବ ବାଧ୍ୟ ଯେ' କରଇ ॥୬୦॥

ସମସ୍ତ ଦେହେ ଭଗବାନ ସୂକ୍ଷ୍ମ ସ୍ୱରୂପେ ବିଦ୍ୟମାନ ।
ମାୟାର ଯନ୍ତ୍ରେ ବନ୍ଧାହୋଇ ସଂସାରେ ଜୀବ ଯେ'ଭ୍ରମଇ ॥୬୧॥
ଶରୀର ବାଣୀ ମନୋଗତ ସର୍ବୋତ ଭାବେ ଉତ୍ସର୍ଗିତ ।
ଶରଣା ଗତ କୃପାବଳେ ପରମ ଧାମ ଜୀବ ଚଳେ ॥୬୨॥
ଏମନ୍ତ ଗୋପନୀୟ ଜ୍ଞାନ ବୁଝାଇ କହିଲି ଅର୍ଜୁନ ।
କରିଣ ଉତ୍ତମ ବିଚାର ଇଚ୍ଛା ପ୍ରକାରେ କର୍ମ କର ॥୬୩॥
ଅତ୍ୟନ୍ତ ଗୋପନୀୟ ତଥ୍ୟ ପୁଣି କହୁଛି ଶୁଣପାର୍ଥ ।
ତୁହି ଯେ' ମୋର ଅତିପ୍ରୀତ ଚିନ୍ତଇ ନିତ୍ୟ ତୋରହିତ ॥୬୪॥
ମନ ନିବେଶି ସ୍ଥିରଚିତ୍ତ ମୋର ସେବାରେ ନିତ୍ୟଯୁକ୍ତ ।
ନମଇ ସଦା ମୋ'ଚରଣ ସେହୁ ଯେ ମୋର ଭକ୍ତ ଜାଣ ॥
ତନ-ମନରେ ସମର୍ପିତ ମୋତେ ଲଭଇ ମୋରଭକ୍ତ ।
ତୁହି ଯେ'ମୋର ପ୍ରିୟନର ତୋ'ଆଗେ ଏହା ସତ୍ୟମୋର॥୬୫॥
ସମସ୍ତ ଧର୍ମ ଦେହୁତେଜି ନିତ୍ୟ-ନିରନ୍ତେ ମୋତେ ଭଜି ।
ଅନନ୍ୟ ଭକ୍ତ ନାମବହି ମୋର ନିମିତ୍ତ ବଞ୍ଚିରହି ॥
ଶୋକ ବିଷାଦୁ ମୁକ୍ତହୋଇ ମୋର ଶରଣେ ଆସ ତୁହି ॥
ସକଳ ପାପୁ ଉଦ୍ଧାରିବି ଶରଣେ ଦିବ୍ୟ ଗତି ଦେବି ॥୬୬॥
ଅତ୍ୟନ୍ତ ଗୁହ୍ୟ ମୋ'ବଚନ ଶୁଣିବା ଯୋଗ୍ୟ ଭକ୍ତଜନ ।
ଶ୍ରଦ୍ଧା ବିଶ୍ୱାସ ନାହିଁଯାର ଭକ୍ତ ଯେ' ନୁହେଁ ସେହିମୋର ॥
ତପ-ସଂଯମୁ ଦୂରେରହି ଈଶ୍ୱର ଭାବକୁ ନିନ୍ଦଇ ।
ତା'ର ସମ୍ମୁଖେ ଗୀତାଜ୍ଞାନ କୁହନ୍ତି ନାହିଁ ବିଜ୍ଞଜନ ॥୬୭॥
ପରମ ଭକ୍ତ ଯେହୁମୋର କରଇ ଗୀତାର ପ୍ରଚାର ।
ଭକ୍ତଙ୍କୁ କହି ଗୁପ୍ତଜ୍ଞାନ ମୋତେ ଲଭଇ ନିଶ୍ଚେଜାଣ ॥୬୮॥
ମୁଖୁ ନିସୃତ ମୋରବାଣୀ ଅତ୍ୟନ୍ତ ଶ୍ରେୟ ତାହାଜାଣି ।

ଜଗତ ହିତ ହୃଦେବହି ମୋର ସେବାରେ ଚିତ୍ତଧାୟୀ ॥
ଜ୍ଞାନଙ୍କୁ ବାଣ୍ଟଇ ଅନ୍ୟର ପରମ ଭକ୍ତ ସେହୁମୋର ।
ତା'ର ସମାନ ପ୍ରିୟ କେହି ମର୍ତ୍ତ୍ୟ ମଣ୍ଡଳେ ଦୃଶ୍ୟନାହିଁ ॥୬୯॥
ଆମ୍ଭ ଦୁହିଁଙ୍କ ଗୀତାବାଣୀ ମାନବ ଧର୍ମ ତାହାଜାଣି ।
ସାତ୍ତ୍ୱିକ ଗୁଣଧାରୀ ଜନ କରଇ ନିତ୍ୟ ଅଧ୍ୟୟନ ॥
ଗୀତା ବଚନ ପାରାୟଣ ଅଟଇ ଗୋବିନ୍ଦ ପୂଜନ ।
ଜ୍ଞାନଯଜ୍ଞର ଫଳପ୍ରାପ୍ତ ଏହା ଯେ'ମୋର ଦୃଢମତ ॥୭୦॥
ଶ୍ରଦ୍ଧା ବିଶ୍ୱାସେ ରଖି ଚିତ୍ତ ଶ୍ରବଣ କରି ଗୀତାଗ୍ରନ୍ଥ ।
ଦୋଷ ଦୃଷ୍ଟିକୁ କରିତ୍ୟାଗ ବୁଝଇ ଯେହୁ ଯୋଗମାର୍ଗ ॥
ଜ୍ଞାନ ଭକ୍ତିରେ ପରିପୂର୍ଣ୍ଣ ସଂସାର ହିତେ ଲାଗେମନ ।
ଦେହାନ୍ତେ ସେହି ପୁଣ୍ୟଗତି ଯଜ୍ଞାଦି କର୍ମେ ଯାହାପ୍ରାପ୍ତି ॥୭୧॥
ଏକାଗ୍ର ଚିତ୍ତେ କି' ଅର୍ଜୁନ ଶୁଣିଲ ମୋହରି ବଚନ ।
ଅଜ୍ଞାନୁ ଜାତ ତୁମ୍ଭ ମୋହ ନଷ୍ଟ ହେଲା କି' ଧନଞ୍ଜୟ ? ॥୭୨॥

ଅର୍ଜୁନ ଉବାଚ (ଅର୍ଜୁନ କହିଲେ )

ଅର୍ଜୁନ କହନ୍ତି ହେ ହରି ! ଅପାର କୃପା ଯେ' ତୁମ୍ଭରି ।
ବିନଷ୍ଟ ମୋହ ଆବରଣ ହୃଦେ ଜାଗ୍ରତ ଆତ୍ମଜ୍ଞାନ ॥
ସଂଶୟ ମୋର ହେଲାଦୂର ଦ୍ୱନ୍ଦ୍ୱ ରହିତ ବୁଦ୍ଧି ସ୍ଥିର ।
ତୁମ୍ଭ ବଚନ ମଣିଶ୍ରେୟ ଯୁଦ୍ଧରେ ପ୍ରବୃତ୍ତ ନିଶ୍ଚୟ ॥୭୩॥

ସଞ୍ଜୟ ଉବାଚ (ସଞ୍ଜୟ କହିଲେ )

ସଞ୍ଜୟ ଏମନ୍ତେ କୁହନ୍ତି ଶୁଣ ହସ୍ତିନା ନରପତି ।
ପରମ ବ୍ରହ୍ମ ନାରାୟଣ ଶ୍ରୀକୃଷ୍ଣ ରୂପେ ଅବତୀର୍ଣ୍ଣ ॥
ମହାନ ଆତ୍ମା ବୀରପାର୍ଥ ଉଭୟ କଥନ ଅଦ୍ଭୁତ ।
ଶୁଣିଣ ଲୋମ ଶିହରଣ ତାହା ଯେ' ଗୀତା ଶାସ୍ତ୍ରଜାଣ ॥୭୪॥

ବ୍ୟାସଦେବଙ୍କ କୃପାବଳେ ଶୁଣିଲି ଶ୍ରୀକୃଷ୍ଣ ମୁଖରେ ।
ଅଟନ୍ତି ସେହୁ ଯୋଗେଶ୍ୱର ଯୋଗାଧିପତି ମହେଶ୍ୱର॥୭୫॥
କୃଷ୍ଣ ଅର୍ଜୁନ କଥାମାନ ଅଦ୍ଭୁତ ଗୂଢ଼ ମହାପୁଣ୍ୟ ।
ସ୍ମରଣ କରି ହେ ରାଜନ ହର୍ଷିତ ହୁଏ ମୋର ମନ ॥୭୬॥
ଅଦ୍ଭୁତ ବିଶ୍ୱ ରୂପସେହି ସ୍ମରି ଚକିତ ଚିତ୍ତ ଯହିଁ ।
ଥରକୁ ଥର ମନ ଯୁକ୍ତ ହୃଦୟ ଅତ୍ୟନ୍ତ ହର୍ଷିତ ॥୭୭॥
ଯହିଁ ଶ୍ରୀକୃଷ୍ଣ ଯୋଗେଶ୍ୱର ଚିତ୍ ସ୍ୱରୂପ ସର୍ବେଶ୍ୱର ।
ସାଥେ ଅର୍ଜୁନ ଧନୁର୍ଦ୍ଧର ଭକ୍ତ ଜିଜ୍ଞାସୁ କର୍ମବୀର ॥
ଷଡ ଐଶ୍ୱର୍ଯ୍ୟ ଧ୍ରୁବ-ନୀତି ବିଜୟ-ଲକ୍ଷ୍ମୀ ତହିଁ ପ୍ରାପ୍ତି ।
କହିଣ ନିଶ୍ଚିତ ବଚନ ସଞ୍ଜୟ ମୁଖେ ସମାପନ ॥୭୮॥
ଧ୍ୟାୟୀ ସେ ପ୍ରଭୁଙ୍କ ଚରଣ ଅଷ୍ଟାଦଶ ଭାଗ କଥନ ।
ଭଜି ପୟରେ ଏ ଅବଳା ଭଣତି କରେ ଶକୁନ୍ତଳା ॥

ଏହି ପ୍ରକାରେ ଓଁ, ତତ୍, ସତ୍ – ଏହି ଭଗବତ୍ ନାମ ଉଚ୍ଚାରଣ ପୂର୍ବକ ବ୍ରହ୍ମବିଦ୍ୟା ଓ ଯୋଗ ଶାସ୍ତ୍ରମୟ ଶ୍ରୀମଦ୍ ଭଗବତ ଗୀତା ଉପନିଷଦ ରୂପକ ଶ୍ରୀ କୃଷ୍ଣ ଅର୍ଜୁନ ସମ୍ବାଦରେ 'ମୋକ୍ଷ ସନ୍ନ୍ୟାସ ଯୋଗ' ନାମକ ଅଷ୍ଟାଦଶ ଅଧ୍ୟାୟ ପୂର୍ଣ୍ଣ ହେଲା ॥୧୮॥

ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ

******ଗୀତା ମାହାତ୍ମ୍ୟ *******

ଗୀତାଶାସ୍ତ୍ରମିଦଂ ପୁଣ୍ୟଂ  ଯଃ ପଠେତ୍ ପ୍ରଯତଃ ପୁମାନ୍  ।
ବିଷ୍ଣୋଃ      ପଦମବାପ୍ନୋତି     ଭୟଶୋକାଦିବର୍ଜିତଃ  ॥୧॥
ଗୀତାଧ୍ୟୟନଶୀଳସ୍ୟ         ପ୍ରାଣାୟାମପରସ୍ୟ     ଚ ।
ନୈବ  ସନ୍ତି  ହି   ପାପାନି  ପୂର୍ବଜନ୍ମ କୃତାନି   ଚ ॥୨॥
ମଳନିର୍ମୋଚନଂ  ପୁଂସାଂ  ଜଳସ୍ନାନଂ   ଦିନେ ଦିନେ ।
ସକୃଦ୍ ଗୀତାମ୍ଭସି ସ୍ନାନଂ   ସଂସାର    ମଳନାଶନମ୍  ॥୩॥
ଗୀତା ସୁଗୀତା କର୍ତ୍ତବ୍ୟା   କିମନ୍ୟୈଃ   ଶାସ୍ତ୍ରବିସ୍ତରୈଃ ।
ଯା ସ୍ୱୟଂ  ପଦ୍ମନାଭସ୍ୟ ମୁଖପଦ୍ମାଦ୍    ବିନିଃସୃତା  ॥୪॥
ଭାରତାମୃତ  ସର୍ବସ୍ୱଂ  ବିଷ୍ଣୋର୍ବକ୍ତ୍ରାଦ୍   ବିନିଃସୃତମ୍  ।
ଗୀତାଗଙ୍ଗୋଦକଂ   ପୀତ୍ୱା  ପୁନର୍ଜନ୍ମ  ନ  ବିଦ୍ୟତେ  ॥୫॥
ସର୍ବୋପନିଷଦୋ  ଗାବୋ ଦୋଗ୍ଧା  ଗୋପାଳନନ୍ଦନଃ  ।
ପାର୍ଥୋ ବତ୍ସଃ ସୁଧୀର୍ଭୋକ୍ତା  ଦୁଗ୍ଧଂ  ଗୀତାମୃତଂ ମହତ୍ ॥୬॥
ଏକଂ  ଶାସ୍ତ୍ରଂ ଦେବକୀପୁତ୍ରଗୀତମ୍
ଏକୋ  ଦେବୋ ଦେବକୀପୁତ୍ର ଏବ ।
ଏକୋ  ମନ୍ତ୍ରସ୍ତସ୍ୟ ନାମାନି ଯାନି
କର୍ମାପ୍ୟେକଂ ତସ୍ୟ ଦେବସ୍ୟ ସେବା ॥୭॥

ଅର୍ଥ :  ଯେଉଁ ମନୁଷ୍ୟ ଭକ୍ତିଭାବରେ ଗୀତା ଶାସ୍ତ୍ର ପଢେ, ସେ ବିଷ୍ଣୁଙ୍କ ଚରଣ ପ୍ରାପ୍ତକରେ ଏବଂ ଭୟ ଓ ଶୋକରୁ ମୁକ୍ତି ଲାଭ କରେ । (୧) ଯିଏ ନିୟମିତ ଭାବେ ଗୀତା ଅଧ୍ୟୟନ କରେ ଓ ପ୍ରାଣାୟାମ କରେ, ତାଙ୍କର ପୂର୍ବଜନ୍ମର ସମସ୍ତ ପାପ ନାଶ ହୁଏ । (୨)ପ୍ରତିଦିନ ଜଳ ସ୍ନାନ ଶରୀରର ମଳ ଦୂର କରେ, କିନ୍ତୁ ଗୀତା ଜ୍ଞାନ ଦ୍ୱାରା ଥରେ ସ୍ନାନ ସାଂସାରିକ ମଳ ଅର୍ଥାତ୍ ମାୟା ଓ ଅଜ୍ଞାନ ଦୂର କରେ । (୩) ଯଦି ଗୀତାକୁ ଭଲଭାବରେ ବୁଝି ପଢାଯାଏ, ତେବେ ଅନ୍ୟ କୌଣସି ଶାସ୍ତ୍ର ଅଧ୍ୟୟନ କରିବା ଆବଶ୍ୟକ ନୁହେଁ । ଏହାକୁ ପାନ କରିବା ସହ ମୁକ୍ତି ପ୍ରାପ୍ତ ହୁଏ । (୪) ଗୀତା ହେଉଛି  ପୂଣ୍ୟ ଭାରତ ଭୂମିର ଅମୃତବାଣୀ,  ଯାହା ସ୍ୱୟଂ ବିଷ୍ଣୁଙ୍କ ମୁଖରୁ ନିସୃତ । ଯେଉଁମାନେ ଏହାର ଅମୃତଗୁଣକୁ ଅନୁଭବ କରନ୍ତି, ସେମାନେ ପୁନର୍ଜନ୍ମ ନେଇ ନ ଥାନ୍ତି । (୫) ସମସ୍ତ ଉପନିଷଦ ଗାଈ ସମ, ଭଗବାନ ଶ୍ରୀକୃଷ୍ଣ ତାଙ୍କୁ ଦୋହନ କରନ୍ତି, ଅର୍ଜୁନ ହେଉଛନ୍ତି ବଛା । ଏହାର ମହତ୍ ଦୁଗ୍ଧ ହେଉଛି ଗୀତାମୃତ ଜ୍ଞାନ ଯାହା ସୁଜ୍ଞାନ ଲୋକ ପାନ କରନ୍ତି । (୬) ଏକମାତ୍ର ଶାସ୍ତ୍ର ହେଉଛି ଶ୍ରୀମଦ୍ ଭଗବତ୍ ଗୀତା । ଏକମାତ୍ର ଦେବ ହେଉଛନ୍ତି ଦେବକୀ ପୁତ୍ର ଶ୍ରୀକୃଷ୍ଣ । ଏକମାତ୍ର ମନ୍ତ୍ର ହେଉଛି ତାଙ୍କରି ନାମର ଉଚ୍ଚାରଣ  ଏବଂ ଏକମାତ୍ର କର୍ମ ହେଉଛି ସେହି ଶ୍ରୀକୃଷ୍ଣ ଦେବଙ୍କ ଚରଣ ସେବା । (୭)

*******ଆଳତି*******

***( ଶ୍ରୀମଭଗବଦ୍ ଗୀତା – ସରଳ ନବାକ୍ଷରୀ ପଦ୍ୟାନୁବାଦ) ***

ଜୟ ଭଗବଦ୍ ଗିତେ,      ଜୟ ଭଗବଦ୍  ଗିତେ  ।

ହରି-ହିୟ-କମଳ-ବିହାରିଣି,    ସୁନ୍ଦର ସୁପୁନୀତେ ।। ଜୟ ।।

କର୍ମ-ସୁମର୍ମ-ପ୍ରକାଶିନି,           କାମାସକ୍ତି ହରା ।

ତତ୍ତ୍ୱ-ଜ୍ଞାନ-ବିକାଶିନି,            ବିଦ୍ୟା ବ୍ରହ୍ମ  ପରା ।।ଜୟ।।

ନିଶ୍ଚଳ -ଭକ୍ତି-ବିଧାୟିନି,         ନିର୍ମଳ ମଳ ହାରୀ ।

ଶରଣ-ରହସ୍ୟ-ପ୍ରଦାୟିନି,     ସବ ବିଧି ସୁଖକାରୀ ।।ଜୟ।।

ରାଗ-ଦ୍ୱେଷ ବିଦାରିଣି,       କାରିଣି ମୋଦ  ସଦା ।

ଭବ-ଭୟ-ହାରିଣି,ତାରିଣି,       ପରମାନନ୍ଦ ପ୍ରଦା  ।।ଜୟ।।

ଆସୁର-ଭାବ -ବିନାଶିନି,       ନାଶିନି ତମ-ରଜନୀ ।

ଦୈବୀ ସଦ୍ଗୁଣ ଦାୟିନି,         ହରି-ରସିକା ସଜନୀ ।।ଜୟ।।


ସମତା, ତ୍ୟାଗ ସିଖାବନି,       ହରି-ମୁଖକୀ ବାଣୀ ।

ସକଳ ଶାସ୍ତ୍ରକୀ ସ୍ୱାମିନି,       ଶ୍ରୁତିୟୋଁ  କୀ ରାଣୀ  ।।ଜୟ।।

ଦୟା-ସୁଧା ବରସାବନି,        ମାତୁ ! କୃପା କୀଜୈ  ।

ହରିପଦ-ପ୍ରେମ ଦାନ କର,  ଅପନୋ  କର  ଲୀଜୈ ।।ଜୟ।।

***( ଶ୍ରୀମଭଗବଦ୍ ଗୀତା – ସରଳ ନବାକ୍ଷରୀ ପଦ୍ୟାନୁବାଦ) ***






**ଓଁ ନମୋ ଭଗବତେ ବାସୁଦେବାୟ !**

**ଲେଖିକାଙ୍କ ସମ୍ବନ୍ଧରେ ଦୁଇ ପଦ** : **ଶ୍ରୀମତୀ ଶକୁନ୍ତଳା ରଥ**

ଦକ୍ଷିଣ ଓଡିଶାର ଗଞ୍ଜାମ ଜିଲ୍ଲା କୋଦଳା ତାଲୁକାସ୍ଥ ଫାଶୀ ଗ୍ରାମର ପ୍ରତିଷ୍ଠିତ ମିଶ୍ର ପରିବାରରେ ମାତା ସ୍ୱର୍ଗତ ପଙ୍କଜ ଦେବୀ ଏବଂ ପିତା ସ୍ୱର୍ଗତ ନାରାୟଣ ମିଶ୍ରଙ୍କର ୧୯୫୨ ମସିହା ଜ୍ୟେଷ୍ଠମାସ କୃଷ୍ଣ ପକ୍ଷ ନବମୀ ତିଥିରେ : ଇଂରାଜୀ ମଇ ମାସ ୧୭ ତାରିଖ (ଶନିବାର) ଜ୍ୱେଷ୍ଠ କନ୍ୟା ରୂପେ କୋଳମଣ୍ଡନ କରିଥିଲେ । ମାତା-ପିତା ନାମ କରଣ କରିଥିଲେ ଶକୁନ୍ତଳା, ହୁଏତ ତାହା କର୍ମ ଭୂମିର ଜୀବନ ଲୀଳା ସହିତ ପୁରାଣର ଦୁଷ୍ମନ୍ତ-ଶକୁନ୍ତଳା ଉପାଖ୍ୟାନ ସହିତ ସଂଯୋଗତା ରହିଥିଲା। ଉପରକୁ ରହିଥିବା ବଡ ତିନି ଭାଇଙ୍କର ଅତି ଅଳିଅଳ ଗେଲା ଭଉଣୀ ହୋଇ ସମସ୍ତଙ୍କର ସ୍ନେହ ସାଉଁଟିବାରେ କିଛି କମି ରହି ନଥିଲା । ସ୍ନେହରେ ସମସ୍ତେ ଡାକୁଥିଲେ "ମାମା' । ପରେ ପରେ ଛଅ ଭାଇ ଆଉ ଦୁଇ ଭଉଣୀ ଗହଣରେ ପିଲାଟି ଦିନରୁ ତୁଳସୀ ଦୁଇ ପତ୍ରରୁ ବାସିଲା ଭଳି ତୀକ୍ଷ୍ଣ ବୁଦ୍ଧିମତ୍ତା ଓ ଦାୟୀତ୍ୱ ସମ୍ପନ୍ନତାର ଲକ୍ଷଣ ତାଙ୍କରିଠାରେ ପରିଦୃଷ୍ଟ ହୋଇଥିଲା, ଯାହା ପରବର୍ତ୍ତୀ ସାଂସାରିକ ଜୀବନରେ ପ୍ରମାଣିତ ହୋଇଥିଲା । ଶିକ୍ଷା ଅଧ୍ୟୟନରେ ସେହି ସମୟର ନୈଷ୍ଠିକ କୁଳୀନ ବ୍ରାହ୍ମଣ ପରିବାରର କନ୍ୟା ସନ୍ତାନ ପ୍ରତି କଟକଣାର ପରିସୀମାରେ ରହି ଗ୍ରାମରେ ରହିଥିବା ମଧ୍ୟ ଇଁରାଜି ଶିକ୍ଷା ସମାପ୍ତ ପରେ ଗୃହ ପରିଚାଳନା କାର୍ଯ୍ୟରେ ମାତା ପିତାଙ୍କର ସମ୍ପୂର୍ଣ୍ଣ ସହଯୋଗୀ ହୋଇପାରିଥିଲେ। ପିଲାଟି ଦିନରୁ ମାତ୍ର ୧୨ ବର୍ଷ ବୟସରୁ ଗୃହ ପରିଚାଳନାରେ ଆର୍ଥିକ ସମାସ୍ୟା ଠାରୁ ଆରମ୍ଭ କରି ନିଜ ତଳକୁ ଥିବା ଚାରି ଭାଇ ଭଉଣୀଙ୍କ ପାଠ ପଢିବା, ସେମାନଙ୍କୁ ଉତ୍ତମ ମଣିଷ ରୂପେ ଗଢି ତୋଳିବାରେ ପିତାଙ୍କର ଏକାନ୍ତ ସହଯୋଗୀ ହୋଇ ରହିବାକୁ ନିଜର କର୍ତ୍ତବ୍ୟ ବୋଲି ଗ୍ରହଣ କରିନେଇଥିଲେ । ବିଧିର ବୋଧ ହୁଏ ଏହା ହିଁ

ବିଧାନ ରହି ଆସିଛି କି, ଭବିଷ୍ୟତର ନିର୍ଦ୍ଧାରିତ କର୍ମ ପନ୍ଥାକୁ ନେଇ ଭଗବାନ ଜୀବନର ଆରମ୍ଭ ପର୍ଯ୍ୟାୟରୁ ସବୁ କିଛି ସେଥି ନିମନ୍ତେ ପ୍ରସ୍ତୁତି କରି ନେଇଥାନ୍ତି । ୧୯୬୭ ମସିହାରେ ମାତ୍ର ୧୫ ବର୍ଷ ବୟସରେ ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ତାଲୁକାସ୍ଥ ମଧୁବନ ଗ୍ରାମର ପ୍ରତିଷ୍ଠିତ ରଥ ପରିବାରରେ ସ୍ୱର୍ଗତ ସଦାଶିବ ରଥଙ୍କ କନିଷ୍ଠ ପୁତ୍ର ଉମାଚରଣ ରଥଙ୍କ ସହିତ ବୈବାହିକ ବନ୍ଧନରେ ବାନ୍ଧି ହୋଇ ଗାର୍ହ୍ୟସ୍ଥ ଆଶ୍ରମ ସାଧନରେ ପଦାର୍ପଣ କରିଥିଲେ । ଗାର୍ହ୍ୟସ୍ଥ ଜୀବନ ତାଙ୍କ ପାଇଁ ସନ୍ୟାସ ଧର୍ମ ସାଧନରୁ କୌଣସି ମତେ କମ୍ ନଥିଲା । ମିଷ୍ଟଭାଷୀ, ସଦା ପରୋପକାରୀ, ଶାନ୍ତ, ସରଳ ଗୁଣାବଳୀରେ ପରିପୂର୍ଣ୍ଣ ସ୍ୱାମୀଙ୍କ ସଂସ୍ପର୍ଶରେ ଆସି ନିଜର ସ୍ୱଭାବ ଗତ ଅନ୍ୟର ବୋଝକୁ ମୁଣ୍ଡ ଉପରକୁ ନେବାର ଯେଉଁ ମନୋଭାବ ଓ ପ୍ରତିଭା ତାହା ବୃଦ୍ଧିହେବାକୁ ଲାଗିଲା। ନିଜର ଦୁଇ ପୁତ୍ର ଓ ଏକମାତ୍ର କନ୍ୟା ସମ୍ବଳିତ ପରିବାରକୁ ଚଳାଇ ନିଜ ସ୍ୱାମୀଙ୍କ ଚାକିରିରେ ଅର୍ଜିତ ଆର୍ଥିକ ସମ୍ବଳରୁ ପ୍ରତିକୂଳ ପରିସ୍ଥିତିରେ ରହିଥିବା ନିଜ ସାନ ଭାଇ ଭଉଣୀଙ୍କ ପାଠ ପଢା-ପଢି ଦାୟୀତ୍ୱ ନିଜ କାନ୍ଧ ଉପରକୁ ନେଇ ପିତାଙ୍କର ବୃଦ୍ଧ ବୟସର ବୋଝକୁ ହାଲୁକା କରିବା ଉଦ୍ଦେଶ୍ୟରେ ହାତ ପ୍ରସାରିତ କରିଥିଲେ । ତାଙ୍କରି ତ୍ୟାଗ , ପ୍ରେରଣା ଓ ଆଦର୍ଶରେ ଅନୁପ୍ରାଣିତ କରାଇ ନିଜର ଭାଇ ଭଉଣୀଙ୍କୁ ମଧ ସେହି ତ୍ୟାଗ ଆଉ ଆଧାତ୍ମ ମାର୍ଗକୁ ଆଧାର କରି ଉତ୍ତମ ଚରିତ୍ରବାନ୍ ମଣିଷ ରୂପେ ଗଢି ତୋଳିବାର ସ୍ୱପ୍ନ ଦେଖିଥିଲେ। ଅବଶ୍ୟ ଭଗବାନ ତାଙ୍କରି ସେହି ସ୍ୱପ୍ନକୁ ସାକାର କରିବାରେ କୃପା ବର୍ଷଣ କରିଛନ୍ତି । ଭଗବାନ ଯାହାକୁ ଯେଉଁ ପ୍ରକାର ସ୍ୱଭାବ ଦେଇ ଗଢିଥାନ୍ତି, ତାହାରି ନିମନ୍ତେ ସେପରି କର୍ମ ସମୂହ କ୍ରମାନ୍ୱୟରେ ନିର୍ଦ୍ଧାରିତ କରି ରଖିଥାନ୍ତି । ତାହା ହିଁ ତାଙ୍କରି ଜୀବନରେ ଘଟିଥିଲା। ଅକାଳରେ ବଜ୍ରପାତ ଭଳି ସ୍ୱାମୀଙ୍କର କ୍ୟାନ୍ସର ଭଳି ଦୁଃସାଧ ରୋଗରେ ୧୯୮୬ ମସିହା ଜୁନ୍ ମାସରେ ଦେହାନ୍ତ ଘଟିଥିଲା। ବ୍ରହ୍ମପୁରରେ ଏକ ନୂତନ ବାସ ଗୃହ ନିର୍ମାଣ କରିବା ସଙ୍ଗେ ସଙ୍ଗେ ରୋଗର ଚିକିତ୍ସାରେ ଯାହା କିଛି ସଞ୍ଚିତ ଆର୍ଥିକ ସମ୍ବଳ ଥିଲା ତାହାର ପରିସମାପ୍ତି ଘଟିଥିଲା । ଉପସ୍ଥିତ ପରିସ୍ଥିତି ଓ ଭାଗ୍ୟର ପ୍ରତିକୂଳ ବିଡମ୍ବନା ସତ୍ତ୍ୱେ ଭାଙ୍ଗି ନଯାଇ ନିଜର ୧୩ ଓ ୧୭ ବର୍ଷର ଦୁଇ ପୁତ୍ର ଏବଂ ୦ ବର୍ଷ ବୟସର ଶିଶୁ କନ୍ୟାର ଅନିଶ୍ଚିତ ଭବିଷ୍ୟତକୁ ମୁଣ୍ଡରେ ମୁଣ୍ଡେଇ ଭଗବାନଙ୍କ ଆଶ୍ରିତ ହୋଇ ଜୀବନ ସଂଗ୍ରାମରେ ପାଦ ଥାପିଥିଲେ । ଆଗରୁ ଭଗବାନ ଶ୍ରୀ ସତ୍ୟ ସାଇବାବାଙ୍କ ଆଦର୍ଶ ଓ ଉପଦେଶକୁ ପାଥେୟ କରି ଅଧାତ୍ମିକ ଚେତନାର ଜାଗ୍ରତ ହୋଇଥିଲା। ସେହି ଗୁରୁ ଉପଦେଶକୁ ଆଧାର କରି ଅନେକ ତୀର୍ଥ ମନ୍ଦିର, ସାଧୁ ଓ ସନ୍ଥଙ୍କ ଦର୍ଶନରେ ପ୍ରଭାବିତ ହୋଇ ଏକ ନିଷ୍ପାପର ଆଧାତ୍ମିକ ସାଧନାର ଆୟାରମ୍ଭ ହୋଇଥିଲା, ଯାହା

କି ସନ୍ୟାସ ଧର୍ମ ପାଳନ କରିବାଠାରୁ କିଛି କମ ନଥିଲା। ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତିକୁ ନିଜର ନିତ୍ୟ ଚିରନ୍ତନ ପ୍ରଭୁ ମାନି ତାଙ୍କର ସମ୍ପୂର୍ଣ୍ଣ ଶରଣାଗତ ହୋଇ ପିଲାମାନଙ୍କ ପ୍ରତି  ଉଭୟ ମାତା ଓ ପିତାର କର୍ତ୍ତବ୍ୟକୁ ନିଷ୍ଠାର ସହିତ  ସମ୍ପାଦନ କରିବାର ଦୃଢ ସଂକଳ୍ପ କରିଥିଲେ । ନିଜକୁ ନିମିତ୍ତ ମନେ କରି ଆରାଧ୍ୟ ଦେବତା ପ୍ରଭୂ ଶ୍ରୀ ଜଗନ୍ନାଥଙ୍କୁ ସମର୍ପଣ ହୋଇଯିବାରେ ପିଲାମାନଙ୍କର ଭବିଷ୍ୟତର ଡୋର ସ୍ୱୟଂ ଜଗନ୍ନାଥଙ୍କୁ ହିଁ ଧରିବାକୁ ପଡିଥିଲା । ବୋଧ ହୁଏ ଭଗବାନଙ୍କ ପାଖରେ ତାଙ୍କ ପାଇଁ ଆଉ ପରୀକ୍ଷା ନେବାପାଇଁ  କିଛି ବିଧାନ ବାକି ରହି ନଥିଲା ।  ଭଗବାନ ଶ୍ରୀକୃଷ୍ଣ ଯାହା ଗୀତାରେ କହିଛନ୍ତି କି, " ଅନନ୍ୟାଶ୍ଚିନ୍ତୟନ୍ତୋ ମାଂ ଯେ ଜନାଃ ପର୍ଯ୍ୟୁପାସତେ ।  ତେଷାଂ ନିତ୍ୟାଭିଯୁକ୍ତାନାଂ ଯୋଗକ୍ଷେମଂ ବହାମ୍ୟହମ୍ " ॥  ଏହାର ତାତ୍ପର୍ଯ୍ୟ ହେଲା କି, "ଯେଉଁ ମୋର ଅନନ୍ୟ ଭକ୍ତ ମୋତେ ଚିନ୍ତନ କରି ସମ୍ୟକ ଭାବେ ମୋର ଉପାସନା କରନ୍ତି, ମୋ'ଠାରେ ନିରନ୍ତର ନିମଗ୍ନ ରହିଥାନ୍ତି, ସେହି ଭକ୍ତର ଯୋଗକ୍ଷେମ ଅର୍ଥାତ୍ ଅପ୍ରାପ୍ତର ପ୍ରାପ୍ତି ଓ ପ୍ରାପ୍ତର ରକ୍ଷା ମୁଁ କାନ୍ଧରେ ବହନ କରିଥାଏ" । ସମସ୍ତ ସାଧନାର ସିଦ୍ଧି ରୂପରେ ପ୍ରଭୁ ଜଗନ୍ନାଥଙ୍କ ଅନନ୍ୟ ଭକ୍ତ ହୋଇଯିବାରେ, ଭଗବାନଙ୍କ ଅପାର କୃପାରୁ ପିଲାମାନେ ନିଜ ନିଜର ଉଚ୍ଚ ଶିକ୍ଷା ସମାପ୍ତ କରି ସମାଜରେ ଉତ୍ତମ ଚାରିତ୍ରିକ ବୈବାହିକ ଜୀବନ ଅତିବାହିତ କରିବାକୁ ସକ୍ଷମ ହୋଇପାରିଛନ୍ତି । ମନୁଷ୍ୟ ଜୀବନର ଯାହା ଅନ୍ତିମ ଲକ୍ଷ୍ୟ ପ୍ରଭୁଙ୍କ ଶରଣାଗତ ହୋଇ ଜୀବନ ମୁକ୍ତ ଆନନ୍ଦ ରସରେ ତଲ୍ଲିନ ହୋଇଯିବାର ସୌଭାଗ୍ୟ  ପ୍ରାପ୍ତ  ହୋଇ ପାରିଛନ୍ତି । ଏକାନ୍ତରେ ରହି ଭଗବାନଙ୍କ ଭଜନ, କୀର୍ତ୍ତନ, ଗୁଣଗାନର  ସାଧନାକୁ  ବର୍ତ୍ତମାନ ୭୪ ବର୍ଷ ବୟସରେ  ମଧ୍ୟ ଜାରି ରଖିବାରେ ସେ' ପ୍ରଯତ୍ନଶୀଳା। ପ୍ରଭୁଙ୍କ ସ୍ୱରଚିତ ଅନେକ ଭଜନ, ପୁରାଣ, ପ୍ରାର୍ଥନା  ମୁଦ୍ରଣ କରି ପୁସ୍ତକ ଆକାରରେ  ଭକ୍ତଙ୍କ ଗହଣରେ ବାଣ୍ଟିବାରେ ଅପାର ଆନନ୍ଦ ପ୍ରାପ୍ତ କରିଥାନ୍ତି । ସର୍ବୋପରି ଭାବରେ ଶ୍ରୀମଭଗବଦ ଗୀତାର ସରଳ ନବାକ୍ଷରୀ ପଦ୍ୟାବଳୀ ରଚନାର ପ୍ରୟାସ, ଭଗବଦ୍ କୃପାର ଏକ ଅନବଦ୍ୟ ପ୍ରେରଣା ଏବଂ ଶ୍ରେଷ୍ଠ ଦୃଷ୍ଟାନ୍ତ  । ଶ୍ରୀମଦ୍ ଭଗବଦ ଗୀତାର ପ୍ରତ୍ୟେକ ଶ୍ଳୋକର ଭାବାର୍ଥକୁ ଓଡିଆ ଭାଷାରେ ପଦ୍ୟ ଆକାରରେ ଅବିକଳ ଉପସ୍ଥାପିତ କରିବା , କେବଳ ସେହି ସର୍ବ ଶକ୍ତିମାନ, ସର୍ବଜ୍ଞ, ସର୍ବବ୍ୟାପୀ ପରମେଶ୍ୱରଙ୍କ ଅପାର କୃପାରୁ ହିଁ ସମ୍ଭବ ହୋଇ ପାରିଛି।  ଏହି ପୁସ୍ତକଟି ସମସ୍ତ ଗୀତା ପ୍ରେମୀ, ଭକ୍ତ ଏବ ସର୍ବ ସାଧାରଣଙ୍କ କଲ୍ୟାଣକାରୀ  ନିମିତ୍ତ ଯୋଗେଶ୍ୱର  ଭଗବାନ ଶ୍ରୀକୃଷ୍ଣ ପାଦାପଦ୍ମରେ ବିନମ୍ର ପ୍ରାର୍ଥନା । ସେହି ମାତୃ ସ୍ଥାନୀୟା  ବଡ ଭଉଣୀଙ୍କ ନିକଟରେ ଏ ଅଧୀନ ଚିର ଋଣୀ ।

ଓଁ ତତ୍ ସତ୍ ।